



# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 43 ♦ISSUE-106 ♦SUNDAY ♦12 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୬ ♦ରବିବାର ♦୧୨ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


### ଆର୍‌ଜି କର ଡାକ୍ତରଖାନା ଘଟଣାର ପୁନରାବୃତ୍ତି

**ପଶ୍ଚିମବଙ୍ଗରେ ପୁଣି ଲଜ୍ଜା**

## ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୧।୧୦ (ସମିସ):** ପଶ୍ଚିମବଙ୍ଗରେ ପୁଣି ଲଜ୍ଜା। ଆର୍‌ଜି କର ଡାକ୍ତରଖାନା ଛାତ୍ରୀ ଦୁଷ୍କର୍ମ ଘଟଣା ଭଳି ଆଉ ଏକ ଲୋମହର୍ଷକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୋଲକାତାଠାରୁ ପ୍ରାୟ ୧୭୦କି.ମି. ଦୂର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁରର ଶୋଭାପୁର ନିକଟରେ ଅବସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଶାର ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ଶୁକ୍ରବାର ରାତିରେ ଛାତ୍ରୀଜଣଙ୍କ ନିଜର କିଛି ସାଙ୍ଗଙ୍କ ସହ କଲେଜ କ୍ୟାମ୍ପସ ବାହାରକୁ ରାତ୍ରିଭୋଜନ ପାଇଁ ଯାଇଥିବା ବେଳେ ତାଙ୍କ ସହ ଏହି ବର୍ବରୋଚିତ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ୩ ଜଣ ଅଭିଯୁକ୍ତ ଏହି ଛାତ୍ରୀଙ୍କୁ କଲେଜ ନିକଟ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ମେଡିକାଲ କଲେଜର କର୍ମଚାରୀ, ଛାତ୍ରୀଙ୍କ ସାଙ୍ଗ ଓ ଅନ୍ୟ କିଛି ବ୍ୟକ୍ତିଙ୍କୁ ପଚରାଉଚରା କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।



**ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ; ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କୁ କଲେ ଅନୁରୋଧ**

**ପଶ୍ଚିମବଙ୍ଗ ଯିବ ଓଡିଶା ପୁଲିସର ସ୍ୱତନ୍ତ୍ର ମହିଳା ଟିମ୍**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ▶ପୃଷ୍ଠା-୭

## ନବୀନ ନିବାସରେ ପିଏସି ବୈଠକ

■ **ଭୁବନେଶ୍ୱର, ୧୧।୧୦ (ସମିସ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ନୂଆପଡ଼ା ଉପନିର୍ବାଚନ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଦଳୀୟ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଆମ ପ୍ରାର୍ଥୀ ବହୁ ଭୋଟରେ ନୂଆପଡ଼ା ଉପ ନିର୍ବାଚନ ଜିତିବେ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

**ଖୁବଶୀଘ୍ର ଘୋଷଣା ହେବେ ନୂଆପଡ଼ା ପ୍ରାର୍ଥୀ**

**ନବୀନଙ୍କ ଉପରେ ଆସ୍ଥା ଅତୁଟ, ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ଜିତିବା ନେଇ ପ୍ରମିଳାଙ୍କ ଦୃଢ଼ୋକ୍ତି**

## ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'



■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ୨୦୨୫ ବର୍ଷ ଲାଗି ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯିବ। ସୁଶ୍ରୀ ପଣ୍ଡାଙ୍କୁ ପୁରସ୍କାର ବାବଦରେ ମାନପତ୍ର, ସ୍ମୃତି ଫଳକ ଓ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟର ଅନ୍ୟ ଦୁଇ ମହିଳା କ୍ରୀଡ଼ାବିତ୍ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ▶ପୃଷ୍ଠା-୭



## ସରଣ୍ଡାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟଣା

# ଚିକିତ୍ସାଧୀନ ଯବାନ ସହିଦ; ଦୁଇଜଣଙ୍କୁ ଦିଲ୍ଲୀ ଏୟାରଲିଫ୍ଟ

ରାଉରକେଲା, ୧୧।୧୦(ସମିସ)



ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓ ଦମନ ଅଭିଯାନରେ ସୁରକ୍ଷା କର୍ମୀଙ୍କ ଦ୍ୱାରା କମ୍ବି ଅପରେସନ ଚାଲିଥିବା ବେଳେ ଶୁକ୍ରବାର ସଂଧ୍ୟାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହେବାଯୋଗୁଁ ୩ ଆହତଙ୍କ ମଧ୍ୟରୁ ଆଜି ଚିକିତ୍ସାଧୀନ ଅବସ୍ଥାରେ ଜଣେ ହେଡ୍ କନ୍‌ଷ୍ଟେବଲଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସହିଦ ସିଆରପିଏଫ୍ ଯବାନ ହେଉଛନ୍ତି ୬୦ ବାଟାଲିୟନ ସିଆରପିଏଫ୍ କନେଷ୍ଟବଲ ମହେନ୍ଦ୍ର ଲସ୍କର(୩୩)। ତାଙ୍କ ଘର ଆସାମର ନୂଆଗାଁଓ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏତଦବ୍ୟତୀତ ଶୁକ୍ରବାର ଦୁଇ ଦୁଇଟି ଭୟଙ୍କର ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ସିଆରପିଏଫ୍ ଇନିସପେକ୍ଟର ଓ ଏଏସଆଇଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଆଜି ନୂଆଦିଲ୍ଲୀ ସ୍ଥିତ ଏମ୍‌ସ ହସ୍ପିଟାଲକୁ ବିମାନ ଯୋଗେ ପଠାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବିଶ୍ରା ବ୍ଲକର ଜରାଇକେଲା ପଞ୍ଚାୟତ ସୀମାନ୍ତରେ ଥିବା ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ପଶ୍ଚିମ ସିଂହଭୂମି ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀର ଯବାନମାନେ ସରଣ୍ଡାର ଜରାଇକେଲା ଥାନା ଅଧୀନରେ ଥିବା ସମଠା ଅଞ୍ଚଳର ବାବୁଡେରା ଗାଁରେ ମାଓ ବିରୋଧୀ ଅଭିଯାନ ଅଧୀନରେ କମ୍ବି ଅପରେସନ ଚଳାଇଥିଲେ। ଏହି ସମୟରେ ପୃଥକ୍ ପୃଥକ୍ ସ୍ଥାନରେ ଦୁଇ ଦୁଇଟି ଭୟଙ୍କର ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ୬୦ ବାଟାଲିୟନ ସିଆରପିଏଫର ଇନ୍ସପେକ୍ଟର କୈଶଲ କୁମାର ମିଶ୍ର, ଏଏସଆଇ ରାମକୃଷ୍ଣ ଗାଗରାଇ ଏବଂ କନ୍‌ଷ୍ଟେବଲ ମହେନ୍ଦ୍ର ଲସକର ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ରାଉରକେଲାର ଆପୋଲୋ ହସ୍ପିଟାଲକୁ ନିଆଯାଇ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଆଜି ଭୋର ସମୟରେ ହେଡ୍ କନ୍‌ଷ୍ଟେବଲ ମହେନ୍ଦ୍ର ଲସ୍କରଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀ ଆପୋଲୋ ହସ୍ପିଟାଲରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଏହା ସହ ଝାଡଖଣ୍ଡର ବରିଷ୍ଠ ପୁଲିସ ଓ ସିଆରପିଏଫ ଅଧିକାରୀମାନେ ଆପୋଲୋ ହସ୍ପିଟାଲରେ ପହଁଞ୍ଚିଥିଲେ। ଏହାପରେ ଶହୀଦ ହେଡ୍ କନ୍‌ଷ୍ଟେବଲ ମହେନ୍ଦ୍ର ଲସ୍କରଙ୍କ ମରଶରୀରକୁ ସସମ୍ମାନେ ରାଞ୍ଚି ନିଆଯାଇ ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେହିପରି ବିସ୍ଫୋରଣରେ ଗୁରୁତର ହୋଇଥିବା ସିଆରପିଏଫର ଇନ୍ସପେକ୍ଟର କୈଶଲ କୁମାର ମିଶ୍ର, ଏ ଏସ ଆଇ ରାମକୃଷ୍ଣ ଗାଗରାଇଙ୍କୁ ଦିଲ୍ଲୀ ଏୟାରଲିଫ୍ଟ କରାଯାଇଛି। ଆହତ ଏଏସଆଇ ରାମକୃଷ୍ଣ ଗାଗରାଇଙ୍କ ଭାଇ ଖରସୁଆଁ ବିଧାୟକ ଦଶରଥ ଗାଗରାଇ ଏବଂ ତାଙ୍କ ପରିବାର ବର୍ଗ ଆସି ରାଉରକେଲାର ପହଞ୍ଚିଥିଲେ। ଏହି ବିସ୍ଫୋରଣ ପରେ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ସରଣ୍ଡା ଜଙ୍ଗଲରେ କୁମ୍ବି ଅପରେସକୁ ଜୋରଦାର କରାଯାଇଥିବାବେଳେ ମାଓବାଦୀଙ୍କ ଗତିବିଧି ଉପରେ ଓଡ଼ିଶା ପୁଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିବା ଏବଂ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି ବୋଲି ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ବ୍ରିଜେଶ କୁମାର ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ୨ୟ ସନ୍ଧ୍ୟା



**ରାଉରକେଲା, ୧୧।୧୦(ସମିସ):** ସ୍ଥାନୀୟ ସେକ୍ଟର -୬ ସ୍ଥିତ ଏଚ୍ ବ୍ଲକ ଦୁର୍ଗା ପୂଜା ପଡ଼ିଆ ଠାରେ ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ସଂଧ୍ୟାରେ ରଘୁନାଥପଲ୍ଲୀର ପୂର୍ବତନ ବିଧାୟକ ସୁବ୍ରତ ତରାଇ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ମିହିର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଂଧ୍ୟାରେ ମଞ୍ଚସ୍ଥ ହୋଇଥିଲା ସେକ୍ଟର -୨ର ଓଁ ଶ୍ରୀ କଳାନିକେତନର କଳାକାରଙ୍କ ଦ୍ୱାରା ସମ୍ବିତ୍ ସ୍ୱାଇଁଙ୍କ ନିର୍ଦ୍ଦେଶିତ ନାଟକ 'କାଳିର ବନ୍ଧନ କଳା ଚନ୍ଦନ'। ଅରୁଣ ସାହୁ ନାଟକରେ ସଙ୍ଗୀତା ନିର୍ଦ୍ଦେଶନା ଦେଇଥିଲା ବେଳେ ସନ୍ତୋଷ ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଚରିତ୍ରରେ କାନ୍ତା ପ୍ରାସାଦ ଭୂମିକାରେ ପ୍ରକାଶ ସାମଲ ଅଭିନୟ କରିଥିବା ବେଳେ ଇଶ୍ୱର ଭୂମିକାରେ ସମ୍ବିତ୍ ସ୍ୱାଇଁ, ଜୀବନ ଭୂମିକାରେ ସତ୍ୟ ନାରାୟଣ ପ୍ରଧାନ, ଜହ୍ଲାଦ-ପାର୍ଥ ସାରଥୀ ନାୟକ, ମିହିର ମାନସିଂହ -ସନ୍ତୋଷ ସୋରେନ, ଜଗା-ବିଶ୍ୱ ରଞ୍ଜନ ଧଳ, ପୁଲିସ ଇନ୍ସପେକ୍ଟର - ବିଶ୍ୱଜିତ୍ ପୃଷ୍ଟି, ସାନ୍ତା ପ୍ରାସାଦ - ଶ୍ୟାମ ସୁନ୍ଦର ଗୋଛାୟତ, ନାରୀ ସୁଧା ଭୂମିକା- କଳ୍ପନା ସ୍ୱାଇଁ, ତନୁ - ରଶ୍ମିତା ସ୍ୱାଇଁ, ଲଗ୍ନା - ଅଞ୍ଜଳି ପରିଡ଼ା ଏବଂ ତଟିନି ଭୂମିକାରେ ରାନୁ ମହାପାତ୍ର ଅଭିନୟ କରିଥିଲେ।

## କକା ହତ୍ୟା ଅଭିଯୋଗରେ ପୁତୁରା ଗିରଫ

**ରାଉରକେଲା, ୧୧।୧୦(ସମିସ):** ସୁନ୍ଦରଗଡ଼ ସଦର ଥାନା ଅଧୀନ ଭବାନିପୁର ଅଞ୍ଚଳରେ ଜଣେ ଯୁବକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ତା'ର କକାକୁ ପିଟି ପିଟି ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସଦରଥାନା ପୁଲିସ ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଉଛନ୍ତି ଭବାନିପୁର ଅଧୀନ କାନ୍ଦରୁପଡ଼ା ଗାଁର ବିଶାଳ ନାୟକ(୨୨)।



ସୂଚନା ଅନୁସାରେ ସଦର ଥାନା ଅଧୀନ କାନ୍ଦରୁପଡ଼ା ଗାଁର ମିଶ୍ର ନାୟକଙ୍କ ୨୦ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ସାନ ଭାଇ ସଚୀନ୍ଦ୍ର ନାୟକ ଓରଫ ତାୟନ (୫୫), ମିଶ୍ର ନାୟକଙ୍କ ପତ୍ନୀ ରମ୍ଭାବତୀଙ୍କୁ ନିଜ ପତ୍ନୀ ଭାବେ ରଖିଥିଲେ। ତେବେ ପୂର୍ବରୁ ରମ୍ଭାବତୀଙ୍କର ଗୋଟିଏ ପୁଅ ବିଶାଳ ଓ ଦୁଇ ଝିଅ ଥିଲେ। ସଚିନ୍ଦ୍ର ଜଣେ ମଦ୍ୟପ ବ୍ୟକ୍ତି ହୋଇଥିବା ବେଳେ ପୁତୁରା ବିଶାଳଙ୍କ ମଧ୍ୟରେ ସବୁବେଳେ ବିବାଦ ଲାଗି ରହୁଥିଲା। ଅନ୍ୟପକ୍ଷରେ ବିଶାଳ ଜଣେ ଯୁବତୀକୁ ବିବାହ କରି ଆଣି ଘରେ ରଖିବାକୁ କେନ୍ଦ୍ରକରି କକା ସଚିନ୍ଦ୍ର ଓ ପୁତୁରା ବିଶାଳ ମଧ୍ୟରେ ତିକ୍ତତା ରହିଥିଲା। ଶୁକ୍ରବାର ଉଭୟ କକାପୁତୁରା ଖାଇପିଇ ଘରୁ ବାହାରି ଗାଁ ପଡ଼ିଆକୁ ଯାଇଥିଲେ। ସେଠାରେ ସଚିନ୍ଦ୍ର ମଦ୍ୟପାନ କରିଥିଲେ। ଏହାପରେ ପୂର୍ବ ଘଟଣାକୁ ନେଇ ସଚିନ୍ଦ୍ର ଓ ବିଶାଳଙ୍କ ସହ ପାଟିତୁଣ୍ଡ କରି ତାର ତଣ୍ଟିକୁ ଧରି ପକାଇଥିଲା। ଫଳରେ ବିଶାଳ ତଳେ ପଡ଼ି ଯାଇଥିଲା। ଏଥିରେ କ୍ଷୁବ୍ଧ ହୋଇ ବିଶାଳ ଏକ ଲାଠିରେ କକାର ମୁଣ୍ଡରେ ପ୍ରହାର କରିବା ସହ ସେ ପିନ୍ଧିଥିବା ଲୁହାକଡ଼ାରେ ବାରମ୍ବାର ଆକ୍ରମଣ କରିଥିଲା। ଯାହାଫଳରେ ସଚିନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ବିଶାଳ କେଉଁଆଡ଼େ ଫେରାର ହୋଇଯାଇଥିଲା। ସେପଟେ ସଚିନ୍ଦ୍ର ଘରକୁ ନ ଫେରିବା ନେଇ ରମ୍ଭାବତୀ ଏଣେତେଣେ ଖୋଜାଖୋଜି କରିଥିଲେ। ସେପଟେ ଗାଁ ପାଖ ପଡ଼ିଆରେ ଏକ ରକ୍ତରଞ୍ଜିତ ଶବ ପଡ଼ିଥିବା ଗାଁ ଲୋକଙ୍କ ଠାରୁ ଖବର ପାଇ ସେଠାରେ ସମସ୍ତେ ପହଞ୍ଚି ତାହା ସଚିନ୍ଦ୍ରଙ୍କର ଶବ ବୋଲି ଚିହ୍ନଟ କରିଥିଲେ। ଏ ନେଇ ରମ୍ଭାବତୀ ସଦର ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ଏବଂ ସଦର ଥାନା ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପୁତୁରା ବିଶାଳ ନାୟକକୁ ଗିରଫ କରି

## ରାଉରକେଲାର ବିକାଶ ପ୍ରତି ସରକାରଙ୍କ ଉଦାସୀନତା ବିରୋଧରେ ସ୍ୱର




**ରାଉରକେଲା, ୧୧।୧୦(ସମିସ):** ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚରମ ଉଦାସୀନତା ବିରୋଧରେ ଆଜି ଏକ ବିଶାଳ ସାମଗ୍ରିକ ସ୍ୱର ଉତ୍ତୋଳନ ପରିଲକ୍ଷିତ ହୋଇଥିଲା। ଏହି କ୍ରମରେ ବିଶ୍ରା ଛକ ଠାରେ ଆଜି ଶହ ଶହ ଲୋକ ଏକତ୍ରିତ ହୋଇଥିଲେ। ଏହି ଅବସରରେ ରାଉରକେଲାକୁ ଜିଲ୍ଲା ଓ ସ୍ୱତନ୍ତ୍ର ଭାବେ ଲୋକସଭା ଆସନ ଘୋଷଣା, ବାହ୍ୟ ରିଙ୍ଗ ରୋଡ୍, ବୃହତ୍ତର ରାଉରକେଲା ମହାନଗର ନିଗମ, ଶଙ୍ଖ, କୋଏଲ ଏବଂ ବ୍ରାହ୍ମଣୀ ନଦୀ କୂଳର ବିକାଶ ସମେତ ନୂତନ ଭାବେ ଏହି ଅଞ୍ଚଳର ବିକାଶ ପାଇଁ ବେଦବ୍ୟାସ ସଙ୍ଗମରୁ ଝିରପାଣି, ବିଶ୍ରା, ଲାଠିକଟା ପର୍ଯ୍ୟନ୍ତ ମେରାଇନ୍ ଡ୍ରାଇଭ ସହିତ ଏକ କୋର୍ ରିଂରୋଡ୍ ନିର୍ମାଣ, କର୍ମଚାରୀ ରାଜ୍ୟ ବୀମା ନିଗମ ପକ୍ଷରୁ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ ପ୍ରତିଷ୍ଠା, ରାଉରକେଲା ସରକାରୀ ଡାକ୍ତରଖାନାର ଉନ୍ନତିକରଣ ସହ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ଘୋଷଣା, ରାଉରକେଲା ବିମାନ ବନ୍ଦରକୁ ୪ସି ଲାଇସେନ୍ସପ୍ରାପ୍ତ ବିମାନ ବନ୍ଦରର କାର୍ଯ୍ୟ ତୁରନ୍ତ ଆରମ୍ଭ, ରାଉରକେଲା ଠାରେ ରେଳ ଡିଭିଜନ ପ୍ରତିଷ୍ଠା ସହିତ ଏହି ଡିଭିଜନକୁ ପୂର୍ବତଟ ରେଳଜୋନ୍‌ରେ ସାମିଲ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ପାଇଁ ସର୍ବାଧିକ ରାଜସ୍ୱ ରାଉରକେଲା ଓ ବଣାଇରୁ ରାଜ୍ୟ ସରକାର ପାଉଥିବା ବେଳେ ଗତ ବଜେଟରେ ରାଉରକେଲା ଓ ବଣାଇକୁ ଗୋଟିଏ ଟଙ୍କା ମଧ ବରାଦ କରାଯାଇ ନାହିଁ। ଏହା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାଣିଶୁଣି ଅବହେଳାର ସ୍ପଷ୍ଟ ଉଦାହରଣ ବୋଲି କୁହାଯାଇଛି। ଯଦି ଦାବି ପୂରଣ ନ ହୁଏ, ତେବେ ବଣାଇଁ ଅଞ୍ଚଳ ସମେତ ଏକ ରାଉରକେଲା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଦାବି କରାଯିବ। ଆଉ ରାଜ୍ୟ ସରକାରଙ୍କ ସାବତ ପୁଅ ବ୍ୟବହାରକୁ ସହ୍ୟ କରାଯିବ ନାହିଁ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ପାଇଁ ଏକ ସଂକଳ୍ପ ସହିତ ପ୍ରତିବାଦ ଶେଷ ହୋଇଥିଲା। ରାଉରକେଲାରକୁ ତାର ହକ୍ ନ ମିଳିଲେ ରାଉରକେଲାକୁ ପଣ୍ଡିଚେରୀ ପରି କେନ୍ଦ୍ରଶାସିତ ଅଞ୍ଚଳ କରିବା ପାଇଁ ଆନ୍ଦୋଳନ ଜାରିରହିବ ବୋଲି କୁହାଯାଇଥିଲା।

## ଗିରଫ ଆର୍‌ପିଏଫ୍ କନ୍‌ଷ୍ଟେବଲ ନିଲମ୍ବିତ

### ଆର୍‌ପିଏଫ୍ ଇନ୍ସପେକ୍ଟରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



**ରାଉରକେଲା, ୧୧।୧୦(ସମିସ):** ବନ୍ଧମୁଣ୍ଡାରେ ଜଣେ ସଫେଇ କର୍ମଚାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଆରପିଏଫ କନଷ୍ଟେବଲ ମହମ୍ମଦ ଆସରାରଙ୍କୁ ଶୁକ୍ରବାର ରାତିରେ ଆରପିଏଫ କର୍ତ୍ତୃପକ୍ଷ ଚାକିରିରୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ସେପଟେ ଆରପିଏଫ୍ କନେଷ୍ଟବଲ ମହମ୍ମଦ ଆସରାରଙ୍କ ସିବିଆଇ ଦ୍ୱାରା ଗିରଫ ମାମଲା ଏବଂ ଆରପିଏଫ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଲମ୍ବନ ମାମଲାକୁ ନେଇ ବିଶ୍ରାରେ ଆଜି ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଏହି ଘଟଣାକୁ ନେଇ ବିଶ୍ରା ସହରରେ ସ୍ଥାନୀୟ ଶତାଧିକ ବାସିନ୍ଦାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବିନା ଉପରିସ୍ଥ ଅଧିକାରୀଙ୍କ ଇଙ୍ଗିତରେ ଆରପିଏଫ କନଷ୍ଟେବଲ ମହମ୍ମଦ ଅସରାର ଏତେଗୁଡିଏ ଟଙ୍କା ଲାଞ୍ଚ ଗ୍ରହଣ କରିବାକୁ କିପରି ସାହସ କଲେ ବୋଲି ବୈଠକରେ ଉପସ୍ଥିତ ଲୋକମାନେ ପ୍ରଶ୍ନ କରି ଏ ନେଇ ବନ୍ଧମୁଣ୍ଡା ଆରପିଏଫ ଅଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଭାଗୀୟ ଅଧିକାରୀମାନେ ସଂଖ୍ୟାଲଘୁ ଜଣେ କନଷ୍ଟେବଲ ମହମ୍ମଦ ଅସରାରଙ୍କୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିଛନ୍ତି, ଯାହାଫଳରେ ଆଜି ଆସରାରକୁ ଜେଲ ଯିବାକୁ ପଡ଼ିଲା। ବୈଠକରେ ଉପସ୍ଥିତ ଲୋକମାନେ ଅଭିଯୋଗ କରିଛନ୍ତି ଯେ ଅସରାର ବନ୍ଧମୁଣ୍ଡା ଆରପିଏଫର ଜଣେ ଅଧିକାରୀଙ୍କ ଚାପରେ ଏପରି କରିବାକୁ ବାଧ୍ୟ ହେଇଥିଲେ। ସେମାନେ କେନ୍ଦ୍ରରେଳ ମନ୍ତ୍ରୀ ଏବଂ ଆରପିଏଫ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ପ୍ରେରଣ କରି ମାମଲାର ନିରପେକ୍ଷ ତଦନ୍ତ ଦାବି କରିବା ସହିତ ବନ୍ଧମୁଣ୍ଡା ଆରପିଏଫ ଅଧିକାରୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଲଣ୍ଡନ ଫ୍ୟାଶନ୍ ଫିଲ୍ମ ଫେଷ୍ଟିଭାଲ - ୨୦୨୫

# ପୁରସ୍କାର ପାଇଁ ହର୍ଷଲ ବିସାରେ ମନୋନୀତ

**ରାଉରକେଲା, ୧୧।୧୦(ସମିସ):** ସେଲର ନିର୍ବାହୀ ନିର୍ଦ୍ଦେଶକ ଆର. କେ. ବିସାରେଙ୍କ ପୁଅ ଭାରତୀୟ ଫ୍ୟାଶନ୍ ଫଟୋଗ୍ରାଫର ଏବଂ ଫିଲ୍ମ ନିର୍ମାତା ହର୍ଷଲ ବିସାରେ ତାଙ୍କର ପ୍ରଶଂସିତ ଫ୍ୟାଶନ୍ ଫିଲ୍ମ 'ଦି ଅନସିନ୍ ସିନ୍' ପାଇଁ ଲଣ୍ଡନ ଫ୍ୟାଶନ୍ ଫିଲ୍ମ ଫେଷ୍ଟିଭାଲ ୨୦୨୫ରେ ଏକ ସମ୍ମାନଜନକ ଯୋଗ୍ୟତା ହାସଲ କରିଛନ୍ତି। ବର୍ତ୍ତମାନ ପ୍ୟାରିସରେ ଅବସ୍ଥାପିତ ଶ୍ରୀ ହର୍ଷଲ ପ୍ୟାରିସ କଲେଜ ଅଫ୍ ଆର୍ଟରେ ଫ୍ୟାଶନ୍ ଫିଲ୍ମ ଏବଂ ଫଟୋଗ୍ରାଫିରେ ତାଙ୍କର ମାଷ୍ଟର୍ସ ଡିଗ୍ରୀ ହାସଲ କରିଛନ୍ତି। ସେ ଏକ ଛୋଟ ସୃଜନଶୀଳ ଦଳ ସହିତ ସମ୍ପୂର୍ଣ୍ଣ ପ୍ରୋଜେକ୍ଟକୁ ନିର୍ଦ୍ଦେଶନା ଏବଂ ବିକଶିତ କରିବା ସହିତ ଫ୍ୟାଶନ୍, କଳା ଏବଂ କାହାଣୀକୁ ଏକ ସମନ୍ୱିତ ଏବଂ ଭାବପ୍ରବଣରେ ପ୍ରତିଧ୍ୱନିତ ଦୃଶ୍ୟ ଭାଷାରେ ମିଶ୍ରଣ କରିବାର ତାଙ୍କର କ୍ଷମତା ପ୍ରଦର୍ଶନ କରିଛନ୍ତି। ଫ୍ୟାଶନ୍ ଏବଂ ସିନେମାଟିକ୍ କାହାଣୀର ଏକ ଆକର୍ଷଣୀୟ ମିଶ୍ରଣ ମାଧ୍ୟମରେ, 'ଦି ଅନସିନ୍ ସିନ୍' ହର୍ଷଲଙ୍କ ସିଗ୍ନେଚର୍ ଶୈଳୀ, ଭାବପ୍ରବଣତା, ପରିଚୟ



ଏବଂ ପରିଷ୍କୃତ ଦୃଶ୍ୟ ସୌନ୍ଦର୍ଯ୍ୟର ମିଶ୍ରଣକୁ ପ୍ରତିଫଳିତ କରୁଛି। ଲଣ୍ଡନ ଫ୍ୟାଶନ୍ ଫିଲ୍ମ ଫେଷ୍ଟିଭାଲ ହେଉଛି ବିଶ୍ୱର ଏକ ପ୍ରମୁଖ ପ୍ଲାଟଫର୍ମ ଯାହା ଫ୍ୟାଶନ୍ ସିନେମାରେ ସୃଜନଶୀଳତା ଏବଂ ନବସୃଜନକୁ ପାଳନ କରେ, ଯାହା ବିଶ୍ୱର ବିଭିନ୍ନ ସ୍ଥାନରୁ ଦୂରଦର୍ଶୀ ନିର୍ଦ୍ଦେଶକ, ଡିଜାଇନର୍ ଏବଂ କଳାକାରମାନଙ୍କୁ ଏକତ୍ରିତ କରିଥାଏ ବୋଲି ମତ ପ୍ରକାଶ ପାଇଛି।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ

**କୁତ୍ରା, ୧୧।୧୦(ସମିସ):** ସୁନ୍ଦରଗଡ଼ କୁତ୍ରା ବ୍ଲକ ଅଧୀନ କଟଙ୍ଗସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ଓ କିଭଳି ଭାବେ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଆଯାଇପାରିବ ସେଥିପାଇଁ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ




ଅନୁଷ୍ଠିତ କରାଯାଇଥିଲା। ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରାଣାୟାମ ଓ ବ୍ୟାୟାମ ସହିତ ଆବଶ୍ୟକ ଖାଦ୍ୟ ଶୃଙ୍ଖଳା, ବିଶ୍ରାମ ଆଦି ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ବିଦ୍ୟାଳୟରେ ୧୦ ତାରିଖକୁ ବିଶ୍ୱ ଅଣ୍ଡା ଦିବସ ରୂପେ ପାଳନ କରାଗଲା। ଅଣ୍ଡାରୁ ପ୍ରଚୁର ପରିମାଣର ଭିଟାମିନ ମିଳିଥାଏ ଯାହାଦ୍ୱାରା ଦେଶରେ ଅପପୁଷ୍ଟି ରୋକାଯାଇ ପାରିବ ବୋଲି ମହେନ୍ଦ୍ର ସିଂହ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରୀ ଦାସ, ଆଲିଶା ଟପ୍ପୋ, ପ୍ୟାରେଲାଲ ସାହୁ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଆପ୍‌ର ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ



**ରାଉରକେଲା, ୧୧।୧୦(ସମିସ):** ରାଉରକେଲାର ହନୁମାନ ବାଟିକା ଠାରେ ଆମ୍ ଆଦମୀ ପାର୍ଟି ତରଫରୁ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ମିଳନୀ ଆୟୋଜିତ ହେଇଛି। ଆମ ଆଦମୀ ପାର୍ଟିର ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ ନେତା ବିନୟ କୁମାର ତିୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦମୀ ପାର୍ଟିର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର ଯୋଗ ଦେଇ କହିଥିଲେ ଯେ, ପ୍ରାକୃତିକ ଜମି, ଜଳ, ଜଙ୍ଗଲ ଉପରେ ଅଧିକାର କାହାର ତାହା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଯଦି ଓଡ଼ିଶାରେ ଆପ୍ ସରକାର ଆସିବ ତେବେ ପେଶା ଆଇନ ଲାଗୁ କରିବା ସହ ସ୍କୁଲରେ ସମ୍ବିଧାନ ବିଷୟରେ ଆମ୍ବେଦକରଙ୍କ ଆଦର୍ଶ ନେଇ ଶିକ୍ଷାଦାନ ଦିଆଯିବ ବୋଲି ସେ କହିଥିଲେ। ମୋର୍ଚ୍ଚା ସଭାପତି ମେଘନାଦ ମାଝୀ, ରାଜ୍ୟ ସଂଗଠନ ସମ୍ପାଦକ ଭରତ ଦାସ, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଲାଲ ମନି ଲୁଗୁନ, ସନ୍ଦୀପ ଦାଶ, ଯୁବ ସମ୍ପାଦକ ରୁଚି ରୁଦ୍ର ରଥ, ଭବାନୀ ପ୍ରସାଦ ସାହୁ, କଲ୍ୟାଣ ଆନନ୍ଦ, ବିନୟ ତିୱାରୀ ଓ ଆଶିଷ ପାଣ୍ଡେଙ୍କ ସମେତ କନ୍ଧମାଳ, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୁଳ, କଳାହାଣ୍ଡି, ଫୁଲବାଣୀ, କେନ୍ଦୁଝର ପ୍ରଭୃତି ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧି ମାନେ ଯୋଗ ଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ 'ବର୍ଜ୍ୟରୁ ଐଶ୍ୱର୍ଯ୍ୟ' ଜୈବିକ କୃଷି ପର୍ଯ୍ୟବଶିତ

# ସିଏସ୍‌ଆର୍ ପ୍ରକଳ୍ପ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ

ରାଉରକେଲା, ୧୧।୧୦(ସମିସ)

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍?ାରା ଏହାର ଏକ ପ୍ରମୁଖ ସିଏସଆର ପଦକ୍ଷେପ ଅଧୀନରେ ସ୍ଥାୟୀ କୃଷି ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ବର୍ଜ୍ୟ ରୁ ଐଶ୍ୱର୍ଯ୍ୟ ବିଶେଷକରି ଆରଏସପିର ପାର୍ଶ୍ୱାଞ୍ଚଳ ମହିଳା ଚାଷୀଙ୍କ ନିମନ୍ତେ ସ୍ଥାୟୀ ଏବଂ ଅଭିନବ ଜୈବିକ କୃଷି କୌଶଳ' ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି), ରାଉରକେଲା ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ସେଲ୍‌ଫ, ଆରଏସ୍‌ପି ପକ୍ଷରୁ ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ ଟିଜି. କାନେକର ଏବଂ ଏନ୍‌ଆଇଟି, ରାଉରକେଲା ପକ୍ଷରୁ ଏସଆରଆଇସିସିଇ ବିଭାଗର ଡିନ୍ ପ୍ରଫେସର ସ୍ୱଦେଶ କୁମାର ପ୍ରତିହାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ର, ସିଏସଆର ବିଭାଗର ଜିଏମ



ବିଭାବସୁ ମଲ୍ଲିକଙ୍କ ସମେତ ଏନଆଇଟି, ରାଉରକେଲାର ପ୍ରଫେସର ଆର. ସି. ପ୍ରଧାନ ଏବଂ ପ୍ରଫେସର ଡି. ସେଠ୍ ଏବଂ ସିଏସ୍‌ଆର୍ ବିଭାଗର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରର, ଶ୍ରୀ କାନେକର ନିଜ ବକ୍ତବ୍ୟରେ ଏନଆଇଟି ରାଉରକେଲା ସହିତ ମିଳିତ ସହଯୋଗ ତୃଣମୂଳ ସ୍ତରୀୟ କୃଷି ପଦ୍ଧତିରେ ବୈଜ୍ଞାନିକ ବିଶେଷଜ୍ଞତା ଏବଂ ନବସୃଜନ ଆଣିବ, ଯାହାଦ୍ୱାରା ମହିଳା ଚାଷୀଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି ପାଇବ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ ଏହି ପ୍ରକାରର ପଦକ୍ଷେପ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସମ୍ପ୍ରଦାୟିକ ବିକାଶ ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ମତପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ ୪୨.୮୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଆୟ ସୃଷ୍ଟି ଓ ମହିଳା ଚାଷୀଙ୍କ ବିକାଶ ଏବଂ ଦକ୍ଷତା ବୃଦ୍ଧି ପାଇଁ ଆଜୀବିକା ସମ୍ବନ୍ଧୀୟ ଆରଏସ୍‌ପିର ସିଏସଆର ପ୍ରୟାସ ଅଧିନସ୍ଥ ରହିଛି। ସ୍ଥାୟୀ ଏବଂ ଅଭିନବ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରି ରାଉରକେଲାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ମହିଳା ଚାଷୀମାନଙ୍କୁ ସଶକ୍ତ କରିବା ଏହାର ମୂଳଲକ୍ଷ୍ୟ। ଏହି ପ୍ରକଳ୍ପ ଅଧୀନରେ, ତିନିବର୍ଷ ମଧ୍ୟରେ ମୋଟ ୬୦୦ ମହିଳା ଚାଷୀଙ୍କୁ ତାଲିମ ପ୍ରଦାନ କରାଯିବା ସହିତ ଏହି କାର୍ଯ୍ୟକ୍ରମରେ ଜିଆ ଖତ, ଜୈବସାର ଏବଂ ଜୈବ-କୀଟନାଶକ ପ୍ରସ୍ତୁତି, ଫସଲ ବିବିଧତା, ବିହନ ପରୀକ୍ଷା ନିରୀକ୍ଷା ପଛପଟ ରୋଷେଇ ଘର ଉଦ୍ୟାନର ବିକାଶ ଭଳି ସ୍ଥାୟୀ କୃଷି କୌଶଳ ଉପରେ ଧ୍ୟାନଦେଇ ହାତକୁ ତାଲିମ, ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଅନ୍ତର୍ଭୁକ୍ତ ହେବ। ଉଲ୍ଲେଖଯୋଗ୍ୟ ଯେ ଆରଏସ୍‌ପି ଏବଂ ଏନ୍‌ଆଇଟି ରାଉରକେଲା ମଧ୍ୟରେ ଏହି ସହଯୋଗ ପ୍ରୟାସ ନବସୃଜନ, ସ୍ଥାୟିତ୍ୱ ଏବଂ ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣ ମାଧ୍ୟମରେ ସମାଜର ଉନ୍ନତି ପାଇଁ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷାକରି ଏକ ଉଦାହରଣ ସୃଷ୍ଟି କରିଛି।

## ଆନ୍ତର୍ଜାତିକ ବାଳିକା ଦିବସ

# କନ୍ୟା ସନ୍ତାନ ବୋଝ ନୁହଁ

ଝାରସୁଗୁଡ଼ା, ୧୧।୧୦(ସମିସ)

ବ୍ରଜରାଜନଗର ସ୍ଥିତ ପିଏମଶ୍ରୀ ଓପିଏମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ସଂଗଠନ କମିଶନର ପ୍ରତିଭା ମହାପାତ୍ରଙ୍କର ନେତୃତ୍ୱରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ବବିତା ମିଞ୍ଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ୮ ବର୍ଷର ବାଳିକା ସ୍ରିଷ୍ଟି ଜେନା ଯୋଗ ଦେଇଥିଲେ। ସୁଶ୍ରୀ ପ୍ରତିଭା ମହାପାତ୍ର ଏହି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ କନ୍ୟା ସନ୍ତାନଙ୍କୁ ପିତାମାତା ବୋଝ ଭାବିବା ଉଚିତ ନୁହେଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଗାଇଡସ୍ ବନିତା ପଣ୍ଡା, ସ୍ମୃତି ନନ୍ଦ, ଦୀପ୍ତି ରାଏ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା ସାହୁ, ସୁନନ୍ଦା ଧରୁଆ ବାଳିକା ଦିବସର ମହତ୍ତ୍ୱ ଏବଂ ବାଳିକା ମାନେ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସମ୍ବନ୍ଧରେ ବକ୍ତବ୍ୟ




ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ପ୍ରଧାନ, କର୍ଣ୍ଣିକ ସେଠ, ରିଙ୍କୁ ପ୍ରଧାନ, ପ୍ରଦୀପ ନାଏକ, ଅଜୟ ପଟେଲ, ଝିଲି ବାରିକ, ସୁଶାନ୍ତି ଡିଗା, ସୁଜାତା ପଟେଲ, ମୁକ୍ତା ଶୋରେନ, ବୁଧରାମ ବାଗ, ଗୌତମ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଝାରସୁଗୁଡ଼ା ଆନୁକୂଲ୍ୟରେ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ରାଧାରମଣ ବିଡ଼ିଆ ଏଡିଏମ୍‌ଓ, ଆଶିଷ ପଣ୍ଡା, ଅଧକ୍ଷ, ଶିଶୁ ମଙ୍ଗଳ ଅଧିକାରୀ, ଆନନ୍ଦିନି ପାଢ଼ି, ନିର୍ଦ୍ଦେଶିକା ସେହଡା, ସୁନନ୍ଦ ମହାରଣା, ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପୁନ୍ୟବତି ହେଲେନ ଖେସ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ବ୍ରଜବନ୍ଧୁ ଭୋଇ ସମାଜରେ କନ୍ୟା ସନ୍ତାନ ମାନଙ୍କର ଆବଶ୍ୟକତା ଓ ଭୂମିକା ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲଟିର କିଶୋରୀ ବାଳିକା, ସଖି ସହେଲୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ସିଡିପିଓ, ସୁପରଭାଇଜର, ୱାନ ଷ୍ଟପ ସେଣ୍ଟର କର୍ମକର୍ତ୍ତା, ସକ୍ତିସଦନ କର୍ମକର୍ତ୍ତା ଯୋଗ ଦେଇଥିଲେ। କିଶୋରୀ ବାଳିକା ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, କୁଇଜ୍, ବକ୍ତୃତା, ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀ ବାଳିକା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହିଳା ସୁରକ୍ଷା ପ୍ରଦାନ ଅଧିକାରୀ ଯାଜ୍ଞସିନି ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ସମସ୍ତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରିଆମାଳ ମାଁ ଗଜଲକ୍ଷ୍ମୀ ପୂଜା ଭସାଣି ଯାତ୍ରାରେ ଭକ୍ତଙ୍କ ଭିଡ଼

**ରିଆମାଳ, ୧୧।୧୦(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକର ପ୍ରସିଦ୍ଧ ରିଆମାଳ ମାଁ ଗଜଲକ୍ଷ୍ମୀ ପୂଜାର ଭସାଣି ଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରୁ ମାଁଙ୍କୁ ଏକ ଫୁଲରେ ସଜ୍ଜିତ ରଥରେ ବସାଇ ନୃତ୍ୟ ତାଳେ ତାଳେ ଓ ଡିଜେ ଗୀତରେ ଗାଁ ପରିକ୍ରମା କରାଯାଇ ମାଁଙ୍କୁ ମେଲାଣୀ ଦିଆଯାଇଥିଲା। ଭସାଣୀରେ ରିଆମାଳ, କାଦୋପଡ଼ା, ତେଲିମୁଣ୍ଡା, ବାବରାକୋଟ ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବା ସହ ଝାଡଖଣ୍ଡ ରାଜ୍ୟ ରାଞ୍ଚିର ଅଘୋରୀ ନୃତ୍ୟ ବିଶେଷ ଆକର୍ଷଣ ହୋଇଥିଲା। ପୁରୀର ଦେବଦାସୀ ନୃତ୍ୟ ମଧ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ମହାବଳୀ ହନୁମାନଙ୍କ କଳା ପ୍ରଦର୍ଶନ, ଦୁଲଦୁଲି ବାଜା, ଡିଜେ ସାଉଣ୍ଡ ଆଦି ଲୋକଙ୍କୁ ଆକର୍ଷଣର କେନ୍ଦ୍ରବିନ୍ଦୁ



ସାଜିଥିଲା। ମଣ୍ଡପ ଠାରୁ ବ୍ରାହ୍ମଣ ସାହି ପର୍ଯ୍ୟନ୍ତ ପରିକ୍ରମା କରାଯାଇ ଥିବା ବେଳେ ରାସ୍ତାରେ ମହିଳା ମାନେ ହୁଳହୁଳି ଦେଇ ମାଁଙ୍କୁ ଦର୍ଶନ କରିଥିଲେ। ଗାଁ ପରିକ୍ରମା ପରେ ମାଁଙ୍କୁ ବନ୍ଧରେ ମେଲାଣି ଦିଆ ଯାଇଥିଲା। କମିଟି ସଭାପତି ବିରେନ ପ୍ରଧାନ, ସମ୍ପାଦକ ତ୍ରିନାଥ ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳ, କୋଷାଧକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବିସର୍ଜନ ଓ ଭସାଣି ଯାତ୍ରାର ମୁଖ୍ୟ ପରିଚାଳକ ଭୁବନେଶ୍ୱର ସାହୁ, ଉପମୁଖ୍ୟ ଆଲୋକ ନାୟକ, ସଞ୍ଜୀବ ଦାସ, ହେମନ୍ତ ପ୍ରଧାନ, ଧିରେନ ପ୍ରଧାନ, ରାମଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଗୋକୁଳାନନ୍ଦ ସାହୁ, ଲୁଲୁରାଉତ୍, ସୁବାସ ବେହେରା, ବାଲ୍ମିକୀ ସାହୁ, ପ୍ରତାପ ଜେନା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଗଇଲୋ ଘାଟିରେ ସ୍କୁଟି ଦୁର୍ଘଟଣା: ମହିଳା ମୃତ

**ଦେବଗଡ଼, ୧୧।୧୦(ସମିସ):** ଲଇମୁରା ଥାନା ଅଧୀନ ଗଇଲୋ ଘାଟିରେ ଶନିବାର ଏକ ସ୍କୁଟି ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଘଟଣା ସ୍ଥଳରେ ଜଣେ ୫୫ ବର୍ଷିଆ ମହିଳାଙ୍କ ମୃତ୍ୟୁ ଘଟିଛି। ଆଜି ମଧ୍ୟାହ୍ନରେ କଂସର ଫାଣ୍ଡି ଉପକଣ୍ଠ ଭଙ୍ଗାମୁଣ୍ଡା ଗାଁର ବିଟର ଏକ୍କା ତାଙ୍କ ସହଧର୍ମିଣୀ ଅଜିତା ଏକ୍କା ଓ ଜଣେ ସମ୍ପର୍କୀୟ ଯୁବକ ସୁଲେମାନ ଲାକ୍ରା ଏକ ସ୍କୁଟି ଯୋଗେ ବେଡେଇ ଗାଁକୁ ନିଜ ଅସୁସ୍ଥ ନାତୁଣୀକୁ ଭେଟିବାକୁ ଯାଉଥିଲେ। ଗଇଲୋ ଘାଟିରେ ସ୍କୁଟି ଚାଳକ ସୁଲେମାନ ଭାରସାମ୍ୟ ହରାଇବାରୁ ରାସ୍ତା କଡରେ ଥିବା ଗାର୍ଡ ୱାଲରେ ଗାଡ଼ି ପିଟି ହୋଇଥିଲା। ଫଳରେ ସ୍କୁଟିରେ ବସିଥିବା ବିଟର ଓ ତାଙ୍କ ପତ୍ନୀ ଆଜିତା ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତେବେ ଘଟଣା ସ୍ଥଳରେ ଅଜିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ବିଟର ଜିଲ୍ଲା ମୁଖ୍ୟ ଚିକିତ୍ସିତ ହେଉଥିବା ଜଣା ପଡ଼ିଛି। ସୂଚନା ପାଇ ଲଇମୁରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣା ଗ୍ରସ୍ତ ସ୍କୁଟିକୁ ଜବତ କରିବା ସହ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋଇଲି ଘୁଘରରେ ବୁଡ଼ି ଯୁବକ ମୃତ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କୋଇଲି ଘୁଘର ଜଳପ୍ରପାତରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ପଞ୍ଚଗାଁର



ମହାଦେବ ମେହେରଙ୍କ ପୁଅ ପିୟୁଷ ମେହେର (୧୮) ବୋଲି ପୁଲିସ ସୂଚନା ଦେଇଛି। ପିୟୁଷ ନିଜ ପରିବାର ବର୍ଗଙ୍କ ସହ କୋଇଲି ଘୁଘର ଶୈବ ପୀଠକୁ ପୂଜାର୍ଚ୍ଚନା କରିବାକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ବିଭିନ୍ନ ସାମଗ୍ରୀ ଭସାଇବାକୁ କୋଇଲି ଘୋଘର ଜଳପ୍ରପାତକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବେଲପାହାଡ ଗୁମାଡେରାର ଏକ ଘରୋଇ ଡାକ୍ତର ଖାନାକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ପିୟୁଷଙ୍କୁ ମୃତ ଘୋଷଣା କରିଥିଲେ।

## ହାତୀ ଆକ୍ରମଣରେ ଚାଷୀ ମୃତ

**ଦେବଗଡ଼, ୧୧।୧୦(ସମିସ):** ଲଇମୁରା ଥାନା ଅଧୀନ ଖୋଲଡିହ ଗାଁରେ ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଖୋଲଡିହ ଗାଁର ଚାଷୀ ଶୋଭାରାମ ରୋହିଦାସ (୪୧) ଆଜି ସନ୍ଧ୍ୟାରେ ନିଜ ଧାନ ବିଲରେ କରିଥିବା ମଞ୍ଚା ନିକଟକୁ ଯାଉଥିବା ସମୟରେ ଉକ୍ତ ଅଞ୍ଚଳରେ ବୁଲୁଥିବା ୧୭ ଟିକିଆ ହାତୀ ପଲ ହାବୁଡରେ ପଡ଼ିଯାଇଥିଲେ। ମଞ୍ଚା ନିକଟରେ ଶୋଭାରାମଙ୍କୁ ହାତୀ ପଲରୁ ଗୋଟିଏ ହାତୀ ଆକ୍ରମଣ କରିଥିଲା। ଏହା ଦେଖି ଗ୍ରାମବାସୀ ନିଆଁ ହୁଳା ଦେଖାଇ ହାତୀ ପଲଙ୍କୁ ଘଉଡାଇବା ସହ ଶୋଭାରାମଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଅଞ୍ଚଳରେ ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ବିଲରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼, ୧୧।୧୦(ସମିସ):** ଦେବଗଡ଼ ପୌରାଞ୍ଚଳ ଅଧୀନ ପତ୍ରାପାଲି ସାହିର ନିଖୋଜ ଯୁବକର ମୃତଦେହ



ଶନିବାର ଧାନ ବିଲରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ପତ୍ରାପାଲି ସାହିର ଅଜିତ କେରକେଟା (୩୬)। ଗତ ୨ ତାରିଖରୁ ଘରୁ ନିଖୋଜ ଥିବା ବେଳେ ପରିବାର ଲୋକେ ଏ ସମ୍ପର୍କରେ ଦେବଗଡ଼ ଥାନାରେ ଗତ ୪ ତାରିଖ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଦେବଗଡ଼ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ‘ଶିକ୍ଷକଙ୍କ ସହ ଚା’ ଶୀର୍ଷକ ଆଲୋଚନାଚକ୍ର

**ଇବଥର୍ମାଲ, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଶିକ୍ଷା ବ୍ଲକ ଅଧୀନ ମନୋଜ ପାଢ଼ୀ ହାଇସ୍କୁଲ ସରଣ୍ଡାମାଲ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କ



ମାର୍ଗଦର୍ଶନରେ ‘ଶିକ୍ଷକଙ୍କ ସହ ଚା’ ଶୀର୍ଷକ ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବନ୍ଧବାହାଲ, ଫଟା ଏବଂ ପିପିଲିକାନି କ୍ଲଷ୍ଟରର ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଖନପୁର ରାଜେନ୍ଦ୍ର ପ୍ରସାଦ ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପାଠ୍ୟ ଯୋଜନା ପ୍ରସ୍ତୁତି କରିବା, ଶିକ୍ଷଣ ଉପକରଣ ପ୍ରସ୍ତୁତି କରିବା ଏବଂ ସର୍ବୋପରି ବିଦ୍ୟାଳୟ ପରିବେଶକୁ ନିଜ ଘର ଓ ଶିଶୁମାନଙ୍କୁ ନିଜ ପୁଅଝିଅ ମନେକରି ତାଙ୍କର ବିକାଶ ପାଇଁ କାମ କରିବାକୁ ଗଡ଼ତିଆ ଉପଦେଶ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ସମସ୍ୟା ବିଷୟରେ ଆଲୋଚନା କରି ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କ୍ଲଷ୍ଟର ସିଆରସିସି ଲଳିତ ପଧାନ, ବନ୍ଧବାହାଲ କ୍ଲଷ୍ଟର ସିଆରସିସି ତୀର୍ଥବାସୀ ପଧାନ, ପିପିଲିକାନି ସିଆରସିସି ରାଜେଶ ସା ଓ ମନୋଜ ପାଢ଼ୀ ପ୍ରମୁଖ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ କେଶବ ସା ଧନ୍ୟବାଦ ଅର୍ପଣ କରିଥଠିଲେ।

# ଯୁବକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର

**ଝାରସୁଗୁଡ଼ା, ୧୧।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ଏକ ଛୋଟିଆ ଗାଁ ପିପିଲିମାଲର ଜଣେ ଯୁବକଙ୍କ ପାଖକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଏକ ପ୍ରଶଂସା ପତ୍ର ତଥା ଧନ୍ୟବାଦ ପତ୍ର ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦୀ ୨୧ ବର୍ଷୀୟ ଯୁବକ ହୃଦାନନ୍ଦ ବଢ଼େଇଙ୍କୁ ତାଙ୍କର ଚିତ୍ରକଳା ପାଇଁ ପ୍ରଶଂଶା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଗତ ୨୭ ତାରିଖ ସେବା ପର୍ବ ଆନୁକୂଲ୍ୟରେ ଯୁବ ସମାବେଶରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଆସିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏକ ପେନସିଲ ଚିତ୍ରକଳା ତିଆରି



କରି ହୃଦାନନ୍ଦ ଭିଡ ଭିତରେ ଛିଡା ହୋଇଥିଲେ। ପ୍ରଧାନମନ୍ତ୍ରୀ ଏହାକୁ ଦେଖିବା ପରେ ଚିତ୍ରଟିକୁ ମଗାଇଥିଲେ। ଏହାକୁ ନିଜ ସହିତ ନେବା ସହ ହୃଦାନନ୍ଦଙ୍କୁ ଏକ ଧନ୍ୟବାଦ ପତ୍ର ପଠାଇ ନିଜ କଳାକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଛନ୍ତି। ନିଖୁଣତାର ସହ ଚିତ୍ରଟି ତିଆରି କରିଥିବାରୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଚିଠି ଆସିବ ବୋଲି ସ୍ୱପ୍ନରେ ବି ଭାବି ନଥିବା ହୃଦାନନ୍ଦ ଏବଂ ତାଙ୍କ ପରିବାର ଲୋକଙ୍କ ମନରେ ବେଶ୍ ଆନନ୍ଦ ଉତ୍ସାହ ଭରି ଯାଇଛି।

# ଦୁର୍ଘଟଣାରେ କାର୍ ଚୁରମାର

**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ପିପିଲିମାଲରେ ଭୟଙ୍କର ଦୁର୍ଘଟଣାରେ ଏକ ପାଚେରିକୁ ଧକ୍କା ଦେଇ କାର୍ ଚୁରମାର ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଆଉ



ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ କଦେଲପିଟାର ଯତୀନ ପ୍ରଧାନ ଏବଂ ଛୋଟୁ ଖଡିଆ ବୋଲି ସୂଚନା ମିଳିଛି। ଉଭୟଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଛି। ଶନିବାର ସକାଳେ କଦେଲପିଟା ପଟୁ ଏହି କାରଟି ପିପିଲିମାଲ ପଟକୁ ଯାଉଥିବା ବେଳେ ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୪୦ରୁ ୫୦ ଫୁଟ ଦୂରରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଫଳରେ କାନ୍ଥ ଭାଙ୍ଗି କାରଟି ଭିତରେ ପଶିଥିଲା। ଦୁର୍ଘଟଣାରେ କାରଟି ଚୁରମାର ହୋଇ ଯାଇଛି।

# ବିଶ୍ୱ ଅଣ୍ଡା ଦିବସ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁକୁଡା ପାଳନ ଓ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ପ୍ରତି ଯତ୍ନବାନ ହେବା ଦ୍ୱାରା ଲୋକେ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସମୀର ରଞ୍ଜନ ଦାଶ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ପୂର୍ବକ ଲେୟାର କୁକୁଡା ଫାର୍ମ ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଣ୍ଡାର ବ୍ୟବହାର ଓ ଅଣ୍ଡାରେ ଥିବା ଭିଟାମିନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟସାଗର ଦୂରି, ଏମ୍‌ଏସ୍‌ଏମ୍‌ଇ ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ, ବୈଜ୍ଞାନିକ ଡାକ୍ତର ତାରକା ପଣ୍ଡା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଲେୟାର ଫାର୍ମ ତଥା ଅଣ୍ଡା ଖୋଳର ବ୍ୟବହାର ଓ ଗୁଣ୍ଡୁରି ପାଳନର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଚାଷୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମଚାରୀ ଉପସ୍ଥିତ ଥିଲେ।

# ସବ୍ ଜୋନ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୧।୧୦ (ସମିସ):** ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରମାନଙ୍କ ନାନୋନୟନ ଉଦ୍ଦେଶ୍ୟରେ ବେଲପାହାଡ ସବ୍ ଜୋନ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମିର୍ଦ୍ଧାଡେରା ସନ୍‌ରାଇଜ୍ କ୍ଲବ୍‌ର ସଭାପତି ମନବୋଧ ଭଇଁସାଲ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ



କରିଥିଲେ। ନରସିଂହ ଉଚ୍ଚ ବିଦ୍ୟାଳୟ ଛୁଆଲିବେର୍ଣ୍ଣା, ବିଆର୍. ଉଚ୍ଚ ବିଦ୍ୟାଳୟ ବେଲପାହାଡ ଓ ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ ଏହିଭଳି ୩ଟି ବିଦ୍ୟାଳୟର ମୋଟ ୪୫ ଜଣ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ର ଆସନ୍ତା ମଙ୍ଗଳବାର ପିପିଲିମାଲ ଠାରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜନ୍ମଜୟ ବାଦି, ମଙ୍ଗଳ ଡିଗି ଓ ଅରୁଣ ପାଢ଼ୀ ପ୍ରମୁଖ ରେଫରୀର ଦାୟିତ୍ୱ ତୁଲାଇଥିଲେ। କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ, ଦେବେନ୍ଦ୍ର ବେହେରା ଓ ଲୋଚନ କାଣ୍ଡରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ବୟସ୍କ ନାଗରିକଙ୍କ ଦିବସ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଜିଲ୍ଲାସ୍ତରୀୟ ବୟସ୍କ ନାଗରିକଙ୍କ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମାରୋହର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଆଲୋଚକ ସୀତାରାମ ବିର୍ତ୍ତିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ, ଡ.ରାଧାରମଣ ବିର୍ତ୍ତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ବାଲଗୋବିନ୍ଦ ମିଶ୍ର, ପ୍ରଫେସର ଟହଲୁ



ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବୟସ୍କ ନାଗରିକମାନଙ୍କୁ ସମାଜର ସ୍ତମ୍ଭ ଭାବେ ଅଭିହିତ କରି ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ବରିଷ୍ଠ ନାଗରିକମାନଙ୍କ ପ୍ରତି ଯେକୌଣସି ଅନ୍ୟାୟ, ଅସୁବିଧାକୁ ପ୍ରତିହତ କରିବା ପାଇଁ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ହିନ୍ଦୁ ଆଇନ, ହିନ୍ଦୁ ଆଡପସନ ଓ ମେଣ୍ଟେନାନ୍ସ ଆଇନ ଓ ଘରୋଇ ହିଂସା ସମ୍ପର୍କିତ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କ୍ଷେତ୍ର ସ୍ତରରେ ବରିଷ୍ଠ ନାଗରିକମାନଙ୍କ ନିକଟରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବାକୁ ଧ୍ୟାନ ଦିଆ ଯାଉଥିବା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ବିର୍ତ୍ତିଆ ବର୍ତ୍ତମାନର ସମାଜରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ ବୋଲି କହିଥିଲେ। ଡ.ବିର୍ତ୍ତିଆ ବୟସାଧିକ୍ୟ ଜନିତରୋଗ ତଥା ବିଭିନ୍ନ ଅସୁବିଧାର ସମାଧାନ ପାଇଁ ବରିଷ୍ଠ ନାଗରିକ ମାନେ ନିୟମିତ ଯୋଗାଭ୍ୟାସ, ସନ୍ତୁଳିତ ଖାଦ୍ୟ ଗ୍ରହଣ ସହିତ ନିଜର ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତି ଯତ୍ନଶୀଳ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହାସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକଙ୍କ ପରିଚାଳନାରେ ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ସଂଯୁକ୍ତା ମେହେର, ସୁରମା ବେସନ, ପ୍ରଜ୍ଞା ମିଶ୍ର, ଆରତିବାଇ ସାଂଘାଇ, ଅଙ୍କିତା ବେହେରା, ଶାନ୍ତିରଞ୍ଜନ ଦାସ, ଆଲିଶ ପଟେଲ, ରାଜେଶ ସେଠ ଓ ଧିରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ପୌରପରିଷଦ କାଉନସିଲ ବୈଠକ

# ପରିମଳ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ




ଝାରସୁଗୁଡ଼ା, ୧୧।୧୦(ସମିସ)

ଝାରସୁଗୁଡ଼ା ପୌର ପରିଷଦ ସଭା ଗୃହରେ ୧୫ ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି। ପୌରାଧକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନତିମୂଳକ ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ୱାର୍ଡର ସଦସ୍ୟମାନେ ଉପସ୍ଥିତ ରହି ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ।୧୪ ରୁ ୮ ଟି ଏଲସିଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ବେଳେ ଚାର୍ଜର ଅଭାବରୁ ସମସ୍ତ ୧୪ ଟି ବିଓଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଘରକୁ ଘର ଯାଇ ଅଳିଆ ସଂଗ୍ରହ ପାଇଁ ୧୦ଟି ବିଓଭି ଗାଡ଼ି ଓ ୧୦ଟି ଏଲସିଭି ଗାଡ଼ି ଭଡ଼ା ସୂତ୍ରରେ ନିୟୋଜିତ କରିବା ପାଇଁ ଗତ ଅଗଷ୍ଟ ୮ ତାରିଖରେ ହୋଇଥିବା ୧୪ତମ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏନେଇ ଜିଲ୍ଲା ପ୍ରଶାସନର ଅନୁମତି ନ ମିଳିବାରୁ ଆଜି ପର୍ଯ୍ୟନ୍ତ ଟେଣ୍ଡର ହୋଇ ପାରିନଥିବା ଯୋଗୁଁ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ସମସ୍ତ କାଉନସିଲର। ବୈଠକରେ ଉପନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ, ବିଭିନ୍ନ ୱାର୍ଡ ର କାଉନସିଲ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଇଏଏସ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି ପ୍ରମୁଖଙ୍କ ସହ ମୁଖ୍ୟଯନ୍ତ୍ରୀ ସିମାଞ୍ଚଳ ଦାସ, କନିଷ୍ଠ କିରାଣୀ ସୁବ୍ରତ ସରାଫ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲମଟିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ଶନିବାର ରାମପୁର କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ୮ଟି ବିଦ୍ୟାଳୟର ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଟାଭଟାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃତାର୍ଥ ସେଠ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନି ଉତ୍ସବରେ ରାଜକିଶୋର ଜେନା ସମ୍ମାନିତ ଅତିଥି ଭାବେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ରାମପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସୁଜିତ ପ୍ରଧାନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲମଟିବାହାଲ କ୍ଲଷ୍ଟରର ସିଆରସିସି ଦେବଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ

ଭବାନୀପାଟଣା,୧୧।୧୦(ସମିସ):ସ୍ଥାନୀୟ ତାରିଣୀ ମନ୍ଦିରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୋପବନ୍ଧୁ ଦାସ ଜଣେ ସମାଜ ସେବକ,ରାଜନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ ଥିଲେ, ତାଙ୍କର ଭାତୃଭାବ ଓ ରାଷ୍ଟ୍ରଭକ୍ତି ଆଜି ଯୁବପିଢି ପାଇଁ ପ୍ରେରଣା ଦେବ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ଼.ଶିବରାମ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇବକ୍ତବ୍ୟ ରଖିଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍କଳମଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

**ଧର୍ମଗଡ଼:** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣଙ୍କ ଦ୍ୱାରା ଧର୍ମଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଡ଼ାକେଶ୍ୱର ଲହଜଳ,ସୌମ୍ୟ ରଂଜନ ନାଏକ,ରାଜେନ୍ଦ୍ର ଭୋଇ,ଜଗ ନାଏକ, ସୁଧୀର ଗୋପାଳ, ସନ୍ତୋଷପାଢ଼ୀ, ମହିରାଜ ପାଣିଗ୍ରାହୀ, ପଦ୍ମନ ବାଗ ପ୍ରମୁଖ ଯୋଗଦେଇଥିଲେ।

## ସାଲେପାଲିରେ ମୁରାସୁର ଦରବାର

ଡୁଙ୍ଗୁରିପାଲି,୧୧।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାଲେପାଲିରେ ୧୫ ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା କମିଟିର ସଦସ୍ୟ ଓ ମହିଳାମାନେ ସ୍ଥାନୀୟ ଶିବ ମନ୍ଦିରଠାରେ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ପୂଜାସ୍ଥଳରେ ସ୍ଥାପନ କରି ପୂଜା ଅର୍ଚ୍ଚନା କରିଥିଲେ। ପୂଜାରେ କର୍ତ୍ତା ଭାବେ ଦେବେନ୍ଦ୍ର ଖମାରୀ ଓ ତାଙ୍କ ପତ୍ନୀ କ୍ଷୀରେଶ୍ୱରୀ ଖମାରୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ପିଣ୍ଟୁ ମିଶ୍ର ଓ ସୁରେଶ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ଏହି ଅବସରରେ ମୁରାସୁର ଦରବାର ଅନୁଷ୍ଠିତ ହୋଇଥିଲା। ମୁରାସୁର ଭାବେ ମାୟାବରା ଗ୍ରାମର ଶୁଭମ୍ ଘିବିଲା, ବଲେନପାଲିର ସଦାନନ୍ଦ ମାଝୀ, ଗିଧମାଲ ଗ୍ରାମର ଚଉବନ ଭୋଇ, ମାନପୁର ଗ୍ରାମର ବିଦ୍ୟାଧର ମଟାରି ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

## ପିତାମହୁଲରେ କ୍ଲଷ୍ଟରସ୍ତରୀୟ ସୁରଭି

ବିରମହାରାଜପୁର,୧୧।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପିତାମହୁଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୁରଭି ଓଡ଼ିଶାର ଲୋକକଳା ୨୦୨୫ ବଡ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ନୃତ୍ୟ ଗୀତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ ପରିଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ ସଂଯୋଜକ କଉସ୍ତୁଭମଣି ଦାସ ଏବଂ ବରିଷ୍ଠ ସାମ୍ବାଦିକ ରାଜେଶ ସେଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କାର୍ତ୍ତିକ ନାଏକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ମିଳିତ ଏକାଭିମୁଖୀ ବୈଠକ

ବୌଦ୍ଧ,୧୧।୧୦(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ବିଭାଗର ମିଳିତ ଏକାଭିମୁଖୀ ବୈଠକ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ଉଭୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଯେଉଁ ସବସେଣ୍ଟର କୋଠାଗୁଡିକର ନିର୍ମାଣ କାର୍ଯ୍ୟ ସରିଯାଇଛି ସେଗୁଡିକର ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହିତ ମାତୃ ମୃତ୍ୟୁହାର କମାଇବା, ଏଏନସି ପଞ୍ଜିକରଣ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ଏଥିପାଇଁ ସମସ୍ତ ମାଆଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟିବିମୁକ୍ତ ପଞ୍ଚାୟତ, ଟିବିମୁକ୍ତ ୱାର୍ଡ ଗଠନ ପାଇଁ ବୈଠକରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମ୍ୟାଲେରିଆ ମୁକ୍ତ ପାଇଁ ଦମନ ଭଳି କାର୍ଯକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ସିକିଲ ସେଲ୍ ଟେଷ୍ଟ ପାଇଁ ସମସ୍ତଙ୍କୁ ବୁଝାଇବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମ୍ୟ କଳା ସଂଘର ଅର୍ଥ ଖର୍ଚ୍ଚ କରିବା ପାଇଁ ସମସ୍ତ ସିଡିପିଓଙ୍କ ସହଯୋଗ କାମନା କରାଯାଇଥିଲା।

## ଜିଲ୍ଲା ଉନ୍ନୟନ ସଂଯୋଜନା ଓ ସମନ୍ୱୟ କମିଟି ବୈଠକ

ବୌଦ୍ଧ,୧୧।୧୦(ସମିସ): ବୌଦ୍ଧ ଜିଲ୍ଲା ପରିଷଦ ପକ୍ଷରୁ ପଞ୍ଚାୟତ ଭବନରେ ଜିଲ୍ଲା ଉନ୍ନୟନ ସଂଯୋଜନା ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ଉନ୍ନୟନ ଓ ଅନୁଦାନର ବିନିଯୋଗ ସମୀକ୍ଷା କରା ଯାଇଥିଲା।

# ପଲିଥିନମୁକ୍ତ ସହର ପାଇଁ ବାଧକ ସାଜୁଛନ୍ତି ଠିକାଦାର

ନୂଆପଡା,୧୧।୧୦(ସମିସ): ସରକାର ସମଗ୍ର ଦେଶରେ ନୂଆପଡା ସମେତ ମୋଟ ୬ଟି ଜିଲ୍ଲାକୁ ଉଦାହରଣ ଭାବେ ପଲିଥିନ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଏହି ମର୍ମରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରଶାସନ ସହ ଜିଲ୍ଲାବାସୀ ଅଣ୍ଟା ଭିଡିଛନ୍ତି। ହେଲେ ଏଥିରେ ବାଧକ ସାଜିଛନ୍ତି ବିଭିନ୍ନ ନିର୍ମାଣକାରୀ ଠିକାସଂସ୍ଥା। ସହର ବଜାରମାନଙ୍କରେ କାମ ସାରି ପଲିଥିନ ବ୍ୟାଗ ଗୁଡିକୁ ଯେଣତେଣ ଜାଗାରେ ଫିଙ୍ଗି ଦେଉଥିବା ଅଭିଯୋଗ ହେଉଛି।ବିଶେଷ

### ଖବର ପାଇ ତୁରନ୍ତ ସଫେଇ କଲା ପ୍ରଶାସନ




କରି ଦୀପତଳ ଅନ୍ଧାର ନୀତିରେ ନୂଆପଡା ଜିଲ୍ଲା ସଦର ମହକୁମାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଠିକାସଂସ୍ଥା ଗୁଡିକ ଦ୍ୱାରା ରାସ୍ତାଘାଟ,ଘର ନିର୍ମାଣ ପରେ ପଲିଥିନ ବ୍ୟାଗ,ସିମେଣ୍ଟ ବସ୍ତା ଗୁଡିକୁ ଫିଙ୍ଗିଦେଉଥିବା ବେଳେ ସେମାନଙ୍କ ଉପରେ ପ୍ରଶାସନିକ ଯନ୍ତ୍ରୀ, ଅଧିକାରୀଙ୍କ ଅଙ୍କୁଶ କିମ୍ବା ପରାମର୍ଶ ରହୁନଥିବା ପରିଲକ୍ଷିତ ହେଉଛି। ଏଭଳି ଏକ ଦୃଶ୍ୟ ସ୍ଥାନୀୟ ଭିଜିଲାନ୍ସ ଅଫିସ ଗଳିରେ ଗୁରୁବାର ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ଧରି ଏନ୍‌ଏସିର ସଂପୃକ୍ତ ସୁପରଭାଇଜରଙ୍କ ଅଣଦେଖା ଯୋଗୁଁ କୁଡ କୁଡ କୁଡ ପଲିଥିନ ଯୁକ୍ତ ଆବର୍ଜନା ପଡିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ଏନ୍‌ଏସି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇଥିଲା। ପୂର୍ବାହ୍ନ ସାଢେ ୯ଟା ସମୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଯାଇ ସଫେଇ କରିଥିଲେ। ତେବେ ଏହାକୁ ଏନ୍‌ଏସି ତଥା ଜିଲ୍ଲାପ୍ରଶାସନ ଗୁରୁତ୍ୱର ସହ ନିଚାର କରି ସଂପୃକ୍ତ ଠିକାଦାରଙ୍କ ଉପରେ ନଜର ରଖି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି।

# ବୌଦ୍ଧ ଜିଲ୍ଲାସ୍ତରୀୟ ଦିଶା ବୈଠକ

ବୌଦ୍ଧ,୧୧।୧୦(ସମିସ): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରସ୍ଥିତ ପଞ୍ଚାୟତ ଭବନରେ ବୌଦ୍ଧ ଜିଲ୍ଲାସ୍ତରୀୟ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ନେଇ ସାଂସଦ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, ଜଳସେଚନ, ହସ୍ତତନ୍ତ, କେନ୍ଦୁପତ୍ର, ବନଖଣ୍ଡ, ମତ୍ସ୍ୟ ବିଭାଗ, ସମାଜ ମଙ୍ଗଳ, ଶିଳ୍ପ, ମଙ୍ଗଳ, ନିୟୋଜନ, ଜାତୀୟ ରାଜପଥ, ପାନୀୟଜଳ ଯୋଗାଣ, ଖାଉଟି ସୁରକ୍ଷା, ଉଠା ଜଳସେଚନ, ବିଦ୍ୟୁତ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ, ରୁରାଲ ହାଉସିଂ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନରେଗା ଯୋଜନା, ଲକ୍ଷପତି ଦିଦି ଆଦି ସମସ୍ତ ବିଭାଗକୁ ମିଳିଥିବା କେନ୍ଦ୍ରୀୟ ଅନୁଦାନ ଏବଂ ତାହାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା। ମିଳିଥିବା ଅନୁଦାନରେ ଚାଲୁଥିବା ପ୍ରକଳ୍ପଗୁଡିକ ତୁରନ୍ତ ସଂପୂର୍ଣ୍ଣ କରି କାର୍ଯକ୍ଷମ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହିତ ଯେଉଁ ପ୍ରକଳ୍ପଗୁଡିକ ଆରମ୍ଭ ହୋଇପାରିନାହିଁ ସେହି ପ୍ରକଳ୍ପର ଅନୁଦାନ ସରକାରଙ୍କୁ ଫେରାଇ ଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷାଋତୁ ପାଇଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଧିମେଇ ଯାଇଥିବାରୁ ସେହି ପ୍ରକଳ୍ପର କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଠାଜଳସେଚନ ଓ ବିଦ୍ୟୁତ ବିଭାଗ କାର୍ଯ୍ୟକ୍ରମ ଜିଲ୍ଲାରେ ଠିକ୍ ଭାବରେ ଚାଲିଥିବା, ସାର ଅଭାବ ଜିଲ୍ଲାରେ ଆଉ ନାହିଁ, ଚାଷୀ ପଞ୍ଜିକରଣ ଠିକ ଭାବେ ଚାଲିଥିବାରୁ ଅଭିଯୋଗ ଶୁଣାଣୀକୁ ସେ ସଂପର୍କିତ ଅଭିଯୋଗ ଆସୁ ନ ଥିବା ସୂଚନା ଦିଆଯାଇଥିଲା। ପିଏମ ସୂର୍ଯ୍ୟଘର ଯୋଜନାକୁ ତ୍ୱରାନ୍ୱିତ କରାଯିବା ଏବଂ ବିଦ୍ୟୁତିକରଣ କରିବା, ସ୍କୁଲ, ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତିକରଣ କରାଯିବା, ଜିଲ୍ଲାରେ ଚାଷୀ ପଞ୍ଜିକରଣ ଓ ସାର ସମସ୍ୟାର ସମାଧାନ ହୋଇପାରିଥିବାବେଳେ ହସ୍ତତନ୍ତ ବିଭାଗ ପକ୍ଷରୁ ବୁଣାକାର ପରିବାରମାନେ ଉପକୃତ ହେବା ଭଳି ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି, ମତ୍ସ୍ୟ ଓ ପଶୁ ସଂପଦ, କର୍ମ ନିଯୁକ୍ତି, ଶିଳ୍ପ, ଉଦ୍ୟାନ, ବନଖଣ୍ଡ ଓ ଜିବିକା ମିଶନ ପକ୍ଷରୁ ମିଳିତ ପ୍ରଚେଷ୍ଟାରେ ଲୋକମାନେ ଯେପରି ଆତ୍ମନିର୍ଭରଶୀଳ ହେବେ ସେ ନେଇ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୌଦ୍ଧଗଡ଼ ଏନଏସି ପକ୍ଷରୁ ଏକ ଲାଇବ୍ରେରୀ, ଭଲ ପାର୍କର ଆକ୍ସନ ପ୍ଲାନ ପାଇଁ ପ୍ରସ୍ତାବ ଦେବା ପାଇଁ ଶ୍ରୀ ପାଣିଗ୍ରାହୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଚାର୍ଲସ ନାଏକ, ସମସ୍ତ ବିଡିଓ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସରପଞ୍ଚମାନେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବୈଠକ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଧନ୍ୟବାଦ ଦେଇଥିଲେ। ୪ ମାସ ପରେ ଆଗାମୀ ଦିଶା ବୈଠକ ହେବ। କେନ୍ଦ୍ରୀୟ ଯୋଜନା ଏବଂ ଅନୁଦାନର ମନିଟରିଂ କରି ପ୍ରଧାନମନ୍ତ୍ରୀଙ୍କ ଆକାଂକ୍ଷୀ ଯୋଜନାର ସଫଳ ରୂପାୟନ ଏବଂ ଲୋକଙ୍କୁ ଆତ୍ମନିର୍ଭରଶୀଳ କରି ଅର୍ଥନୈତିକସ୍ତରରେ ଉନ୍ନତିକରଣ, ବିକଶିତ ଭାରତ ୨୦୪୭ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ସହ କାମ ଠିକ ଭାବରେ କରିବାକୁ ସାଂସଦ ଶ୍ରୀ ପାଣିଗ୍ରାହୀ ଏବଂ ବିଧାୟକ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ମାନବିକତା ଦୃଷ୍ଟିରୁ ବ୍ୟକ୍ତିଗତସ୍ତରରେ ଲୋକଙ୍କୁ ସାହାଯ୍ୟ କରି ରୁରାଲ ହାଉସିଂ ସ୍କିମରେ ଘର ଦେବା, ଓଡିଶା ଜୀବନ ଜୀବିକା ମିଶନରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଂକେଜ କରିବା, ଲକ୍ଷପତି ଦିଦିଙ୍କ ସଫଳତାର କାହାଣୀ ପ୍ରସ୍ତୁତ କରିବା, ବିଭିନ୍ନ ଟ୍ରେନିଂର ଟଙ୍କା ଅତିଶୀଘ୍ର ପେମେଣ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସାଂସଦ କ୍ରୀଡା ମହୋତ୍ସବ ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମିଳିତ ପ୍ରଚେଷ୍ଟା ଏବଂ ପ୍ରଚାର, ପ୍ରସାର ପାଇଁ ସାଂସଦ ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ।

## ସିନାପାଲିକୁ ଏନ୍‌ଏସି ମାନ୍ୟତା, ଦ୍ୱନ୍ଦ୍ୱରେ ଗୋଡାଳ ପଞ୍ଚାୟତବାସୀ

ସିନାପାଲି,୧୧।୧୦ (ସମିସ): ସିନାପାଲି ପଞ୍ଚାୟତ ଓ ଗୋଡାଳ ପଞ୍ଚାୟତକୁ ନେଇ ସିନାପାଲି ଏନ୍‌ଏସି ମାନ୍ୟତା ଦିଆଗଲା ବୋଲି ନୂଆପଡ଼ା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଦ୍ୱନ୍ଦରେ ରହିଛନ୍ତି ଗୋଡ଼ାଳ ପଞ୍ଚାୟତବାସୀ। ସିନାପାଲି ପଞ୍ଚାୟତରେ ସଦର ସିନାପାଲି ସମେତ କାପସି, ଯୁଗେନପଦର ରହିଥିବା ବେଳେ ଗୋଡାଳ ପଞ୍ଚାୟତର ଗୋଡାଳ, ମହଗାଁ, କୋଟାମାଳ,ବ୍ରାହ୍ମଣପଡ଼ା, ପଳସାପଡ଼ା, ଡଙ୍ଗରଗାଁ, ଖଳନା ଗ୍ରାମ ରହିଛି। ହେଲେ ଗୋଡାଳପଞ୍ଚାୟତର ପଳସାପଡ଼ା,ଡଙ୍ଗରଗାଁ ଓ ଖଲନା ଗାଁ ଗୁଡିକ ଏନ୍‌ଏସିରେ ଅନ୍ତର୍ଭୁକ୍ତ ହେବା ନେଇ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ସଂପୃକ୍ତ ଗ୍ରାମଗୁଡିକରେ ପଲ୍ଲୀସଭା କରାଯାଇଥିଲା ଓ ଏହି ତିନିଗୋଟି ଗ୍ରାମର ଜନସାଧାରଣଙ୍କ ସହମତି କ୍ରମେ ଦସ୍ତାବିଜ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ତାଙ୍କର ବକ୍ତବ୍ୟରେ ସିନାପାଲି ପଞ୍ଚାୟତ ଓ ଗୋଡାଳପଞ୍ଚାୟତକୁ ମିଶାଇ ନୂତନ ଏନ୍‌ଏସି ମାନ୍ୟତା ଦିଆଗଲା ବୋଲି ଘୋଷଣା କରିଥିଲେ। ହେଲେ ଗୋଡାଳପଞ୍ଚାୟତର କେଉଁ କେଉଁ ଗ୍ରାମ ଏଥିରେ ସାମିଲ ହେବ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ଗୋଡାଳପଞ୍ଚାୟତବାସୀ। ସିନାପାଲି ସହରକୁ ଲାଗି ରହି ଗୋଡାଳପଞ୍ଚାୟତର ପଳସାପଡ଼ା, ଡଙ୍ଗରଗାଁ ରହିଛି।ଏହି ଦୁଇଟି ଗାଁକୁ ଏନ୍‌ଏସି ଦାବି ହେବା ଦିନ ଠାରୁ ସାମିଲ ରହିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପରେ ଖଲନାଗ୍ରାମର ଜନସାଧାରଣ ଏନ୍‌ଏସିରେ ମିଶିବା ପାଇଁ ଲିଖିତ ଦେବା ପରେ ଉକ୍ତ ଗାଁକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ହେଲେ ଗୋଡାଳପଞ୍ଚାୟତର ୭ଟି ଗ୍ରାମ ମଧ୍ୟରୁ ଆହୁରି ୪ଟି ଗ୍ରାମ ରହିଛି। ଏହିସବୁ ଗ୍ରାମବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଉକ୍ତ ଗ୍ରାମ ଗୁଡିକରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ପଲ୍ଲୀସଭା କିମ୍ବା ଗ୍ରାମସଭା ପ୍ରଶାସନ ତରଫରୁ କରାଯାଇ ନାହିଁ। ଯାହାଫଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୋଡାଳ ପଞ୍ଚାୟତର ନାମ ନେଇ ସାମିଲ କରାଯାଇଥିବାର ଘୋଷଣା ପରେ ଦ୍ୱନ୍ଦ୍ୱରେ ରହିଛନ୍ତି। ଗୋଡାଳ ଗ୍ରାମ ସିନାପାଲି ସହର ଠାରୁ ଦେଢ଼ କିଲୋମିଟର ଦୂରରେ ଥିବା ବେଳେ ମହଗାଁ ୪ କିଲୋମିଟର, କୋଟାମାଳ ୫ କିଲୋମିଟର ଓ ବ୍ରାହ୍ମଣପଡ଼ା ଗ୍ରାମର ଦୂରତା ୭ କିଲୋମିଟର ରହିଛି। ତେବେ କେଉଁକେଉଁ ଗ୍ରାମକୁ ଏନ୍‌ଏସିରେ ଅନ୍ତର୍ଭୁକ୍ତ କରାଯାଇଛି ତାହା ଅସ୍ପଷ୍ଟ ରହିଛି। ଏହାକୁ ନେଇ ଜନସାଧାରଣ ସୋସିଆଲ ମିଡିଆରେ ମଧ୍ୟ କେଉଁ ଗ୍ରାମ ମିଶିଛି ବୋଲି ପ୍ରଶ୍ନ କରିଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନ ମଧ୍ୟ ଏହା ଉପରେ କୌଣସି ସଠିକ ତଥ୍ୟ ଦେଇ ପାରୁନାହିଁ।

# ପେନସନ୍‌ଗ୍ରାହୀ ସଂଘର ମାସିକ ବୈଠକ



କୋକସରା,୧୧।୧୦(ସମିସ):କୋକସରା ବ୍ଲକ୍ ପେନସନ୍ ଗ୍ରାହୀ ସଂଘର ମାସିକ ବୈଠକ କାଉଡୋଲାସ୍ଥିତ ଲୋକନାଥ କ୍ଲବ୍‌ରେ ଅନୁଷ୍ଠିତ ହୋଇଛି। ସଭାପତି ଲକ୍ଷ୍ମଣ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ। ସମ୍ପାଦକ ଶ୍ରୀନିବାସ ପ୍ରଧାନୀ ସ୍ୱାଗତ ଭାଷଣ ଦେବା ସହିତ ଗତ ବୈଠକର ବିବରଣୀ ପଠନ କରିଥିଲେ। ଉପଦେଷ୍ଟା ମିନକେତନ ପ୍ରଧାନୀ ଓ ବୁଟୁନାଥ ସରାବୁ ସଂଘର ବିଚାରଧାରା ଓ ଅତୀତର ଅନୁଭୁତି ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ନୂତନ ସଭ୍ୟ ସଂଗ୍ରହ କରିବା ସହିତ ବୃକ୍ଷରୋପଣ, ଡାକ୍ତରୀ ଚିକିତ୍ସା ଭଳି ଅନେକ ସାମାଜିକ କାର୍ଯ୍ୟ ହାତକୁ ନେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗରୁଡଧ୍ୱଜ ମାଝୀ, ଉପସଭାପତି ଧବଳେଶ୍ୱର ନାଗ, କୋଷାଧ୍ୟକ୍ଷ ଗଣେଶ ସତନାମୀ, ସହ ସମ୍ପାଦକ ମୁକ୍ତେଶ୍ୱର ପଟ୍ଟନାୟକ, ଡମ୍ବରୁଧର ସରାଫ, ଅଶୋକ ପୁଝାରୀ, ଲୋକନାଥ ମାଝୀ, କେଶବ ଚନ୍ଦ୍ର ନାଏକ, ମଧୁସୂଦନ ଧ.ମାଝୀ, ବ୍ୟାମକେଶ ପୁରୋହିତ ପ୍ରମୁଖ ଯୋଗଦେଇ ନିଜ ନିଜର ମତପ୍ରକାଶ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜୟପାଟଣା,୧୧।୧୦(ସମିସ): ଜୟପାଟଣା ବ୍ଲକ୍ ସିଦ୍ଦିକାଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ମାଝୀ ଅବସର ଗ୍ରହଣ କରିଛନ୍ତି। ଗୁରୁବାର ପ୍ରାଥମିକ ବିଦ୍ୟାଳୟରେ ଶ୍ରୀ ମାଝୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ବାଜା ରୋଷଣୀରେ ତାଙ୍କ ଘର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା।ଶ୍ରୀ ମାଝୀ ଦୀର୍ଘ ୩୫ ବର୍ଷ ଧରି ଶୃଙ୍ଖଳିତ ଭାବେ ଶିକ୍ଷକତା କରିଆସିଥିଲେ। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଚକ୍ରଧର ଧଙ୍ଗଡାମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୁବ୍ରତ ରଞ୍ଜନ ବେହେରା,ଶିକ୍ଷକ ପବିତ୍ର ମୋହନ ମାଝୀ ଓ ମୁଖ୍ୟବକ୍ତା ଭାବେ ସିଆରସିସି ଦେବାଶିଷ ପଣ୍ଡା ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଗୌରଚନ୍ଦ୍ର ଶବର,ଗୋପ ଶବର,ପଦ୍ମନ ଶବର,ତପନ କୁମାର ମାଝୀ,ନେତ୍ରମନି ନାଏକ, ସଦନ ମାଝୀ ସହ ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ଦୁର୍ଦ୍ଦିନ ଓ ଦୁଶ୍ଚିନ୍ତାରେ ଚାଷୀ

# ଧାନ ଫସଲରେ କମୁନି ରୋଗପୋକ ଆକ୍ରମଣ

ଲାଞ୍ଜିଗଡ଼,୧୧।୧୦(ସମିସ)

ଅମଳ ଋତୁ ପାଖେଇ ଆସୁଛି। ଚଳିତ ବର୍ଷ ଅନ୍ୟ ବର୍ଷ ଅପେକ୍ଷା ବର୍ଷା ଭଲ ହୋଇଛି, ଚାଷ ବି ଭଲ ହୋଇଛି। ଏବେ ଧାନ ଭଳି ଫସଲର ଅମଳ ସମୟ ପାଖେଇ ଆସୁଛି। ଧାନ ଫସଲରେ ଏକାଦିକ୍ରମେ ନାନାଦି ରୋଗପୋକ ଆକ୍ରମଣ ମଧ୍ୟ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଧାନ ଫସଲରେ ଏବେ କାଣ୍ଡବିନ୍ଧା ପୋକ,ପତ୍ରମୋଡ଼ା, ନଳୀପୋକ,ଚକଡ଼ା ପୋକ,ମହିଷା ରୋଗ,ବିପିଏଚ ରୋଗ ସହିତ ଅନ୍ୟାନ୍ୟ ରୋଗପୋକ ଆକ୍ରମଣରେ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି। ଧାନ ବାହାରିବା ସମୟରେ ରୋଗପୋକ ଆକ୍ରମଣ ଯୋଗୁଁ ଧାନ ପତ୍ର ହଳଦିଆ ଦେଖାଯିବା, ଶୁଖିଯିବା ଓ ପତ୍ରରେ ଧଳା କିମ୍ବା କଳା ଦାଗ ଦେଖାଦେଇଛି। ଚାଷୀମାନେ ଚାଷର ଅବସ୍ଥା ଦେଖି ମୁଣ୍ଡରେ ହାତ ମାରୁଥିବାବେଳେ



ଏହି ସମୟରେ ରାସାୟନିକ ସାର ଓ ବିଭିନ୍ନ କୀଟନାଶକର ଦରଦାମ ହଠାତ ବୃଦ୍ଧି ପାଇବା ଚାଷୀଙ୍କ ପାଇଁ କାଳ ସାଜିଛି। ବିଭିନ୍ନ ସ୍ଥାନରେ ଚାଷୀର ଆବଶ୍ୟକତାକୁ ଦେଖି କଳାବଜାର ମଧ୍ୟ ବୃଦ୍ଧି ପାଇଛି। ବଜାରରେ ମିଳୁଥିବା ବିଭିନ୍ନ କୀଟନାଶକ ଔଷଧ ଯଥା- ଏସିଫେଟ, ସରପଞ୍ଚ, ଡେସ, ଏମିଷ୍ଟେଟପ, ଏଣ୍ଡ୍ରୋକଲ, ନେଟୀଭୋ, ଭାଇଗୋ, ସୁପର- ଡି, ସାଫ, ନୋଟ, ମେଗନମ ଆଦିଗୁଡ଼ିକ ଏବେ ଚଢ଼ାଦାମରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଧାନ ମୁଖ୍ୟ ଫସଲ ହୋଇଥିବାବେଳେ ଚାଷୀଙ୍କ ଏହି ସମସ୍ୟା ପ୍ରତି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମଧ୍ୟ ସତେ ଯେମିତି ଆଖି ବୁଜି ଦେଇଛି। ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ସୂଚନା ଦେବା, ସଚେତନ କରିବା ସହିତ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ଲକ ତଥା ଗ୍ରାମାଞ୍ଚଳରେ କୃଷି ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ଥିବାବେଳେ ଚାଷୀର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନେ ମଧ୍ୟ ଧରାଛୁଆଁ ଦେଉନାହାନ୍ତି। ଏପରିକି ବିଭିନ୍ନ ରୋଗପୋକ ନିୟନ୍ତ୍ରଣ ପାଇଁ ବିଭାଗ ପକ୍ଷରୁ ସବସିଡିରେ ଔଷଧ ଓ କୀଟନାଶକ ଯୋଗାଇଦେବାର ବ୍ୟବସ୍ଥା ରହିଥିଲେ ହେଁ କୃଷି ବିଭାଗ ଚାଷୀ ସମସ୍ୟା ନଜରଅନ୍ଦାଜ କରିଚାଲିଛି।

ଦୁର୍ଦ୍ଦିନ ଓ ଦୁଶ୍ଚିନ୍ତା ମଧ୍ୟରେ ଚାଷୀମାନେ ହନ୍ତସନ୍ତ ହେଉଥିବାବେଳେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅବହେଳାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ସମୟ ଥାଉଁଣୁ ବିଭାଗ କିଛି ପଦକ୍ଷେପ ନନେଲେ ପୁଞ୍ଜିଭୂତ ଚାଷୀ ଅସନ୍ତୋଷ ଆନ୍ଦୋଳନର ରୂପ ନେଇପାରେ ବୋଲି ଆଶଙ୍କା ସୃଷ୍ଟି ହେଉଛି।

## ଲାଞ୍ଜିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି'



ଲାଞ୍ଜିଗଡ,୧୧।୧୦(ସମିସ):ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ କ୍ଲଷ୍ଟର ସଂଯୋଜକ ଏମଏସ ଶେଖର,ଲାଞ୍ଜିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ମହାକୁଡ଼, ତ୍ରିଲୋଚନପୁର ଉନ୍ନତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିକ୍ରମ ମାଝୀ ଓ ମନୋଜ କୁମାର ମହାକୁଡ଼ ପରିଚାଳନା କରିଥିଲେ। ମନୋଜ କୁମାର ମହାଖୁଡ,ନରେନ୍ଦ୍ର ମାଝୀ, ମୋହନ ସିଂ ବାଗ, ଦୁର୍ଗା ମାଧବ ମହାକୁଡ, ସୁଜାତା ଦାସ, ବିହାରୀ ମାଝୀ, ଯଦୁମଣି ନାଏକ, ସୁଜାତା ଦାସ, ସୋନାଲି ବେହେରା,ମୋନାଲିସା ମହାପାତ୍ର, ଜ୍ୟୋତିର୍ମୟୀ ମଲ୍ଲିକ,ବିଷ୍ଣୁ ପ୍ରସାଦ ରାଉତ, ବିନୋଦ ବାତ୍ରା , ନାଗେଶ୍ୱର ସା, ଅମିତ ସ୍ୱାଇଁ, ସୁସାନ୍ତ ମଲ୍ଲିକ, ସୁନୀଲ କୁମାର ମଲ୍ଲିକ, କ୍ଷୀରୋଦ କୁମାର ମଲ୍ଲିକ, ଅନନ୍ତ ମାଝୀ, ପ୍ରଭାତୀ ମଲ୍ଲିକ, ସୀତା ରାଉତ, କୁମୁଦ ପୁଟେଲ, ଡମ୍ବରୁଧର ସାହୁ, ହିରଣ୍ୟ କୁମ୍ଭାର, କାର୍ତ୍ତିକ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ପାଇଥିବା ଦୁଇଜଣ ଶିକ୍ଷକ ବିନୋଦ ବାତ୍ରା ଏବଂ ନାଗେଶ୍ୱର ସାଙ୍କୁ ଲାଞ୍ଜିଗଡ କ୍ଲଷ୍ଟର ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଏବଂ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧୭ଟି ବିଦ୍ୟାଳୟର ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରତିଯୋଗିତାରେ ବିଜେତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋତ କଲେଜରେ ରସକଲ୍ଲୋଳ ଆଲୋଚନାଚକ୍ର



ବଲାଙ୍ଗିର,୧୧।୧୦(ସମିସ ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ "ମଧ୍ୟଯୁଗୀୟ କାବ୍ୟ ଚେତନାରେ ଦୀନକୃଷ୍ଣଙ୍କ ରସକଲ୍ଲୋଳ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ପ୍ରମୋଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ମାମୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏଥିରେ ଅଧ୍ୟାପକ ବାମଦେବ ମେହେର, ଡକ୍ଟର ସୋମନାଥ ପଧାନ ଓ ଡକ୍ଟର ଲିଙ୍ଗରାଜ ମେହେରଙ୍କ ସମେତ ଜୋସ୍ନା ଭୋଇ, ମୋହନ ପଣ୍ଡା, ତନ୍ମୟ ସା, ସଞ୍ଜୀବ ତ୍ରିପାଠୀ, ଯଶୋବନ୍ତ ସାହୁ, ଅମିତ ପଟେଲ, ଦେବ୍ୟାନୀ ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମାନସିକ ଦିବସ



ବଲାଙ୍ଗିର,୧୧।୧୦(ସମିସ ): ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଶ୍ୱ ମାନସିକ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମଟି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନମିତା ମିଶ୍ର (ଭାରପ୍ରାପ୍ତ ଅଧିକାରୀ)ଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସେକ୍ରେଟାରୀ ପବିତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ ମାନସିକ ରୋଗୀର ଅଧିକାର ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି, ମାନସିକ ରୋଗ ଲକ୍ଷଣ ଓ ନିରାକରଣ ଉପରେ ଉପସ୍ଥାପନ କରିଥିଲେ। ପୂର୍ବତନ ମାନସିକ ବିଭାଗର ପରି.ଳକ ସୁଖୀଶ୍ୟାମ ତ୍ରିପାଠି, ମାନସିକ ରୋଗୀମାନଙ୍କ ସେବା ଓ ଥଇଥାନ ବିଷୟରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଭୀମ ଭୋଇ ମେଡିକାଲ କଲେଜ ମାନସିକ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଡା. ଆଶୀର୍ବାଦ ଶତପଥୀ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅନିଲ ନାୟକ, ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ଅଧ୍ୟକ୍ଷା ବିନୋଦିନୀ ଦାସ, ଜିଲ୍ଲା ଅବକାରୀ ବିଭାଗର କର୍ମ.ରୀ ବୃନ୍ଦ, ଜିଲ୍ଲା ଆରକ୍ଷୀ ବିଭାଗର କର୍ମ.ରୀ, ରେଡକ୍ରସ ସଦସ୍ୟ, ସରକାରୀ ନର୍ସିଂ ବିଦ୍ୟାଳୟ ଛାତ୍ରୀ ଓ ଅଧ୍ୟାପିକା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେବକ ଓ ସେବିକା ଏବଂ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଜିଲ୍ଲା ନିଶା ନିବାରଣ କେନ୍ଦ୍ରର ସଦସ୍ୟ ଉପସ୍ଥିତ ଥିଲେ। ମାନସିକ ସାମାଜିକ କର୍ମୀ ମଳୟ ନାଗ ସଭା ପରି.ଳନା କରିଥିଲେ। ଏହି ଦିବସ ଉପଲକ୍ଷେ ଏକ ରାଲି ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଶେଷରେ କ୍ଲିନିକାଲ ସାଇକୋଲୋଜିଷ୍ଟ ସୁଶ୍ରୀ ପ୍ରିୟା ପ୍ରତୀକ୍ଷା ଧାରୁଆ ଧନ୍ୟବାଦ ଦେଇଥିଲେ।

## ଅସିଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



ବଲାଙ୍ଗିର,୧୧।୧୦(ସମିସ ): ସ୍ଥାନୀୟ ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସଠାରେ ଦିନିକିଆ ଜିଲ୍ଲା ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜରୁ ଶହେରୁ ଅଧିକ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରୁ ୨୪ ଜଣ ଖେଳାଳି ମନୋନୀତ ହେବେ। ସେମାନେ ନଭେମ୍ବରରେ ବଲାଙ୍ଗିରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଅସିଚାଳନା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ପ୍ରଦୀପ ପାତ୍ର ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବୁଦ୍ଧିରାଜ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

## ଖୁଣ୍ଟସମଲେଇ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ

ପାଟଣାଗଡ଼,୧୧।୧୦(ସମିସ ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଶିକ୍ଷା ବିଭାଗ ଅଧୀନ ଖୁଣ୍ଟସମଲେଇ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମୀନକେତନ ମେହେର, ସମ୍ମାନିତ ଅତିଥି ଭାବେ ମରୁଆଁ ସିଆରସିସି ଶଶୀଚନ୍ଦ୍ର ମେହେର, ସୁନାମୁଦି ସିଆରସିସି ଭାଗୀରଥି ସୁନା, କ୍ଲଷ୍ଟରର ପ୍ରଧାନଶିକ୍ଷକ ସତ୍ୟନାରାୟଣ ବେହେରା, ସନ୍ତୋଷ ବାଗ, ମୁରାରୀ ପ୍ରସାଦ ଶତପଥୀ, ବିଦ୍ୟାଳୟ ସଭାପତି ନବୀନ ମେହେର ଓ କ୍ଲଷ୍ଟର ଅଧୀନ ୧୩ଟି ବିଦ୍ୟାଳୟଗୁଡିକର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାଗୁଡିକରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଗାଇଡ଼ ଶିକ୍ଷକମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## କହିବ କାହାକୁ ଶୁଣିବ କିଏ

# ସୀମା ବହାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡରରେ ଠକେଇ

- କମ୍ପାନୀ ଓ ସରକାରୀ ଅଧିକାରୀ ଚୁପ୍
- ପ୍ରତି ସିଲିଣ୍ଡରରେ ୨ରୁ ୩ କେଜି ଗ୍ୟାସ୍ କମ୍
- ଅଭିଯୋଗ କଲେ ବି ଚାପିଦେଉଛନ୍ତି ବିତରକ, କମ୍ପାନୀ ଅଧିକାରୀ

ବଲାଙ୍ଗିର,୧୧।୧୦(ସମିସ): ବଲାଙ୍ଗିର ଜିଲ୍ଲାରେ ଘରୋଇ ରନ୍ଧନ ଗ୍ୟାସ୍ ବିତରଣ ବ୍ୟବସ୍ଥାରେ ବଡ ଜାଲିଆତି ଚାଲିଛି। ଓଜନରେ ଟାମ୍ପରିଂ କରି ଗ୍ୟାସ୍ ବିତରକ ମାଲେମାଲ ହେଉଥିବା ବେଳେ ହିତାଧିକାରୀ ଅସାବଧାନତା ଯୋଗୁ ଠକେଇର ଶିକାର ହେଉଛନ୍ତି। ଗୋଟିଏ ପଟେ ଗ୍ୟାସ୍ ଦର ବଢିଚାଲିଥିବା ବେଳେ ଅନ୍ୟପଟେ ଏଭଳି ଠକେଇ ହିତାଧିକାରୀଙ୍କୁ ଚିନ୍ତାରେ ପକାଇଛି। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଏହି ଠକେଇ କାରବାରରେ ସାମିଲ ଥିବା ନେଇ ଅଭିଯୋଗ ହେଉଛି। ବିଭାଗ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହିତାଧିକାରୀ ଏନେଇ କାହାକୁ ଅଭିଯୋଗ କରିବେ ସେ ବିଷୟରେ ମଧ୍ୟ ଜାଣି ପାରୁନାହାନ୍ତି। ଏଣୁ ବାଧ୍ୟ ହୋଇ ଚୁପ୍ ରହୁଛନ୍ତି।

କେନ୍ଦ୍ର ସରକାରଙ୍କ ଏକ ସଫଳ ଯୋଜନା ହୋଇଥିଲା ଉଜ୍ଜଳା ଯୋଜନା। ଏହି ଯୋଜନାରେ ମାଗଣାରେ ହିତାଧିକାରୀଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଥିଲା। ଏହି ଯୋଜନା ଲାଗୁହେବା ପରେ ରାଜ୍ୟରେ ଗ୍ୟାସ ସଂଯୋଗ ସଂଖ୍ୟା ବଢିବା ସହ ଗ୍ୟାସ ଉପରେ ନିର୍ଭର କରୁଥିବା ପରିବାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରେ ପାଖାପାଖି ୪ ଲକ୍ଷରୁ ଅଧିକ ପରିବାର ରୋଷେଇ ପାଇଁ ଗ୍ୟାସ ଉପରେ ନିର୍ଭର କରୁଥିବା ଜଣାପଡିଛି। ଗ୍ୟାସ ସିଲିଣ୍ଡର ଯୋଗାଇବା ପାଇଁ ମଧ୍ୟ ଏକାଧିକ କମ୍ପାନୀ ରହିଛନ୍ତି। କମ୍ପାନୀଗୁଡ଼ିକ ପକ୍ଷରୁ ବହୁ ସଂଖ୍ୟାରେ ବିତରକ ଓ ବିତରଣ କେନ୍ଦ୍ର ରହିଛି। ଏହି ସବୁ ଭିତରେ କିନ୍ତୁ ଜିଲ୍ଲାରେ ଗ୍ୟାସ ବ୍ୟବହାରକାରୀ ପ୍ରତିଦିନ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି।

ବିଶେଷତଃ ଦୁଇ ପ୍ରକାର ଗ୍ୟାସ ସଂଯୋଗ ଦିଆଯାଇଥାଏ। ଘରେ ବ୍ୟବହାର କରିବା ପାଇଁ ଘରୋଇ ଓ ବ୍ୟବସାୟରେ ବ୍ୟବହାର କରିବା ବ୍ୟବସାୟିକ ଗ୍ୟାସ ସଂଯୋଗ ବ୍ୟବସ୍ଥା ରହିଛି। ଘରୋଇ ଗ୍ୟାସ ସିଲିଣ୍ଡରରେ ୧୪.୨ କେଜି ଗ୍ୟାସ ରହିବା କଥା। ସିଲିଣ୍ଡର ସହିତ ଗ୍ୟାସ ପୂର୍ଣ୍ଣ ଥିବା ଟାଙ୍କିର ଓଜନ ପ୍ରାୟ ୨୯.୪ କେଜି ରହିବା କଥା। ସେହିପରି ବ୍ୟବସାୟିକ ସିଲିଣ୍ଡରର ମୋଟ ଓଜନ ପ୍ରାୟ ୪୫ରୁ ୫୦ କେଜି ଥିବା ବେଳେ ଏଥିରେ ୧୯ କେଜି ଗ୍ୟାସ୍ ରହିଥାଏ। ତେବେ ବିତରଣକେନ୍ଦ୍ରଗୁଡ଼ିକରେ ରହିଥିବା ଗ୍ୟାସ ସିଲିଣ୍ଡରର ମୋଟ ଓଜନ କମ୍ ରହୁଥିବା ଅଭିଯୋଗ ହୋଇଛି। ଗୋଟିଏ ଗୋଟିଏ ସିଲିଣ୍ଡରରେ ଦୁଇରୁ ତିନି କେଜି ଓଜନ କମ୍ ରହୁଥିବା ବେଳେ ସିଲିଣ୍ଡରରୁ ବିତରକମାନେ ଗ୍ୟାସ୍ କାଢି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଯେହେତୁ ସିଲିଣ୍ଡରଗୁଡିକ ଲୁହା ତିଆରି ତାହାର ଓଜନ କମିବା ଅସମ୍ଭବ। ଯଦି ସିଲିଣ୍ଡର ଓଜନ କମ୍ ରହୁଛି ତେବେ ନିହାତି ଭାବେ ସିଲିଣ୍ଡରରେ ଗ୍ୟାସ୍ କମ୍ ଥାଇପାରେ ବୋଲି କିଛି ବିତରକ କହିଛନ୍ତି। ଏହି କାରବାର ପ୍ରାୟତଃ ସବୁ ବିତରଣ କେନ୍ଦ୍ରରେ ଚାଲିଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ଲୋକେ ସିଲିଣ୍ଡର ଆଣିବା ସମୟରେ ଓଜନ କରନ୍ତି ନାହିଁ। ଏହା ଫଳରେ ଏହି ଠକେଇ ବିଷୟରେ ଜାଣିପାରନ୍ତି ନାହିଁ; କିନ୍ତୁ କିଛି ସଚେତନ ଗ୍ରାହକ ଓଜନ କରିବା ପରେ କମ୍ ଓଜନ ଥିବା ଗ୍ୟାସ ସିଲିଣ୍ଡର ବିଷୟରେ ଆପତ୍ତି ଉଠାଇଲେ ବିତରକ ଅନ୍ୟ ଏକ ସିଲିଣ୍ଡର ଦେଇ ଚୁପ୍ କରାଇ ମାମଲାକୁ ଚାପିଦେଇଥାନ୍ତି। ଅନ୍ୟପକ୍ଷରେ ଏନେଇ କିଛି ହିତାଧିକାରୀ ଗ୍ୟାସ କମ୍ପାନୀଗୁଡ଼ିକର ସେଲ୍ସ ମ୍ୟାନେଜରଙ୍କୁ ଅଭିଯୋଗ କରୁଥିବା ବେଳେ ସେମାନେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଗ୍ୟାସରେ ଠକେଇ ବିଷୟରେ ସରକାରୀ ସ୍ତରରେ କାହାକୁ ଅଭିଯୋଗ କରାଯିବ ସେନେଇ ମଧ୍ୟ ଅନେକ ଲୋକ ଜାଣିନାହାନ୍ତି। ଏହାଫଳରେ ଠକେଇର ଶିକାର ହୋଇ ମଧ୍ୟ ଲୋକେ ଚୁପ୍ ରହିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଏହିଭଳି ଠକେଇରୁ ଲୋକଙ୍କୁ ବଞ୍ଚାଇବା ପାଇଁ ଉଭୟ କମ୍ପାନୀ ଓ ସରକାରୀସ୍ତରରେ ନିୟମିତ ଯାଞ୍ଚ କରାଯିବା କଥା; କିନ୍ତୁ ଏନେଇ ଉଭୟ କମ୍ପାନୀ ଓ ସରକାରୀ ବାବୁମାନେ ଚୁପ୍ ରହିବା ଅସନ୍ତୋଷର କାରଣ ପାଲଟିଛି। ଜିଲ୍ଲାରେ ଏହିଭଳି ଠକେଇ ଅଭିଯୋଗ ବଢିଚାଲିଥିବା ବେଳେ ଯୋଗାଣ ବିଭାଗ ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ମୁରିବାହାଲ,୧୧।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଶିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ରଣାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋତିରାମ ମାଝୀଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ ପଡିହାରୀ ସମ୍ମାନିତ ଅତିଥି ଭାବେ ବାଙ୍କେଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ଆଡ଼ୁଯୁଆଡ, ସିହିନୀ ସରପଞ୍ଚ ବୀରବର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ମଞ୍ଜୁଶ୍ରୀ ରଣା, ଚନ୍ଦନ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଆନନ୍ଦିନୀ ଥନାପତି, ଅନୁପ୍ରିୟା ତାଣ୍ଡି, ବିନୋଦ ବାରିକ, ଜଗଦୀଶ ସୁନା, ଆଶିଷ ତ୍ରିପାଠୀ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଭରତ ଭୂଷଣ ମାଝୀ, ସୋମେଶ ବହିଦାର, ଉତ୍ତମ ରଣା, ଝୁନୁରାଣୀ ନନ୍ଦ, କୁସୁମ ନାଏକ, ରୋହିତ ନାଗ, ଶୁଭ୍ରାଂଶୁ ତାଣ୍ଡି, ସୁଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଲିଲୁମୋହନ ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ସରସ୍ୱତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ଜନ ସମ୍ପର୍କ ଅଭିଯାନର ସଂକଳ୍ପ ଓ ପଦଯାତ୍ରା



କଣ୍ଟାବାଞ୍ଜି,୧୧।୧୦(ସମିସ): ବଙ୍ଗୋମୁଣ୍ଡା ବ୍ଲକ୍ ଭାଲୁମୁଣ୍ଡା ପଞ୍ଚାୟତରେ ବଙ୍ଗୋମୁଣ୍ଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ଅଭିଯାନର ସଂକଳ୍ପ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଜେଡି ଯୁବ ନେତା ଡକ୍ଟର ଅମଜଦ ଖାନ ଯୋଗ ଦେଇଥିଲେ। ସେ ବିଜେପି ସରକାରର ଅପାରଗତା ବିଷୟରେ ଜନସଚେତନ କରିଥିଲେ। ଏହାସହ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ଜନକଲ୍ୟାଣ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ସଭାପତି ରାଧେଶ୍ୟାମ କେତକୀଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯୁବ ସଭାପତି ଭକ୍ତ ବନ୍ଧୁ ବେହେରା, ଓମ ରାଓ, ପ୍ରବିତ୍ର ରଣା, ଶରତ ବେହେରା ଦଳଗଞ୍ଜନ ବେହେରା, ବିନୋଦ ବେହେରା, ଚିତରଞ୍ଜନ ବେହେରା, ନିରାକାର ମେହେର, ବିବେକାନନ୍ଦ ପୁଟେଲ, ମୁକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବାଳିକା ଦିବସ



ତୁରେକେଲା,୧୧।୧୦(ସମିସ ): ତୁରେକେଲା କ୍ଲଷ୍ଟର ଅଧୀନ ତୁରେକେଲା ଆଶ୍ରମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପାର୍ଥବ ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ, ବିରଞ୍ଚି ଖର୍ସେଲ, ଶିକ୍ଷୟିତ୍ରୀ ସୁକାନ୍ତି ମାଝୀ, ଗୋପାଳ ଧରୁଆ, ଏଏନଏମ ସବିତା ନାଗ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବାଳିକାମାନେ ସକଳ ଶକ୍ତିର ଆଧାର। ସେମାନେ ଚେଷ୍ଟାକଲେ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ସ୍ୱାଦ ଚାଖିପାରିବେ ବୋଲି ବିଭିନ୍ନ ଉଦାହରଣ ଦେଇ ସିଆରସିସି ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ଅନନ୍ୟା ନାଗଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୫ଜଣ ଦାଦନ ଶ୍ରମିକ ସହ ଜଣେ ଶିଶୁ ଉଦ୍ଧାର

ଖପ୍ରାଖୋଲ,୧୧।୧୦(ସମିସ): ଲାଠୋର ପୁଲିସ୍ ଜଣେ ଶିଶୁ ସମେତ ୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ରାତିରେ ଲାଠୋର ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ତିନି ଜଣ ମହିଳା ଓ ଦୁଇ ଜଣ ପୁରୁଷ ସମେତ ଜଣେ ଶିଶୁ ଦାଦନ ଖଟି ଯାଉଥିବା ପ୍ରାଥମିକ ଛାନ୍‌ଭିନରୁ ଜଣା ପଡିଥିଲା। ଅଧିକ ଛାନ୍‌ଭିନ ପରେ କିଛି ଦାଦନ ଶ୍ରମିକ ବୁଡେନ୍ ଥାନା ଓ ତୁରେକେଲା ଥାନା ଅଞ୍ଚଳର ହୋଇଥିବା



ଜଣା ପଡିଥିଲା। ସମସ୍ତେ ହରିଶଙ୍କର ରେଳ ଷ୍ଟେସନରୁ ବିଜୟୱାଡ଼ା ଯାଉଥିଲେ। ତେବେ ସମସ୍ତ ଶ୍ରମିକଙ୍କୁ ତୁରେକେଲାର ମୋହନ ମାଝୀ ଚାଲାଣ କରୁଥିବା ଜଣାପଡିଥିଲା। ଦାଦନ ଦଲାଲ ଫେରାର ହୋଇ ଯାଇଥିବା ବେଳେ ସମସ୍ତ ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ଲାଠୋର ପୁଲିସ୍ ନିଜ ନିଜ ଘରକୁ ନେଇ ଛାଡି ଦେଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ଶଗଡ଼ଘାଟରେ ସୁରଭି କାର୍ଯ୍ୟକ୍ରମ



ଟିଟିଲାଗଡ଼,୧୧।୧୦(ସମିସ): ଟିଟିଲାଗଡ ବ୍ଲକ୍ ଶଗଡ଼ଘାଟ କ୍ଲଷ୍ଟରର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଶଗଡ଼ଘାଟଠାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଶଗଡ଼ଘାଟ କ୍ଲଷ୍ଟରର ସିଆରସିସି ସୁଶାନ୍ତ ରଥ, ଶଗଡ଼ଘାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ଭୋଇ ଏବଂ ସଂସ୍କୃତ ଶିକ୍ଷକ ଦିବ୍ୟରଞ୍ଜନ ପଣ୍ଡା ପ୍ରଥମେ ଅଗ୍ରପୂଜ୍ୟ ଗଣେଶଙ୍କଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସିଆରସିସି ସୁଶାନ୍ତ ରଥ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗତାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁଜିତ ନାଗ କରିଥିଲେ ମଞ୍ଚ ପରିଚାଳନା। ଶିକ୍ଷକ ଆଦିମୂଳ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦ ବିଦ୍ୱାନ ବ୍ରଜ ବିହାରୀଙ୍କ ଜୟନ୍ତୀ



ବଲାଙ୍ଗିର,୧୧।୧୦(ସମିସ): ଅଗ୍ରଣୀ ସମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ଆନୁକୂଲ୍ୟରେ ବଲାଙ୍ଗିରସ୍ଥିତ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ବିଶିଷ୍ଟ ଦାର୍ଶନିକ ବେଦ ବିଦ୍ୱାନ ବ୍ରଜ ବିହାରୀଙ୍କ ୧୦୫ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କିଶୋର ପାଣିଗ୍ରାହୀ, ଅଧିବକ୍ତା ଜୟକୃଷ୍ଣ ସାହୁ, ସମ୍ବାଦିକ ଅଖିଳ ଚନ୍ଦ୍ର ହୋତା, ସାମାଜିକ କର୍ମୀ ଅଶୋକ ମିଶ୍ର ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗ ଦେଇ ବେଦବିଦ୍ୱାନଙ୍କ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସାହିତ୍ୟ ସଭାରେ ନେତାଜି ସଂଗ୍ରାମୀ ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ଗୁରୁ ଡ. ଘାସିରାମ ମିଶ୍ର, ସାହିତ୍ୟିକ ସନାତନ ଠାକୁର ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦର ତ୍ରୈମାସିକ ମୁଖପତ୍ର ସୁଭାଷ ଚିନ୍ତନ ଦଶମ ସଂଖ୍ୟାକୁ ଅତିଥିମାନେ ଅନାବରଣ କରିଥିଲେ। ଅଶୋକ ମିଶ୍ର ପୁସ୍ତକକୁ ସମୀକ୍ଷା କରିଥିବା ବେଳେ ସାହିତ୍ୟିକ ସଂଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାନୁଟରେ ରାଷ୍ଟ୍ରୀୟ ପୋଷଣ ମାସ

ବେଲପଡା,୧୧।୧୦(ସମିସ): ଚଳିତ ବର୍ଷ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ଦେଶରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାମଗ୍ରୀକ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା ଏହି ମହତ୍ୱାକାଂକ୍ଷୀ ଯୋଜନା କୁପୋଷଣ ସମସ୍ୟାର ସମାଧାନ ପାଇଁ ଏକ ଲକ୍ଷ୍ୟଭିତ୍ତିକ ଉଦ୍ୟମ ଜାରି ରହିଛି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁପୋଷଣ ବିଷୟରେ ଚର୍ଚ୍ଚା କରିବା ସହିତ ସଚେତନତା ଅଭାବରୁ ଉଭୟ ଗରିବ ଓ ଧନୀ ଶ୍ରେଣୀର ପରିବାର ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି ବୋଲି ମତ ଦେଇଥିଲେ। ଦେଶର କୋଣ ଅନୁକୋଣରେ ପୁଷ୍ଟିସାଧନାର ବାର୍ତ୍ତା ପହଞ୍ଚାଇ ଶିଶୁମାନଙ୍କୁ ପରିପୂରକ ଖାଦ୍ୟ ଯୋଗାଣ, ସେମାନଙ୍କ ଚିକିତ୍ସା ଓ ସଂକ୍ରମଣରୁ ସୁରକ୍ଷା ପ୍ରଦାନ ହେଉଛି ପୋଷଣ ମାସ ପାଳନ କରିବାର ଉଦ୍ଦେଶ୍ୟ। ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ, କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପୁଷ୍ଟିସାଧନ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ କାନୁଟ ଗ୍ରାମରେ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବେଲପଡା ସିଡିପିଓ ବିଦ୍ୟୁତପ୍ରଭା ନାଗଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବରେ କାନୁଟ ସରପଞ୍ଚ ଅଶୋକ ପାଣିଗ୍ରାହୀ ଯୋଗଦାନ କରିଥିବା ବେଳେ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ, ଜନ ପ୍ରତିନିଧି ଯୋଗ ଉପସ୍ଥିତ ଥିଲେ।

# ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲା ବଡ଼ମାଲ ବିସ୍ଥାପିତ କମିଟି

ସଇଁତଲା,୧୧।୧୦(ସମିସ)




୧୯୮୫ ମସିହାରେ ପ୍ରାୟ ୨ ସହ ପରିବାରକୁ ବିସ୍ଥାପିତ କରି ବଲାଙ୍ଗୀର ଜିଲ୍ଲା ବଡ଼ମାଲଠାରେ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଦ୍ୱାରା ଗୋଳାବାରୁଦ କାରଖାନା ପ୍ରତିଷ୍ଠା କରାଯାଇଛି। ତେବେ ସେହି ସମୟରେ କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା; ହେଲେ କାରଖାନା ପ୍ରତିଷ୍ଠା ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ବି କିଛି ବିସ୍ଥାପିତ ନିଯୁକ୍ତିରୁ ବଞ୍ଚିତ ଅଛନ୍ତି। ତା ସହ କାରଖାନା ଦିନକୁ ଦିନ ଘରୋଇକରଣ ହେଉଛି। କାରଖାନାରେ ଏମଟିଏସ, ଫାୟାରମ୍ୟାନ, ଅଫିସ ବଏ ଓ ଅନ୍ୟାନ୍ୟ ବେସରକାରୀ ପଦବୀରେ ଲୋକେ ନିଯୁକ୍ତି ପାଉଛନ୍ତି। କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ବଞ୍ଚିତ କରାଯାଉଛି। ଅନେକ ଥର କାରଖାନା ପକ୍ଷରୁ ବିସ୍ଥାପିତଙ୍କୁ ଅଣଦେଖା କରାଯାଉଥିବା ନେଇ ପ୍ରଶାସନରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ ହୋଇଛି। ତଥାପି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ୨୦୧୭ ମସିହାରେ ବିସ୍ଥାପିତ ଆନ୍ଦୋଳନ ଏକ ତୀବ୍ର ରୂପ ନେଇଥଲା। ବଲାଙ୍ଗୀର ଡିଆରଡିଏ କନଫରେନ୍ସ ହଲରେ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥଲା। ବୈଠକରେ ଘରୋଇ ନିଯୁକ୍ତିରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ପ୍ରାଧାନ୍ୟ ଦିଆଯିବ। ତା ସହ ଏହାର ସମସ୍ୟାକୁ ନେଇ କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ଜଣାଇବା ପାଇଁ କାରଖାନାର ମହା ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବୈଠକ ପରେ ବି ବିସ୍ଥାପିତଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ତା ସହ ଘରୋଇ ସୁରକ୍ଷା କର୍ମୀଙ୍କୁ ହଟାଇ ଅବସରପ୍ରାପ୍ତ ସୈନିକଙ୍କୁ ଡିଜିଆର ଜରିଆରେ କାରଖାନାରେ ଭର୍ତ୍ତି କରାଯିବା ନେଇ ଘରୋଇ ସୁରକ୍ଷା କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ବଲାଙ୍ଗୀରର ତତ୍କାଳୀନ ଜିଲ୍ଲାପାଳ ଚାଞ୍ଚଳ ରାଣା ଓ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ହସ୍ତକ୍ଷେପ ପରେ ଡିଜିଆର ସ୍ଥଗିତ ହୋଇଥିଲା। ତେବେ ପୁଣି ଥରେ ବଡ଼ମାଲ ଘରୋଇ ସୁରକ୍ଷା କର୍ମୀଙ୍କୁ କାଢି ଡିଜିଆର ଲଗାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ବିସ୍ଥାପିତ କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ତେବେ ଏହାର ସମସ୍ୟା ନ ହେଲେ ତୀବ୍ର ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି ସାମୁଏଲ ନନ୍ଦ ଓ ଗଣ୍ଡପତ୍ରାପାଲି ସରପଞ୍ଚ ମନିଶ ସୁନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଖଣ୍ଡା ଧରି ଗାଁରେ ଆତଙ୍କ ଖେଳାଇଲେ ଯୁବକ

ଜୟପୁର, ୧୧।୧୦(ସମିସ)



କୋରାପୁଟ ଜିଲ୍ଲା ଜୟପୁର ସହରର ବେଢ଼ାସାହି ଠାରେ ଜଣେ ମଦ୍ୟପ ଯୁବକ ଖଣ୍ଡା ଧରି ଗତ ଦୁଇଦିନ ହେଲାଣି ସାହିରେ ଉନ୍ମତ୍ତ କାଣ୍ଡ ଘଟାଇଥିବାବେଳେ ଆଜି ସାହିବାସିନ୍ଦାଙ୍କ ସହାୟତାରେ ପୁଲିସ କାବୁ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଗ୍ରାମର ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଏହିପରି ସ୍ଥାନୀୟ ଗଙ୍ଗାମନ୍ଦିରର ଦେବୀଙ୍କ ପୂଜା କରାଯାଉଥିବା ଖଣ୍ଡା ବାହାର କରିବା ସହ ସାହିବାସିନ୍ଦା ଏବଂ ରାସ୍ତାରେ ଚାଲୁଥିବା ଲୋକ ମାନଙ୍କୁ ଆକ୍ରମଣ କରିଥିଲେ। ଆଜି ପୂର୍ବାହ୍ନରେ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଦୀର୍ଘ ୧ ଘଣ୍ଟାର କସରତ ପରେ ପୁଲିସ ସହାୟତାରେ ସାହି ବାସିନ୍ଦା ଉକ୍ତ ଉନ୍ମତକାଣ୍ଡ କରୁଥିବା ଅଭିଯୁକ୍ତ ମଦ୍ୟପ ଯୁବକ ମୋହନ କୁମାର ନାୟକ (୪୪) ଙ୍କୁ ଧରିବା ସହ ମାଡ଼ ମାରିଥିଲେ। ଏହିପରି ପୁଲିସ ଲୋକଙ୍କ ଗହଳିରୁ ଉନ୍ମତକାଣ୍ଡ କରୁଥିବା ଆକ୍ରମଣକାରୀ ଯୁବକଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣି ସନ୍ଧ୍ୟାରେ ହତ୍ୟା ଉଦ୍ୟମ ଏବଂ ମାରଣାସ୍ତ୍ରରେ ଆକ୍ରମଣରେ ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଉକ୍ତ ଯୁବକ ଗତକାଲି ଠାରୁ ଏହିପରି ସାହିବାସିନ୍ଦାଙ୍କ ସହ ଗଣ୍ଡଗୋଳ କରିବା ସହ ଆକ୍ରମଣ କରୁଥିଲେ। ଫଳରେ ସାହିବାସିନ୍ଦା ଏବଂ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣଲୋକଙ୍କୁ ଆକ୍ରମଣ କରିଥିଲେ। ଏହିପରି ଗତକାଲି ରାତିରେ ନିଜ ଗୃହରେ ପତ୍ନୀ ଏବଂ ଝିଅକୁ ମଧ୍ୟ ମାରଧର କରିଥିଲେ। ସାହିବାସିନ୍ଦାଙ୍କ ଠାରୁ ସୂଚନା ପାଇବା ପରେ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ବୁଝାସୁଝା କରିବା ସହ ଫେରିଥିଲେ। ଆଜି ପୁଣି ଭୋରରୁ ଯୁବକ ଉଠି ସାହି ବାସିନ୍ଦାଙ୍କ ସହ ଗଣ୍ଡଗୋଳ କରିବା ସହିତ ସ୍ଥାନୀୟ ଖୋଲାରହିଥିବା ମନ୍ଦିର ଭିତରେ ପ୍ରବେଶ କରିବା ସହ ପୂଜା କରାଯାଉଥିବା ମନ୍ଦିର ଖଣ୍ଡା ବାହାର କରିବା ସହ ସାହିର ସିମାଞ୍ଚଳ ଗନ୍ତାୟତ ଏବଂ ଚିହ୍ନୟ ସାହୁଙ୍କୁ ଆକ୍ରମଣ କରିଥିଲେ। ଏହିପରି ରାସ୍ତାରେ ଯାତାୟାତ କରୁଥିବା ବିଦ୍ୟାଳୟଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କୁ ଆକ୍ରମଣ କରିଥିଲେ। ଏହିପରି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ପରେ ସୂଚନା ପାଇ ଟାଉନଥାନା ପୁଲିସ ପକ୍ଷରୁ ଏସ.ଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ଏଏସଆଇ ସପନ ମିଶ୍ର ପୁଲିସ ଦଳକୁ ନେଇ ସେଠାରେ ପହଞ୍ଚିଥିଲେ। କିନ୍ତୁ ଉକ୍ତ ଉନ୍ମତକାଣ୍ଡ କରୁଥିବା ଯୁବକ ପୁଲିସକ ମଧ୍ୟ ଆକ୍ରମଣ କରିବାରେ ପଛାଇନଥିଲେ। ଏହିପରି ପୁଲିସର ବୁଝାସୁଝା ପରେ ନିଜ ଘରରୁ ବାହାରକୁ ଆସିବା ସହ ହାତରେ ଖଣ୍ଡା ଧରିଥିଲେ। କିନ୍ତୁ ପାଖକୁ ଗଲେ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିଲେ। ଶେଷରେ ପୁଲିସ ଉପସ୍ଥିତରେ ସାହି ବାସିନ୍ଦା ଚାରି ଆଡରୁ ଘେରି ଏକ ଠେଙ୍ଗାରେ ତାଙ୍କ ହାତକୁ

**● ୨ ଗୁରୁତର, ପୁଲିସ ସହାୟତାରେ କାବୁକଲେ ସାହିବାସିନ୍ଦା**
**● ଗାଁ ଠାକୁରାଣୀଙ୍କ ମନ୍ଦିରରୁ ଆଣିଥିଲେ ଖଣ୍ଡା**

ମାଡ଼ ମାରିବାର ତାଙ୍କ ଖଣ୍ଡା ତଳେ ପଡ଼ିଯାଇଥିଲା ଏବଂ ଏହାର ସୁଯୋଗ ନେଇ ସାହି ବାସିନ୍ଦା ଅଭିଯୁକ୍ତ ଯୁବକଙ୍କ ଉପରେ ମାଡି ବସିଲେ। ଏହିପରି ମାଡ ମାରିବା ଆରମ୍ଭ କରିଥିଲେ, କିନ୍ତୁ ପୁଲିସ ଉତ୍ତ୍ୟକ୍ତ ଲୋକଙ୍କ ଠାରୁ ବହୁତ କଷ୍ଟରେ ଅଭିଯୁକ୍ତ ଯୁବକଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣିଥିଲେ। ଅଭିଯୁକ୍ତ ଜଣେ ନିଶାଗ୍ରସ୍ତ ଯୁବକ ହୋଇଥିବା ବେଳେ ଗତ ଦୁଇଦିନ ହେଲାଣି ମଦ ପିଇନଥିବା ଯୋଗୁଁ ତାଙ୍କର ମାନସିକ ଅବସ୍ଥା ଠିକ ନଥିବା ନେଇ ପରିବାର ପକ୍ଷରୁ କୁହାଯାଇଛି।

**● ଡେପୁଟେସନ ଯାଇଥିବା ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବାକୁ ଦାବି**

## ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ



କୁନ୍ଦୁରା, ୧୧।୧୦(ସମିସ): କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ କଣ୍ଡାପଦର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଜୟନ୍ତୀ ଧାରୁଆଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରା ଯାଇଥିବା ପ୍ରତିବାଦରେ ଆଜି ସ୍କୁଲରେ ତାଲା ପକାଇଛନ୍ତି ପରିଚାଳନା କମିଟି ଓ ଗ୍ରାମବାସୀ। ଆଜିକୁ ୭ ମାସ ହେଲା ଅନ୍ୟ ସ୍କୁଲରେ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗିଙ୍କୁ ଦୁଇଥର ଲିଖିତ ଅଭିଯୋଗ ପରେ ବି ଡେପୁଟେସନ ଯାଇଥିବା ଶିକ୍ଷୟତ୍ରୀଙ୍କୁ ଫେରାଇଅଣାଗଲା ନାହିଁ। ଏହାର ପ୍ରତିବାଦରେ ଆଜି ସ୍କୁଲରେ ତାଲା ଦେଲେ ଗାଁ ଲୋକେ। ଖବର ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା ଘଟଣା ସ୍ଥଳରେ ପହଞ୍ଚି ଗାଁ ଲୋକଙ୍କୁ ବୁଝାସୁଝା କରିବା ସହ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିଲା। ତାଲା ଖୋଲିବା ସମୟରେ ସ୍ଥାନୀୟ ସି ଆର୍ ସି ସି ସଞ୍ଜୟ ସାମନ୍ତରାୟ, ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ଉପ ସଭାପତି ରାକେଶ ଚନ୍ଦ୍ର ଗୁରୁ, ପ୍ରଧାନ ଶିକ୍ଷକ ଗୁପ୍ତ ଚନ୍ଦ୍ର ଭୁଏ, ପୂର୍ବତନ ସରପଞ୍ଚ ପୂର୍ଣ୍ଣ ସାନ୍ତା, ସ୍କୁଲ ସଭାପତି, ଭଜମନ ସାନ୍ତା, ଏବଂ ଗ୍ରାମବାସୀ ପ୍ରମୁଖ ଉପସ୍ଥିତି ଥିଲେ।

**● ନିର୍ମାଣ ହେବାର ୬ ମାସ ଯାଇନି**

## ବର୍ଷାରେ ଭୁଶୁଡ଼ିଗଲା ଗାର୍ଡୱାଲ; ଗ୍ରାମବାସୀ ଖପ୍ପା

ପୋଡ଼ାଗଡ଼, ୧୧।୧୦(ସମିସ): ନିର୍ମାଣ ହେବାର ୬ ମାସ ଯାଇନି, ବର୍ଷାରେ ଭୁଶୁଡ଼ିଗଲା ପୋଲର ଗାଡ୍‌ୱାଲ। ନିମ୍ନମାନର କାମ ଯୋଗୁଁ ବର୍ଷା ପାଣିରେ ନୂତନ ପୋଲର ଏହି ଗାଡ୍‌ୱାଲ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ଖପ୍ପା ହୋଇଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ନନ୍ଦି ଗାଁ ପଞ୍ଚାୟତ ଅଧୀନ ମଧୁବିଶାଳି ଗାଁକୁ ସଂଯୋଗ କରୁଥିବା ଚବେରି ନଦୀର ପୋଲ ପାଖରେ ଏଭଳି ଘଟଣା ଘଟିଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ୨୦୧୮ ଆର୍ଥିକ ବର୍ଷରେ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାଁ ଭଗବତୀ କନଷ୍ଟ୍ରକସନ ତଥା ଏନ୍ ବି ସି ସି ଏହି କାର୍ଯ୍ୟ ର ନିର୍ମାଣ ଦାୟିତ୍ୱ ନେଇଥିଲା। ଏହାର ଅଟକଳ ମୂଲ୍ୟ ୫ କୋଟି ଟଙ୍କା ବ୍ୟୟ ରେ ନିର୍ମାଣ ହୋଇ ଥିବା କୁହାଯାଉଛି। ଏହା ମଧ୍ୟ ବହୁତ ବିଳମ୍ବ ରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ବେଳେ ଗାର୍ଡୱଲ ଗୁଡ଼ିକ ଅତି ନିମ୍ନମାନର ଭାବେ କାମ କରି ଚାଲି ଗଲେ। ନିର୍ମାଣ କାର୍ଯ୍ୟ ଶେଷ ହୋଇ ମାତ୍ର ୬ ମଧ୍ୟରେ କାନ୍ଥ ଗୁଡ଼ିକ ଭୁଶୁଡ଼ି ପଡ଼ିଥିବାରୁ ଅଞ୍ଚଳବାସୀ କ୍ଷୁବ୍ଧ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଠିକାଦାରଙ୍କ ବିରୋଧରେ କାର୍ଯାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନ ହେଲେ ନିମ୍ନମାନର କାର୍ଯ୍ୟ କୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରାସ୍ଥ ହେବେ ବୋଲି ଯୁବ ନେତା ସଞ୍ଜୀବ କୁମାର ମୁଦୁଲି, ସଦାଶିବ ଗଉଡ଼, ଲୋଚନ ମୁଦୁଲି, ପରମ ନାୟକ ସମେତ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ନନ୍ଦି ଗାଁ ଛକ ଠାରୁ ମଧୁବିଶାଳି କୁମୁଣ୍ଡା ଗୁଡା, ତେନ୍ତୁଳି ଗୁଡ଼ା, ସଲପ ଗୁଡା ପ୍ରଭୃତି ଗାଁ ସଂଯୋଗ କରିଛି। ଏହି ରାସ୍ତା ବ୍ୟତୀତ ଗାଁ ଲୋକଙ୍କୁ ଆଉ ଯିବା ଆସିବା ସୁବିଧା ନାହିଁ। ତେଣୁ ସେମାନେ ଏକ ପ୍ରକାର ଚିନ୍ତାରେ ପଡ଼ିଛନ୍ତି। ହାଟ ବଜାର ଠାରୁ ଆରମ୍ଭ କରି ଡାକ୍ତରଖାନା, ସ୍କୁଲ କଲେଜ ଏହି ପୋଲ ରାସ୍ତା ଦେଇ ଯାତାୟତ କରୁଥିବା କୁହାଯାଉଛି।

## ବୈପାରୀଗୁଡ଼ା ବିଡିଓ ଭାବେ ଯୋଗ ଦେବେ ସୁବ୍ରତ ସାହୁ

ବୈପାରୀଗୁଡ଼ା, ୧୧।୧୦(ସମିସ): ବୈପାରୀଗୁଡ଼ା ବିଡିଓ ଭାବେ ଯୋଗ ଦେବେ ସୁବ୍ରତ କୁମାର ସାହୁ। ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳବିଭଗ ବିଭାଗ ଚିଠି ନମ୍ବର - ୨୭୬୦୭ /ପିଆର୍/ଡିଡବ୍ଲ୍ୟୁ / ୧୦-୧୦-୨୦୨୫ ଅନୁଯାୟୀ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଚିଠିରେ କୋରାପୁଟ ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁଙ୍କୁ ବୈପାରୀଗୁଡ଼ା ବିଡିଓ ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି। ଦୀର୍ଘ ଦିନର ଦାବୀ ପୂରଣ ହେବା ପରେ ବୈପାରୀଗୁଡା ଅଞ୍ଚଳର ଜନ ପ୍ରତିନିଧି ଏବଂ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ପୂର୍ବରୁ ବିଡିଓ ଅଭିମନ୍ୟୁ କବି ଶତପଥି ଗତ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇନାହାନ୍ତି। ଏଥିଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପରେ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯଇଥିଲା। ତେବେ ସେ ଦୁଇ ଦୁଇଟି ଦାୟିତ୍ୱ ତୁଳାଉ ଥିବାରୁ ସେ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନଥିଲେ। ଫଳରେ ଜନସାଧାରଣ ନାହିଁଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।



## ବେକରେ ଓଢ଼ଣି ଦେଇ ନାବାଳିକାଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା, ୧୧।୧୦(ସମିସ): ବେକରେ ଓଢ଼ଣି ଦେଇ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳିକା ହେଲେ ରେଶମ୍ମା ରାଣୀ ରାଉତ (୧୬)। ବୈପାରିଗୁଡା ସଦର ମହକୁମାସ୍ଥିତ ବୀରଖମ୍ବ ସାହିର ବୁଦ୍ଧୁ ରାଉତଙ୍କ ଝିଅ ରେଶମ୍ମା ରାଣୀ ବୈପାରିଗୁଡ଼ା ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ପ୍ରତିଦିନ ଭଳି ଗତକାଲି ମଧ୍ୟ ସେ ସ୍କୁଲରୁ ଘରକୁ ଫେରିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଘର କବାଟ ବନ୍ଦ କରି ଘର ଭିତରେ ରହିଥିଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକ କବାଟ ତାଡ଼ି ଦେଖିବା ବେଳକୁ ରେଶମ୍ମା ରାଣୀ ନିଜ ଓଢ଼ଣି ଦେଇ ଘରର ଲୁହା ଏଙ୍ଗଲେରରେ ଝୁଲି ପଡ଼ିଥିଲେ। ତୁରନ୍ତ ପରିବାର ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈପାରିଗୁଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କୋଲାବରେ ବୁଡ଼ି ମାଛ ଧରାଳିଙ୍କ ମୃତ୍ୟୁ

କୁନ୍ଦୁରା, ୧୧।୧୦(ସମିସ): କୁନ୍ଦୁରା ବ୍ଲକ ଫୁପୁଗାଁ ଗ୍ରାମ ପଞ୍ଚାୟତ ନିକଟସ୍ଥ କୋଲାବ ନଦୀରେ ବୁଡ଼ି ଜଣେ ମାଛ ଧରାଳିଙ୍କ ମୃତ୍ୟୁ ଘଟିଛି। ମୃତକ ଆସନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁରୁଗୁଡା ଗ୍ରାମର ସନା ଦୁରୁଆ (୧୯) ବୋଲି ଜଣାପଡ଼ିଛି। କୁନ୍ଦୁରା ଥାନା ତଦନ୍ତକାରି ଅଧିକାରୀ ସ୍ୱରୂପା ମଲ୍ଲିକଙ୍କ ସୂଚନା ପ୍ରକାରେ ପ୍ରତି ଦିନ ଭଳି ଆଜି ମଧ୍ୟ ସନା ନଦୀକୁ ମାଛ ଧରିବାକୁ ଯାଇଥିଲେ। ତାଙ୍କ ସହ ଅନ୍ୟ ୮ ଜଣ ମଧ୍ୟ ଥିଲେ। ହେଲେ ଆସାବଧାନତା ଯୋଗୁଁ ସନା ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରୁଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ଦେଇଛି।

## ପରିବା ଗାଡ଼ିରେ ଗଞ୍ଜେଇ ଚଲାଣ; ୩ ଗିରଫ

ବୈପାରିଗୁଡ଼ା, ୧୧।୧୦(ସମିସ): ବୈପାରୀଗୁଡ଼ା ବ୍ଲକ କୁରୁଲୁଗାଡ଼ ଛକରେ ପରିବା ବୋଝେଇ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଧରିଛି ପୁଲିସ। ପୁଲିସ ଚଢ଼ଉ କରି ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ସହ ଗାଡ଼ି ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ତିନି ଜଣଙ୍କ ମଧ୍ୟରୁ ଜଣେ ନବରଙ୍ଗପୁର ଜିଲ୍ଲାର ରାଇଘର ଥାନା ଅଞ୍ଚଳର ରାଜୁ ମଣ୍ଡଳ ଏବଂ ଦୁଇଜଣ ଉତ୍ତରପ୍ରଦେଶର କ୍ରିଷ୍ଣା ସିଂ ଓ ହ୍ରିତିକ୍ ଚହ୍ୱାନ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ବାଲିମେଳାରୁ ଗୋଟିଏ ପରିବା ବୋଝେଇ ଟାଟା ୨୦୭ ଗାଡ଼ିରେ ଭାୟା କୁଡୁମୁଲୁଗୁମ୍ମା, ବୈପାରିଗୁଡ଼ା ଦେଇ ଉତ୍ତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଧୀରେନ୍ଦ୍ର ବାରିକ ଏକ ଟିମ୍ ଗଠନ କରି କୁରୁଲୁଗାଡ଼ ଛକରେ ମାଡି ବସିଥିଲେ। ଅଭିନବ ଉପାୟରେ ପରିବା ଗାଡ଼ିରେ ଏଭଳି ଗଞ୍ଜେଇ ଚୋରା ଚଲାଣ ହେଉଥିଲା। ବୈପାରୀଗୁଡା ଥାନା କେସ ନମ୍ବର ୨୧୩/୨୫ ଅନୁଯାୟୀ ଗିରଫ ଅଭୁଯୁକ୍ତଙ୍କୁ କୋର୍ଟ ଚଲାଣ କରାଯାଇଛି।



## ଷ୍ଟେସନରୁ ଗଞ୍ଜେଇ ଚାଲାଣକାରୀ ଗିରଫ

ଜୟପୁର, ୧୧।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ରେଳଷ୍ଟେସନ ନିକଟରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଭିଯୁକ୍ତଙ୍କ ନିକଟରୁ ୪ କିଲୋଗ୍ରାମ ୧ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କେରଳ ରାଜ୍ୟର ତିରୁଅନ୍ତପୁରମର ଜିଲ୍ଲାର ପୁବାର ଥାନା କଲୁର ଗ୍ରାମର ବାସିନ୍ଦା ବାଇଜୁ ଜେମ୍ସ (୪୮)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଏଠାରୁ କୌଣସି ସ୍ଥାନରୁ ବେଆଇନ ଗଞ୍ଜେଇ କ୍ରୟ କରିବା ପରେ ବ୍ୟାଗରେ ଭର୍ତ୍ତି କରିବା ସହ ରେଳ ଯୋଗେ ବିଶାଖପାଟଣା ଏବଂ ସେଠାରୁ କେରଳକୁ ଟ୍ରେନ ଯୋଗେ ଚାଲଣ କରିବା ଉଦ୍ଦେଶ୍ୟରେ ଆସିଥିବା ନେଇ ଚଢ଼ଉର ନେତୃତ୍ୱ ନେଇଥିବା ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ସୂଚନା ଦେଇଛନ୍ତି।



## ଅବନୀ ତ୍ରିପାଠୀ ଓ ରାଜେନ୍ଦ୍ର ବିଷୋୟୀଙ୍କ ସ୍ମୃତି ଚାରଣ ସଭା

ନବରଙ୍ଗପୁର, ୧୧।୧୦(ସମିସ): ନବରଙ୍ଗପୁର ସହର ଅନ୍ତର୍ଗତ ତୃପ୍ତି ସମ୍ମିଳନୀ କକ୍ଷଠାରେ ନବରଙ୍ଗପୁର ଉତ୍କଳ ପରିଷଦ ଏବଂ ସମ୍ବାଦ ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ଅବନୀ କୁମାର ତ୍ରିପାଠୀ ଓ ରାଜେନ୍ଦ୍ର କୁମାର ବିଷୋୟୀଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ପରିଷଦର ସଭାପତି ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ପରିଷଦର ସମ୍ପାଦକ ତପନ କୁମାର ବିଷୋୟୀ ମଞ୍ଚ ସଂଯୋଜନା କରିଥିବାବେଳେ ଦୁଇ ଅନୁଷ୍ଠାନର ସମସ୍ତ ସଭ୍ୟ ସଭ୍ୟା ଯୋଗ ଦେଇ ଦୁଇ ସ୍ୱର୍ଗତ ସାହିତ୍ୟିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସର୍ବପ୍ରଥମେ ଦୁଇ ଦିବଂଗତ ସଭ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି କାମନା ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ଅନୁଷ୍ଠାନର ମୂଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅବନୀ ତ୍ରିପାଠୀ ଜଣେ ଦକ୍ଷ ଶିକ୍ଷକ ହେବା ସହ ଶିକ୍ଷାନୁଷ୍ଠାନର ମୁଖ୍ୟ ଭାବେ ସେ' ନିଜ ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ରଖୁଥିଲେ ଓ ଅନୁଷ୍ଠାନ ର ପରିଚ୍ଛନ୍ନତା ପ୍ରତି ସବୁବେଳେ ଦୃଷ୍ଟି ଦେଉଥିଲେ। ସେ' ନିଜ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଯଥେଷ୍ଟ ସମ୍ମାନ ଓ ଉତ୍ତମ ବ୍ୟବହାର କରୁଥିଲେ ଓ ଛାତ୍ର ଛାତ୍ରୀଙ୍କୁ ସବୁବେଳେ ସ୍ନେହ ଶ୍ରଦ୍ଧା କରିବାସହ ସେମାନଙ୍କ ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ ବୋଲି କହିଥିଲେ। ଶିକ୍ଷକ ଜୀବନରୁ ଅବସର ଗ୍ରହଣ ପରେ ସେ ସମାଜ ସେବା ରେ ନିଜକୁ ଜଡ଼ିତ କରି ରଖିଥିଲେ। ରାଜେନ୍ଦ୍ର ବିଷୋୟୀ ଜଣେ ନିଷ୍ଠାପର ବିଚାର ବିଭାଗ କର୍ମଚାରୀ ଥିଲେ, ଅବସର ପରେ ସେ ଆଇନଜୀବୀ ଭାବେ ପ୍ରାୟ ଦୁଇ ବର୍ଷ କାମ କରିଥିଲେ। ସେ ଜଣେ କବି ଭାବରେ ସାରସ୍ୱତ ସାଧନା ଜାରି ରଖିଥିଲେ। ଜଣେ ରାଷ୍ଟ୍ର ବାଦୀ, ହିନ୍ଦୁତ୍ୱ ବାଦୀ ଓ ସମାଜ ସେବୀ ଭାବେ ସେ ପରିଚିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନାଗରିକ କମିଟିର ସମ୍ପାଦକ ତଥା ଅଧିବକ୍ତା ରାମ ପ୍ରସାଦ ପାତ୍ର, ଯୁଗ୍ମ ସମ୍ପାଦକ ତଥା ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ରବିକାନ୍ତ ରଘୁରାମ, ଜଗନ୍ନାଥ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ଶଙ୍କର ବେହେରା, ଦାଶରଥି ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ।




**● ଓଭରଟେକ ହେଲା କାଳ**

## ଟ୍ରକ୍ ଚକତଳେ ପଡ଼ି ନାବାଳକ ସ୍କୁଟି ଚାଳକ ମୃତ

କୋରାପୁଟ, ୧୧।୧୦(ସମିସ): କୋରାପୁଟ ଟାଉନ ଥାନା ୨୬ ନଂ ଜାତୀୟ ରାଜପଥର ଭବାନୀ ନଗର ନିକଟରେ ଶନିବାର ସନ୍ଧ୍ୟାରେ ଟ୍ରକ୍ ଚକ ତଳେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଜଣକ ସେମିଳିଗୁଡ଼ା ସହରର ପ୍ରତାପ ଚନ୍ଦ୍ର ପାତ୍ରଙ୍କ ୧୭ ବର୍ଷୀୟ ପୁଅ ତେଜସ ପାତ୍ର ବୋଲି ଜଣାପଡ଼ିଛି। କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ମୃତ ତେଜସ୍ ଶନିବାର ସନ୍ଧ୍ୟାରେ ସ୍କୁଟି ଚଳାଇ କୋରାପୁଟ ଠାରୁ ସେମିଳିଗୁଡା ଫେରୁଥିବା ବେଳେ ଭବାନୀ ନଗର ନିକଟରେ ଏକ ଟ୍ରକକୁ ଓଭରଟେକ୍ କରୁଥିବା ବେଳେ ଚକ ସ୍ଲିପ ହେବାରୁ ସେ ଟ୍ରକ ସମ୍ମୁଖରେ ପଡ଼ି ଯାଇଥିଲେ ଓ ଟ୍ରକ ଚକ ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତେଜସଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ନିଆ ଯାଇଥିଲା କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ କୋରାପୁଟ ଟାଉନ ଥାନାରେ ଏକ ମାମଲା (କେଶ ନଂ ୨୫୨/୨୫) ରୁଜୁ କରି ଏଏସଆଇ ବାଳକୃଷ୍ଣ ରଥ ତଦନ୍ତ ଚଳାଇ ଥିବା ବେଳେ ଟ୍ରକ ଡ୍ରାଇଭର ଥାନାରେ ଅଟକ ରହିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।




## ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ପୋଡ଼ାଗଡ଼, ୧୧।୧୦(ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତର ସୁକୁରିଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସୁକୁରିଗୁଡ଼ା ଗ୍ରାମର ଲିଙ୍ଗୁ ଜାନି (୫୫), ତୁଳାବତି ସାଉଁତା (୬୦) ଓ ଜିରୀମ ଦିସାରି ମିଶି ଦାମନଯୋଡ଼ି କାଠ ବିକ୍ରି ନିମନ୍ତେ ଯାଉଥିଲେ। କାଠ ବିକ୍ରି କରି ସେଠାରୁ ପରିବାପତ୍ର ଆଣିଲେ ଘରେ ରୋଷେଇ ହୋଇଥାନ୍ତା। ମାତ୍ର ଆଲୁମିନିୟମ କାରଖାନାର ରେଡ୍‌ମଣ୍ଡ ଫଣ୍ଡ ନିକଟରେ ବଜ୍ରପାତ ହୋଇଥିଲା। ଫଳରେ ତିନିଜଣଯାକ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ଯୁବକ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମର କିଛି ଲୋକ ଆସି ମାଥାଲ ପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ଲିଙ୍ଗୁ ଜାନିଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇ ଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରନ୍ତ ଖବର ପାଇ କୋରାପୁଟ ସଦର ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପୋଡ଼ାଗଡ଼, ୧୧।୧୦(ସମିସ): ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସଦର ମହକୁମାରେ ଏକତା ନାମକ ଏନ୍‌ଜିଓ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପୋଡ଼ାଗଡ଼ ଅଞ୍ଚଳର ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏକତା ଅନୁଷ୍ଠାନ ତରଫରୁ ଅଶୋକ ମିଶ୍ର, ଦୀପ୍ତିମୟୀ ଜେନା, ସରସ୍ୱତୀ ମହାରଣା, ବିବାଦ ବାଘ ପ୍ରମୁଖ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଡ଼ାଗଡ଼ ପଞ୍ଚାୟତର ନିର୍ବାହୀ ଅଧିକାରୀ ଗଣେଶ କୁଳଦୀପ ଓ ରଞ୍ଜିତ ଖୋସଲା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

**ବାଲଡ଼ା ବକ୍ସାଇଟ ଖନନ ପ୍ରସଙ୍ଗ**

# ଦୁଇ ପଞ୍ଚାୟତରେ ବସିଲା ପଲ୍ଲୀସଭା

ନନ୍ଦପୁର, ୧୧।୧୦(ସମିସ)

ଗୁରୁବାର ବାଲଡ଼ା ଓ ଅତାଣ୍ଡ ଗ୍ରାମ ପଞ୍ଚାୟତରେ ବାଲଡା ପାହାଡ଼ ବକ୍ସାଇଟ ଖଣି ଖନନ ଉପରେ ଜଙ୍ଗଲ କିସମ ନେଇ ପଲ୍ଲୀ ସଭା ଓ ଗ୍ରାମସଭା ବସିଥିଲା। ଶାନ୍ତି ଶୃଙ୍ଖଳା ସହ ସଭା ଶେଷ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଥିବା ବେଳେ ୨୪ ଘଣ୍ଟା ପରେ ତଥା ଶୁକ୍ରବାର ପ୍ରସଙ୍ଗ ଭିନ୍ନମୋଡ଼ ନେଇଥିବା କୁହାଯାଉଛି। ନାଗେଶ୍ୱରୀ ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ଏହି ପଲ୍ଲୀ ସଭାକୁ ବିରୋଧ କରି ଉଭୟ ଗ୍ରାମ ପଞ୍ଚାୟତର ତଥା ଅତଣ୍ଡା ଗ୍ରାମ ପଞ୍ଚାୟତର ସମିତି ସହ ବାଲଡା ଗ୍ରାମ ପଞ୍ଚାୟତର ସରପଞ୍ଚ ବିକ୍ରମ ସୀସାଙ୍କୁ ଘେରିଥିଲେ ଶତାଧିକ ଲୋକ। ଏଥିସହିତ ଗତ ଗୁରୁବାର ଦିନ ଅନୁଷ୍ଠିତ ପଲ୍ଲୀ ସଭା ଓ ଗ୍ରାମସଭାକୁ ଅବୈଧ କହି ଘୋର ଚାପ ସୃଷ୍ଟି କରିବା ସହ ଏହି ସଭାକୁ ଅବୈଧ ଘୋଷଣା କରିବାକୁ ଏକ ଲିଖିତ ପତ୍ର ରେ ଦସ୍ତଖତ ସହ ପଞ୍ଚାୟତ ମୋହର ମାରିଥିଲେ। ଅନ୍ୟ ପଟେ ଶନିବାର ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଗତ ୯ ତାରିଖରେ ଅନୁଷ୍ଠିତ ପଲ୍ଲୀ ସଭା ଓ ଗ୍ରାମସଭାକୁ ବାତିଲ କରିବା ସହ୍ ଏହା ଅବୈଧ ବୋଲି କହିଛନ୍ତି। ସେପଟେ ସରପଞ୍ଚ ବିକ୍ରମ ସୀସାଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି ଗ୍ରାମ ପଞ୍ଚାୟତ ପକ୍ଷରୁ ଗତ ୯ ତାରିଖ ରେ ଆୟୋଜିତ ପଲ୍ଲୀ ସଭା ଓ ଗ୍ରାମସଭା ବୈଧ। ଧାର୍ଯ୍ୟ ତାରିଖ ଓ ସମୟ ନିର୍ଘଣ୍ଟ ଅନୁସାରେ ଅନୁଷ୍ଠିତ ହୋଇ ଶାନ୍ତି ପୂର୍ଣ୍ଣ ଭାବେ ଏହା ଶେଷ ହୋଇଥିଲା। ହେଲେ ଶୁକ୍ରବାର ଦିନ ପାହାଡ଼ ସୁରକ୍ଷା କମିଟି ପକ୍ଷରୁ ବଳ ପୂର୍ବକ ଚାପ ସୃଷ୍ଟି କରି ତାଙ୍କ ଇଚ୍ଛାରେ ମୋର ଦସ୍ତଖତ ନେଇ ପଞ୍ଚାୟତ ସରପଞ୍ଚ ମୋହର ମାରିଛନ୍ତି ବୋଲି କହିଛନ୍ତି ବାଲ୍‌ଡ଼ା ସରପଞ୍ଚ ଶ୍ରୀ ସୀସା।





**● ୨୪ଘଣ୍ଟା ପରେ ପୁଣି ବିରୋଧର ସ୍ୱର**

# କୋରୁକୋଣ୍ଡାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**କୋରୁକୋଣ୍ଡା, ୧୧।୧୦(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଅବସରରେ ସାରା ରାଜ୍ୟରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ। ଏହି ଅବସରରେ ଆଜି ଜନ ସମ୍ପର୍କ ପଦଯାତ୍ରାର ତୃତୀୟ ଦିବସରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ଠାରେ ବିଜେଡି ବ୍ଲକ ସଭାପତି ତ୍ରିଲୋଚନ ଚୌଧୁରୀଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ସହ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଲୋକଙ୍କ ପାଖକୁ ପହଞ୍ଚାଇଛନ୍ତି। ପୂର୍ବ ସରକାରଙ୍କ ସଫଳତା ଏବଂ ବର୍ତ୍ତମାନ ସରକାରର ବିଭିନ୍ନ ବିଫଳତା ବିଷୟରେ ଲୋକଙ୍କୁ ଅବଗତ କରାଇଛନ୍ତି। ପୋଲାଭରମ ପ୍ରକଳ୍ପ ନେଇ ସରକାରଙ୍କ ଦୋମୁହାଁନୀତି, ମା'ମାନଙ୍କୁ ୫୦ହଜାର ଦେବାକୁ କହି ଭଣ୍ଡାଇବା, ପ୍ରତ୍ୟେକ ପାରିବାରକୁ ୩୦୦ୟୁନିଟ ବିଜୁଳି ମାଗଣା ଦେବାକୁ କହି ନଦେବା ଡବଲ ଇଞ୍ଜିନ ସରକାରର ଠକିବା ମନୋବୃତ୍ତି ବୋଲି ନେତାମାନେ କହିଥିଲେ। ଲୋକଙ୍କ ସୁଖ ଦୁଃଖରେ ଛିଡ଼ା ହେବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ନବୀନ ପଟ୍ଟନାୟକ ଏବଂ ବିଜୁ ଜନତା ଦଳ ସବୁ ବେଳେ ଆଗେଇ ଆସିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏହି ଅବସରରେ ବରିଷ୍ଠ ନେତା ଗୋପାଳ ପଣ୍ଡା, ଘନଶ୍ୟାମ ମାଡ଼କାମୀ, ବିଜେଡି ଜିଲ୍ଲା ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ପୂର୍ବତନ ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ବଂଶୀଧର ମୁଦୁଲି, ଜିତୁ ବୁରୁଡ଼ି, ଲମ୍ବୋଦର ତୁରୁକୁ, ସର୍ବ କୁମାର ବିଶୋୟୀ, ରାଜେନ୍ଦ୍ର କୂଳଦୀପ, ଉମା ଶଙ୍କର ସାହୁ, ମାଧବ ସାବତଙ୍କ ସହ ଅଞ୍ଚଳର ବହୁ ଜନ ପ୍ରତିନିଧିଙ୍କ ସମେତ ଶତାଧିକ ଦଳୀୟ ନେତୃ ମଣ୍ଡଳୀ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ବର୍ଷାଦିନେ ଜଳକଷ୍ଟ

# ଗରାଏ ପାଣି ପାଇଁ ଚାଲିବାକୁ ପଡୁଛି ୨ କିମି ରାସ୍ତା

**ମାଲକାନଗିରି, ୧୧।୧୦(ସମିସ)**

ସାଧାରଣତଃ ଗ୍ରୀଷ୍ମ ଋତୁରେ ଜଳ କଷ୍ଟ ସ୍ୱାଭାବିକ କଥା। ମାତ୍ର ବର୍ଷାଦିନେ ଯେ ପାଣି ମୁନ୍ଦେ ପାଇଁ ମାଇଲ ମାଇଲ୍ ବାଟ ଚାଲିବାକୁ ପଡୁଛି, ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏପରିକି ଗାଁ ପୋଖରୀରୁ ପାନୀୟ ଜଳ ସଂଗ୍ରହ କରି ପିଇବାକୁ ପଡୁଛି। ବର୍ଷ ପରେ ବର୍ଷ ବିତୁଛି କିନ୍ତୁ ସାହିରେ ହୋଇପାରୁନି ପାନୀୟ ଜଳ ସୁବିଧା। ଅଚଳ ଜଳ ପ୍ରକଳ୍ପ ଏବଂ ନଳକୂପକୁ ମଧ୍ୟ ମରାମତି କରିବାରେ ନାଁ ଧରୁନି ପ୍ରଶାସନ। ବର୍ଷତମାମ ଜଳକଷ୍ଟ ଭୋଗୁଥିବା ଏମିତି ଏକ ଗ୍ରାମ ହେଉଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସିନ୍ଧାବେଡ଼ା କଲୋନୀସାହି। ଗାଁ ଠୁ ୨ କିଲୋମିଟର ଦୂର ଯାଇ ପୋଖରୀରୁ ଜଳ ସଂଗ୍ରହ କରି ପାଇବା ପାଇଁ ବ୍ରବହାର କରୁଛନ୍ତି। ଏହା ଗୋଟିଏ ଦିନର ନୁହଁ ବରଂ ବର୍ଷ ତମାମ ଗାଁର ବିଭିନ୍ନ ସ୍ଥାନରୁ ପାନୀୟ ଜଳ ସଂଗ୍ରହ କରନ୍ତି ଏମାନେ। ଉପାୟ ଶୂନ୍ୟ ଗାଁ ଲୋକଙ୍କ ଦୁଃଖ ଶିଣିବାକୁ କେହି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାହିରେ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି ଜଳ ପ୍ରକଳ୍ପ। ଯାହା ଫଳରେ ଲୋକଙ୍କ ପାଇଁ ଗ୍ରାମ ଠାରୁ ଦୁଇ କିମି ଦୂରରେ ଥିବା ପୋଖରୀ ହିଁ ସାଜିଛି ଭରସା। ମାଥିଲି ବ୍ଲକର କଲୋନୀସାହିରେ ଗୋଟିଏ ନଳକୂପ ହୋଇଥିବା ବେଳେ ତାହା ଏବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଏପଟେ ସାହିର ଅଙ୍ଗନବାଡ଼ି କେନ୍ଦ୍ରରେ ହୋଇଥିବା ପାଣି ଟାଙ୍କି ମଧ୍ୟ ଅଚଳ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଚଳ ହୋଇଥିବା ପ୍ରକଳ୍ପ ଗୁଡିକ ମରାମତି କରାଯାଉନାହିଁ। ଯାହା ଫଳରେ ବାଧ ହୋଇ ପୋଖରୀକୁ ଭରସା କରୁଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ। ତେବେ ଏହି ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ପୂର୍ବତନ ବିଇଓଙ୍କ ଅବସରକାଳୀନ ସମାରୋହକୁ ନେଇ ଦ୍ୱନ୍ଦ୍ୱ

**ମାଲକାନଗିରି, ୧୧।୧୦(ସମିସ):** ମାଲକାନଗିରି ପୂର୍ବତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ଧରଙ୍କ ଅବସରକାଳୀନ ସମାରୋହକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କିଛି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଶ୍ରୀ ଧର ବିଇଓ ଥିବାବେଳେ ହଇରାଣ କରିଥିବା, ଯଥା ବିନା କାରଣ ରେ ଦରମା ବନ୍ଦ କରିବା, ଇନ୍‌କ୍ରିମେଣ୍ଟ ବନ୍ଦ କରିବା ଆଦି ଯୋଗୁଁ ସେମାନେ ଶ୍ରୀ ଧରଙ୍କ ଅବସର ସମାରୋହକୁ ବିରୋଧ କରୁଥିବା ସମୟରେ ଆଉ କିଛି ଶିକ୍ଷକଙ୍କୁ ଶ୍ରୀ ଧର ଅହେତୁକ ଅନୁକମ୍ପା ଦେଖେଇ ଡେପୁଟେସନରେ ପାଖ ସ୍କୁଲକୁ ଆଣିବା ଓ ହଷ୍ଟେଲ ସ୍କୁଲରେ ନିୟୋଜିତ କରିବା ହେତୁ ସେମାନେ ଅବସର ସମାରୋହ କରିବା ଜିଦ୍‌କୁ ନେଇ ଏକ ପ୍ରକାର ଟଣା ଓଟରା ତଥା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ପ୍ରଥମେ ସ୍ଥାନୀୟ ଜିଲ୍ଲା ପରିଷଦ ହଲ୍‌କୁ ଗୋଟିଏ ଦଳ ବୁକ୍ କରିଥିବା ବେଳେ ସେହି ଏକ ଦିନରେ ଅନ୍ୟ ଏକ ଦଳ ବିରୋଧ କରି ସେହି ଜିଲ୍ଲା ପରିଷଦ ହଲ୍‌କୁ ବୁକ୍ ପାଇଁ ଆବେଦନ କରିଥିଲେ। ଫଳରେ ପ୍ରଶାସନ ଉଭୟ ଦଳର ଆବେଦନକୁ ନାକଚ କରିବା ଭଳି ଏକ ରୋଚକ ଘଟଣା ପଦାକୁ ଆସିଛି। କିନ୍ତୁ ଶ୍ରୀ ଧରଙ୍କ ଦ୍ୱାରା ଉପକୃତ ପାଇଥିବା ଶିକ୍ଷକ ବୃନ୍ଦ ନିଜ ଜିଦ୍ ରେ ଅଟଳ ରହି ଆଜି ସ୍ଥାନୀୟ ସଂସ୍କୃତି ଭବନରେ ଅବସର କାଳୀନ ସମାରୋହର ଆୟୋଜନ କରିଥିଲେ। ଏଠାରେ ପ୍ରକାଶ ଥାଉ କି ପୂର୍ବ ରୁ ଶ୍ରୀ ଧର ବିଇଓ ଥିବା ବେଳେ ବର୍ଷ ଶେଷ ହେବା ପରେ ଓ ସରକାରଙ୍କ ଦ୍ୱାରା ଛୁଟି ଘୋଷଣା ପରେ ମଧ୍ୟ ଭିନ୍ନକ୍ଷମ ପିଲାଙ୍କୁ ପରିଭ୍ରମଣରେ ନେବା, ଡିଇଓ ଏବଂ ଜିଲ୍ଲପାଳଙ୍କ ସ୍ୱୀକୃତି ନ ନେଇ କିଛି ଶିକ୍ଷକଙ୍କୁ ଡେପୁଟେସନ କରିବା, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ମେଳା ପାଇଁ ଆସିଥିବା ଅର୍ଥ ହେର ଫେର କରିବା ଆଦି ଅଭିଯୋଗ ହୋଇଥିଲା।

# ନାଗାବଳୀରେ ଭାସି ବୃଦ୍ଧ ନିଖୋଜ



**ରାୟଗଡ଼ା, ୧୧।୧୦(ସମିସ):** ନାଗାବଳି ନଦୀରେ ଭାସି ଜଣେ ବୃଦ୍ଧ ନିଖୋଜ ହୋଇଥିବା ଜଣାପଡ଼ିଛି। ନିଖୋଜ ବୃଦ୍ଧଜଣଙ୍କ ହେଲେ ପେଣ୍ଟେୟା ଜିଲ୍ଲାକାରା (୭୦)। ତାଙ୍କ ଘର ରାୟଗଡ଼ା ବ୍ଲକ ମାଲିଗାଁ ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ, ପେଣ୍ଟୟା ଗତକାଲି ଅପରାହ୍ଣରେ ମଇଁଷି ଚରାଇବାକୁ ଯାଇଥିଲେ ଓ ମଇଁଷି ଦଳ ନଦୀ ଭିତରକୁ ଯିବାରୁ ପେଣ୍ଟୟା ମଧ୍ୟ ନଦୀ ମଧ୍ୟକୁ ଯାଇଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଇଥିଲେ। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଅଗ୍ନିଶମ କର୍ମଚାରୀ ଖୋଜା ଖୋଜି କରିଥିଲେ। ଆଜି ପୁଣି ଅଗ୍ନିଶମ ବିଭାଗ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ।

# ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ, ଜଣେ ଗିରଫ



**କୋରୁକୋଣ୍ଡା, ୧୧।୧୦(ସମିସ):** ମାଲକାନଗିରି ଜିଲ୍ଲା ଓର୍କେଲ ପୁଲିସ ବାଲିମେଲା ସହରର ଦୈନକ ବଜାରରେ ଥିବା ଏକ ପୂଜା ଦୋକାନରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ବାଲିମେଲା ସହରର ଦୈନିକ ବଜାରର ଜଣେ ବ୍ୟବସାୟୀ ତଥା ଡାଇକ-୩ ଅଞ୍ଚଳରେ ଗ୍ରାମୀଣ ଡାକ ସେବକ ଭାବେ କାର୍ଯ୍ୟରତ ଥିବା କେ. ପ୍ରଶାନ୍ତ କୁମାର ମହାପାତ୍ର। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଡାକ ସେବକ ପ୍ରଶାନ୍ତଙ୍କର ବାଲିମେଲା ଦୈନିକ ବଜାରରେ ଏକ ପୂଜା ଦୋକାନ ରହିଛି। ସେ ବିନା ଲାଇସେନ୍ସରେ ଓ ବିଲରେ ବେଆଇନ ଭାବେ ନିଜ ଦୋକାନରେ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ ଗୁଟ୍‌ଖା ରଖି ବିକ୍ରି କରିବା ସହିତ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ସେଗୁଡ଼ିକୁ ନିଜ ବାଇକ୍‌ରେ ନେଇ ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଥିଲେ। ଏ ନେଇ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ସୂଚନା ମିଳିଥିଲା। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମୀଣ ଡାକ ସେବକ ପ୍ରଶାନ୍ତଙ୍କ ଦୋକାନ ଓ ଘରେ ମହିଳା ପୋଲିସଙ୍କ ସହ ଚଢ଼ଉ କରିଥିଲେ। ତାଙ୍କ ଠାରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ବ୍ରାଣ୍ଡର ଗୁଟ୍‌ଖା ଜବତ କରିଥିଲେ। ଜବତ ହୋଇଥିବା ଗୁଟଖା ବିକ୍ରି କରିବା ପାଇଁ ଆବଶ୍ୟକ ହେଉଥିବା ଲାଇସେନ୍ସ କିମ୍ବା ଅଣା ଯାଇଥିବା ଗୁଟ୍‌ଖାଗୁଡିକର କୌଣସି ବିଲ୍ ପ୍ରଶାନ୍ତଙ୍କ ନିକଟରେ ନଥିଲା ବୋଲି ପୁଲିସ କହିଛି। ଏ ନେଇ ପୁଲିସ ପକ୍ଷରୁ ଥାନାରେ କେସ ନମ୍ବର -୨୭୨/୨୦୨୫ରେ ଏକ ମାମଲା ରୁଜୁ କରାଯିବା ସହିତ ଡାକ ସେବକ ପ୍ରଶାନ୍ତଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ମନୋହର ସାହୁ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆଗାମୀ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ

**ମାଲକାନଗିରି, ୧୧।୧୦(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ରାମ ମନ୍ଦିର ପଡ଼ିଆ ଠାରେ ଆଗାମି ଟ୍ରଷ୍ଟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ପଦଯାତ୍ରା ଆରମ୍ଭ ହୋଇଛି। ଯାହା ୯ ଅକ୍ଟୋବର ୨୦୨୫ ଗୋପବନ୍ଧୁ ଜୟନ୍ତୀରେ ପଡ଼ିଆ ବ୍ଲକ ରୁ ଆରମ୍ଭ ହୋଇଛି। ଏହି ପଦଯାତ୍ରା ୩୦ଟି ଜିଲ୍ଲା ଏବଂ ୩୧୪ଟି ବ୍ଲକ ଅତିକ୍ରମ କରିବା ପରେ ଶେଷରେ ପୁରୀ ସଦର ବ୍ଲକ, ପୁରୀ ଜିଲ୍ଲାରେ ସମାପ୍ତ କରାଯିବ ବୋଲି ଆଗାମୀ ଟ୍ରଷ୍ଟ ସଂସ୍ଥାପକ ବିମଲ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନକୁ ଆଶେକ୍ତି ଟ୍ରଷ୍ଟ, ମହିଳା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ଶ୍ରମଜୀବୀ ମଞ୍ଚ, ଏମ୍‌ଡିଡିପିପିଏ ଓ ଜିଲ୍ଲାସ୍ତରୀୟ ଅନେକ ସାମାଜିକ ସଂଗଠନ, ସାମାଜିକ କର୍ମୀମାନେ ସହଯୋଗ କରୁଛନ୍ତି। ତେବେ ଏହି କ୍ରମରେ ଆଜି ପଦଯାତ୍ରାଟି ମାଲକାନଗିରି ଜିଲ୍ଲା ସଦରରେ ପହଞ୍ଚି ଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା, ଯୁବ ଶକ୍ତି ସଜାଗତା: ଗ୍ରାମାଞ୍ଚଳ ଯୁବମାନେ ସାମାଜିକ ଓ ଅର୍ଥନୈତିକ ବିକାଶରେ ଭାଗ ନେବାକୁ ପ୍ରେରିତ ହେବା। ନୀତିମୂଲ୍ୟ ଭିତ୍ତିକ ସମାଜ ଗଠନ: ମାନବତା, ପରସ୍ପର ସମ୍ମାନ ଓ ନୈତିକ ଶିକ୍ଷା ଉପରେ ଆଧାରିତ ଚେତନା ଗଢ଼ିବା। ରୋଜଗାର ସଚେତନତା: ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଟିର ଉଦ୍ୟୋଗ ସ୍ଥାପନ ଦ୍ୱାରା ବେରୋଜଗାରି ଓ ପ୍ରବାସନ କମାଇବା ପାଇଁ ଉଦ୍ୟମକ୍ଷ ଜୈବିକ କୃଷି ପ୍ରଚାର, ବିଷମୁକ୍ତ ଚାଷ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ। ଜୀବନ ରକ୍ଷା ପାଇଁ ରକ୍ତ ଦାନ କ୍ୟାମ୍ପ ଓ ଅଭିଯା। ପ୍ରତ୍ୟେକ ବ୍ଲକରେ ଗଛ ରୋପଣ ଅଭିଯାନ। ଏହି ପଦଯାତ୍ରା ସହିତ ଏକ ନୂଆ ପ୍ରୟାସ ହେଉଛି ଗ୍ରାମ ଓ ବ୍ଲକ ଯୁବ ମାନଙ୍କ ପାଇଁ ଅର୍ଥନୈତିକ ସ୍ୱାବଲମ୍ବନର ସୁଯୋଗ ସୃଷ୍ଟି କରିବା। ଆଗାମୀ ଟ୍ରଷ୍ଟ ଡିଜିଟାଲ ବ୍ୟାଙ୍କିଂ ସେବା ଓ ଜୈବିକ ଉଦ୍ୟୋଗ ସହିତ ଜଡ଼ିତ ହୋଇ ଏହି ଯାତ୍ରାକୁ ସ୍ଥାୟୀ ପ୍ରଭାବ ଦେବା ଦିଗରେ ଗତି କରୁଛି। ଏହି ପଦଯାତ୍ରାରେ ମହିଳା ଶ୍ରମଜୀବୀ ସଂଗଠନ ଓ ଶ୍ରମଜୀବୀ ସଂଗଠନ, ମାଲକାନଗିରିର ସଦସ୍ୟା ସଦସ୍ୟ ଯଥା ରାମ ବଡ଼ନାୟକ, ମୁକୁନ୍ଦ ମାଡ଼କାମୀ, ତ୍ରିନାଥ ବଡ଼ନାୟକ, ଶ୍ରୀନୁ ସେଲବମ, ଶୁକ୍ରା ଗୁରୁତେଲି, ଜିତେନ୍ଦ୍ର ଖିଲ, କୃଷ୍ଣ ସିସା, ସନ୍ତୁର ମାଢ଼ି, ସାଲିନା ପାଙ୍ଗି, ମୁକୁନ୍ଦ ମାଝୀ, ଚମ୍ପା ଗଠନ, ଶୁଭଶ୍ରୀ ମାଢ଼ି, ଅନିତା ପୁନେମ, ସୋମନାଥ ମାଡ଼କାମୀ, ଚିତ୍ତରଞ୍ଜନ ସାହୁ ଓ ସ୍ଥାନୀୟ ମହିଳା, ଯୁବପିଢ଼ି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




# ମାନସିକ ସ୍ୱାସ୍ଥ୍ୟ ଏବଂ ଯୁବ ସମାଜ ସମ୍ପର୍କିତ ସଚେତନତା କର୍ମଶାଳା




**ରାୟଗଡ଼ା, ୧୧।୧୦(ସମିସ):** ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ୨୦୨୫ ଅବସରରେ ନାଗାବଳୀ ଲାୟନ୍ସ କ୍ଲବ ଓ ମହିଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଶାଖା ମିଳିତ ସହଯୋଗରେ ମାନସିକ ସ୍ୱାସ୍ଥ୍ୟ ଏବଂ ଯୁବ ସମାଜ ସମ୍ବନ୍ଧିତ ସଚେତନତା କର୍ମଶାଳା ମହିଳା ମହାବିଦ୍ୟାଳୟ ପାଠଚକ୍ର ଗୃହରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ଡଃ ରାକେଶ କୁମାର ପାଢ଼ୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ୱାସ୍ଥ୍ୟ ବିଭିନ୍ନ ଦିଗ, ମାନସିକ ସ୍ୱାସ୍ଥ୍ୟ ଓ ଯୁବ ସମାଜ, ମାନସିକ ଅବସାଦର ବିଭିନ୍ନ ଦିଗ ଓ କିପରି ପରିଚାଳନା କରାଯିବ ଉପରେ ବିସ୍ତୃତ ଭାବେ ଆଲୋଜପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଡଃ ଭି. ଲୋକନାଥ ରାଜୁ, ଲାଏନ୍ସ କ୍ଲବ ଜିଲ୍ଲା ଉପ ଗଭର୍ଣ୍ଣର ଇଂ ଅଶ୍ୱିନୀ କୁମାର ଦାସ, ଜୋନାଲ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ଗନ୍ତାୟତ, ପ୍ରତିଷ୍ଠାତା ସଭାପତି ଡଃ ଦୁଷ୍ମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଛାତ୍ରୀଙ୍କୁ ମାନସିକ ଚାପର କିପରି ପରିଚାଳନା କରାଯାଇପାରିବ ସମ୍ପର୍କରେ ବିଶଦ ଭାବେ ବୁଝାଇ ଥିଲେ। କର୍ମଶାଳା ପ୍ରାରମ୍ଭରେ ନାଗାବଳୀ ଲାଏନ୍ସ କ୍ଲବ ସଭାପତି ଶୁଭ୍ରା ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ଲାଷ୍ଟିକ ମୁକ୍ତ ସଚେତନତା ପଦଯାତ୍ରା




**ସୁନାବେଡ଼ା, ୧୧।୧୦(ସମିସ):** ହାଲ ସହରାଞ୍ଚଳସ୍ଥିତ ଏରୋନେଟିକ୍ସ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ନାଲି ରିବନ କାଟି ଶୁଭାରମ୍ଭ କରିଥିଲେ। ପ୍ଲାଷ୍ଟିକ ବର୍ଜନ ଆମର ଶପଥ ହେଉ ବୋଲି ପିଲାମାନଙ୍କୁ ପରାମର୍ଶ ଦେବାସଙ୍ଗେ ସମସ୍ତଙ୍କୁ ସଚେତନ କରିବାନିମନ୍ତେ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରାର ଆୟୋଜନ ଯୁବ ରେଡ କ୍ରସର କାଉନସିଲର ଡକ୍ଟର ଶାନ୍ତନୁ କୁମାର ନାୟକ ଓ ସହଯୋଗୀ କାଉନସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ସଞ୍ଜୟ ଲେଙ୍କା ଆଦି ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲାବେଳେ ଦିଲ୍ଲୀପ ସାମଲ, ମଦନ ହରିଜନ, ମଗ୍ନେଶ୍ୱର ନାଗ, ସତ୍ୟବ୍ରତ ସାହୁ, ଶ୍ରୀଲତା ଜେନା ଆଦି ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିଥିଲେ। ଏହି ପଦଯାତ୍ରାରେ ୱାଇ ଆର ସି ର ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟରୁ ବାହାରି ହାଲ ସହରାଞ୍ଚଳରେ ପରିଭ୍ରମଣ କରି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ବିନା ଜନଶୁଣାଣିରେ କ୍ରସର୍ ସ୍ଥାପନ; ଅଞ୍ଚଳବାସୀଙ୍କ ବିରୋଧ

**କଲ୍ୟାଣସିଂହପୁର, ୧୧।୧୦(ସମିସ)**

ଦୀର୍ଘ ଦୁଇ ବର୍ଷ ହେଲା କ୍ରସର୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ଆରମ୍ଭ ହେବା ପୂର୍ବରୁ ରାଜସ୍ୱ, ଖଣି, ବନ ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ ପଞ୍ଚାୟତବାସୀଙ୍କୁ ନେଇ ଜନଶୁଣାଣି ହେବାର ନିୟମ ରହିଛି। ଦୀର୍ଘ ଦୁଇ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ କେମିତି କେହି ଜାଣି ପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ଓ ଧାମୁଣିପାଙ୍ଗ ପଞ୍ଚାୟତ ସୀମାନ୍ତ ମଧ୍ୟରେ। ଏହି କ୍ରସର ସରକାରୀ ଗୋଚର ଜେମିରେ ହୋଇଥିବାରୁ ପ୍ରବଳ ବିରୋଧ ଆରମ୍ଭ ହୋଇଥିଲା। ଏହି ଗୋଚର ଜମିରେ କାଙ୍ଗସେରି ଗ୍ରାମର କିଛିଲୋକ ପୂର୍ବ ପୁରୁଷରୁ ବିଭିନ୍ନ ଚାଷ କରି ଆସୁଥିଲେ। ସେହି ଜମିରେ ହାତୀମୁଣ୍ଡା, କାଙ୍ଗସେରି ଓ ଆଖପାଖ ଗ୍ରାମର ଲୋକେ ଛେଳି ମେଣ୍ଢା, ଗାଈ ଗୋରୁ ଚରାଉ ଥିଲେ। କ୍ରସରକୁ ବନ୍ଦ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ପୂର୍ବରୁ କରିଥିଲେ। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କଲେନି। ଚାରିଆଡୁ ନିରାଶ ହୋଇ ଶେଷରେ ନିର୍ମାଣାଧୀନ କ୍ରସର ଆଗରେ ଧାରଣାରେ ବସି ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଦୁଇ ପଞ୍ଚାୟତର ଶତାଧିକ ଲୋକଙ୍କ ସହ କନ୍ଧ କୁଳ ସମର୍ଥନ କରିଛି।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଙ୍ଗସେରୀ ଗାଁ ରହିଛି ଏକ ପାହାଡ଼ ପାଖରେ ଥିବା ସରକାରୀ ଜମିରେ। ଗତ ଦୁଇ ବର୍ଷ ହେଲା ଏହା ନିକଟରେ ଏକ ପଥର କ୍ରସର ନିର୍ମାଣ ଚାଲିଛି। ଏହାକୁ ଖୋଲିବା ପୂର୍ବରୁ ପଲ୍ଲୀସଭାର ଅନୁମତି ଅନୁଯାୟୀ କାର୍ଯ୍ୟକାରୀ ହେବା କଥା। କିନ୍ତୁ ରାଜସ୍ୱ, ଖଣି, ବନ, ପ୍ରଦୂଷଣ ବିଭାଗ କିପରି ଏହା ନକରି ନିର୍ମାଣ କାର୍ଯ୍ୟକୁ ଅନୁମତି ଦେଇଛି ତାହା ଆଶ୍ଚର୍ଯ୍ୟ କରିଛି। କ୍ରସର ଯୋଗୁଁ ଆଖାପାଖ ଅଞ୍ଚଳରେ ପଥର ଗୁଣ୍ଡ ଉଡ଼ିବା ଆଶଙ୍କା ଓ ନିକଟରେ ଚିରସ୍ରୋତା ନାଗାବଳି ନଦୀ ରହିଛି। ନିକଟରେ ଥିବା ଜଙ୍ଗଲରେ ବନ୍ୟଜନ୍ତୁ ରହୁ ଥିବାରୁ ସେମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। କରଲାପଟ ଓ କଲ୍ୟାଣସିଂହପୁର ବନାଞ୍ଚଳକୁ ହାତୀ କରିଡ଼ର ଥିବାରୁ କ୍ରସର ନିର୍ମାଣ ହେଲେ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାର ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ୟ ସୁଫଳ ମିଳି ନଥିବାରୁ ଧାମୁଣିପଙ୍ଗା ଓ ସିଙ୍ଗାରି ପଞ୍ଚାୟତବାସୀ ଏହି କ୍ରସର୍‌କୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏଥିଲାଗି କ୍ରସର୍ ଆଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କ୍ରସର ଦ୍ୱାରା ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରତି ବିପଦ ଅଛି ବୋଲି ଆଲୋଚନା କରିଥିଲେ। ପରେ ଧାରଣା ଆରମ୍ଭ ହୋଇଥିଲା। କନ୍ଧକୁଳ ସଭାପତି ଯୋଗେନ୍ଦ୍ର ୱାଡାକା, ସିପିଆଇଏମ୍ ଜିଲ୍ଲା ସଭାପତି ଦୋରା କାଣ୍ଡଗରି, ଆଦିବାସୀ ଅଧିକାର ମଞ୍ଚର ସଭାପତି ରବି ସୁନା, ଚାଷୀ ମୁଲିଆ ସଙ୍ଘ ସଭାପତି ଯୋଗେନ୍ଦ୍ର ନାଏକ, ମାନୁ ଶିକକାଙ୍କ ସମେତ ଅଞ୍ଚଳବାସୀ ଏଥିରେ ସାମିଲ୍ ହୋଇଥିଲେ। ଏନେଇ କ୍ରସର ମାଲିକଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ରଞ୍ଜନ କୁମାର ମାନସେଠ୍ କହିଛନ୍ତି, କ୍ରସର ସରକାରୀ ଜମିରେ ଥିବା ସମ୍ପର୍କରେ ମୁଁ ଜାଣି ନାହିଁ। ବେଆଇନ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ମାଲିକଙ୍କୁ ପଚାରିବାରୁ କୁଆଡ଼େ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନିୟମ ଅନୁଯାୟୀ ଏବଂ ଅନୁମତି ନେଇ କ୍ରସର ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି ବୋଲି କହିଥିଲେ। ବାର୍ଷିକ ଖଜଣା ମଧ୍ୟ ପୈଠ କରୁଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ। ପ୍ରକୃତରେ ରାଜସ୍ୱ, ବନ, ଖଣି, ପ୍ରଦୂଷଣ ବିଭାଗ ଜାଣତରେ ହେଉଛି ନା ବେଆଇନ ଭାବେ ନିର୍ମାଣ ହେଉଛି ଜିଲାପାଳ ଓ ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ସତ୍ୟା ସତ୍ୟ ପଦାକୁ ଆସିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ବଜ୍ରପାତରେ ଗୋଟିଏ ପରିବାରର ୩ ଗୁରୁତର



**ମାଲକାନଗିରି, ୧୧।୧୦(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ସହ ବଜ୍ରପାତ ହେବାରୁ ଗୋଟିଏ ପରିବାରର ତିନି ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ତାମସା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚମ୍ପାଖାରି ଗ୍ରାମରେ। ସୂଚନା ଅନୁଯାୟୀ ଚମ୍ପାଖାରି କଲନୀ ଗ୍ରାମର ଶଙ୍କର ଗୋଲାରୀଙ୍କ ପରିବାର ଖାଇସାରି ରାତିରେ ଘରେ ଶୋଇଥିଲେ। ଗତକାଲି ବିଳମ୍ବିତ ରାତିରେ ସ୍ୱାମୀ, ସ୍ତ୍ରୀ ଓ ୨ବର୍ଷର ଛୁଆକୁ ଧରି ଶୋଇଥିବାବେଳେ ଘର ଉପରେ ବଜ୍ରପାତ ପଡ଼ିଥିଲା। ଫଳରେ ଗୋଟିଏ ପରିବାରର ତିନିଜଣ ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଗୁରୁତରମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିବା ଜଣାପଡ଼ିଛି। ସ୍ୱାମୀ ସ୍ତ୍ରୀ ଓ ଦୁଇ ବର୍ଷର ଛୁଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ବଜ୍ରପାତ ପ୍ରବଣ ଅଞ୍ଚଳଗୁଡ଼ିକରେ ସଚେତନତା ଓ ସୁରକ୍ଷା ଉପାୟ ନେଇ ତତ୍କାଳ ଅଭିଯାନ ଆରମ୍ଭ କରିବା ଆବଶ୍ୟକ ରହିଛି। ସେହିପରି ଆହତ ପରିବାରକୁ ଜିଲ୍ଲା ପ୍ରଶାସନ ତରଫରୁ ତତ୍କାଳ ସରକାରୀ ସହାୟତା ଯୋଗାଇବାକୁ ଦାବି ଉଠିଛି।

## ଭିତରକନିକା ଜାତୀୟ ଉଦ୍ୟାନକୁ ବିପଦ ମଦ ଦୋକାନ

# ଜୈବ ବିବିଧତା ନଷ୍ଟ, ମଦ ଦୋକାନ ଉଚ୍ଛେଦ ଦାବି

ରାଜନଗର,୧୧।୧୦(ସମିସ)





**ମଦ୍ୟପଙ୍କ ଉତ୍ପାତରେ ପର୍ଯ୍ୟଟକ ଅତିଷ୍ଠ**

ଭିତରକନିକା ଜାତୀୟ ଉଦ୍ୟାନ ଦୁଇଟି ପ୍ରବେଶ ପଥ ନିକଟରେ ରହିଛି ଦୁଇଟି ସରକାରୀ ବିଦେଶୀ ମଦ ଦୋକାନ। ଏହା ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କ ଭାବାବେଗକୁ ଆଘାତ ଦେଉଥିବାବେଳେ ଭିତରକନିକା ଜୈବ ବିବିଧତା ନଷ୍ଟ କରୁଛି। ଏହାକୁ ଉଚ୍ଛେଦ ପାଇଁ ଏବେ ଦାବି ଜୋର ଧରିଛି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଡାଙ୍ଗମାଳ ଓ ଗୁପ୍ତି ଦୁଇଟି ପ୍ରବେଶ ପଥରେ ମଦ ଦୋକାନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଭିତରକନିକା ବୁଲି ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଜୈବ ବିବିଧତାକୁ ନଷ୍ଟ କରୁଛି। ମଦ୍ୟପଙ୍କ ଉତ୍ପାତ ଯୋଗୁଁ ଭିତରକନିକାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ଯିବା ପାଇଁ ରହିଥିବା ଦୁଇଟି ପ୍ରବେଶ ପଥ ଦେଇ ଭିତରକନିକା ବୁଲି ଆସୁଥିବା ପର୍ଯ୍ୟଟକ ଗୁପ୍ତି ଓ ଡାଙ୍ଗମାଳ ଦେଇ ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିଥା'ନ୍ତି। ଏହି ଦୁଇଟି ପ୍ରବେଶ ପଥ ରେ ରହିଛି ଦୁଇଟି ବିଦେଶୀ ମଦ ଦୋକାନ। ଏହି ମଦ ଦୋକାନରୁ ମଦ ପିଇ ମଦ୍ୟପ ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିବା ସହ ପର୍ଯ୍ୟଟକଙ୍କୁ ନାନାଦି ହଇରାଣ କରୁଥିବା ଅଭିଯୋଗ ହୋଇଛି। ମଦ ଦୋକାନ ଯୋଗୁଁ ପର୍ଯ୍ୟଟକ ଏଠାରୁ ନକରାତ୍ମକ ଭାବନା ନେଇ ଫେରୁଛନ୍ତି।

ଭିତରକନିକାର ମାତ୍ର ୩୦୦ ମିଟର ଦୂରରେ ଥିବା ଏହି ମଦ ଦୋକାନ ଯୋଗୁଁ ପର୍ଯ୍ୟଟକ ଏବେ ଭିତରକନିକା ଆସିବାକୁ ଭୟ କଲେଣି। ଏହି ଦୁଇଟି ବିଦେଶୀ ମଦ ଦୋକାନ ଯୋଗୁଁ ଭିତରକନିକାର ଜୈବ ବିବିଧତା ବିଗିଡିବାରେ ଲାଗିଛି। ମଦ ଦୋକାନରୁ ମଦପିଇ ମଦ୍ୟପ ଜଙ୍ଗଲ ଭିତରକୁ ପ୍ଲାଷ୍ଟିକ ଗ୍ଲାସ ସମେତ ବିଭିନ୍ନ ଆବର୍ଜନା ଫିଙ୍ଗୁଛନ୍ତି। ଏହି ପ୍ଲାଷ୍ଟିକ ଆବର୍ଜନାକୁ ଖାଇ ଅନେକ ସମୟରେ ଜନ୍ତୁଙ୍କ ଜୀବନ ଯାଉଛି। ଜାତୀୟ ଉଦ୍ୟାନକୁ ପଲିଥିନ ମୁକ୍ତ କରାଯାଇଥିଲେ ମଧ୍ୟ ମଦ୍ୟପଙ୍କ ଯୋଗୁଁ ଏବେ ଜାତୀୟ ଉଦ୍ୟାନ ମଧ୍ୟରେ ମାଳମାଳ ପଲିଥିନ ଓ ଆବର୍ଜନା ଦେଖିବାକୁ ମିଳୁଛି। ଏହି ଦୁଇଟି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହେଉଥିଲେ ବି ସ୍ଥାଣୁ ପାଲଟିଛି କେନ୍ଦ୍ରାପଡା ଅବକାରୀ ବିଭାଗ।

ଅନ୍ୟପକ୍ଷେ ମଦ ଦୋକାନ ଯୋଗୁଁ ପର୍ଯ୍ୟଟକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଦୁଇଟି ମଦ ଦୋକାନ ବନ୍ଦ କରି ଭିତରକନିକା ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ସହ ଭିତରକନିକା ଜୈବ ବିବିଧତାକୁ ସୁରକ୍ଷିତ ରଖିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଡେରାବିଶ,୧୧।୧୦(ସମିସ): ଡେରାବିଶ ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ବିଡିଓ ନମିତା ବାରିକ ଓ ଏବିଡିଓ ମୃଣ୍ମୟ ରାଉତ ଯୋଗଦେଇ ଶତାଧିକ ଭିନ୍ନକ୍ଷମ ବ୍ୟକ୍ତି, ସେମାନଙ୍କ ସହାୟକ ଓ ପରିବାର ଲୋକଙ୍କୁ ବିଭିନ୍ନ ବିଭାଗ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦେବେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୩୬ ଜଣ ଶ୍ରବଣବାଧିତ, ୬୭ ଜଣ ଦୃଷ୍ଟିବାଧିତ, ୭୨ ଜଣ ମାନସିକ ଭିନ୍ନକ୍ଷମ, ୨୦୯ ଜଣ ଅସ୍ଥିଶଲ୍ୟ ଓ ୩୫ ଜଣ ଶିଶୁଙ୍କ ପରୀକ୍ଷା କରାଯାଇଥିଲା। ଏମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବିଡିଓ ଶ୍ରୀମତୀ ବାରିକ ପ୍ରକାଶ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ



ରାଜନଗର,୧୧।୧୦(ସମିସ): ରାଜନଗର ବ୍ଲକ୍ ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଦ୍ୟାଳୟ ସହ ୨ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସୁଶାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସୁମିତ୍ରା ସେଠୀ, ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ସୁରଭି ମାଧ୍ୟମରେ ଲୋକଲୋଚନକୁ ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ମଧୁସୂଦନ ସାହୁଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, କୁଇଜ, ଚିତ୍ରାଙ୍କନ, ହସ୍ତଲିଖନ, ସୃଜନଶୀଳ ଲିଖନ, ଲୋକକଳା ଉପରେ ସାସ୍କୃତିକ କାର୍ଯ୍ୟକ୍ରମ ଓ ପିଏମ ପୋଷଣରେ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା କରାଯାଇଥିଲା। ସଙ୍ଗୀତ ଗୁରୁ ରାମଚନ୍ଦ୍ର ବାରିକ, ଅଧ୍ୟାପକ ରତ୍ନାକର ନାୟକ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ସିଆରସିସି ତ୍ରୈଲୋଚନ ଦାସ, ସୁଶାନ୍ତ ସାହୁ, ନୃତ୍ୟଶିଳ୍ପୀ କାଜଲ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପାରେଶ୍ୱର ରାଉତ, ଦୁର୍ଯ୍ୟୋଧନ ମହାରଣା, ସରୋଜ ଦାସ, ପ୍ରଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ମା' ଗଜଲକ୍ଷ୍ମୀଙ୍କ ମଣ୍ଡପ ବୁଲିଲେ ବିଜେଡି ନେତା

ଡେରାବିଶ,୧୧।୧୦(ସମିସ): ଚାନ୍ଦୋଳ ବଜାରରେ ଅନୁଷ୍ଠିତ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜାର ଆଜି ଥିଲା ଆଜି ଷଷ୍ଠ ଦିବସ। ଆଜି ପାଗ ନିର୍ମଳ ଥିବାରୁ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ବରିଷ୍ଠ ବିଜେଡି ନେତା ରବି ସାମଲ ମଧ୍ୟ ବିଭିନ୍ନ ମଣ୍ଡପକୁ ଯାଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀ ସାମଲଙ୍କୁ ଚାନ୍ଦୋଳ ବ୍ୟବସାୟୀ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଶ୍ରୀ ସାମଲ ଏହି ଅଞ୍ଚଳରେ ଗଣପର୍ବ ଭାବେ ପାଳିତ ହେଉଥିବା ମା' ଲକ୍ଷ୍ମୀଙ୍କ ପୂଜା ଶାନ୍ତିଶୃଙ୍ଖଳାରେ ହେଉଥିବାରୁ ବଜାରର ବ୍ୟବସାୟୀ, ବିଭିନ୍ନ ପୂଜା କମିଟି ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପ୍ରଶଂସା କରିଥିଲେ।



## ● ଗଜଲକ୍ଷ୍ମୀ ଭସାଣି ପାଇଁ ପୁଲିସ ପ୍ରଶାସନର ଯୋଜନା

# ଭିଡ଼ ଉପରେ ନଜର ରଖିବ ଏଆଇ କ୍ୟାମେରା

କେନ୍ଦ୍ରାପଡ଼ା,୧୧।୧୦(ସମିସ): ୧୨ ଓ ୧୩ ତାରିଖ ଦୁଇଦିନ ଧରି କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ଭସାଣ ଉତ୍ସବ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଭିଡ଼ ଉପରେ ନଜର ରଖିବାକୁ ଏଆଇ କ୍ୟାମେରା ଲଗାଯାଇଛି। ଭସାଣି ମାର୍ଗରେ ଲାଗିଥିବା ସିସି କ୍ୟାମେରା ସହିତ ଏହି ଏଆଇ ଫିଚରକୁ ସଂଯୋଗ କରାଯାଇଥିବା ଆଜି ଗଜଲକ୍ଷ୍ମୀ ପୂଜା ସମୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମୀକ୍ଷା କରି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏଥିସହ ଆଜି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଶ୍ରୀ ନାୟକ କହିଛନ୍ତି, ପେସାଦାର ଅପରାଧୀଙ୍କ ଡାଟା ବେସ୍ ଏଆଇ ଫିଚର୍ ସହିତ ସଂଲଗ୍ନ କରାଯାଇଛି। ଭିଡରେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଚିହ୍ନଟ କରି କଣ୍ଟ୍ରୋଲ ରୁମକୁ ସୂଚନା ପହଞ୍ଚାଇବ ଏଆଇ ଟେକ୍ନୋଲୋଜି। ସେହିପରି ଟ୍ରାଫିକ ପରିଚାଳନା ସମୟରେ ଗାଡ଼ି ନମ୍ବରକୁ ସହଜରେ ଟ୍ରାକ୍ କରିହେବ। ଏଥିପାଇଁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ କରାଯାଇଛି। ଯାହାକି ୨୪ ଘଣ୍ଟା ଭିଡ ଉପରେ ନଜର ରଖିଛି। ସହରର ବିଭିନ୍ନ ସ୍ଥାନରେ ୩୦ ପ୍ଲାଟୁନ୍ ପୁଲିସ ନିୟୋଜିତ ହୋଇଥିବା ସେ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।



## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଗରଦପୁର,୧୧।୧୦(ସମିସ): ମା' ମଙ୍ଗଳା ଶାନ୍ତି କମିଟି ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକ୍ ଭଦାଲୋ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ମା'ଙ୍କ ଆଶିଷ ନେବା ସହିତ ସ୍ଥାନୀୟ ଲୋକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିଭଳି ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଭୂୟସୀ ପ୍ରଶଂସା କରିଛନ୍ତି। ମା' ମଙ୍ଗଳା ଶାନ୍ତି କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା ଓ ଗ୍ରାମର ସମସ୍ତ ସଭ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା।



## ଅଳପୁଆରେ ଗଜଲକ୍ଷ୍ମୀ ପୂଜା





ପଟ୍ଟାମୁଣ୍ଡାଇ,୧୧।୧୧(ସମିସ): ଅଳପୁଆ ପଞ୍ଚାୟତ ଅନ୍ତର୍ଗତ ପାହାନ୍ତାସିଂ ସାହି ଗୋପାଳପୁର ଛକରେ କଳ୍ପବଟ ସତ୍ୟସେବା ଆଶ୍ରମ ପକ୍ଷରୁ ଅଷ୍ଟାଦଶତମ ଧନ୍ନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦେବୀପ୍ରସାଦ ମିଶ୍ର,ର ପଣ୍ଡିତ ଶ୍ରୀବନ୍ତ ପଣ୍ଡା ଓ ଚକ୍ରଧର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ପୂଜା କରାଯାଇଥିଲା। ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଧଳ, ଜାନକୀ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟା ନମିତା ଦାସ, ଚନ୍ଦନ ସାହୁ, ଶିକ୍ଷାବିତ ରଞ୍ଜିତ ସାମଲ, ବବ୍ରୁବାହାନ ଧଳ ପ୍ରମୁଖ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ସରୋଜ ଦାସ, ନୃସିଂହ ଧଳ, ଆଶିଷ ଧଳ, ସୂର୍ଯ୍ୟକାନ୍ତ ଧଳ, ଗଣେଶ ଧଳ, ସୌମ୍ୟସାର୍ଥକ ଧଳ, ରାଜେନ୍ଦ୍ର ଧଳ, ପ୍ରକାଶ ମଲ୍ଲିକ, ସନାତନ ସାହୁ, ବ୍ରହ୍ମାନନ୍ଦ ସାହୁ, ସନାତନ ସୂତାର, ରଶ୍ମିକାନ୍ତ ବେହେରା ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ମଧୁସାଗର ବିଦ୍ୟାପୀଠରେ ପ୍ରଧାନଶିକ୍ଷକଙ୍କ ଯୋଗଦାନ



ମାର୍ଶାଘାଇ,୧୧।୧୦(ସମିସ): ମାର୍ଶାଘାଇ ବ୍ଲକ୍ ଅଙ୍ଗୁଳାଇ ସର୍ବପୁରାତନ ମଧୁସାଗର ଆବାସିକ ବିଦ୍ୟାପୀଠରେ ଦୀର୍ଘଦିନ ଧରି ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଥିଲା। ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଉଥିଲା। ଏହି ଦାବିକୁ ଗୁରୁତ୍ୱ ଦେଇ ଗଣଶିକ୍ଷା ବିଭାଗ ନୂତନ ପ୍ରଧାନଶିକ୍ଷକ ପ୍ରକାଶ ସାହୁଙ୍କୁ ନିଯୁକ୍ତି ପ୍ରଦାନ କରିଛି। ଶ୍ରୀ ସାହୁ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ପ୍ରହ୍ଲାଦ ସ୍ୱାଇଁ, ଛାତ୍ର ସଂସଦ ସମ୍ପାଦକ ଭ୍ରମର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଧୀରେନ୍ଦ୍ର ପ୍ରସାଦ, ଜିଲ୍ଲା ଓକିଲ ସଂଘ ପ୍ରାକ୍ତନ ସଭାପତି ଧ୍ରୁବଚରଣ ଜେନା, ତରଣୀସେନ ମଲ୍ଲିକ, ସ୍ମାରକୀ ନ୍ୟାସ ସଭାପତି ହୃଦାନନ୍ଦ ରାଉତ, ସୁଧିରଞ୍ଜନ ବାରିକ, ଅରବିନ୍ଦ ସ୍ୱାଇଁ, ଯଦୁମଣି ପରିଡ଼ା ପ୍ରମୁଖ ନୂତନ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କୁ ସ୍ୱାଗତ କରିଛନ୍ତି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଝାଙ୍କି



ଡେରାବିଶ,୧୧।୧୦(ସମିସ): ଚାନ୍ଦୋଳ ବଜାରରେ ଗଜଲକ୍ଷ୍ମୀ ପୂଜା ଅବସରରେ ଆଜି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚାନ୍ଦୋଳ ଶାଖା ପକ୍ଷରୁ ଝାଙ୍କି ପ୍ରସ୍ତୁତ ହୋଇଛି। ଏଥିରେ ସଂସ୍ଥାର କୁମାର କୁମାରୀ ବିଭିନ୍ନ ଦେବାଦେବୀଙ୍କ ରୂପରେ ସଜ୍ଜିତ ହୋଇ ନିଶ୍ଚଳ ଭାବେ ଦୀର୍ଘ ସମୟ ଧରି ମୂର୍ତ୍ତି ଭଳି ବସି ରହିବାର ଦୃଶ୍ୟକୁ ବହୁ ସଂଖ୍ୟାରେ ଜନସାଧାରଣ ଉପଭୋଗ କରିଛନ୍ତି। ଅଭିନୟ କରୁଥିବା କୁମାର କୁମାରୀଙ୍କ ଏହି ସାଧନା ଓ ନିଷ୍ଠା ପ୍ରତି ଦର୍ଶକଙ୍କ ବେଶ ଆଗ୍ରହ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମକୁ ଚାନ୍ଦୋଳ ଶାଖାର ବିକେ ପିଙ୍କି, ବିକେ ମିନା, ବିକେ ସୁଜାତା, ବିକେ ରଘୁ, ବିକେ ତାପସ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ନିବେଶକ ସଚେତନତା

କେନ୍ଦ୍ରାପଡ଼ା,୧୧।୧୦(ସମିସ): ଇଚ୍ଛାପୁର ଗ୍ରାମରେ ଅଭ୍ୟୁଥାନ ଫାଇନାନ୍ସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିବେଶ ଉପରେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସଚେତନତା କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଶ୍ରୀ ଆୟର ଅଂଶଗ୍ରହଣକାରୀଙ୍କୁ ସରକାରଙ୍କ ଅନୁମୋଦିତ ଯୋଜନାରେ ସେମାନଙ୍କ ପାଣ୍ଠି ବିନଯୋଗ କରିବା ସହିତ ସମୟସମୟରେ ସରକାର ପ୍ରଦାନ କରୁଥିବା ସୁବିଧା ସୁଯୋଗର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। କୌଣସି ଠକ ସଂସ୍ଥା ଦ୍ୱାରା ଦିଆଯାଉଥିବା ମିଥ୍ୟା ପ୍ରଲୋଭନ ଓ ସାଇବର ଅପରାଧରୁ ଦୂରେଇ ରହିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟୁଥାନ ଫାଇନାନ୍ସିଆଲ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଦାଶରଥି ମିଶ୍ର, ସେବୀର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପ୍ରଶାନ୍ତ ମିଶ୍ର, ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀଧର ମହାନ୍ତି, ଇଣ୍ଡିଆନ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦ ପାତ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର ପ୍ରମୋଦ ସ୍ୱାଇଁ ଯୋଗ ଦେଇଥିଲେ।

## ବସନ୍ତ ପାଣିଙ୍କ ଶ୍ରାଦ୍ଧବାର୍ଷିକୀରେ ସମ୍ବର୍ଦ୍ଧନା ଉତ୍ସବ

ରାଜନଗର,୧୧।୧୦(ସମିସ): ଆଦର୍ଶ ପ୍ରଧାନଶିକ୍ଷକ ବସନ୍ତ ପାଣିଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରବଚନ ଚାନ୍ଦିବାଉଁଶମୂଳ ବାହାରଗଡ଼ ଗ୍ରାମରେ ବସନ୍ତ ପାଣି ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସଭାପତି ପ୍ରାଧ୍ୟାପକ ସତ୍ୟବାଦୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପ୍ରବଚକ ସାଧୁ ସନ୍ୟାସୀ ଜି ଯୋଗଦେଇ ଅବକ୍ଷୟମୁଖୀ ସମାଜକୁ ଉଦ୍ଧାରକୁ ଭାଗବତ ଟୁଙ୍ଗୀର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ଶରତ ମହାପାତ୍ର, ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ସୁକାନ୍ତ ତ୍ରିପାଠୀ, ମହେଶ୍ୱର ରାଉତ, ବନପାଳ ମହେନ୍ଦ୍ର ମହାନ୍ତ, କବି ବାସୁଦେବ ରାଉତ, ପତ୍ରକାର ଜଗନ୍ନାଥ ଦାସ, ଅଶୋକ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ଆଇନଜୀବୀ ସୁରେଶ ନରେନ୍ଦ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ଦାସ, କବି ପବିତ୍ର ବ୍ରହ୍ମପୁତ୍ର ନାୟକ, ହେମନ୍ତ ମିଶ୍ର, ମାନସ ମିଶ୍ର, ଦିଲ୍ଲୀପ ପାଣି, ମିଳନ ପାଣି, ବିଶ୍ୱଜିତ୍ ପାଣି, ସତ୍ୟଜିତ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଣସଗଣ୍ଡରେ ଅଗ୍ନିକାଣ୍ଡ; ୩ ଗାଇ,୧୭ ଛେଳି ଜୀବନ୍ତଦଗ୍ଧ

ରାଜକନିକା,୧୧।୧୦(ସମିସ): ରାଜକନିକା ବ୍ଲକ୍ ଅନ୍ତର୍ଗତ ପଶ୍ଚିମକନିକାର ପଣସଗଣ୍ଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଭବନା ମଲିକଙ୍କ ଗୁହାଳ ସମ୍ପୂର୍ଣ୍ଣ ରୂପେ ଭସ୍ମୀଭୂତ ହୋଇଥିବାବେଳେ ୩ଟି ଗାଇ, ୧୭ ଛେଳି ଜୀବନ୍ତ ଦଗ୍ଧ ହୋଇଥିବାବେଳେ ୨ଟି ବାଇକ୍ ଜଳିଯାଇଛି। ଗତକାଲି ବିଳମ୍ବିତ ରାତିରେ ଗୁହାଳ ଘର ଜଳୁଥିବା ଦେଖିଥିଲେ ପରିବାର ଲୋକେ। ନିଆଁର ପ୍ରକୋପ ଏତେ ଥିଲା ଯେ ଗ୍ରାମବାସୀ ଲିଭାଇବାକୁ ଉଦ୍ୟମ କରିଥିଲେ ବି ସମ୍ଭବ ହୋଇ ନ ଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଘରେ ବନ୍ଧାଯାଇଥିବା ୩ଟି ଗାଇ, ୧୭ଟି ଛେଳି ଜୀବନ୍ତଦଗ୍ଧ ହୋଇଥିବାବେଳେ ୨ଟି ବାଇକ୍ ଜଳିଯାଇଥିଲା। ଏଥିସହ ଆସବାବପତ୍ର, ଧାନ ଚାଉଳ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ନଳିନୀକାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପରଲୋକ

ରାଜନଗର,୧୧।୧୦(ସମିସ): ଚାନ୍ଦିବାଉଁଶମୂଳସ୍ଥ ନଳିନୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ତ୍ରିପାଠୀ (୫୯)ଙ୍କ ଆଜି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ସକାଳ ସାଢେ ୫ଟା ସମୟରେ ଠାକୁର ପୂଜା ପାଇଁ ବାଡ଼ିରେ ଫୁଲ ତୋଳୁଥିବାବେଳେ ଅସୁସ୍ଥ ଅନୁଭବ କରିଥିଲେ। ଘରେ ପହଞ୍ଚି ପଡିଯାଇଥିଲେ। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକରେ ରାଜନଗରରେ ଶୋକର ଛାୟା ଖେଳିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ମରଶରୀରକୁ ତାଙ୍କ କର୍ମଭୂମି ନଳିନୀକାନ୍ତ ମହାବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଜରିମୂଳ ବଜାର, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ତ୍ରିନାଥ ବଜାର, ଗୋପାଳପୁର ଛକକୁ ଶୋଭାଯାତ୍ରା କରି ବାସଭବନକୁ ନିଆଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ମେଜର ଗଗନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ସମ୍ବାଦ ସାହିତ୍ୟ ଘର ସଭାପତି ପ୍ରମୋଦ ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ପଟ୍ଟାମୁଣ୍ଡାଇରୁ ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ

# ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ,୧୧।୧୦(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବନ୍ତୋଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାପନ କରିବାକୁ ଗତ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ଏହି ବିଜ୍ଞାନ କେନ୍ଦ୍ରର ଶୁଭ ଦେଇଥିଲେ। ପଟ୍ଟାମୁଣ୍ଡାଇଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେଲେ କଲେଜ ଛାତ୍ରଛାତ୍ରୀ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ଉପରେ ଗବେଷଣା କରିବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା କରିପାରିବେ। ଇତିମଧ୍ୟରେ ସରକାର ପରିବର୍ତ୍ତନ ହୋଇଥିବାରୁ ଚଳିତ ବିଧାନସଭା ଅଧିବେଶନରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବନ୍ତୋଠାରେ ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥିତି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିବାରୁ କେନ୍ଦ୍ରାପଡ଼ା ବଳଦେବଜୀଉ ନିକଟ ଓ ମହାକାଳପଡା ସୀମାକୁ ଲାଗି ଏକ ବିକଳ୍ପ ସ୍ଥାନ ନିରୂପଣ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସରକାରୀ ଚିଠି କରାଯାଇଛି। ଜିଲ୍ଲାପାଳ ବିକଳ୍ପ ସ୍ଥାନ ନିରୂପଣ କରି ପ୍ରସ୍ତାବ ପଠାଇଲେ, ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏ ଖବର ଜଣାପଡ଼ିବା ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିର କଡ଼ା ବିରୋଧ କରିଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ପ୍ରଦାନ କରି ପଟ୍ଟାମୁଣ୍ଡାଇରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ନ କରିବାକୁ ଦାବି କରିଛନ୍ତି।

## ଧର୍ମପ୍ରାଣ ମହିଳାଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର,୧୧।୧୦(ସମିସ): ଫଳପୁର ଗ୍ରାମ ବ୍ୟବସାୟୀ ମନମୋହନ ନାୟକଙ୍କ ପତ୍ନୀ ପ୍ରତୀମା ନାୟକଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବିଦ୍ୟାଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଅନୁପମା ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ଜେନା, ନାରାୟଣ ଦାସ, ପ୍ରଶାନ୍ତ ନାୟକ, ମେଘନାଥ ମହାଳିକ, ନିରଞ୍ଜନ ଦାସ, ଗୌରାଙ୍ଗ ରାଉତ, ରବୀନ୍ଦ୍ର ବିଶ୍ୱାଳ, ଅଳକା ବାରିକ, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ

# ବାଲ୍ୟ ବିବାହ, କନ୍ୟା ଭ୍ରୂଣ ହତ୍ୟାରୁ ନିବୃତ୍ତ ରହିବାକୁ ପରାମର୍ଶ

**ଜଗତସିଂହପୁର, ୧୧।୧୦(ସମିସ)**

ଆଜି ପୂର୍ବାହ୍ନରେ ଜଗତସିଂହପୁର ସଦର ମହକୁମାସ୍ଥ ନିମାଇଁ ଭବନରେ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ବାଲ୍ୟ ବିବାହ, କନ୍ୟା ଭ୍ରୂଣ ହତ୍ୟାରୁ ନିବୃତ୍ତ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।



ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶିଶୁ ସାହିତ୍ୟିକା ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତି ଓ ଅବସରପ୍ରାପ୍ତ ବିଜ୍ଞାନ ପରିଦର୍ଶକ ସୁଭାଷ ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କ୍ଷେତ୍ର ପରିଦର୍ଶିକା ଯୋଗଦେଇ ଉପସ୍ଥିତ କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ଅଭିକା କିଶୋରୀଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ବାଲ୍ୟ ବିବାହ ନିରୋଧ, କନ୍ୟା ଭ୍ରୂଣ ହତ୍ୟାରୁ ନିବୃତ୍ତ ରହିବା, ଝିଅଙ୍କୁ ଶିକ୍ଷିତ କରିବା, ସ୍ୱାଧୀନତା ଓ ସୁରକ୍ଷା ପ୍ରଦାନ କଲେ ସେମାନେ ସମାଜରେ ଉପଯୁକ୍ତ ସମ୍ମାନର ଅଧିକାରିଣୀ ହେବା ସହିତ ସୁସ୍ଥ ଓ ବିକଶିତ ସମାଜ ଗଠନରେ ସହାୟକ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ପ୍ରଥମେ ବିଭିନ୍ନ ବ୍ଲକରୁ ଆସିଥିବା କିଶୋରୀ ବାଳିକାଙ୍କ ମଧ୍ୟରେ ଚିତ୍ରାଙ୍କନ, ଜଣାଅଜଣା, ସଙ୍ଗୀତ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ହବ, ମମତା, ପୋଷଣ ଓ ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସୁରକ୍ଷା ଅଧିକାରିଣୀ ରମଣୀ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




**ଜଗତସିଂହପୁର, ୧୧।୧୦(ସମିସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ବରାଗୋଳସ୍ଥ ନରେନ୍ଦ୍ର ବିଦ୍ୟାମନ୍ଦିରରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି ଓ ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ମାନସିକ ସ୍ୱାସ୍ଥ୍ୟ ନିୟମ ଓ ନାଲସା ଯୋଜନା ଅନୁଯାୟୀ ମାନସିକ ସ୍ତରରେ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ କିପରି ଆଇନଗତ ସାହାଯ୍ୟ କରାଯାଇପାରିବ, ଏ ସମ୍ପର୍କରେ ସଚେତନ କରାଇଥିଲେ। ମାନସିକ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ବେସରକାରୀ ସଂସ୍ଥା, ଜାତୀୟ ମାନସିକ ସ୍ୱାସ୍ଥ୍ୟ ନୀତି, ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଜାତୀୟ ଆତ୍ମହତ୍ୟା ରୋକିବା ରଣନୀତି, ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗତସିଂହପୁର ବ୍ଲକ୍‌ରେ ଅନ୍ତ୍ୟୋଦୟ ଗୃହ ବଣ୍ଟନ

**ଜଗତସିଂହପୁର, ୧୧।୧୦(ସମିସ):** ଜଗତସିଂହପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଗତସିଂହପୁର ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ପଞ୍ଚାୟତର ଆର୍ଥିକ ଅନାଗ୍ରସର ବ୍ୟକ୍ତି, ଭିନ୍ନକ୍ଷମ, ବିଧବା ମହିଳା, ଜଟିଳ ରୋଗ ଶଯ୍ୟାରେ ପଡ଼ିଥିବା ଘରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ପରିବାରବର୍ଗର ୩୪୨ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂତନ ଗୃହ କାର୍ଯ୍ୟାଦେଶ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବଣ୍ଟନ କରିଛନ୍ତି।



ଏ ଅବସରରେ ବିଧାୟକ ଶ୍ରୀ ଦାସ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି ଶ୍ରୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁନୀଲ ରାଉତରାୟ, ବ୍ଲକ ପ୍ରକଳ୍ପ ସଂଯୋଜକ ନିଗମାନନ୍ଦ ଜେନା, ବ୍ଲକ ପ୍ରକଳ୍ପ ସହାୟକ ଦିଲ୍ଲୀପ ମହାରଣା, ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲା ଚେସ୍ ଚାମ୍ପିଅନସିପ୍ ଆରମ୍ଭ

**ପାରାଦୀପ, ୧୧।୧୦(ସମିସ):** କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହଯୋଗରେ ଜଗତସିଂହପୁର ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ ପ୍ରଥମ ଜିଲ୍ଲା ଚେସ୍ ଚାମ୍ପିଅନସିପ ଶିଶୁ ବିଦ୍ୟାମନ୍ଦିରରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବାପି ସର୍ଖେଲ ଯୋଗଦେଇ ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଚେସ୍ ଆସୋସିଏସନ ଯୁଗ୍ମ ସଚିବ ଭବେଶ ମହାନ୍ତି, ପାରାଦୀପ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଗୁରୁଜୀ ପ୍ରମୁଖ ଯୋଗ ଦେଇଥିଲେ। ପାରାଦୀପ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ସଦସ୍ୟ, ଖେଳାଳି ଓ ଜିଲ୍ଲା ଚେସ୍ ଆସୋସିଏସନର କର୍ମକର୍ତ୍ତାଙ୍କୁ ଶ୍ରୀ ସର୍ଖେଲ ଧନ୍ୟବାଦ ଜଣାଇଥିଲେ।



## ପାରାଦୀପ ବନ୍ଦରକୁ ମିଳିଲା ହାଇଡ୍ରୋଜେନ ହବ୍ ମାନ୍ୟତା

**ପାରାଦୀପ, ୧୧।୧୦(ସମିସ):** ଭାରତ ସରକାରଙ୍କ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ଅଧୀନରେ ପାରଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବେ ସବୁଜ ହାଇଡ୍ରୋଜେନ୍ ହବ୍ ସ୍ୱୀକୃତି ମିଳିଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ବର୍ତ୍ତମାନ ଏକ ସବୁଜ ହାଇଡ୍ରୋଜେନ୍ ହବ୍ ଭାବେ ନାମିତ କରାଯାଇଛି। ଏହାକୁ ଭାରତର ସ୍ୱଚ୍ଛ ଶକ୍ତି ଓ ଡିକାର୍ବୋନାଇଜେସନ୍ ପ୍ରୟାସର ଅଗ୍ରଭାଗରେ ସ୍ଥାନିତ କରାଯାଇଛି। ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅଧୀନରେ ଏହି ସ୍ୱୀକୃତି ପାରାଦୀପ ବନ୍ଦରକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରୁ ପ୍ରୋତ୍ସାହନ ଓ ଲାଭ ପାଇବା ପାଇଁ ହବ୍‌ରେ ପ୍ରକଳ୍ପଗୁଡ଼ିକୁ ସକ୍ଷମ କରିଥାଏ। ସବୁଜ ହାଇଡ୍ରୋଜେନ୍ ହବ୍ ହାଇଡ୍ରୋଜେନ୍ ଉତ୍ପାଦନ, ସଂରକ୍ଷଣ, ପରିବହନ ଓ ଶେଷ-ବ୍ୟବହାର ପ୍ରୟୋଗ ପାଇଁ ସମନ୍ୱିତ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ପାରାଦୀପ ବନ୍ଦର ରଣନୈତିକ ସ୍ଥାନ ଓ ବର୍ତ୍ତମାନର ଭିତ୍ତିଭୂମିକୁ ବଡ଼ ପରିମାଣର ହାଇଡ୍ରୋଜେନ୍ ଉତ୍ପାଦନ ଓ ରପ୍ତାନୀ କରିବାକୁ ସାମର୍ଥ୍ୟ ହୋଇପାରିବ। ଏହି ପଦକ୍ଷେପ ଭାରତକୁ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ, ବ୍ୟବହାର ଓ ରପ୍ତାନୀ ପାଇଁ ଏକ ବିଶ୍ୱବ୍ୟାପୀ ହବ୍ କରିବା ପାଇଁ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଲକ୍ଷ୍ୟ ସହିତ ପାରାଦୀପ ବନ୍ଦର ଭାରତର ସ୍ଥାୟୀ ଅଭିବୃଦ୍ଧି, ସ୍ୱଚ୍ଛଶକ୍ତି ଗ୍ରହଣ ଓ ସାମୁଦ୍ରିକ ନେତୃତ୍ୱାଧୀନ ଆର୍ଥିକ ବିକାଶରେ ଯୋଗଦାନ କରିପାରିବ। ଏହି ମାନ୍ୟତା ମିଳିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କହିଛନ୍ତି, ସବୁଜ ହାଇଡ୍ରୋଜେନ୍ ହବ୍ ମାନ୍ୟତା ପାଇବା ପାଇଁ ଆମେ ସମନ୍ୱିତ ଦେଶର ସ୍ୱଚ୍ଛଶକ୍ତି ପରିବର୍ତ୍ତନକୁ ସମର୍ଥନ କରିବା ଓ ଭାରତର ଡିକାର୍ବନାଇଜେସନ୍ ଯାତ୍ରାରେ ଯୋଗ ଦେବାକୁ ପାରାଦୀପ ବନ୍ଦର ଏହାର ଭିତ୍ତିଭୂମି ଓ ରଣନୈତିକ ସମ୍ମାନିତ ଦେଶର ସ୍ୱଚ୍ଛଶକ୍ତି ପରିବର୍ତ୍ତନକୁ ସମର୍ଥନ କରିବ।

## ମନୋରମା ସ୍ମାରକୀ ପାଠାଗାରର ବାର୍ଷିକ ଉତ୍ସବ

**ଏରସମା, ୧୧।୧୦(ସମିସ):** ଏରସମା ବ୍ଲକ ଭିତରଅନ୍ଧାରି ଗ୍ରାମସ୍ଥ ମନୋରମା ସ୍ମାରକୀ ପାଠାଗାର ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏ ଅବସରରେ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦେଇଙ୍କ ଏକାଦଶତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ଏ ଅବସରରେ ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ, ସ୍ମୃତିଚାରଣ ସଭା ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ନିଶାକର ମୁଦୁଲି, ମନୋରମା ସ୍ମାରକୀ ପାଠାଗାର ସଭାପତି ଶିକ୍ଷାବିତ ଶିବପ୍ରସାଦ ସ୍ୱାଇଁ, ସମବାୟବିତ୍ ବାସୁଦେବ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପରିଡ଼ା, ସାମ୍ବାଦିକ ପ୍ରଶାନ୍ତ ମହାପାତ୍ର, ଶିକ୍ଷାବିତ ବିଜୟ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପାଠାଗାରର ବାର୍ଷିକ ସାରସ୍ୱତ ମୁଖପତ୍ର 'ମନସ୍ୱିନୀ'କୁ ଅତିଥି ଉନ୍ମୋଚନ କରିଥିଲେ। ବିଭିନ୍ନ ଉଚ୍ଚବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କୃତୀ ଛାତ୍ରଛାତ୍ରୀ ଦୁର୍ଗାପ୍ରସାଦ ନାୟକ, ସୁବ୍ରତ ବେହେରା, ସ୍ୱାଧୀନ ପ୍ରଧାନ, ଅମ୍ରିତା ରାଉତ, ଅସୀମା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଭିତରଅନ୍ଧାରି ସତ୍ୟନାରାୟଣ ପୁରାତନ ପାଲା ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ସଭାପତି ଶ୍ରୀ ସ୍ୱାଇଁ ଉକ୍ତ ପାଲା ଅନୁଷ୍ଠାନକୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସତସଙ୍ଗ କାର୍ଯ୍ୟକ୍ରମ ସହପ୍ରତିକ ରିତିକ ଅକ୍ଷୟ ପାଲ, ହେମନ୍ତ ବର୍ଦ୍ଧନ ଓ ସୌଭାଗ୍ୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମାନସ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, ମନୋରଞ୍ଜନ ଦାସ ଓ ବିଚିତ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜୀବନଦ୍ୟୁତି ବିଦ୍ୟାଳୟରେ ବିଜ୍ଞାନ ମେଳା

**ବାଲିକୁଦା, ୧୧।୧୦(ସମିସ):** ବାଲିକୁଦା ବ୍ଲକ କଣିଆସ୍ଥ ଜୀବନଦ୍ୟୁତି ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଗୁରୁଦେବ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ଶାସନ ଅଳାଭର ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନ ବିହାରୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାସୁଦେବ ସ୍ୱାଇଁ ଓ ବାଲିକୁଦା ଉଚ୍ଚବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ ବିଚାରକ ରୂପେ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରାଙ୍ଗ ଦାସ ଓ ସମ୍ପାଦକ କେଲୁ ଚରଣ ସାହୁ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଶତପଥୀ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ପ୍ରବୋଧ ମହାନ୍ତି, ନବଘନ ମୁଦୁଲି, କୃଷ୍ଣଚନ୍ଦ୍ର ଦାସ, ବାବାଜୀ ସେଠୀ ଓ ବରିଷ୍ଠ ସଦସ୍ୟା ପ୍ରତୀମା ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ କାଞ୍ଚନମାଳା ପଣ୍ଡା, ଅରୁଣ ଶତପଥୀ, ପ୍ରଭାତ ଦାସ, ସୁଜାତା ସାହାଣୀ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତପସ୍ୱିନୀ ସାଉ, ଅଜୟଲକ୍ଷ୍ମୀ ଦାସ, ମାନସଲକ୍ଷ୍ମୀ ଛୋଟରାୟ, ପ୍ରଜ୍ଞା ପରିମିତା ହାତୀ, ମେରିନା ବିଶ୍ୱାଳ, ପୂର୍ଣ୍ଣିମା ପରିଡ଼ାଙ୍କ ସମେତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।



## ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



**ପାରାଦୀପ, ୧୧।୧୦(ସମିସ):** ଏକ ପ୍ଲାଣ୍ଟରେ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତକ ହେଲେ ଉଦୟବଟ ଗ୍ରାମର ବିଷ୍ଣୁପଦ ମଣ୍ଡଳଙ୍କ ପୁଅ ସୁଶାନ୍ତ ମଣ୍ଡଳ (୩୮)। ଗତ ୨ ତାରିଖରେ ସେ ଅସୁସ୍ଥ ହେବାରୁ ତାଙ୍କୁ ଆଠରବାଙ୍କି ମେଡିକାଲ ନିଆଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଆଜି ମୃତ୍ୟୁ ହୋଇଛି। ପରିବାର ଲୋକେ କ୍ଷତିପୂରଣ ଦାବିରେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପରିବାର, ଗ୍ରାମବାସୀ, ପୁଲିସ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା।

## ଗୋମାଂସ ଜବତ, ଜଣେ ଗିରଫ

**ଜଗତସିଂହପୁର, ୧୧।୧୦(ସମିସ):** ସଦର ଥାନା ଅନ୍ତର୍ଗତ ରସଲପୁର ସ୍କୁଲ ନିକଟରୁ ଏକ ସ୍କୁଟି ସହିତ ପ୍ରାୟ ୨୫ କେଜି ଗୋମାଂସ ଜବତ କରିବା ସହିତ ଜାକିର ଖାଁ ନାମକ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଜାକିର ଖାଁର ଘର ଜୋତ ଅଞ୍ଚଳରେ ହୋଇଥିବାବେଳେ ସେ ସ୍କୁଟିରେ ଗୋମାଂସ ନେଇ ଜଗତସିଂହପୁର ଆସୁଥିଲା। ସ୍କୁଟି ପଛରେ ଟଙ୍ଗା ହୋଇଥିବା ଗୋମାଂସ ଭର୍ତ୍ତି ବ୍ୟାଗ୍ ରାସ୍ତାରେ ପଡ଼ିଯିବାରୁ ପଛରେ ଆସୁଥିବା ଜଣେ ବ୍ୟକ୍ତିଙ୍କ ନଜରକୁ ଆସିଥିଲା। ସନ୍ଦେହ ହେବାରୁ ପୁଲିସ ଓ ବଜରଙ୍ଗ ଦଳ କର୍ମୀଙ୍କୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଉକ୍ତ ସ୍କୁଟିକୁ ଜବତ କରିଥିଲା। ସ୍କୁଟି ଡିକିରେ ଏକାଧିକ ଜରିରେ ଗୋମାଂସ ଥିବା ଜଣାପଡ଼ିଥିଲା। ଜାକିର ଜଗତସିଂହପୁରର ନିର୍ଦ୍ଦିଷ୍ଟ କିଛି ହୋଟେଲ ଓ ବ୍ୟକ୍ତିଙ୍କ ଘରେ ଏହି ମାଂସ ଦେବାକୁ ଆଣିଥିବା ସ୍ୱୀକାର କରିଛି। ବଜରଙ୍ଗ ଦଳ ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରି ସ୍କୁଟି ଜବତ କରିବା ସହ ଜାକିରକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଚୂନ ଗ୍ରାମରୁ ନାଗସାପ ଉଦ୍ଧାର

**ପାରାଦୀପ, ୧୧।୧୦(ସମିସ):** ଆଜି ପାରାଦୀପଗଡ଼ ପଞ୍ଚାୟତ ଚୂନ ଗ୍ରାମରୁ ନାଗସାପ ଉଦ୍ଧାର କରାଯାଇଛି। ନିତ୍ୟାନନ୍ଦ ବେହେରାଙ୍କ ଘର ମଧ୍ୟରେ ୫ ଫୁଟର ନାଗସାପ ଦେଖି ପରିବାର ଲୋକେ ଭୟଭୀତ ହୋଇ କୁଜଙ୍ଗ ଅଞ୍ଚଳର ସାପ ଧରାଳି ପ୍ରଭାତ ବେହେରାଙ୍କୁ ସୂଚନା ଦେଇଥିଲେ। ପ୍ରଭାତ ତାଙ୍କ ସହଯୋଗୀଙ୍କ ସହ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ବ୍ରାଉନସୁଗର ଜବତ; ଜଣେ ଗିରଫ

**ଜଗତସିଂହପୁର, ୧୧।୧୦(ସମିସ):** ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ କାଦୁଅପଡ଼ା ଗ୍ରାମରେ ଚଢ଼ଉ କରାଯାଇ ଦୁଇଟି ମୋବାଇଲ, ବାଇକ୍ ସହିତ ୧୦୩ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସନ୍ତୋଷ ଗୁରୁ ଓରଫ ଟୁବୁଲାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ୩୦ ହଜାର ଟଙ୍କା ହେବ। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଏହି ଚଢ଼ଉରେ ଏସ୍‌ଆଇ ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ ଶ୍ରୀଧର ସିଂ, ଜଗତସିଂହପୁର ଅବକାରୀ ଥାନା ଓଆଇସି ସନ୍ତୋଷ ନାୟକ, ଏଏସ୍‌ଆଇ ପିନାକୀ ରାଉତରାୟ, କନଷ୍ଟେବଲ ସବିତା ନାୟକ ଓ ସୁକାନ୍ତ ମାଝି ପ୍ରମୁଖ ସାମିଲ ଥିଲେ।



## ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ

**ବାଲିକୁଦା, ୧୧।୧୦(ସମିସ):** ବାଲିକୁଦା ବ୍ଲକ କଣିଆ ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବରେ କଣିଆ ଗ୍ରାମର ସୁଶାନ୍ତ ପରିଡ଼ାଙ୍କ ସହ ସ୍ଥାନୀୟ ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ସୁଶାନ୍ତ ପୂଜା କମିଟିର କିଛି ସଦସ୍ୟଙ୍କ ଗାଡ଼ି ଭଙ୍ଗାରୁଜା କରିବାରୁ କମିଟିର ୭ ଜଣ ଯୁବକ ସୁଶାନ୍ତଙ୍କୁ ମରଣାନକ ଆକ୍ରମଣ କରି କେନାଲକୁ ଫିଙ୍ଗି ଦେଇଥିଲେ। ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ମିନିଟ ସମୟରେ ସ୍ଥାନୀୟ ଲୋକେ ୧୧୨କୁ ସୂଚନା ଦେବା ପରେ ଟିମ୍ ପହଞ୍ଚି ସୁଶାନ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ଜଗତସିଂହପୁର ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ତାଙ୍କ ପତ୍ନୀ ସୋନୁପ୍ରଭା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ବାଲିକୁଦା ପୁଲିସ ପକ୍ଷରୁ ୪୬୮/୨୫ରେ ମାମଲା ରୁଜୁ କରି ପ୍ରିୟବ୍ରତ ବିଶ୍ୱାଳ, ଦୀପକ ସ୍ୱାଇଁ, ଆଶିଷ ନାୟକ, ରଞ୍ଜିତ ରାଉତ, ପ୍ରକାଶ ବିଶ୍ୱାଳ, ବୀରେନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

## କୋଠି ହାଟରେ ବାଲିଘର ପକ୍ଷରୁ ଚାରା ବଣ୍ଟନ

**ଏରସମା, ୧୧।୧୦(ସମିସ):** ଏରସମା ବ୍ଲକର କୋଠି ହାଟରେ ବାଲିଘର ଫାଉଣ୍ଡେସନ ପକ୍ଷରୁ ଚାରା ବଣ୍ଟନ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶ୍ରୀ ସ୍ୱାଇଁ କୋଠି, ମାଣପୁର, ନିମୋଳ, ରଇଜଙ୍ଗା, କୃଷ୍ଣଚନ୍ଦ୍ରପୁର, କୁମ୍ଭାଡି ପ୍ରଭୃତି ଗ୍ରାମର ମୁରଲୀଧର ମିଶ୍ର, କେଲୁଚରଣ ନାୟକ, ରାଧାକାନ୍ତ ବାରିକ, ଟୁକୁନା ଦାସ, ସୂର୍ଯ୍ୟମଣି ଗୋଛାୟତ, ଦୟାନିଧି ଗୋଛାୟତ, ପ୍ରସନ୍ନ ସାମଲ, ନବୀନ ମଲ୍ଲିକ, ଅରୁଣ ଗୋଛାୟତ, ଗୌରାଙ୍ଗ ଜେନା, ଶିବୁନା ମଲିକ, ମିଟୁ ମଲିକ, ସରୋଜ ଲେଙ୍କା ଓ ସୁଦର୍ଶନ ଦାସଙ୍କୁ ପରିବେଶ ସଚେତନତା ଓ ସମଗ୍ର ଜୀବ ଜଗତ ପାଇଁ ଗଛଟିଏର ଉପକାରିତା ସମ୍ପର୍କରେ ବୁଝାଇ ଗୋଟିଏ ଗୋଟିଏ ଗଛ ନେଇ ତାକୁ ଯତ୍ନର ସହ ବଞ୍ଚାଇ ରଖିବାକୁ ଅନୁରୋଧ କରିଥିଲେ।

## ଦ୍ୱିତୀୟ ଦିନରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ଧାରଣା



**ପାରାଦୀପ, ୧୧।୧୦(ସମିସ):** ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ବିବାଦ ଏବେ ଉଗ୍ରରୂପ ନେଇଛି। ସଂଘରେ ଅନିୟମିତତା ନେଇ କିଛି ମାଲିକ ଦାବି କରିଆସୁଥିବାବେଳେ ବର୍ତ୍ତମାନର କର୍ମକର୍ତ୍ତା ଥିବା ମାଲିକ ଏହାକୁ ଖଣ୍ଡନ କରିଛନ୍ତି। ଗତକାଲି ସନ୍ଧ୍ୟାରୁ କିଛି ମାଲିକ ସଂଘରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଧାରଣା ଦେଇଥିବା ମାଲିକଙ୍କ କହିବା କଥା ବର୍ତ୍ତମାନର କର୍ମକର୍ତ୍ତାଙ୍କ ଦ୍ୱାରା ଦୁର୍ନୀତି ଓ ହରିଲୁଟ୍ ହେଉଛି। ଏହାର ତଦନ୍ତ କରିବା ସହିତ ସମ୍ପାଦକ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ। ନଚେତ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ନୂତନ ସଦସ୍ୟ ସଂଗ୍ରହରେ ମଧ୍ୟ ବ୍ୟାପକ ଦୁର୍ନୀତି କରାଯାଇଛି। ବିନା ସିରିୟ ଓ ବିନା ସ୍ଲିପରେ ଗାଡି ଲୋଡିଂ କରାଯାଉଛି। ସଂଘ ପକ୍ଷରୁ ଯୋଗାଇ ଦିଆଯାଉଥିବା ଟାୟାରରେ ମଧ୍ୟ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହିତ ଏହି ଘଟଣାରେ ହସ୍ତକ୍ଷେପ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି ଟ୍ରକ ମାଲିକ। ସଂଘର ପୂର୍ବତନ ସଭାପତି ଛଇଳ ଜେନାଙ୍କ ସମେତ ଶ୍ରୀରାମ ସାହୁ, ଗୌତମ ନାୟକ, ଭଗବାନ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରକାଶ ଜେନା, ମନୋଜ ବିଶ୍ୱାଳ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଛନ୍ତି। ବର୍ତ୍ତମାନର କୋଷାଧ୍ୟକ୍ଷ ମାନସ ପାତ୍ରଙ୍କ ସହ ଯୋଗାଯୋଗ କରିବା ପରେ ଏଭଳି ଧାରଣା ଭିତ୍ତିହୀନ ଓ ସୁପରିକଳ୍ପିତ ବୋଲି କହିଛନ୍ତି।

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଲୋକାର୍ପଣ

**ଜଗତସିଂହପୁର, ୧୧।୧୦(ସମିସ)**



ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ଫସଲ ମିଶନ ଲୋକାର୍ପଣ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ସମାନ୍ତରାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡଃ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ଦାସ ଜଗତସିଂହପୁର ଜିଲ୍ଲାକୁ ବରପୁତ୍ରଙ୍କ ମାଟି ବୋଲି ସମ୍ବୋଧନ କରିଥିଲେ। ଜିଲ୍ଲାର ବିକାଶ କୃଷକଙ୍କ ବିକାଶରେ ସମ୍ଭବ। ଜିଲ୍ଲାରେ ମାଛଚାଷ କିପରି ଭାବେ ବୃଦ୍ଧି ପାଇବ, ବନ୍ଦର, ପର୍ଯ୍ୟଟନ ସ୍ଥଳୀ, ଶିଳ୍ପର ବିକାଶ ସାଧନ, ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦ୍ୱିଗୁଣିତ ହେବ ବୋଲି ସେ କହିଥିଲେ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପଣ୍ଡା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ରାଜ୍ୟ ଓ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ହେବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାରେ ଦେଶର ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ ଅଧିକ ଫସଲ ଉତ୍ପାଦନ, ଫସଲର ବିବିଧିକରଣ, ଜଳସେଚନ ପ୍ରକଳ୍ପର ଉନ୍ନତିକରଣ, କୃଷି ଋଣ, ଜୈବିକ କୃଷି ଓ କୃଷି ଉତ୍ପାଦନର ପ୍ରକ୍ରିୟାକରଣ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଜାତୀୟ ଡାଲି ଫସଲ ଅଧୀନରେ ଡାଲି ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି, ସର୍ବନିମ୍ନ ସହାୟକ ମୂଲ୍ୟରେ ଶହେ ପ୍ରତିଶତ ଫସଲ ଖରିଦଦାରୀ ଓ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ଅବସରରେ ଉପସ୍ଥିତ ସମସ୍ତ ଅତିଥି ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀନୂଆଦିଲ୍ଲୀରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣଙ୍କ ଜୟନ୍ତୀ



ବାଲିଆପାଳ, ୧୧।୧୦ (ସମିସ): ବାଲିଆପାଳରେ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଜନନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ୭୫ ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଥିବା ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବ୍ଲକ ଛକ ଠାରେ ଲଡୁ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବାଲ୍ୟ ବନ୍ଧୁ ମୂରଲୀ ମୋହନ ସାହୁ, ମଧୁସୂଦନ ବାରିକ, ବ୍ରଜମୋହନ ଭୂୟାଁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ଯୋଗଦେଇ ଜୟନାରାୟଣ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଦୁଇ ଥର ବିଧାୟକ ରହି ବାଲିଆପାଳର ବିନ୍ଧାଣି ସାଜିଥିଲେ ବୋଲି କହିଥିଲେ। ପୁଅ ସତ୍ୟକାମ, ଦିବ୍ୟକାମଙ୍କ ସମେତ ଶୁଭେନ୍ଦୁ ଦାସ, ନୃସିଂହ ବିଶ୍ୱାଳ, ସୁଶାନ୍ତ ନାୟକ, ପଦ୍ମ ଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ବାଲେଶ୍ୱର,୧୧।୧୦(ସମିସ): ସାରା ବିଶ୍ୱରେ ଅକ୍ଟୋବର ୧୦ ତାରିଖରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଶନିବାର ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସହରର ମାନସିଂ ବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ରିତିକ ଜୀଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ତରୁଲତା ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରେରଣାଦାୟକ ବକ୍ତା ସରିତା ପରିଡ଼ା ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନସିକ ଦୁଶ୍ଚିନ୍ତାରୁ କିପରି ରକ୍ଷା ପାଇବେ ସେ ନେଇ ବିଭିନ୍ନ ପ୍ରକାର ଉପଦେଶ ଦେଇଥିଲେ। କ୍ଲବର ନିର୍ଦ୍ଦେଶକ ସେଖ ଆୟୁବ, ବିଶ୍ୱରୂପ ପରିଡ଼ା, ସେଖ ତାରିକ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ କୌଶଳ ଶିଖାଇଥିଲେ।

# ମେଗା ପାନୀୟଜଳ ପ୍ରକଳ୍ପ ସମୀକ୍ଷା

ଖଇରା,୧୧।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ଶାରିଶୁଆ ପାହାଡ ପାଦଦେଶରେ ଥିବା କୁପାରୀ ଜୋନର ୭ ପଞ୍ଚାୟତ କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ୨୦୨୩ ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶନିବାର ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଥମେ ବିଧାୟକ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ବିଚିତ୍ର ପାତ୍ର, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେ, ସହକାରୀ ଯନ୍ତ୍ରୀ ଓ କାର୍ଯ୍ୟର ଦାୟିତ୍ୱ ନେଇଥିବା ନାଗାର୍ଜୁନ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପାନୀୟ ଜଳ ଓ ପରିମଳ ବିଭାଗ,ଠିକାଦାର କମ୍ପାନୀର ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣଙ୍କ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ। କୁପାରୀ ଓ ହରିପୁରରେ ଟାଙ୍କି ଅସଂପୂର୍ଣ୍ଣ ରହିବା, କଂକ୍ରିଟ ରାସ୍ତା ଖୋଳି ପାଇପ ବିଛାଯିବା ପରେ ମରାମତି ନକରି ଛାଡି ଦିଆଯିବା, ଠିକାଦାରଙ୍କ ଅଧିନରେ କାମ କରି ଅର୍ଥ ପାଇନଥିବା ନେଇ ବହୁ ଗ୍ରାମବାସୀ ଓ ଲୋକପ୍ରତିନିଧି ଅଭିଯୋଗ କରିଥିଲେ। ଜାନୁଆରୀ ମାସ ଶେଷ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଅଧିକାରୀ ମାନେ ପ୍ରତିଶୃତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦଘାଟନ କରାଯିବାର ଯୋଜନା ରହିଥିବାରୁ ଏଗୁଡିକ ର ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କୁରୁଣ୍ଟା ନୋଡାଲ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି

ଖଇରା,୧୧।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟାସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭୀ-୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତପୋଧନ ବାରିକ ଓ ମନୋଜ କୁମାର ପ୍ରଧାନ, ଶିକ୍ଷାବିତ ଅଜୟ କୁମାର ପଣ୍ଡା ପ୍ରମୁଖ ଉଦଘାଟନୀ ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଉଦୟଭାନୁ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବିତର୍କ, ଗୀତ, କୁଇଜ, ବକ୍ତୃତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଣୀଭଦ୍ର ଯେନା, ଲକ୍ଷ୍ମଣ ନାୟକ, ସୁଶାନ୍ତ ମହାପାତ୍ର, ସୁବାଷ ସାହୁ, ଜୟନ୍ତ ପଣ୍ଡା, ଈଶ୍ୱର ମାଝୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖଇରାକୁ ଏନ୍ଏସି ଘୋଷଣା ପ୍ରସଙ୍ଗ
# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ସ୍ଥଗିତ

ଖଇରା,୧୧।୧୦ (ସମିସ)



ବାଲେଶ୍ୱର ଜିଲା ଖଇରା ସହର ଏନଏସି ତାଲିକାରୁ ବାଦ ପଡିବା ପରେ ଖଇରାର ସମସ୍ତ ସଙ୍ଗଠନ ସ୍ୱାଭିମାନ ମଞ୍ଚ ବ୍ୟାନର ରେ ସେପ୍ଟେମ୍ବର ୧୫ ତାରିଖରୁ ଗଣଧାରଣାରେ ବସି ରହିଥିଲେ। ଶନିବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଫୋନ ମାଧ୍ୟମରେ ଖଇରାକୁ କିଭଳି ଏନଏସି ତାଲିକାରେ ସାମିଲ କରାଯିବ ସେକଥା ସେ ବୁଝିବେ ବୋଲି ମଞ୍ଚକୁ ପ୍ରତିଶୃତି ଦେବା ପରେ ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ଆଲୋଚନା କରିବା ପରେ ଗଣଧାରଣା ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ମତାମତ ନେବାରେ ଏନଏସି ମାନଦଣ୍ଡ ଆଧାରରେ ଆଉ ଥରେ କାଗଜପତ୍ର ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି। ଖଇରାରେ ମେଡିକାଲ, କୋର୍ଟ, ତହସିଲ ରହିବା ସହ ଏନଏସି ପାଇଁ ସବୁ ପ୍ରକାର ଭିତ୍ତିଭୂମି ରହିଛି। ଯଥାଶୀଘ୍ର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ପୂର୍ବରୁ ବିଜେଡି ସରକାର ସମୟରେ ୫୭ଟି ସହରକୁ ଏନଏସି ଭାବେ ଘୋଷଣା କରାଯାଇଥିବା ବେଳେ ଏଥିରେ ଖଇରାର ନାମ ମଧ୍ୟ ଥିଲା। ହେଲେ ନୂତନ ଭାବେ ଭାଜପା ସରକାର ଏହି ଘୋଷଣାନାମାକୁ ରଦ୍ଦ କରିବା ସହ ନୂତନ ଭାବେ ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ଘୋଷଣା କରାଯାଇଥିବା ବେଳେ ଏଥିରୁ ଖଇରା ବାଦ ପଡିଥିଲା। ପ୍ରତିବାଦରେ ସ୍ୱାଭିମାନ ସଦସ୍ୟ ମାନେ ଖଇରାକୁ ଏନଏସି ଘୋଷଣା ଦାବିରେ ଧାରଣାରେ ବସି ରହିଥିଲେ। ଆଲୋଚନାରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଉପସ୍ଥିତ ଥିଲେ।

# 'କାନ୍ତକବି ବିମର୍ଶ' ଶୀର୍ଷକରେ ସାହିତ୍ୟ ସଂପାନ



ବାଲେଶ୍ୱର,୧୧।୧୦(ସମିସ): ଓଡ଼ିଆ ଗବେଷଣା ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଆନୁକୂଲ୍ୟରେ ସ୍ରଷ୍ଟା ନାଟ୍ୟାଳୟ ସଭାଗୃହରେ "କାନ୍ତକବି ବିମର୍ଶ' ଶୀର୍ଷକରେ ଏକ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଯାଇଛି। ଗବେଷଣା ପରିଷଦର ଉପସଭାପତି ଡ. ଅସିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗବେଷଣା ପରିଷଦର ସଂପାଦକ ଡ. ଗୌରାଙ୍ଗ ଚରଣ ଦାଶ ପରିଷଦର ବିଭିନ୍ନ ସଂପାନ ସଂପର୍କରେ ସୂଚନା ଦେଇଥିଲେ। ଭାଷା ବିକାଶର ସଂଗଠନ ସଂପାଦକ ତପନ ରାୟ ପାଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଂପାନରେ ଡ. ଶିରୀଶଚନ୍ଦ୍ର ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯଥାକ୍ରମେ "ଅସହଯୋଗର ଗୁମର କଥା: ଅସହଯୋଗୀର ଆହକଥା' ଓ "କିଣମାମୁର ଆଦ୍ୟପ୍ରାନ୍ତ ପ୍ରବନ୍ଧ ପାଠ କରିବା ସହ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନ ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗବେଷଣା ପରିଷଦରୁ ଆସିଥିବା ଡ. ଗୋବିନ୍ଦ ଭୂୟାଁ, କ. ଗୌରହରି ମହାନ୍ତି, ଡ. ସୁରେନ୍ଦ୍ର ମିଶ୍ର ଓ ଗାଳ୍ପିକା ସୁନନ୍ଦା ପ୍ରଧାନ କାନ୍ତକବିଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବରେ ମଞ୍ଚସୀନ ହୋଇଥିବା ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ ଓ ନିରଂଜନ ରାଉତ କାନ୍ତକବିଙ୍କ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କାନ୍ତକବିଙ୍କ ରଚନାରୁ "ସବୁଥିରୁ ବଞ୍ଚିତ କରି' ଗୀତକୁ ଗାନ କରାଯାଇଥିଲା। ପ୍ରଭାକର ସାହୁ ପ୍ରମୁଖ କବିମାନେ କାନ୍ତକବିଙ୍କ ସଂପର୍କରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ସାହୁ, ପ୍ରଦୀପ ଚାଟାର୍ଜୀ, ଶରତ କୁମର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡାକ୍ତର ଶାକ୍ୟସିଂହ ଦାସ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ୍ୱର ଦାଣ, ଦୀନବନ୍ଧୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ତରାଗଡ଼ିଆରେ ରାବଣ ପୋଡ଼ି ଉତ୍ସବ



ନୀଳଗିରି, ୧୧।୧୦ (ସମିସ): ଔପଦା ବ୍ଲକ ସନ୍ତରାଗଡ଼ିଆ ଅଞ୍ଚଳ ନୟାପାଟଣା ଗ୍ରାମ ମନ୍ଦିରଡିହ ପଦାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ସନ୍ଧ୍ୟା ୬ ଘଟିକା ଠାରୁ ପଡିଆ ରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଶାଳ ଏକ ପଟୁଆରରେ ବାଡ଼ି ଖେଳ କରି ପଡିଆ ଠାରୁ ଆରମ୍ଭ କରି ସନ୍ତରାଗଡିଆ ବଜାର ପରିକ୍ରମା କରିଥିବା ବେଳେ ରାବଣ, ହନୁମାନ, ଦୁର୍ଗା, ରାମ, ଲବ କୁଶ ବେଷ ଧରି ଛକ ଛକ ମାନଙ୍କ ରେ ବାଡ଼ି ଖେଳ ସହିତ ଆକର୍ଷଣୀୟ ଅଭିନୟ କରିଥିଲେ। ରାବଣ ପୋଡ଼ି ଉତ୍ସବ ଆରମ୍ଭ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ, ମୁଖ୍ୟବକ୍ତା ଭାବେ କାଣ୍ଡ ଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତଙ୍କ ସମେତ କମିଟିର ସଭାପତି ବିଜୟ ପ୍ରଧାନ, ସମ୍ପାଦକ ବଳରାମ ରାଉତ, ଉପ ସଭାପତି ଗଙ୍ଗାଧର ମହାନ୍ତି, ପ୍ରଦୀପ ରାଉତ, ସହ ସମ୍ପାଦକ ସୌଭାଗ୍ୟ ରଣା ଏବଂ ମହେଶ୍ୱର ମାଝୀ କୋଷାଧ୍ୟକ୍ଷ ସୌଭାଗ୍ୟ ରଣା ମଞ୍ଚାସିନ ରହି ଉପସ୍ଥିତ ଅଗଣିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ବଳରାମ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ସଭା ସମାପ୍ତ ପରେ ବିଭିନ୍ନ ବାଣ ରୋଷଣୀ ରେ ଉପସ୍ଥିତ ଜନତା ସ୍ତମ୍ଭୀଭୁତ ହୋଇଥିଲେ।

# ଓଲମରା ଉଚ୍ଚ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ



ଜଳେଶ୍ୱର, ୧୧।୧୦(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ଭରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବରିଷ୍ଠ ସହକାରୀ ଶିକ୍ଷକ ତଥା ଜେ ଆର୍ ସି କାଉନସିଲର ନାରାୟଣ ପାଇକରାୟଙ୍କ ସହଯୋଗରେ ଶନିବାର ସକାଳୁ ପିଲାମାନେ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଶେଶ୍ୱର ଘଡେଇ, ସଞ୍ଜୟ କୁଇଲା, ବଳରାମ ମୁର୍ମୁ, ସମରସେନ ସର୍ଦ୍ଦାର, ନୀଳକଣ୍ଠ ଜେନା, ପ୍ରଦୀପ ଦାସ, ପୁଷ୍ପଲତା ଜେନା, ସୁଲୋଚନା ହେମ୍ରମ, ଆର୍ଷୀମେଲ ଟୁଡୁ, ସୁଚିସ୍ମିତା ବେହେରା, ମଞ୍ଜୁଲତା ଗିରି, ମିନାକ୍ଷୀ ଗାନ୍ଧୀ ଓ ଅଣଶୈକ୍ଷିକ କର୍ମଚାରୀ ପ୍ରଦୀପ ଘୋଷ, ବିଶ୍ୱଜିତ ଦାସ ପ୍ରମୁଖ ସହଯୋଗ କରି ରାସ୍ତାକୁ ସଫେଇ କରିବା ସହ ପିଲାମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲେ।

# ଅଙ୍ଗନବାଡି କର୍ମୀଙ୍କୁ ମାଡ଼ ଅଭିଯୋଗ

ସୋର, ୧୧।୧୦(ସମିସ): ସୋର ବ୍ଲକ ତଳନଗର ପଞ୍ଚାୟତ ପଦନପଡା ଅଙ୍ଗନବାଡି କେନ୍ଦ୍ରର କର୍ମୀ ଜଣେ ଶିଶୁକୁ ଫିଙ୍ଗିଦେବାକୁ କେନ୍ଦ୍ର କରି ଅଙ୍ଗନବାଡି କର୍ମୀଙ୍କୁ ଗ୍ରାମବାସୀ ମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଏହି ଅଙ୍ଗନବାଡି କେନ୍ଦ୍ରରେ ଗ୍ରାମର କଣ୍ଟେଇ ମାଝୀଙ୍କ ପୁଅ ପାଠ ପଢ଼ନ୍ତି। କିନ୍ତୁ ଆଜି ପୂର୍ବାହ୍ନରେ ଅଙ୍ଗନବାଡି କର୍ମୀ ପ୍ରଭାସିନୀ ଦାସ ତାଙ୍କ ପୁଅକୁ ୪ ଫୁଟ ତଳକୁ ଫିଙ୍ଗି ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି କର୍ମୀ ପ୍ରଭାସିନୀକୁ ମାଡ଼ ମାରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଗ୍ରାମବାସୀଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛନ୍ତି। ଖବର ପାଇ ସିଡିପିଓ ହାରାମଣି ନାୟକ ସୋର ଥାନାରେ ପହଞ୍ଚି ବୁଝାସୁଝା କରିଥିବା ଜଣାପଡିଛି। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଉଭୟ ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୋଷଣ ମାସ କାର୍ଯ୍ୟକ୍ରମ




ସିମୁଳିଆ, ୧୧।୧୦ (ସମିସ): ପୋଷଣ ମାସ ୨୦୨୫ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବାସନ୍ତୀ ମଣି ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳା, କିଶୋରୀ ଏବଂ ବାଳକମାନଙ୍କୁ ନେଇ ଏକ ସଚେତନ ସଭାର ଆୟୋଜନ କରାଯାଇଥିଲା। ବିଭିନ୍ନ ପୁଷ୍ଟି ଖାଦ୍ୟ ପ୍ରଦର୍ଶନୀ କରିବା ସହ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ବକୃତା, ରଚନାଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାର ଉତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୌଷ୍ଟିକ ଆହାର ସାମଗ୍ରୀର ପ୍ରଦର୍ଶନୀ କରିଥିବା ବିଭିନ୍ନ ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୦ ବର୍ଷ ହେଲା ଦରମା ପାଇ ନାହାନ୍ତି ପମ୍ପ ଡ୍ରାଇଭର

କାଳିପଦା,୧୧।୧୦(ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଚକ୍ରଧର ରାଉଳ ଜଣେ ଗରିବ ପମ୍ପ ଡ୍ରାଇଭର। ଦଶ ବର୍ଷ ହେବ ସେ ଦରମା ପାଉ ନ ଥିବାରୁ ଦୁଃଖରେ ତାଙ୍କର ଜୀବନ ଅତିବାହିତ ହେଉଛି। ପଞ୍ଚାୟତର ସରପଞ୍ଚଙ୍କଠୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ହାରି ଗୁହାରି କରି ନିରାଶ ହୋଇ ଶେଷରେ ଗଣମାଧ୍ୟମର ନେଇଛନ୍ତି ସାହାରା। ଜାଠିଆ ଗ୍ରାମର ଚକ୍ରଧର ରାଉଳଙ୍କୁ ୨୦୧୬ ମସିହାରେ ଏସଇଏମ ଭାବରେ ତତ୍କାଳୀନ ସରପଞ୍ଚ ଅଜୟ ଭୂୟାଁ ପଞ୍ଚାୟତ ବୈଠକରେ ରିଜ୍ୟୁଲୋସନ କରି ନିଯୁକ୍ତି ଦେଇଥିଲେ। ତେବେ ସେବେଠାରୁ ଚକ୍ରଧର ଏସଇଏମ ସହ ପମ୍ପ ଡ୍ରାଇଭର ଭାବରେ ଅଦ୍ୟାବଧି କାମ କରୁଛନ୍ତି। ବିଗତ ପାଞ୍ଚବର୍ଷ ତତ୍କାଳୀନ କଂଗ୍ରେସ ଦଳର ସରପଞ୍ଚ ଥିବାବେଳେ ୨୦୨୨ ନିର୍ବାଚନରେ ବି କଂଗ୍ରେସ ଦଳର ସମର୍ଥିତ ସରପଞ୍ଚ ସରୋଜ ପିଳା ଅଦ୍ୟାବଧି ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କଠାରେ ଦରମା ପାଇଁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ନିରାଶ ହୋଇଛନ୍ତି ଚକ୍ରଧର। ଏ ବାଦଦରେ ବର୍ତ୍ତମାନର ସରପଞ୍ଚ ସରୋଜ ପିଳାଙ୍କ ମତ ହେଉଛି ଭିନ୍ନ ଧରଣର। ସେ କହୁଛନ୍ତି ମୋ ସମୟରେ କାହାକୁ ମୁଁ ପମ୍ପ ଡ୍ରାଇଭର ଭାବରେ ନିଯୁକ୍ତି ଦେଇନାହିଁ। ଅଭିଯୋଗର ସତ୍ୟତା ନଥିବା ପ୍ରକାଶ କରିଛନ୍ତି। ରାଜନୈତିକ ଛକା ପନ୍ଝାରେ ଚକ୍ରଧର ରାଉଳଙ୍କ ଭାଗ୍ୟ ଭବିଷ୍ୟତ ଅନିଶ୍ଚିତତା ଆଡକୁ ଠେଲି ହୋଇଯିବା ପରେ ଚକ୍ରଧର ରାଉଳ କିନ୍ତୁ ଦଶ ବର୍ଷର କାର୍ଯ୍ୟ କରିବାର ଅର୍ଥ ଦାବିକରିବା ସହ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ତେବେ ଚକ୍ରଧର ରାଉଳଙ୍କ କାର୍ଯ୍ୟ ଅତ୍ୟନ୍ତ ସନ୍ତୋଷଜନକ ବୋଲି ଗ୍ରାମବାସୀ କହିବା ସହ ତାଙ୍କୁ ତାଙ୍କର ପ୍ରାପ୍ୟ ଦେବାକୁ ଦାବି କରିଛନ୍ତି। ତେବେ ଜଣେ ବିଜେଡି ସମର୍ଥିତ ସରପଞ୍ଚ ସମୟର ନିଯୁକ୍ତିକୁ କଂଗ୍ରେସ ସମର୍ଥିତ ସରପଞ୍ଚ ନ ମାନିବା ଫଳରେ ଦଳୀୟ ମନୋଭାବ ଯୋଗୁଁ ଗୋଟିଏ ଗରିବ ପରିବାର ଆଜି କାର୍ଯ୍ୟ କରୁଥିବା ବେଳେ ଦରମା ନପାଇ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି।

# ସାପ କାମୁଡ଼ାରେ ଚାଷୀ ମୃତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୧।୧୦ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘଟା ପଂଚାୟତର କୃଷ୍ଣ ନଗର ଗାଁର ମୁଚିରାମ ମୁର୍ମୁଙ୍କ ପୁଅ ରାଜୁ ମୁର୍ମୁ(୫୧) ଗୁରୁବାର ଦିନ ନିଜ କ୍ଷେତକୁ ପୋକମରା ଔଷଧ ସ୍ପ୍ରେ କରିବାକୁ ଯାଇଥିଲେ। ଜମିରେ ଏକ ବିଷଧର ସାପ ତାଙ୍କୁ କାମୁଡି ଥିଲା। ଘରକୁ ଆସି କହିବା ପରେ ତାଙ୍କୁ ତୁରନ୍ତ୍ ଜିକେ ଭଟ୍ଟର ହସପିଟାଲରେ ଭର୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଶୁକ୍ରବାର ରାତିରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଆଜି ତାଙ୍କର ମରଶରୀର ଗାଁରେ ପହଞ୍ଚିବାପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବେସାହାରା ସ୍ତ୍ରୀ ଓ ୪ ପୁତ୍ର କନ୍ୟାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଂଚ ମିନତୀ କର, ସମାଜସେବୀ ଚନ୍ଦନ କର ଦାବି କରିଛନ୍ତି।

# ଚୋରି ଟ୍ରକ୍ ଶରତ ଘାଟିରୁ ଉଦ୍ଧାର

ଠାକୁରମୁଣ୍ଡା, ୧୧।୧୦(ସମିସ): ଚୋରି କରି ନେଉଥିବା ଏକ ୧୪ ଚକିଆ ଟ୍ରକକୁ ଠାକୁରମୁଣ୍ଡା ପୁଲିସ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖ ବିଳମ୍ବିତ ରାତିରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଚୋରି ହେଇଥିବା ଏକ ୧୪ ଚକିଆ ଟ୍ରକକୁ ଜବତ କରିବା ପାଇଁ ତରାମରା ଛକ ନିକଟରେ ଅପେକ୍ଷା କରିଥିଲେ। କିଛି ସମୟ ପରେ ଆସୁଥିବା ଟ୍ରକକୁ ଅଟକାଇବାରୁ ଗାଡିଟି ଦ୍ରୁତଗତିରେ ଠାକୁରମୁଣ୍ଡା ଆଡ଼କୁ ପଳାଇଥିଲା। ଟ୍ରକଟି ହନୁମାନ ଛକ ଦେଇ ଠାକୁରମୁଣ୍ଡା ଶରତ ରାସ୍ତାରେ ଯାଇଥିଲା। ଗାଡିଟି ଠାକୁରମୁଣ୍ଡାରୁ ୨୫ କିମି ଦୂର ଶରତ ଘାଟିରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଅଧା ଖସି ଅଟକି ରହିଥିଲା। ପରେ ପୁଲିସ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ କରୁଛି।



# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ରାଇରଙ୍ଗପୁର, ୧୧।୧୦ (ସମିସ): ଶୌଚ ହେବାକୁ ଯାଇଥିବାବେଳେ ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ବନଖଣ୍ଡ ବିଭାଗ ଅନ୍ତର୍ଗତ ବାଁସିଲା ଗ୍ରାମରେ ଘଟିଛି। ମୃତକ ହେଲେ ବୃଦ୍ଧ ରାମତା କଳାଃ। ସେ ଶନିବାର ଭୋରୁ ଡୁଙ୍ଗୁରୀ ପଟକୁ ଶୌଚ ହେବାକୁ ଯାଇଥିଲେ; ହେଲେ ହାତୀପଲରୁ ଅଲଗା ହୋଇ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବନବିଭାଗ ପହଞ୍ଚି ଯାଞ୍ଚ କରିବା ସହିତ ବାଦାମପାହାଡ଼ ପୁଲିସକୁ ଖବର ଦେଇଥଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି।

# ସୁନା ଡମ୍ବୁରୁ ଦେବାକୁ କହି ୨୦ ଲକ୍ଷ ଠକେଇ
## ଅଭିଯୁକ୍ତ ଗିରଫ

ବସ୍ତା ବ୍ଲକ, ୧୧।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଠକେଇ ହୋଇଛି। ଦୁର୍ବୃତ୍ତମାନେ ଏକ ସୁନା ଡମ୍ବୁରୁ ପାଇ ତାକୁ ବିକ୍ରି କରିବା ପାଇଁ ମୂଲଚାଲ କରି ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇ ଥିବା ଘଟଣାକୁ ନେଇ ବସ୍ତା ଥାନା ରେ ଅଭିଯୋଗ ପରେ ପୁଲିସ ଛାନଭିନ କରି ଜଣେ ଅଭିଯୁକ୍ତକୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇ ଥିବା ଜଣା ପଡିଛି। ଏହି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଏହା ଏକ ବଡ଼ ରାକେଟ ଥିବା ପୁଲିସ ତଦନ୍ତରୁ ଜାଣି ଏହାକୁ ଧରିବାକୁ ଯୋଜନା କରୁଥିବା ଜଣା ପଡ଼ିଛି।

ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଖୁଣ୍ଟା ଓ ବସ୍ତା ଥାନା ଅନ୍ତର୍ଗତ ବ୍ରାହ୍ମଣଦା ଗ୍ରାମର ଦୁଇ ଜଣ ଲୁଟେରା ଏକ ସୁନା ଡମ୍ବୁରୁ ପାଇ ତାକୁ ବିକ୍ରି କରିବା ପାଇଁ ବାରିପଦା ଅଞ୍ଚଳର ଶରତ ଦାସ ନାମକ ବ୍ୟକ୍ତିଙ୍କ ସହ ୨୦ ଲକ୍ଷ ଟଙ୍କାର ମୁଲଚାଲ ହୋଇ ଥିଲା। ଗତ ମଇ ମାସରୁ ଏହି ଡିଲ ହୋଇଥିବା ବେଳେ ଗ୍ରାହକ ଜଣଙ୍କ ଦୁର୍ବୃତ୍ତଙ୍କୁ କିଛି କିଛି ଟଙ୍କା ଦେଇ



ଆସୁଥିଲା। ମାତ୍ର ତୁରନ୍ତ ଟଙ୍କା ନ ଦେଲେ ସେ ଅନ୍ୟ ଗ୍ରାହକଙ୍କୁ ସୁନା ଡମ୍ବୁରୁ ବିକ୍ରି କରିଦେବା ଧମକ ଦେଇଥିଲେ। ଫଳରେ ଶରତ ରଣ କରି ୧୦ ଲକ୍ଷ ଟଙ୍କା ଯୋଗାଡ କରି ସେପ୍ଟେମ୍ବର ୧୦ ତାରିଖ ରେ ଯୋଜନା ମୁତାବକ ୬୦ ନମ୍ବର ଜାତୀୟ ରାଜପଥର ଇନ୍ଦିରା ଛକ ଠାରେ ପହଞ୍ଚି ଥିଲେ। ଦୁର୍ବୃତ୍ତମାନେ ଟଙ୍କା ଆଣିଥିବା ପଚାରିବାରୁ ଗାଡ଼ି ରେ ଟଙ୍କା ଥିବା ଶରତ ପ୍ରକାଶ କରିଥିଲେ। ପରେ ଦୁଇ ଦୁର୍ବୃତ୍ତ ଟଙ୍କା ଗଣି ସାରି ଶରତଙ୍କ ମୋବାଇଲ ଓ ଟଙ୍କା ତକ ନେଇ ତାଙ୍କୁ ଆକ୍ରମଣ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଶରତ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଚଢ଼ାଉ କରି ଖୁଣ୍ଟା ଗ୍ରାମରୁ ମାୟାଧର ରଣା ଓରଫ ମିଥୁନ ରଣାକୁ ଗିରଫ ସହ କିଛି ଟଙ୍କା ଓ ଏକ ବାଇକ ଜବତ କରିଥିଲେ। ଅନ୍ୟ ଅଭିଯୁକ୍ତ ଜଣଙ୍କ ଫେରାର ହୋଇ ଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି। ଏହି ଘଟଣା ପରେ ନକଲି ସୁନା ରାକେଟକୁ ଧରିବାକୁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆ ଯାଉଥିବା କୁହା ଯାଉଛି। ପୂର୍ବରୁ ଏହି ଅଭିଯୁକ୍ତ ମାନେ ଏକାଧିକ ନକଲି ସୁନା ଠକେଇରେ ସଂପୃକ୍ତ ଥିବା କୁହା ଯାଉଛି। ଏହି ଗ୍ୟାଙ୍ଗକୁ ଧରିବାକୁ ଦାବି ହୋଇଛି।

### ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ବାଲେଶ୍ୱରରେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି

ବାଲେଶ୍ୱର,୧୧।୧୦(ସମିସ)





ପୁଲିସ ଏସ୍‌ଆଇ ପରୀକ୍ଷାରେ ବ୍ୟାପକ ଜାଲିଆତି ବିରୋଧରେ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଯୋଗଦେଇ କହିଲେ ଚୁପ ବସିବନି ଯୁବଛାତ୍ର ସମାଜ, ଭବିଷ୍ୟତକୁ ନେଇ ବିଜେପି ସରକାର କରୁଥିବା ରାଜନୀତିର ହେବ ଅନ୍ତ। ପରୀକ୍ଷା ବାତିଲ ଏବଂ କେଳେଙ୍କାରୀର ହେବ ପର୍ଦ୍ଦାଫାସ। ଓଡ଼ିଶାର ଭବିଷ୍ୟତ ପାଇଁ ଏ ଲଢେଇ ବଜାୟ ରହିବ ବୋଲି ସେ କହିଥିଲେ। ସେହିପରି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଇପସିତା ସାହୁ ସିବିଆଇ ତଦନ୍ତ, ଓପିଆରବି ଚେୟାରମ୍ୟାନ ଯେପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ। ବିଜେପିର ବଡ଼ ପଣ୍ଡା ମାନେ ଖସି ଯିବାକୁ ଯେଉଁ ବ୍ୟବସ୍ଥା କରୁଛନ୍ତି ଏହାର ବିଜେଡି ପର୍ଦ୍ଦାଫାସ କରିବ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା ପ୍ରମୁଖ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ।

ବିଜେପି ପ୍ରଥମେ ଭୋଟ ଚୋରି କରି ଶାସନ ଗାଦିକୁ ଆସିଥିବା ବେଳେ ଏବେ ଯୁବକମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି। ସେମାନଙ୍କୁ ୨୫ଲକ୍ଷ ଟଙ୍କା ନେଇ ପୁଲିସ ଚାକିରି ଦେଉଥିବା ବେଳେ ଏହି ସ୍କାମ ଏବେ ଧରାପଡିଯାଇଛି। ଯାହା ଫଳରେ ବିଜେପିର ଅସଲ ମୁଖା ଖୋଲି ଯାଇଛି। ବିଜେପି ଶାସନକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶା ଏବେ ଅଶାନ୍ତ ହୋଇପଡ଼ିଛି। ପୁଲିସ ଏସଆଇ ଚାକିରି ପାଇଁ ଯୁବକମାନଙ୍କ ଠାରୁ ଟଙ୍କା ନେଇ ଚାକିରି କରାଇବ ବୋଲି ଏହି ଯୋଜନା ଏବେ ଧରାପଡିଯାଇଥିବା ବେଳେ ପୁଲିସ କିପରି ଭାବେ ସଠିକ ନିଜ ଦାୟିତ୍ୱ ଗ୍ରହଣ କରିବ ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହ ଏହାର ସିବିଆଇ ତଦନ୍ତ ଦାବି କରାଯାଇଛି। ଏହି ଅବସରରେ ପ୍ରଥମେ ସିନେମା ଛକ ସ୍ଥିତ ସହିଦ ପାର୍କରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯିବା ପରେ ଏକ ବିଶାଳ ପଟୁଆରରେ ସହର ପରିକ୍ରମା କରାଯାଇ ଫକୀର ମୋହନ କଲେଜ ଛକରେ ପହଞ୍ଚି ଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରେମୁଣା ଏନଏସି ଅଧକ୍ଷା ତନୁଜା ଗରି, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରଞ୍ଜନ ବାଗ, ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡା ପ୍ରମୁଖ ପ୍ରତିବାଦ ସଭାରେ ଯୋଗଦେଇ ମୋହନ ମାଝୀ ସରକାରଙ୍କ ଦୁର୍ନୀତିଗ୍ରସ୍ତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ବାଲେଶ୍ୱର,୧୧।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ଅଡିଟରୀୟମଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଆନ୍ତର୍ଜାତୀୟ ଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ,ଜିଲ୍ଲା ଶିକ୍ଷାଧକାରୀ ବସନ୍ତ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହର, ସୁରକ୍ଷା ଅଧିକାରୀ ଯୁଥିକା ରାୟ, ପ୍ରୋଗ୍ରାମ ଅଫିସର ସ୍ୱପ୍ନା ପ୍ରହରାଜ, ସହକାରୀ ଜିଲ୍ଲାପାଳ ଅସ୍ମିତା ଦାସ ଏବଂ ଡ. ପରେଶଚନ୍ଦ୍ର ନନ୍ଦୀ ଯୋଗ ଦେଇଥିଲେ। ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଶ୍ରୀମତୀ ମହାନ୍ତି କନ୍ୟା ସନ୍ତାନରଆବଶ୍ୟକତା, ଉପାଦେୟତା ଏବଂ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। କନ୍ୟା ସନ୍ତାନ ଅଲୋଡ଼ା ନୁହେଁ ରାଷ୍ଟ୍ର ଗଠନରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହିତ କନ୍ୟା ସନ୍ତାନ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ସଚେତନ କରାଇବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣଗ୍ରାହୀ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ସମାରୋହ



ବାଲେଶ୍ୱର,୧୧।୧୦(ସମିସ): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନା ଓ ଡାଲି ଜାତୀୟ ଫସଲର ଆତ୍ମ ନିର୍ଭରତା ମିଶନ ଅଭିଯାନକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଉପାଧକ୍ଷା ଅନୁସୁୟା ନାୟକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇ ସଶକ୍ତ କରିବା ସହିତ ଆଗାମୀ ୨୦୪୭ ସୁଦ୍ଧା ଭାରତ ଏକ ସୁଦୃଢ଼ ବିକଶିତ ରାଷ୍ଟ୍ର ରୂପେ ସୁନିଶ୍ଚିତ କରିବା ପାଇଁ ମତ ବ୍ୟକ୍ତ କରିଥିଲେ। ଏହାଛଡ଼ା କୃଷି କ୍ଷେତ୍ରରେ ଜୈବିକ ପଦ୍ଧତିରେ ଉନ୍ନତ ମାନର ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସିଂ କୃଷି ଓ କୃଷକମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ସୁବିଧା ଉପଲବ୍ଧ,କୃଷି କ୍ଷେତ୍ରରେ ଡାଲି ଜାତୀୟ ଫସଲରେ ଓଡ଼ିଶାରେ ୪ଟି ଜିଲ୍ଲାକୁ ନେଇ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବା ସମ୍ପର୍କରେ ଅବଗତ କରିବା ସହିତ ଧନ୍ୟବାଦ ଦେଇଥିଲେ। ଏହି ସମାରୋହରେ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରୁ ଶହେରୁ ଅଧିକ ଚାଷୀ,ସମସ୍ତ କୃଷି ଅଧିକାରୀ,କର୍ମଚାରୀ ସାମିଲ ହୋଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗ ପରିଚାଳନା କରିଥିଲେ।

## ପଶ୍ଚିମବଙ୍ଗ ଗଲା ବାଲେଶ୍ୱର ଜିଲ୍ଲା ପ୍ରଶାସନର ଟିମ୍

ବାଲେଶ୍ୱର,୧୧।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ମେଡିକାଲ କଲେଜରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ ନିମନ୍ତେ ଆଜି ବାଲେଶ୍ୱର ଜିଲ୍ଲାରୁ ଏକ ଟିମ୍ ସେଠାକୁ ଯାଇଛନ୍ତି। ସାଧାରଣ ପ୍ରଶାସନ ଓ ପୁଲିସର ମିଳିତ ଟିମ୍ (ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବାଲେଶ୍ୱର ଡିଏସପି, ଆଇୟୁସିଏଡବ୍ଲୁ) ଦୁର୍ଗାପୁର ଗସ୍ତ କରିଛନ୍ତି।

## ଦୁଇଦିନିଆ ଜଉକଣ୍ଢେଇ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,୧୧।୧୦(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଦୁଇ ଦିନ ଧରି ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବାଲେଶ୍ୱରୀ ଜଉକଣ୍ଢେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଭୋକାଲ ଫର୍ ଲୋକାଲକୁ ଆଗେଇ ନେବା ପାଇଁ ପ୍ରତ୍ୟେକ ସ୍କୁଲ କଲେଜ ମାଧ୍ୟମରେ ସ୍ଥାନୀୟ କଳା ସଂସ୍କୃତି ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରିନ୍ସିପାଲ ସରୋଜ ବେହେରା ଦୁଇ ଦିନିଆ ବାଲେଶ୍ୱରୀ ଜଉକଣ୍ଢେଇ କର୍ମଶାଳା ଉଦଘାଟନ କରି କରିଥିଲେ। ପ୍ରଶିକ୍ଷକ ଭାବେ ଶିଳ୍ପୀ କେଶୁଦାସ ବାଲେଶ୍ୱରୀ ଜଉକଣ୍ଢେଇର ଇତିହାସ ଓ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ବିଶ୍ୱର ବିଶାଳ କଣ୍ଢେଇ ବଜାରରେ ଭାରତୀୟ କଣ୍ଢେଇର ଭାଗିଦାରୀ ବଢ଼ାଇବା ପାଇଁ ହେଲେ, ଆମକୁ ତୃଣମୂଳ ସ୍ତରରୁ କାମ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷକା ସସ୍ମିତା ସାହୁ କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଅନ୍ୟତମ ଜଉକଣ୍ଢେଇ ପ୍ରଶିକ୍ଷକା ମାୟା ନାୟକ ଛାତ୍ରଛାତ୍ରୀଙ୍କୁ ସୁନ୍ଦର ସୁନ୍ଦର ଜଉକଣ୍ଢେଇ ଗଢ଼ିବା ଶିଖାଇ ଥିଲେ। ଛାତ୍ରଛାତ୍ରୀମାନେ ପ୍ରଥମ ଦିନ ବର କନିଆଁ କଣ୍ଢେଇ ସହ ଗଣେଶ, ଚଢ଼େଇ ଓ ହାତୀ ଇତ୍ୟାଦି ମାଟିରେ ଗଢ଼ିବା ସହ ଜଉରୁ ଜଉରଙ୍ଗ କାଠି ଓ ସୂତା ପ୍ରସ୍ତୁତ ଶିଖିଥିବା ବେଳେ ଦ୍ୱିତୀୟ ଦିନ ପୋଡ଼ା ମାଟି କଣ୍ଢେଇରେ ରଙ୍ଗ ଭରିବା ଶିଖିଥିଲେ।

## ଯୋଗ ବିଜ୍ଞାନ କର୍ମଶାଳା ଓ ଆଲୋଚନାଚକ୍ର



ବାଲେଶ୍ୱର,୧୧।୧୦(ସମିସ): ରେମୁଣା ବ୍ଲକ ବିଦ୍ୟାଧରପୁରସ୍ଥିତ ସରକାରୀ ପଲିଟେକନିକ ସମ୍ମିଳନୀ କକ୍ଷରେ ଯୋଗ ବିଜ୍ଞାନ ଶୀର୍ଷକ ଏକ କର୍ମଶାଳା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ, ଲକ୍ଷ୍ମୀଧର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଆନନ୍ଦମାର୍ଗର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ଭବେଶାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସଂଘର ରାଜ୍ୟ ସଂଯୋଜକ ଭାସ୍କର ଜେନା ଯୋଗଦେଇଥିଲେ। କର୍ମଶାଳାରେ ମହର୍ଷି ପତଞ୍ଜଳୀଙ୍କ ପ୍ରଣୀତ ଅଷ୍ଟାଂଯୋଗ, ନିୟମ, ଆସନ, ପ୍ରାଣାୟାମ,ପ୍ରତ୍ୟାହାର ଧାରଣା, ଧାନ ଓ ସମାଧୀ ଉପରେ ଆଲୋଚନା କରିଥିଲେ। ଯୋଗ ସାଧନା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ସ୍ମରଣ ଶକ୍ତି, ଏକାଗ୍ରତା, ଆତ୍ମବିଶ୍ୱାସ, ଦକ୍ଷତା ବୃଦ୍ଧି କରିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଓ ଅଧାପିକାଙ୍କ ମଧ୍ୟରେ ନିରୁପମା ପଣ୍ଡା, ହିମାଂଶୁ ଶେଖର ଭୂୟାଁ, ମୁକ୍ତିକାନ୍ତ ପାଢ଼ୀ, ପ୍ରକାଶ ଦାସ, ବିନ୍ଦୁଶ୍ରୀ ସାହୁ, ସଙ୍ଗିତା ମହାନ୍ତି, ବିଭାଗର ସହାୟକ କୃତିବାସ ମହାପାତ୍ର ଆଦି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଅଣ୍ଡା ଦିବସ

ବାଲେଶ୍ୱର,୧୧।୧୦(ସମିସ): ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଓ ସମ୍ଭବ ସି.ପି. ବିଦ୍ୟାଳୟ ପରିସରରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ବିଶ୍ୱ ଅଣ୍ଡା ଦିବସ ଆୟୋଜନ କରାଯାଇଥିଲା। ଏହି ଦିବସରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନରେଶ କୁମାର ମହାପାତ୍ର (ଭିଏସ ରସାଲପୁର), ଡ. ମନୋରଞ୍ଜନ ମହାପାତ୍ର (ବିଭିଓ ବାହାନଗା), ଉତ୍ତମ କୁମାର ଆଚାର୍ଯ୍ୟ, ଦିବ୍ୟେନ୍ଦୁ କୁମାର ମାଝୀ ଓ ଶିବାଜୀ ଦତ୍ତ ଉପସ୍ଥିତ ରହିଥିଲେ। ଡ. ନରେଶ କୁମାର ମହାପାତ୍ର ବିଶ୍ୱ ଅଣ୍ଡା ଦିବସ ପାଳନର ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ତାତ୍ପର୍ଯ୍ୟ ବାବଦରେ ଉପାଦେୟ ତଥ୍ୟ ରଖିଥିଲେ। ଶିକ୍ଷକ ଗୌରାଙ୍ଗ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



● ଟ୍ରେନରେ ଟିକଟ ଯାଞ୍ଚ ଅଭିଯାନ

## ୩୧୨ଜଣଙ୍କଠୁ ୧୦ହଜାର ଜରିମାନା ଆଦାୟ

ବାଲେଶ୍ୱର,୧୧।୧୦(ସମିସ): ଆଜି ଖଡଗପୁର ଡିଭିଜନର ରୁପସା-ବାରିପଦା-ବାଙ୍ଗିରିପୋଷୀ ସେକସନରେ ସହକାରୀ ବାଣିଜ୍ୟ ପ୍ରବନ୍ଧକଙ୍କ ତତ୍ତ୍ୱାବଧାନରେ ଟିକଟ ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ ସମୟରେ ଟିକେଟ ଯାଂଚ କର୍ମଚାରୀମାନେ ବିନା ଟିକେଟରେ ଯାଉଥିବା ୩୧୨ଜଣ ଯାତ୍ରୀଙ୍କୁ ଚିହ୍ନଟ କରିଥିଲେ।



ସେମାନଙ୍କଠାରୁ ୧୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖଡଗପୁର ଡିଭିଜନରେ ଟିକଟ ବିନା ଯାତ୍ରାକୁ ରୋକିବା ଉଦ୍ଦେଶ୍ୟରେ ଏହି ଯାଂଚ କରାଯାଇଥିଲା। ଏହାସହ ସେମାନଙ୍କୁ ଟିକଟ ସହ ଯାତ୍ରା କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

### ଦୋକାନ ଓ ହୋଟେଲରେ ବାସି ମିଠା ଓ ନିଷିଦ୍ଧ ଖାଦ୍ୟ ରଙ୍ଗ

# ୩୦ କେଜି ବାସି ମିଠା ନଷ୍ଟ କଲା ଚଢ଼ଉ ଟିମ୍

ବାଲେଶ୍ୱର,୧୧।୧୦(ସମିସ)




**୧୨ ହଜାର ଜରିମାନା ଆଦାୟ**

ଦୋକାନ ଓ ହୋଟେଲରେ ରହୁଛି ବାସି ମିଠା ଓ ଖାଦ୍ୟ। ଏଥିସହିତ ନିଷିଦ୍ଧ ଖାଦ୍ୟ ରଙ୍ଗ ମଧ୍ୟ ବ୍ୟବହାର ହେଉଛି। ଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ପାଲଟୁଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢାଉ ଓ ଯାଞ୍ଚ ବେଳେ ୩୦ କେଜି ବାସି ମିଠା ଖାଦ୍ୟ ନଷ୍ଟ କରାଯାଇଥିବା ବେଳେ ନିଷିଦ୍ଧ ଖାଦ୍ୟ ରଙ୍ଗ ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲାର ମାର୍କୋଣା ବଜାରର ବିଭିନ୍ନ ସ୍ଥାନରେ ଖାଦ୍ୟ ଯାଞ୍ଚ କରାଯାଇଥିଲା। ତେବେ ଦୁଇଟି ମିଠା ଦୋକାନରୁ ୧୦ ହଜାର ଏବଂ ଜାତୀୟ ରାଜପଥ କଡରୁ ହୋଟେଲରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାବ୍ୟତୀତ ମିଠା ଦୋକାନରେ ଫ୍ରିଜର୍ ଭିତରେ ଭର୍ତ୍ତି ହୋଇ ରହିଥିଲା ଗଦା ଗଦା ମିଠା। ହଠାତ୍ ଚଢାଉ ବେଳେ ଏସବୁ ଧରା ପଡ଼ିବାରୁ ସେସବୁ ମିଠା ଗାଈଙ୍କୁ ଦିଆଯିବ ବୋଲି ଦୋକାନୀ ଚଢ଼ାଉ ଟିମ୍‌କୁ ସଫେଇ ଦେଇଥିଲେ। ଦୀର୍ଘ ଦିନର ବାସି ମିଠା ରହି ରହି ଖରାପ ହୋଇଯାଇଥିଲେ ବି ସେସବୁ ଫ୍ରିଜର୍ ଭିତରେ ରଖାଯାଇ ଲୋକଙ୍କୁ ବିକ୍ରି ପାଇଁ ପ୍ରୟାସ କରାଯାଉଛି। ମିଠା ଦୋକାନୀମାନେ ମିଠା ବିକ୍ରିର ନିୟମ ବି ମାନୁନାହାନ୍ତି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଖାଦ୍ୟ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ ପକ୍ଷରୁ ମାର୍କୋଣା ବଜାରର ମିଠା ଦୋକାନରେ ଯାଞ୍ଚ କରାଯାଇଥିଲା। ପ୍ରାୟ ଦୁଇଟି ମିଠା ଦୋକାନରୁ ୩୦ କେଜିର ବାସି ମିଠା ନଷ୍ଟ କରାଯାଇଛି। ଯାହା ଦୋକାନର ଫ୍ରିଜର୍ ଭିତରେ ରଖାଯାଇଥିଲା। ଏ ନେଇ ସେମାନଙ୍କୁ ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ସାତ ଦିନ ପରେ ପୁଣି ଯାଞ୍ଚ କରାଯିବା ନେଇ ଟିମ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଥାଉ କି, ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣ(ଏଫଏସଏସଏଆଇ) ନିୟମ ଅନୁଯାୟୀ, ଦୋକାନୀମାନେ ବାସି ମିଠା ବିକ୍ରି କରିପାରିବେ ନାହିଁ। ଦୋକାନରେ ବିକ୍ରି ହେଉଥିବା ପ୍ରତି ମିଠା ଟ୍ରେ'ରେ ମିଠାର ତିଆରି ଏବଂ ଅବଧିର ତାରିଖ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଅର୍ଥାତ୍ ଅବଧି ଶେଷ ପୂର୍ବରୁ ସବୁ ମିଠା ବିକ୍ରି ହେବା ଦରକାର। ତାପରେ ଆଉ ସେଇ ମିଠା ବିକ୍ରି କରିବାର ନିୟମ ନାହିଁ। ମାତ୍ର ବାଲେଶ୍ୱର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କୌଣସି ମିଠା ଦୋକାନୀ ଏହି ନିୟମ ପାଳନ କରୁନାହାନ୍ତି। ଏମିତିକି ମିଠାକୁ ଫ୍ରିଜର୍‌ରେ ରଖି ବିକ୍ରି କରୁଥିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ମିଠା ଦୋକାନରେ ଯାଞ୍ଚ କରିବା ବେଳେ ଏଭଳି ଚିତ୍ର ସାମ୍ନାକୁ ଆସିଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ମିଠା ଦୋକାନରେ ଚଢ଼ଉ କରିଥିଲା। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ କହିବା ଅନୁସାରେ, ମିଠା ଦୋକାନ ଓ ହୋଟେଲରେ ଚଢଉ ହୋଇଥିଲା। ମାର୍କୋଣା ଅଞ୍ଚଳରେ ପୂର୍ବରୁ ଚଢ଼ାଉ ବେଳେ ଏହି ଦୁଇ ଦୋକାନ ବନ୍ଦ ରହୁଥିଲା। ଅନେକ ଥର ଯାଞ୍ଚ ସମୟରେ ଏହି ଦୋକାନ ବନ୍ଦ ଥିବାର ଆମେ ଦେଖିଛୁ। ମାତ୍ର ଆଜି ଏହା ଖୋଲାଥିବାର ଦେଖି ହଠାତ୍ ଚଢଉ କରିଥିଲୁ। ଦୋକାନରୁ ଫ୍ରିଜର୍ ଭିତରୁ ଅନେକ ବାସି ମିଠା ବାହାରିଥିଲା। ସେମାନେ ଏହାକୁ ଗାଈଙ୍କୁ ଦେବା ପାଇଁ ରଖିଥିଲେ ବୋଲି କହୁଥିଲେ। ହେଲେ ଗାଈଙ୍କୁ ଦବାର ଥିଲେ ଫ୍ରିଜର୍ ଭିତରେ ଏସବୁ ରଖିବାର କୌଣସି କାରଣ ନାହିଁ। ତେଣୁ ଆମେ ଦୁଇଟି ମିଠା ଦୋକାନରୁ ୩୦ କେଜି ବାସି ମିଠା ନଷ୍ଟ କରିଛୁ। ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସାତ ଦିନ ପରେ ପୁଣି ଥରେ ଯାଞ୍ଚ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।





**ଆଗକୁ ଦୀପାବଳି**

# ଜାଳ ନାହିଁ କି ମାଟି; ପଶ୍ଚିମବଙ୍ଗ ଭରସା



ଭୁବନେଶ୍ୱର, ୧୧।୧୦(ସମିସ): ଆଗକୁ ଦୀପାବଳି। ଚଳଚଞ୍ଚଳ ହେଲାଣି ଦୋକାନ ବଜାର। ଯେଉଁ ଦିନକୁ ଅପେକ୍ଷାକରି କୁମ୍ଭାରଟିଏ ବର୍ଷଯାକ ଅପେକ୍ଷା କରିଥାଏ, ସେହି ଦିନର ଖୁସି ଆଉ ଆଗଭଳି କୁମ୍ଭାର ପରିବାରରେ ଦେଖିବାକୁ ମିଳୁନାହିଁ। ଚଳିତବର୍ଷ କୁମ୍ଭାର ପରିବାର କିନ୍ତୁ ଆଗଭଳି ଚଳଚଞ୍ଚଳ ନୁହେଁ। କାରଣ ପ୍ରତିବର୍ଷ ପରି ରାଜଧାନୀରେ ଆଉ ଉପଯୁକ୍ତ ମାଟି ଓ ଜାଳ ନ ମିଳିବା ସେମାନଙ୍କ କାମରେ ବଡ ବାଧା ସୃଷ୍ଟି କରୁଛି।

**■ ଦୀପ ପ୍ରସ୍ତୁତ ପାଇଁ କୁଣ୍ଠକୁଣ୍ଠ ଓଡ଼ିଆ କାରିଗର**
**■ ପଶ୍ଚିମବଙ୍ଗରୁ ଦୀପ ମଗାଉଛନ୍ତି ବେପାରୀ**

ଯେଉଁ ହାତରେ ଦିନେ ମାଟି ଚକଟି କୁମ୍ଭକାରଟିଏ ନାନା ଉପକରଣ ତିଆରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲା, ଆଜି ସେହି ହାତ ମାଟିରୁ ଉପକରଣ ତିଆରି ପାଇଁ ଅମଙ୍ଗ ହେଉଛି। ସମୟ କ୍ରମରେ ମାଟିରେ ତିଆରି ଉପକରଣ କମୁଥିବାବେଳେ, ମାଟି ଓ ଜାଳ ଅଭାବରୁ କେବଳ ଦୀପାବଳି ସମୟରେ ହିଁ କୁମ୍ଭାରମାନେ ବିଭିନ୍ନ ପ୍ରକାର ଦୀପ ପ୍ରସ୍ତୁତକରି ବିକ୍ରି କରିଥାନ୍ତି। ହେଲେ ଚଳିତ ବର୍ଷ ରାଜଧାନୀରେ ଥିବା ନୂଆଗାଁ (ଶ୍ୟାମପୁର), ପୁରୁଣା ଭୁବନେଶ୍ୱର ଆଦି ଅଞ୍ଚଳରେ ଥିବା କୁମ୍ଭାର ପରିବାରରେ ବିଶେଷକରି ମାଟି ଓ ଜାଳ ଅଭାବରୁ ଆଗ ଭଳି ମାଟିର ଉପକରଣ ତିଆରି କରିପାରୁ ନାହାନ୍ତି। ବରଂ ଅନ୍ୟ ଜିଲ୍ଲା ତଥା ଫୁଲବାଣୀ, ନୟାଗଡ଼ ଏବଂ ପୁରୀ ଜିଲ୍ଲା ଉପରେ ନିର୍ଭର କରିଥାନ୍ତି। କେବଳ ଦୀପାବଳୀ ସମୟ ଆସିଲେ ସେମାନେ ଛୋଟ ଦୀପ ପ୍ରସ୍ତୁତ କରି ବିକ୍ରି କରନ୍ତି। କିନ୍ତୁ ବିଗତ କିଛି ବର୍ଷ ହେଲା ମାଟି ଓ ଜାଳର ସମସ୍ୟା ବଢ଼ିବାରୁ କୁମ୍ଭାର ସମେତ ବେପାରୀ ମାନେ ମଧ୍ୟ ବିଭିନ୍ନ ଡିଜାଇନର ଦୀପକୁ କଲିକତାରୁ କିଣୁଥିବା ଦେଖିବାକୁ ମିଳୁଛି।

ଏନେଇ ପ୍ରତିବର୍ଷ ଦୀପାବଳୀ ଆସିଲେ ଦୀପର ଆସର ମେଲାଉଥିବା ଏକ ନଂ ହାଟର ଜଣେ ବ୍ୟବସାୟୀ ବସନ୍ତ କୁହନ୍ତି, ଏବେର କୁମ୍ଭାର ପରିବାର ମାଟିର ଉପକରଣ କରିବା ଏକ ପ୍ରକାର ଛାଡିଲେଣି। ବର୍ତ୍ତମାନ ଗ୍ରାହକ ଭିନ୍ନ ଭିନ୍ନ ଡିଜାଇନର ରଙ୍ଗବେରଙ୍ଗ ଦୀପ ପସନ୍ଦ କରୁଛନ୍ତି। ତେଣୁ ତାଙ୍କ ପରି ବେପାରୀମାନେ କୋଲକାତାରୁ ଦୀପ ମଗାଇ ଆଣୁଛନ୍ତି। ଯାହାର ମୂଲ୍ୟ ମଧ୍ୟ ଏକଟଙ୍କାରୁ ଆରମ୍ଭ ହୋଇ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ରହିଛି।

ସେହିଭଳି ପୁରୁଣା ଭୁବନେଶ୍ୱରର କୁମ୍ଭାର ସାହିର ସତ୍ୟଭାମା ମୁଦୁଲି କୁହନ୍ତି, ଏହି କାମରୁ କୌଣସି ପାରିଶ୍ରମିକ ଆଉ ମିଳୁନି। ମାଟି ଓ ଜାଳର ଅଭାବ ସେମାନଙ୍କୁ ବୃତ୍ତି ବଦଳାଇବାକୁ ବାଧ କରୁଛି। ଆଗରୁ ଆଖପାଖ ଅଞ୍ଚଳରୁ ଏଠାକୁ ହିଁ ମାଟି ଜିନିଷ ନେବାକୁ ଲୋକେ ଆସୁଥିଲେ। କେବଳ ସେତିକି ନୁହେଁ ବାହାର ଜିଲ୍ଲା ତଥା ଯାଜପୁରର ବିରଜା ମନ୍ଦିରରୁ ବି ଦୀପ ପାଇଁ ଏଠାକୁ ଅର୍ଡର ଆସୁଥିଲା। ସମୟ ସହ ମାଟି ପାତ୍ର ପ୍ରତି ଲୋକଙ୍କ ଚାହିଦା କମିଲା ଏବଂ ଏବେ ଯାହା ଯେତିକି ଲୋକ ମାଟି ପାତ୍ର ଖୋଜୁଛନ୍ତି ସେ ପୁଣି ବିଭିନ୍ନ ଡିଜାଇନ ଓ ରଙ୍ଗ ବେରଙ୍ଗର ଦୀପ ଏବଂ ପାତ୍ର ଖୋଜୁଛନ୍ତି। ଯାହା ଏଠାରେ ତିଆରି ହେଉ ନାହିଁ। ତେଣୁ ସାହିରେ ବୃତ୍ତି କରୁଥିବା କୁମ୍ଭାର ପରିବାର କେବଳ ଛୋଟ ଦୀପ ତିଆରି ଛଡ଼ା ଆଉ ବିଶେଷ କିଛି ତିଆରି କରୁନାହାନ୍ତି।

## ବଢୁଛି ଗୋବର ଦୀପର ଚାହିଦା





ଗୋବରରୁ ପ୍ରସ୍ତୁତ ସାମଗ୍ରୀର ଉପକାରିତା ବିଷୟରେ ଅବଗତ କରିବା ଉଦ୍ଦେଶ୍ୟରେ ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି ଗୋବରରୁ ପ୍ରସ୍ତୁତ ଦୀପ। ଆଗକୁ ଦୀପାବଳି ଆସୁଥିବାରୁ ଆଲୋକରେ ପର୍ବରେ ଗୋବର ଦୀପରେ ଘର ସଜାଇବାକୁ ସଚେତନ କରାଯାଉଛି। ଉମଣା କୋ-ଅପରେଟିଭ୍ ହାଉସିଂ ସୋସାଇଟି ସମ୍ମୁଖରେ ମହିଳାମାନେ ବିଭିନ୍ନ ଗାଁରୁ ଗୋବର ସଂଗ୍ରହ କରି ସେଥିରେ ଦୀପ ପ୍ରସ୍ତୁତ କରୁଛନ୍ତି।

ଭୁବନେଶ୍ୱର ଆଖପାଖ ଗ୍ରାମାଞ୍ଚଳର ମହିଳାମାନଙ୍କ ଦ୍ୱାରା ଏବଂ ବିଭିନ୍ନ ଗୋଶାଳାରୁ ଗୋବର ସଂଗ୍ରହ କରି ମହିଳାମାନଙ୍କୁ ଯୋଗାଉଛନ୍ତି। ମହିଳାମାନେ ସେଥିରେ ଦୀପ ତିଆରି କରି ସେଥିରେ ଭଳି କି ଭଳି ରଙ୍ଗ ଦେଇ ଆକର୍ଷଣୀୟ ରୂପ ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ଦୀପ ବିକ୍ରୀ ଆରମ୍ଭ ହେଉଥିବା ବେଳେ ଗୋବର ଦୀପର ବେଶ୍ ଆଦୃତି ବଢୁଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ଆପର୍ଟମେଣ୍ଟ ଆଗରେ ଷ୍ଟଲ ମାଧ୍ୟମରେ ଏହି ଦୀପ ବିକ୍ରି କରାଯାଉଛି। ଦୀପର ମୂଲ୍ୟ ୫ଟଙ୍କାରୁ ଆରମ୍ଭ ହୋଇ ୧୦ଟଙ୍କା ଯାଏ ରହିଛି। ତେବେ ଦୀପ ବିକ୍ରିରୁ ଯେଉଁ ଅର୍ଥ ମିଳୁଛି ତାହାକୁ ଦୀପ ପ୍ରସ୍ତୁତ କରୁଥିବା ମହିଳାମାନଙ୍କୁ ପ୍ରଦାନ କରାଯାଉଥିବା ଗୋସେବକମାନେ କହିଛନ୍ତି। ଏହାଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଗୋବରର ଉପକାରିତା ବିଷୟରେ ସଚେତନ ସୃଷ୍ଟି ହେଉଥିବା ଗୋ ସେବକ କ୍ରୀଷ୍ଣା କହିଛନ୍ତି।

# ନବୀନ ନିବାସରେ ଅପରାଜିତା



ଭୁବନେଶ୍ୱର, ୧୧।୧୦ (ସମିସ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ତାଙ୍କ ସ୍ୱାମୀ ସନ୍ତୋଷ ଷଡ଼ଙ୍ଗୀ ଶନିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏ ସଂପର୍କରେ ଶ୍ରୀମତୀ ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଯେ ଭୁବନେଶ୍ୱରରେ ଆଜି ବିରୋଧୀ ଦଳ ନେତା ଆଦରଣୀୟ ନବୀନ ପଟ୍ଟନାୟକଙ୍କ ସହ ତାଙ୍କ ନିବାସରେ ସାକ୍ଷାତ କରିବା ଅତ୍ୟନ୍ତ ଆନନ୍ଦର ବିଷୟ। ଆମେ ବିଗତ ଦିନର ସ୍ମୃତି ବିଷୟରେ ଅନେକ କଥା ଆଲୋଚନା କଲୁ। ସମସ୍ତ ଘଟଣାଗୁଡ଼ିକୁ ସ୍ନେହ ଶ୍ରଦ୍ଧା ସହ ମନେ ପକାଇଥିବା ଦେଖି ଅତ୍ୟନ୍ତ ଆନନ୍ଦ ଅନୁଭୂତ ହେଲା। ଏହା ଏକ ଅତ୍ୟନ୍ତ ସୁଖଦ ଏବଂ ସକରାତ୍ମକ ସାକ୍ଷାତ ଥିଲା ବୋଲି ସେ କହିଛନ୍ତି।

# ଉପ-ମୁଖ୍ୟମନ୍ତ୍ରୀଙ୍କ ସହ କପାଚାଷୀଙ୍କ ଆଲୋଚନା

ଭୁବନେଶ୍ୱର, ୧୧।୧୦(ସମିସ): ଓଡ଼ିଶାରେ ଉତ୍ପାଦିତ କପା ଦେଶର ଉତ୍କୃଷ୍ଟ କପା ମଧ୍ୟରେ ବିବେଚନା କରାଯାଏ। ଏହାର ଲମ୍ବା ଷ୍ଟେପଲ ଓ ଦୀର୍ଘ ଅବଧି ଗୁଣ ପାଇଁ ବୁଣାକାରଙ୍କ ପ୍ରଥମ ପସନ୍ଦ ହୋଇଥାଏ। ହେଲେ ରାଜ୍ୟର କପାଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କପା ଚାଷ ପାଇଁ ଆଶାନୁରୂପକ ପ୍ରୋତ୍ସାହନ ମିଳୁ ନଥିବାବେଳେ ବିକ୍ରି ସମୟରେ ସଂକଟ ଦେଖାଦେଉଛି। ଏସବୁ ସମସ୍ୟା ସମ୍ପର୍କରେ 'କଟନ ଆସୋସିଏସନ ଅଫ ଓଡ଼ିଶା'ର ସଦସ୍ୟମାନେ ଶନିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଅବଗତ ହେବା ସହ ଆସନ୍ତା ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ଅତିରିକ୍ତ ନିର୍ଦ୍ଦେଶିକା ଲିଟି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକା ନନ୍ଦିନୀ ଦଳାଇ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗାନ୍ଧୀଙ୍କ ବିଷୟରେ ଜାଣିଲେ ବିଜେଇଏମ୍ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୧୧।୧୦(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ବିଜେଇମ୍) ଓ ବଡ଼ଗଡ଼ ହାଇ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ପିଲାଙ୍କ ମଧ୍ୟରେ ଗାନ୍ଧୀ ଆଦର୍ଶ ପ୍ରତିଷ୍ଠା ଲକ୍ଷ୍ୟ ନେଇ 'ଷ୍ଟୁଡେଣ୍ଟ୍ ରିମେମ୍ବର ମହାତ୍ମା ଗାନ୍ଧୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଆଞ୍ଚଳିକ ଶାଖା ଜେନେରାଲ୍ ମ୍ୟାନେଜର ହରେକୃଷ୍ଣ ଦାସ ଯୋଗଦେଇ ଗାନ୍ଧୀଙ୍କ ଜୀବନାଦର୍ଶକୁ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ଅତିଥିଭାବେ ବି.ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର, ସଭାପତି ଶିବପଦ ସ୍ୱାଇଁ, କାର୍ଯ୍ୟକ୍ରମର ସଂଯୋଜକ ପ୍ରତାପ କୁମାର ଜେନା ଓ ବଡ଼ଗଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତ ଚରଣ ପାଇକରାୟ ପ୍ରମୁଖ ଯୋଗଦେଇ ସତ୍ୟ, ଅହିଂସା, ନିର୍ଭୀକତା ଓ ସମଭାବାପନ୍ନତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧିବାଦୀ ମାନସ ରଞ୍ଜନ ମିଶ୍ର ଯୋଗଦେଇ ବିଶ୍ୱରେ ଗାନ୍ଧିବାଦ୍ କିପରି ନବ ଜାଗରଣ ସୃଷ୍ଟି କରିପାରୁଥିଲା, ତାହା ଦର୍ଶାଇବା ସହ ଛାତ୍ରଛାତ୍ରୀମାନେ ତାକୁ ନିଜ ଜୀବନରେ ପ୍ରୟୋଗ କରିବାକୁ ପ୍ରୋତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ ରସିଦ ଖାନ ଗାନ୍ଧୀଙ୍କର ସତ୍ୟାଗ୍ରହ, ନବୋଦୟ, ସମାଜସେବା, ଧର୍ମନିରପେକ୍ଷତା, ସରଳତା, ସ୍ୱଚ୍ଛତା ପରି ନଅଟି ସୂତ୍ର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ବଡ଼ଗଡ଼ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସଭାପତି ମାନସ ମହାପାତ୍ର ଗାନ୍ଧିଜୀଙ୍କ ମହାନ ଚିନ୍ତାଧାରାରୁ ସୃଷ୍ଟ 'ସ୍ୱଦେଶୀ' ଭାବନାର ମହତ୍ତ୍ୱ ବର୍ଣ୍ଣନା ସହ ଏହାକୁ ବିଶ୍ୱ ଆପଣାଉଥିବା କହିଛନ୍ତି। ଏହି ଅବସରରେ ବିଶିଷ୍ଟ ଗାନ୍ଧିବାଦୀ ତଥା ସ୍ୱାଧିନତା ସଂଗ୍ରାମୀ ବ୍ରଜ କିଶୋର ରାଉତଙ୍କୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି। ଛାତ୍ରଛାତ୍ରୀମାନେ ଗାନ୍ଧୀଙ୍କ ଜୀବନୀ ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଶାଖା ୟୁନିୟନ୍ ବ୍ୟାଙ୍କର ଡେପୁଟି ଜେନେରାଲ୍ ମ୍ୟାନେଜର ନିରଞ୍ଜନ ବାରିକ, କାର୍ତ୍ତିକ ଚନ୍ଦ୍ର ଦାଶ, ନରେଶ କୁମାର ରଥ, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ, ଲିଜାରାଣୀ ଦାସ, ସତ୍ୟରଞ୍ଜନ ବଳିୟାରସିଂ, ସ୍ନିଗ୍ଧାରାଣୀ ଶତପଥୀ, ମନୋଜ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଯୋଗାଣ ବିଭାଗର ଅବହେଳା; ଉପଭୋକ୍ତା ହନ୍ତସନ୍ତ

ବାଲିଅନ୍ତା, ୧୧।୧୦(ସମିସ): ବାଲିଅନ୍ତା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଖାଦ୍ୟ ନିରାପତ୍ତା ଯୋଜନାରେ ଲୋକଙ୍କୁ ଯୋଜନାଭୁକ୍ତ କରାଯିବାରେ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗ କରାଯିବା ସତ୍ତ୍ୱେ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକ ଏହାର ସରଜମିନ ତଦନ୍ତ କରି ପ୍ରକୃତ ଗରିବ ଲୋକଙ୍କୁ ଯୋଜନାଭୁକ୍ତ କରାଇ ଖାଉଟି ସାମଗ୍ରୀ ପ୍ରଦାନରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଆୟକର ପୈଠ କରୁ ନ ଥିଲେ ହେଁ ଅନେକ ଲୋକ ତଦନ୍ତରେ ତ୍ରୁଟି ଯୋଗୁଁ କାର୍ଡ ପାଇପାରୁ ନାହାନ୍ତି। ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ନେଇ ଆବେଦନକାରୀ ବ୍ଲକ ପଞ୍ଚାୟତ ଦୌଡୁଛନ୍ତି। ହେଲେ ତାଙ୍କୁ ପ୍ରକୋଷ୍ଠରେ ନ ପାଇ ହିତାଧିକାରୀ ଏବଂ ଆବେଦନକାରୀ ନିରାଶ ହୋଇ ଫେରୁଥିବା ଲକ୍ଷ କରାଯାଉଛି। ବ୍ଲକ ଅଧିକାରୀଙ୍କର ମଧ୍ୟ ଯୋଗାଣ ବିଭାଗ ଉପରେ ଅଙ୍କୁଶ ରହୁନାହିଁ। ଅପରପକ୍ଷରେ ଚାରିଚକିଆ ଦାମୀ ଗାଡି ଏବଂ ବଙ୍ଗଳା ଥିବା ଲୋକେ ରାସନ ହାତଉଛନ୍ତି। ସେହିପରି ପେଟ୍ରୋଲ ଓ ଡିଜେଲ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ଆସୁଥିଲେ ମଧ୍ୟ ଅଧିକାରୀ ପେଟ୍ରୋଲ ଟାଙ୍କିରେ ଚଢ଼ଉ କରି ତେଲର ମାନ ଯାଞ୍ଚ କରାଯାଉ ନାହିଁ। ଏବଂ ପେଟ୍ରୋଲ ଟାଙ୍କି ମାଲିକଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି। ବଦଳରେ ଅଧିକାରୀ ଉତ୍କୋଚ ନେଇ ପକେଟ ଗରମ କରୁଥିବା କୁହାଯାଉଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

**● ନାଟକ ବେଗମ୍ ମଞ୍ଚସ୍ଥ**

# 'ସମ୍ପତ୍ତି ପାଇଁ ରଙ୍ଗ ବଦଳେଇଦିଏ ମଣିଷ'



ଭୁବନେଶ୍ୱର, ୧୧।୧୦(ସମିସ): ଆମ ସାମାଜିକ ବ୍ୟବସ୍ଥା ବଡ଼ ବିଚିତ୍ର। ଏ ସମାଜ କାହାକୁ କେବେ ତିରସ୍କାର କରେ ତ କାହାକୁ ଦିଏ ପୁରସ୍କାର। ଲୋଭ ଓ ଲାଭକୁ ନେଇ ମଣିଷ ବିଭିନ୍ନ ସମୟରେ ବଡ଼ ଲୋଭଟାଇ ସାମାଜିକ ବ୍ୟବସ୍ଥାର ଚିହ୍ନପଟ୍ଟକୁ ଫୁ କରିଦିଏ। ଆଜିର ମଣିଷ ଏ କଥାକୁ ମାନିବାକୁ ବାଧ ଯେ, ତା ଆଗରେ ପୁଳାଏ ଧନରତ୍ନ ଥୋଇଦେଲେ ସେ ଏଣ୍ଡୁଅ ପରି ରଙ୍ଗ ବଦଳାଇ ଚାଲେ। ଏମିତି କିଛି କାହାଣୀକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ନାଟ୍ୟାୟନ କ୍ରମରେ ନାଟକ 'ବେଗମ୍' ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ସାହା ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରିୟଙ୍କା ପାଣ୍ଡେ ସହ ନିର୍ଦ୍ଦେଶନାରେ ରହିଥିଲେ। ବିଭିନ୍ନ ଭୂମିକାରେ ଅଙ୍କିତା, ରାଜେନ୍ଦ୍ର, ପ୍ରିୟଙ୍କା, ବିଶ୍ୱଜୀତ, ରୁଦ୍ର ପ୍ରମୁଖ ଅଭିନୟ କରିଥିଲେ। ଏହି କାର୍ଯକ୍ରମରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟ ଡ. ବିଜୟ କୁମାର ଜେନା, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଡ଼. ସମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୧୧।୧୦(ସମିସ): ଦୁଇ ଦିନିଆ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ସ୍ଥାନୀୟ ଭଞ୍ଜ କଳାମଣ୍ଡପ ପ୍ରେକ୍ଷାଳୟରେ ଉଦଘାଟିତ ହେଇଯାଇଛି। ସାଂସ୍କୃତିକୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ସାମୁହିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ ହୋଇଛି। ଏହି ସମୟରେ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ୟାମହରୀ ଚକ୍ରଙ୍କ ସହ ଆଇଆଇଡିଏଫ ଓଡ଼ିଶା ଶାଖାର ଆବାହକ ଗୁରୁ ସୁଚିସ୍ମିତା ସେନ୍ ବିଶ୍ୱାସ, ଗୁରୁ ପିତାମ୍ବର ବିଶ୍ୱାଳ, କେରଳ କଳା ସମିତି, ଭୁବନେଶ୍ୱରର ସାଧାରଣ ସମ୍ପାଦକ ଏନ୍ ରାଧାକୃଷ୍ଣନ୍ ପ୍ରମୁଖ ଉପସ୍ଥିତ ଥିଲେ। ଅଧିବେଶନରେ ଏକକ, ଯୁଗ୍ମ ଓ ଦଳଗତ ଭାବେ ୨୫ଗୋଟି ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଭାରତନାଟ୍ୟମ୍, କଥକ, ଓଡିଶୀ, ଆଦିବାସୀ ଲୋକନୃତ୍ୟ, ସମ୍ବଲପୁରୀ ଆଦି ସାମିଲ୍ ଥିଲା। ନୃତ୍ୟ ଶିଳ୍ପୀମାନେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗରୁ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଭିଜ୍ଞ ନୃତ୍ୟଶିଳ୍ପୀ କଳା ମଣ୍ଡଳମ୍ ସତ୍ୟ ଓ କଳା ମଣ୍ଡଳମ୍ ଶ୍ରୀଜାଙ୍କ ଦ୍ୱାରା ମୋହିନୀ ଆଟମ୍ ନୃତ୍ୟ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଉତ୍ସବକୁ ସଂଘମିତ୍ରା ମୁଦୁଲି, ଡ଼ ତରୁଣ ଓଝା, ସୁବ୍ରତ ବେହେରା, ଦିନବନ୍ଧୁ ପତି, ସ୍ୱାଧିନ କୁମାର ପ୍ରମୁଖ ପରିଚାଳନା କରିଥିଲେ।

# ଘୁମୁସର ଜିଲ୍ଲା ଗଠନ ଦାବି: ରାଜଧାନୀରେ ରଣହୁଙ୍କାର



ଭୁବନେଶ୍ୱର, ୧୧।୧୦(ସମିସ): ରାଜନୈତିକ ଇଚ୍ଛାଶକ୍ତିର ଅଭାବରେ ଶାସ୍ତ୍ର ଓ ଶସ୍ତ୍ରର ମାଟି ଘୁମୁସର ଆଜି ଅବହେଳିତ। ହଜାର ବର୍ଷର ଭଞ୍ଜ ରାଜବଂଶ, ଓଡ଼ିଆ ଭାଷ ସୁରକ୍ଷା ଆନ୍ଦୋଳନର ଏନ୍ତୁଡ଼ିଶାଳ, ଭାଷା, ଉପମା, ଛାନ୍ଦ, ଚଉପଦୀ ସାହିତ୍ୟର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଭୂମି ଅଞ୍ଚଳଗୁଡିକ ସ୍ୱାଧୀନତା ପରଠାରୁ ସରକାରସ୍ତରେ କିଛି ଆଖିଦୃଶିଆ ବିକାଶ କାର୍ଯ୍ୟହୋଇ ନ ଥିବା ଘୁମୁସର ଉନ୍ନୟନ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଶନିବାର ମଞ୍ଚ ପକ୍ଷରୁ ପାତ୍ରପଡ଼ା ଏ.ଏ. କନଭେନସନ୍ ସଭାଗୃହରେ ସଭାପତି ବାଲ୍ମୀକି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ବିକାଶ ପରିଷଦ ଭଞ୍ଜନଗରର ସଭାପତି ସୋମନାଥ ନାୟକଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ବିଜେପି ବରିଷ୍ଠ ନେତା ମହେଶ୍ୱର ମହାନ୍ତି, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଭାସ୍କର ପଟ୍ଟନାୟକ, ଡ. ସୁରେନ୍ଦ୍ରନାଥ ପଶୁପାଳକ, ଡ. ଶିବପ୍ରସାଦ ଅଧିକାରୀ, ଡ. ବାଳକୃଷ୍ଣ ପଣ୍ଡା, ବିଦ୍ୟାଧର ଭୂୟାଁ, ସମ୍ପାଦକ ଭି ଏଙ୍କଡ ରତ୍ନ ପାତ୍ର, ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପ୍ରମୁଖ ଭାଗ ନେଇ ଘୁମୁସର ଜିଲ୍ଲା ଗଠନ ଦାବି ଉପରେ ଆଲୋଚନା କରିଥିଲେ। ରାଜ୍ୟ ବିଧାନସଭା ପରିସରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ, ଭଞ୍ଜଙ୍କ ନାମରେ ଡାକଟିକଟ ଓ ବୈଦେହୀ ନାମରେ ଟ୍ରେନ ପ୍ରଚଳନ, ୧୦୩ ବର୍ଷର ପୁରାତନ ଦାବି ଭଞ୍ଜନଗରକୁ ରେଳପଥ ନିର୍ମାଣ, ଘୁମୁସରର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଘୁମୁସରିଆ ମହୋତ୍ସବ ପାଳନ, ଘୁମୁସର ବିକାଶ ପାଇଁ ୧୦୦ କୋଟିର ସ୍ୱତନ୍ତ୍ର ବଜେଟ୍ ଓ ରାଜଧାନୀରେ କାର୍ଯ୍ୟାଳୟ ଖୋଲିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାର ଏନ୍ତୁଡିଶାଳ ସାଧନାପୀଠ ଓ ଭଞ୍ଜଭୂମିରେ ପାଦ ନ ଦେବା ବଡ ଦୁଃଖର ବିଷୟ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ତେବେ ଆଗାମୀ ଦିନରେ ଘୁମୁସରର ଚାରି ବିଧାୟକ ଓ ସାଂସଦଙ୍କୁ ମଞ୍ଚ ତରଫରୁ ସମ୍ମାନିତ କରାଯିବା ନେଇ ବୈଠକରେ ନିଷ୍ପତି ହୋଇଥିଲା। କାର୍ଯ୍ୟକ୍ରମକୁ ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ସଂଯୋଜନା କରିଥିବା ବେଳେ ଲକ୍ଷ୍ମଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନେଶ୍ୱର ସିଟି



● ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ





ଭୁବନେଶ୍ୱର, ୧୧।୧୦ (ସମିସ): ବସ୍ତି ଉଚ୍ଛେଦ ବେଳେ ବିଦ୍ୟୁତ ଆଘାତରେ ଆସି ପ୍ରାଣ ହରାଇଥିବା ଘଟଣାରେ ରାସ୍ତାରୋକ କରିଛନ୍ତି ବସ୍ତିବାସିନ୍ଦା। ପରିବାରକୁ କ୍ଷତିପୂରଣ ଦେବା ଦାବିରେ ମୃତକ ନାରାୟଣ ପ୍ରଧାନଙ୍କ ଗଣ୍ଡମୁଣ୍ଡା - ପୋଖରୀପୁଟ ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତାରୋକ ଫଳରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା।

ସୂଚନା ଅନୁସାରେ, ଶୁକ୍ରବାର ବିଡିଏ ପକ୍ଷରୁ ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତି ଉଚ୍ଛେଦ ଚାଲିଥିଲା। ସ୍ଥାନୀୟ ଅଞ୍ଚଳର ନାରାୟଣ ସମ୍ପର୍କୀୟଙ୍କ ଘରର ଆସବାବପତ୍ର କାଢ଼ିବା ବେଳେ ପଡ଼ିଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଯାଇଥିଲେ। ମୁକୁଳିବା ଲାଗି ଉଦ୍ୟମ କରୁଥିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା। ପରିବାର ଲୋକେ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପତ୍ନୀ ଲିଜାଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ବିଡିଏ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ସେପଟେ ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ଥାନୀୟ ବସ୍ତିବାସିନ୍ଦା ଓ ପରିବାର ଲୋକେ ଶବ ରଖି ଗଣ୍ଡମୁଣ୍ଡା-ପୋଖରୀପୁଟ ରାସ୍ତାକୁ ଅବରୋଧ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ରାସ୍ତାରୋକ ଯୋଗୁଁ ଗଣ୍ଡମୁଣ୍ଡା- ପୋଖରୀପୁଟ ଓ ପୋଖରୀପୁଟ-ଗଣ୍ଡମୁଣ୍ଡା ରାସ୍ତାରେ ଚଳାଚଳ ଠପ୍ ହୋଇଥିବା ବେଳେ ଶତାଧିକ ଗାଡ଼ି ଅଟକି ରହିଥିଲା। ବିଜେଡ଼ି ନେତା ମନ୍ମଥ ରାଉତରାୟ ଓ ପୂର୍ବତନ କର୍ପୋରେଟର ହୃଦୟବଲ୍ଲଭ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ସମର୍ଥନ ଜଣାଇଥିଲେ। ନାରାୟଣଙ୍କ ଝିଅକୁ ୫୦ ହଜାର ଟଙ୍କା ଦେବେ ବୋଲି ଶ୍ରୀ ସାମନ୍ତରାୟ ଘୋଷଣା କରିଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲା। ସୋମବାର ଦିନ ବିଡିଏ, ବିଦ୍ୟୁତ ବିଭାଗ ଓ ପରିବାର ଲୋକଙ୍କ ମଧ୍ୟରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା।

**ଜବରଦଖଲ ହଟାଇବାକୁ ନେଇ ସରକାରଙ୍କ ଦୋମୁହାଁ ନୀତି**

# ମଞ୍ଜୁରୀ ପରେ ବି ଅଟକିଛି ପୁଲିସ ନିଯୁକ୍ତି

ଭୁବନେଶ୍ୱର, ୧୧।୧୦(ସମିସ): ରାଜଧାନୀରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ବହୁ ଦିନରୁ ପୁଲିସ ବାଧକ ସାଜୁଥିଲା। ଅଧିକାଂଶ ସମୟରେ ଫୋର୍ସ ନ ମିଳିବାରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସମ୍ଭବ ହୋଇ ପାରୁ ନ ଥିଲା। ଏଣୁ ଏହି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପୁଲିସ ବଳ ମୁତୟନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାକୁ ପରବର୍ତ୍ତୀ ସମୟରେ ମଞ୍ଜୁରୀ ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ସରକାର ପରିବର୍ତ୍ତନ ପରେ ମଞ୍ଜୁରୀ ପାଇଥିବା ନିଷ୍ପତ୍ତି ଆଉ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଗୋଟିଏ ପଟେ ଜବରଦଖଲ ଉଚ୍ଛେଦକୁ ନେଇ ରାଜ୍ୟ ସରକାର ଦୃଢ଼ ନୀତି ଆପଣାଉଛନ୍ତି ବୋଲି କହୁଥିଲା ବେଳେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ନ କରିବା ରାଜ୍ୟ ସରକାରଙ୍କ ଦୋହରା ମାନଦଣ୍ଡକୁ ଦର୍ଶାଉଛି।

୨୦୨୪ ମସିହାରେ ରାଜ୍ୟ ସରକାରଙ୍କ ତତ୍କାଳୀନ ସ୍ୱତନ୍ତ୍ର ସଚିବ ଡ଼ଃ. ସନ୍ତୋଷ ବାଲା ଏନେଇ ଆକାଉଣ୍ଟ ଜେନେରାଲଙ୍କୁ ଏକ ପତ୍ର ଲେଖିଥିଲେ। ଏହି ପତ୍ରରେ ଜବରଦଖଲ ଉଚ୍ଛେଦ ପାଇଁ ୬୭ଟି ପଦବୀ ସୃଷ୍ଟି କରିବା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ସ୍ୱତନ୍ତ୍ର ପୁଲିସ ଟିମ୍‌କୁ ଜବରଦଖଲ ଉଚ୍ଛେଦ ପାଇଁ ଜାରି ରହିଥିବା କାର୍ଯ୍ୟକ୍ରମ ବିଡିଏ ଦ୍ୱାରା ଚାଲିଥିବା ସିଇଏମ୍‌ସି କାର୍ଯ୍ୟକ୍ରମ ଅଧୀନରେ ରଖାଯିବ ବୋଲି ଉଲ୍ଲେଖ ରହିଥିଲା। ଏଥିରେ ଗୃହ ବିଭାଗ, ବିଡିଏ ଅଧ୍ୟକ୍ଷଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର, ରାଜ୍ୟ ପୁଲିସ ଏବଂ କମିସନରେଟ୍ ପୁଲିସ କାର୍ଯ୍ୟାଳୟର ସହମତି ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା।

ଏହି ୬୭ ଜଣ ପୁଲିସ କର୍ମଚାରୀଙ୍କ ମଧ୍ୟରେ ଜଣେ ଏସିପି, ୬ଜଣ ଏଏସ୍‌ଆଇ ଏବଂ ୬୦ ଜଣ କନ୍‌ଷ୍ଟେବଲଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏମାନେ କେବଳ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହେବେ। ଯାହା ଫଳରେ ଉଚ୍ଛେଦ ଦଳଙ୍କୁ ଆଉ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଥାନା ଉପରେ ନିର୍ଭର କରିବାକୁ ପଡ଼ିବନି। ହେଲେ ସରକାର ପରିବର୍ତ୍ତନ ପରେ ଏହି ପ୍ରସ୍ତାବ ଥଣ୍ଡା ବସ୍ତାକୁ ଚାଲିଗଲା। କେବେ କାର୍ଯ୍ୟକାରୀ ହେବ ତାହାର ମଧ୍ୟ କୌଣସି ଠିକ୍‌ଠିକଣା ନାହିଁ। ଯାହାଫଳରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଗତ ଅଢେଇ ମାସ ମଧ୍ୟରେ ସିଇଏମ୍‌ସି ଦ୍ୱାରା ମୋଟ୍ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏଥିରୁ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ପୁଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇ ପାରି ନ ଥିଲା। ସେହିପରି ବ୍ଲୁଇସ୍ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୨୫ସ୍ଥାନରେ ଉଚ୍ଛେଦ କରାଯାଇ ଥିଲା ବେଳେ ୨୦ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇ ପାରି ନଥିଲା।

## ଋଣ କରାଇଦେବା ଆଳରେ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

ଧଉଳି, ୧୧।୧୦(ସମିସ): ଧଉଳି ଥାନା ଅଞ୍ଚଳରେ ୩ ଜଣ ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଖବରନେବାରେ ଜଣାପଡ଼ିଛି ଏହି ଥାନା ଅଞ୍ଚଳରେ କିଛି ମହିଳା ଗୋଷ୍ଠୀଙ୍କୁ ଜଣେ ଯୁବକ ବିଭିନ୍ନ ବ୍ୟାଙ୍କରୁ ଋଣ କରାଇଦେବାପାଇଁ କହିଥିଲେ। କିଛି ମହିଳା ମନା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ମହିଳା ବ୍ୟକ୍ତିଗତ ଭାବେ ଉକ୍ତ ଋଣ ନେବାପାଇଁ ରାଜି ହୋଇଥିଲେ। ଏଥିପାଇଁ ଯୁବକ ଜଣଙ୍କ ଋଣ କରିଦେବା ନିମନ୍ତେ ମହିଳାଙ୍କ ଠାରୁ ଅତି ଆବଶ୍ୟକ ଆଧାରକାର୍ଡ ଓ ଜରୁରୀ କାଗଜପତ୍ର ନେଇଥିଲେ। ଏପରିକି ଯୁବକ ଜଣଙ୍କ ସମ୍ପୃକ୍ତ ମହିଳାଙ୍କ ଠାରୁ ବ୍ୟାଙ୍କ ଏଟିଏମ କାର୍ଡ ମଧ୍ୟ ନେଇଥିଲେ। ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଯୁବକ ଜଣଙ୍କ ଋଣ କରିପାରିନଥିଲେ। ମାତ୍ର ଉକ୍ତ ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିଲା। ଏଭଳି ଭାବେ ୩ ଜଣ ମହିଳାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଉଠାଇ ନେଇଥିଲା। ଏନେଇ ମହିଳାମାନେ ଉକ୍ତ ଯୁବକଙ୍କୁ ପଚାରିଥିଲେ। ମାତ୍ର ଯୁବକ ଜଣଙ୍କ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଯାହା ଦ୍ୱାରା ମହିଳା ମାନେ ଅତିଷ୍ଠ ହୋଇ ସମ୍ପୃକ୍ତ ଯୁବକଙ୍କୁ ନେଇ ପ୍ରଥମେ ଧଉଳି ଥାନାର ଦ୍ୱାରସ୍ଥ ହୋଇଥିଲେ ମାତ୍ର ଏହା ସାଇବର ଅପରାଧ ହୋଇଥିବାରୁ ସାଇବର ଥାନାକୁ ପଠାଇଥିଲେ। ସାଇବର ଥାନା ପୁଲିସ ତଦନ୍ତ କରିବା ସମୟରେ ଉକ୍ତ ମହିଳାଙ୍କ ମଧ୍ୟରୁ ୨ ଜଣ ମହିଳାଙ୍କ ନାମରେ ପୂର୍ବରୁ ତେଲେଙ୍ଗାନା ଓ ଗୁଜୁରାଟ ସାଇବର ଥାନାରେ ମାମଲା ଚାଲୁ ରହିଛି। ଫଳରେ ସାଇବର ଥାନା ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଧଉଳି ଥାନାକୁ ପଠାଇଥିଲେ। ଧଉଳି ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟଙ୍କା ଲୁଟ୍ ଅଭିଯୋଗରେ ଜଣେ ଗିରଫ



ଭୁବନେଶ୍ୱର, ୧୧।୧୦ (ସମିସ): ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶାନ୍ତି ନଗର ବସ୍ତିର ଏସକେ ୟୁସୁଫ (୨୨)।

ପୁଲିସ ସୂଚନାନୁସାରେ, ସଞ୍ଜୟ କୁମାର ସ୍ୱାଇଁ ଶୁକ୍ରବାର ଦିନ ପ୍ରାୟ ୨ଟା ବେଳେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ବସ୍ ପାଇଁ ଅପେକ୍ଷା କରିଥିଲେ। ସେହି ସମୟରେ ୟୁସୁଫ ତାଙ୍କ ପାଖକୁ ଆସି ତାଙ୍କ ପର୍ସରୁ ଜୋରଜବରଦସ୍ତି ୧୭୪୦ ଟଙ୍କା ଛଡ଼ାଇ ନେଇଥିଲା। ଏନେଇ ଶ୍ରୀ ସ୍ୱାଇଁ ଅଭିଯୋଗ କରିବା ପରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜରୁ ୟୁସୁଫକୁ ଚିହ୍ନଟ କରିଥିଲା। ଆଜି ଶ୍ରୀୟା ଛକରୁ ୟୁସୁଫକୁ ଗିରଫ କରିବା ସହ ୧୫୦୦ ଟଙ୍କା ଜବତ କରିଥିଲା।

## ଦାଦାବଟି ପାଇଁ ବୋମାମାଡ଼; ଦମ୍ପତି ଆହତ, ୨ ଗିରଫ

● ଜେଲ୍‌ରୁ ବେଲ୍‌ରେ ଆସି ଘଟାଇଛନ୍ତି ଅପରାଧୀ

ଭୁବନେଶ୍ୱର, ୧୧।୧୦(ସମିସ): ଦାଦାବଟି ନ ଦେବାରୁ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ବୋମାମାଡ଼ କରିଥିବା ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଏଭଳି ଘଟଣା ଘଟିଛି ଏୟାରଫିଲ୍ଡ ଥାନା ଖଣ୍ଡୁଆଳ ସାହିରେ ଘଟିଛି। ବୋମାମାଡ଼ରେ ବିଳାସିନୀ ମହାନ୍ତି ଏବଂ ତାଙ୍କ ସ୍ୱାମୀ ବବୁଲା ମହାନ୍ତି ଆହତ ହୋଇଛନ୍ତି। ଏନେଇ ଥାନାରେ ବିଳାସିନୀ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ରାଜେଶ ବେହେରା ଏବଂ ରଶ୍ମୀରଞ୍ଜନ ବେହେରାଙ୍କୁ ଗିରଫ କରିଛି। ଉଭୟ ଜେଲରୁ ବାହାରିବା ପରେ ଏଭଳି ବୋମାମାଡ଼ କରିଛନ୍ତି।

ଅଭିଯୋଗ ଅନୁସାରେ, ବବୁଲାର ଏକ କବାଡ଼ିଆ ଦୋକାନରେ କାମ କରନ୍ତି। ତାଙ୍କୁ ରାଜେଶ ଓ ରଶ୍ମୀ ଦାଦାବଟି ମାଗିଥିଲେ। କିନ୍ତୁ ବବୁଲା ବଟି ଦେବାକୁ ମନା କରିଥିଲେ। ଦୁଇ ଅଭିଯୁକ୍ତ ସେମାନଙ୍କୁ ଦେଖିଦେବାକୁ କହିଥିଲେ। ଶୁକ୍ରବାର ରାତିରେ ବର୍ଷା ହେଉଥିବା ସମୟରେ ୨ଜଣ ଅଭିଯୁକ୍ତ ଏକ ବ୍ୟାଗ୍‌ରେ ବୋମା ଆଣିଥିଲେ। ଏହି ବୋମାକୁ କୋଠ ଘରେ ରଖିବା ପାଇଁ କୋଠଘର ଚାବି ବବୁଲାକୁ ମାଗିଥିଲେ। କିନ୍ତୁ ସେ ଚାବି ସଭାପତି ଠାରୁ ମାଗି ନେବାକୁ କହିଥିଲେ। ଏହି କଥାକୁ ନେଇ ଅଭିଯୁକ୍ତମାନେ ବବୁଲା ଏବଂ ତାଙ୍କ ସ୍ତ୍ରୀ ଉପରକୁ ୬ଟି ବୋମା ମାଡ଼ କରିଥିଲେ। ଯେଉଁଥିରେ ହାତ, ଗୋଡରେ ଗଭୀର ଆଘାତ ଲାଗିଥିଲା।

## ସୁରକ୍ଷା ଢିଲା; ଲିଙ୍ଗରାଜ ମନ୍ଦିରରେ ବନ୍ଧୁକଧାରୀ ପିଏସ୍‌ଓ



ଭୁବନେଶ୍ୱର, ୧୧।୧୦(ସମିସ): ଶ୍ରୀଲିଙ୍ଗରାଜ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯିଏ ପାଇଲା ମନ୍ଦିର ଭିତରକୁ ମୋବାଇଲ୍ ଫୋନ ଠାରୁ ଆରମ୍ଭ କରି ନଯିବା ସାମଗ୍ରୀ ନେଉଛନ୍ତି। ଆଉ ଜଣେ ବ୍ୟବସାୟୀଙ୍କ ପିଏସ୍‌ଓ ଅଣ୍ଟାରେ ବନ୍ଧୁକ ଖୋସି ମନ୍ଦିର ଭିତରକୁ ପଶିଥିଲେ। ଧରାପଡ଼ିବା ପରେ ଜାଣି ନ ଥିବା କହି କଥାକୁ ଏଡାଇ ଯାଇଥିଲେ।

ଶନିବାର ଅପରାହ୍ଣରେ ଜଣେ ବ୍ୟବସାୟୀଙ୍କ ପିଏସ୍‌ଓ ମନ୍ଦିର ଭିତରକୁ ସାଦା ପୋଷାକରେ ଅଣ୍ଟାରେ ବନ୍ଧୁକ ଖୋସି ପଶିଯାଇଥିଲେ। ମନ୍ଦିର ଭିତରେ କିଛି ସମୟ ରହିବା ପରେ ଆନନ୍ଦ ବଜାରରେ କିଛି ସେବାୟତ ଉକ୍ତ ଯୁବକଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ଯୁବକଙ୍କର ଘର କେନ୍ଦୁଝର ଅଞ୍ଚଳରେ ହୋଇଥିବା ଜଣାପଡ଼ିଥିବା ବେଳେ ଉକ୍ତ ଯୁବକ ନିଜକୁ ପିଏସ୍‌ଓ ବୋଲି ପରିଚୟ ଦେଇଥିଲେ। ପରେ ପୁଲିସ ଉକ୍ତ ଯୁବକଙ୍କୁ ନେଇ ପଚରାଉଚରା କରିବା ସହ ବନ୍ଧୁକର ଲାଇସେନ୍ସ ରହିଛି କି ନାହିଁ ପୁଲିସ ଯାଞ୍ଚ କରିଥିଲା। ପୁଲିସ ଉକ୍ତ ବନ୍ଧୁକର ଲାଇସେନ୍ସ ଦସ୍ତାବିଜ୍ ମାଗି ଯାଞ୍ଚ କରିଥିଲା। ପରେ ପିଏସ୍‌ଓ ଜଣକ ବନ୍ଧୁକକୁ ଭୁଲ୍ ବଶତଃ ବନ୍ଧୁକ ନେଇ ଆସିଥିବା କହିବା ସହ ଥାନାରେ ଏକ ଲିଖିତ ଆକାରରେ ଜଣାଇବା ପରେ ପୁଲିସ ଛାଡ଼ିଥିଲେ।

ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ କାର୍ତ୍ତିକ ମାସ ଚାଲିବା ସହ ଲିଙ୍ଗରାଜଙ୍କର ଦିନକୁ ଦୁଇଥର ବଡ଼ ବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେଉଅଛି। ଏଥିପାଇଁ ମନ୍ଦିରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁତ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ଏମିତିରେ ଆଗରୁ ବହୁତ ଥର ମନ୍ଦିର ଭିତରୁ ମୋବାଇଲ ଜବତ ହେବା ସହ ଭିତରର ଫଟୋ ମଧ୍ୟ ଭାଇରାଲ ହୋଇଛି। ଏହି ସମୟରେ ଯଦି ଯାଞ୍ଚ ବ୍ୟବସ୍ଥା ଯଦି କଡ଼ାକଡ଼ି ନକରାଯାଏ ତେବେ ଆଗକୁ କ'ଣ ହବ ବୋଲି କିଏ କିଛି କହିପରିବେ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଏକକାଳୀନ ହେବନାହିଁ ଲକ୍ଷ୍ମୀପୂଜା ଭସାଣି

ଭୁବନେଶ୍ୱର, ୧୧।୧୦(ସମିସ) : ଭୁବନେଶ୍ୱର ଲକ୍ଷ୍ମୀପୂଜା ଭସାଣି ଉତ୍ସବ ସମିତି ଓ ଉତ୍ତର ଭୁବନେଶ୍ୱର ଲକ୍ଷ୍ମୀପୂଜା ଭସାଣି ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ସାମ୍ବାଦିକ ସମ୍ମିଳନୀ। ଏଥିରେ ନିଷ୍ପତ୍ତି ନିଆଯାଇଛି ଚଳିତ ଥର ରାଜଧାନୀରେ ଲକ୍ଷ୍ମୀପୂଜା ଭସାଣି ଉତ୍ସବ ଏକକାଳୀନ ହେବ ନାହିଁ। ଅର୍ଥାତ୍ ଭସାଣି ଉତ୍ସବ ଅଲଗା ଅଲଗା ସମୟ ଏବଂ ଦିନରେ ଆୟୋଜିତ ହେବ। ଏନେଇ ମଧ୍ୟ ପୁଲିସ ପ୍ରଶାସନ ସହ ଆଲୋଚନା ହୋଇଥିବା ନେଇ ସମିତିର ସଭାପତି ମନୋରଞ୍ଜନ ଦାସ ଓ ସମ୍ପାଦକ ଶ୍ରୀ ରଥ ସୂଚନା ଦେଇଛନ୍ତି। ଏଥିସହିତ ଭସାଣି ଉତ୍ସବରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରିବା ସହ ପୁଲିସ ପ୍ରଶାସନକୁ ଭସାଣି ଉତ୍ସବରେ ସହଯୋଗ କରିବା ପାଇଁ ଭସାଣି ଉତ୍ସବର ମୁଖ୍ୟ ଉପଦେଷ୍ଟା ଶ୍ରୀ ବିଶ୍ୱଜିତ ପଟ୍ଟନାୟକ, ଉପଦେଷ୍ଟା ସୁର ପାତ୍ର ଓ ସଭାପତି କୃଷ୍ଣଚନ୍ଦ୍ର ପତି ସମସ୍ତଙ୍କୁ ନିବେଦନ କରିଛନ୍ତି।

● ପଶ୍ଚିମବଙ୍ଗରେ ଓଡ଼ିଆ ମେଡିକାଲ୍ ଛାତ୍ରୀ ଗଣଧର୍ଷଣ

## ସବୁ କ୍ୟାମ୍ପସରେ କଳାଦିବସ ପାଳନ ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୧।୧୦(ସମିସ): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଡାକ୍ତରୀ ପଢୁ ଥିବା ଜଳେଶ୍ୱରର ଓଡ଼ିଆ ଛାତ୍ରୀଙ୍କୁ ଗଣଧର୍ଷଣ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଏହା ଓଡ଼ିଶାର ପ୍ରତ୍ୟେକ ଛାତ୍ରୀମାନଙ୍କ ସ୍ୱାଭିମାନ ପ୍ରତି ଏକ ଆହ୍ୱାନ। ଦୁଃଖର କଥା ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ବି କେହି ଅପରାଧୀ ଗିରଫ ନ ହେବା ଦୁଃଖ ଦାୟକ। ଏହାର ପ୍ରତିବାଦରେ ରାଜ୍ୟର ସବୁ କଲେଜ କ୍ୟାମ୍ପସରେ କଳାଦିବସ ପାଳନ କରିବାକୁ ଆମ୍ଭେ ସବୁ ଛାତ୍ରୀମାନଙ୍କୁ ଆହ୍ୱାନ କରୁଛୁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ସବୁ ଛାତ୍ରୀ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ସବୁ ଛାତ୍ରୀଙ୍କୁ ନିବେଦନ କରିଛନ୍ତି। ଓଡ଼ିଶା ସରକାର ତୁରନ୍ତ ଏକ ଉଚ୍ଚ ସ୍ତରୀୟ ପୁଲିସ ଟିମ୍ ପଠେଇ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ବେହେରା ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି।

**ମାନସିକ ବିଷାଦଗ୍ରସ୍ତଙ୍କ ପାଇଁ 'ଟେଲିମାନସ' ଭରସା**

# ଅଧିକ ଟେନ୍‌ସନରେ ସହରୀ ପୁରୁଷ

**ଶହେରେ ୩୯ ମହିଳା, ୬୧ ପୁରୁଷ ମାନସିକ ବିଷାଦରେ**

**୧୮ ରୁ ୪୫ ବର୍ଷ ମଧ୍ୟରେ ଆସୁଛି ସର୍ବାଧିକ କଲ୍**

**ପ୍ରେମରେ ନିରାଶ ହେବା ପରେ ବିଗୁଡ଼ୁଛି ମାନସିକ ଚିନ୍ତା**

**ପାରିବାରିକ ଝଗଡ଼ା ପରେ ନେଉଛନ୍ତି ଅନ୍ୟର ଜୀବନ**

ଭୁବନେଶ୍ୱର, ୧୧।୧୦(ସମିସ): ଏବେ ସହରୀ ଜୀବନ ଆଣୁଛି ମାନସିକ ବିଷାଦ। କିଏ ପ୍ରେମରେ ହତାସ ହେବା ପରେ ମାନସିକ ବିଷାଦର ଶିକାର ହେଉଥିବା ବେଳେ ଆଉ କିଏ ପାରିବାରିକ କଳହ ପାଇଁ ମାନସିକ ବିଷାଦର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସର୍ବାଧିକ ଲୋକ ଏହି ମାନସିକ ବିଷାଦର ଶିକାର ହେଉଛନ୍ତି। ବିଶେଷକରି ୧୮ରୁ ୪୫ ବର୍ଷ ମଧ୍ୟରେ ଯୁବପିଢି ଏହି ମାନସିକ ବିଷାଦର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏକାଧିକ ବ୍ୟକ୍ତି ସ୍ମାର୍ଟଫୋନ୍ ଏବଂ କମ୍ପ୍ୟୁଟର, ଲାପ୍‌ଟପରେ ସମୟ ଅତିବାହିତ କରୁଛନ୍ତି। ଯେଉଁଥିପାଇଁ ସେମାନେ ପରିବାର ଲୋକଙ୍କୁ ସମୟ ଦେଇ ପାରୁନାହାନ୍ତି। ନିଜ ନିଜ ଭିତରେ ସୃଷ୍ଟି ହେଉଥିବା ଚିନ୍ତା କାହାକୁ ପ୍ରକାଶ କରିପାରୁ ନାହାନ୍ତି। ଫଳରେ ସେମାନେ ମାନସିକ ରୋଗର ଶିକାର ହୋଉଛନ୍ତି। ଅନେକ ଏହି ମାନସିକ ବିଷାଦର ଶିକାର ହୋଇ ଆତ୍ମହତ୍ୟା କରୁଛନ୍ତି। ଲୋକଙ୍କ ମାନସିକ ବିଷାଦରୁ ମୁକ୍ତି କରିବା ପାଇଁ ସରକର ଟେଲିମାନସ ଖୋଲିଛନ୍ତି। ମାନସିକ ବିଷାଦ ଘଟିଲେ ଏଠାକୁ ଫୋନ୍ କରି ସମସ୍ୟାର ସମାଧାନ କରିପାରିବେ। ସେଠାରେ



କାଉନ୍‌ସିଲିଂ କରିବା ପାଇଁ ଏକାଧିକ କାଉନ୍‌ସିଲର ଅଛନ୍ତି। ଏବେ ଟେଲିମାନସକୁ ଏକାଧିକ ଫୋନ୍ କଲ ଆସୁଛି। ଯାହାକି ମାନସିକ ରୋଗୀଙ୍କ ସଂଖ୍ୟା ବଢୁଥିବା ସ୍ପଷ୍ଟ ହୋଇଛି। କେବଳ ଏଠାକୁ ନୁହେଁ କ୍ୟାପିଟାଲ ହସ୍ପିଟାଲକୁ ମଧ୍ୟ ଏକାଧିକ ମାନସିକ ଆସୁଥିବା ଦେଖିବାକୁ ମିଳିଛ।

ଅନେକ ଲୋକ ଟେଲିମାନସକୁ ଫୋନ୍ କରି କହୁଛନ୍ତି ଯେ, ଆଜ୍ଞା ମୋ ମନ ସ୍ଥିର ରହୁନି। ଜଣେ ଯୁବତୀକୁ ଭଲ ପାଉଥିଲା। ସେ ମୋତେ ଧୋକା ଦେଇ ଆଉ କାହା ସହ ପଳାଇଲା। ମୁଁ ଏବେ ମାନସିକ ଚିନ୍ତାରେ ଅଛି। କଣ କରିବି ଜାଣି ପାରୁନାହିଁ। ଏପରିକି ବେଳେ ବେଳେ ଆତ୍ମହତ୍ୟା କରିବାକୁ ମଧ୍ୟ ମନ ହେଉଛି। ଏଭଳି କ୍ଷେତ୍ରରେ କାଉନ୍‌ସିଲର ମାନେ ଉକ୍ତ ଯୁବକର ମନର କଥା ଶୁଣିବା ପରେ ସାଙ୍ଗଭଳି ତାଙ୍କୁ ଉପଦେଶ ଦିଅନ୍ତି। ଏପରିକି ମନ ଭଲ ନଲାଗିଲେ ସେମାନଙ୍କୁ କଲ କରି କଥା ହେବାକୁ ମଧ୍ୟ କୁହନ୍ତି। ଯେଉଁଥି ପାଇଁ ଏକାଧିକ ମାନସିକ ବିଷାରଦ ଆତ୍ମହତ୍ୟାରୁ ମୁକ୍ତି ପାଉଛନ୍ତି। ଆଉ କେତେକ ଫୋନ କରି କହୁଛନ୍ତି ଯେ, ଅଫିସରେ କାମ କରିବାକୁ ଭଲ ଲାଗୁନାହିଁ। ଟଙ୍କା ଆବଶ୍ୟକତା ଥିବାରୁ ଅଫିସ ଯାଉଛି ସତ, କିନ୍ତୁ ଅଫିସ ଯିବାକୁ ମନ ହେଉନି। ଦିନକୁ ଦିନ ବିଷାଦ ବଢ଼ିଚାଲିଛି। କଣ କରିବି ସମାଧାନର ବାଟ କୁହନ୍ତୁ। ବିଷାଦରୁ ମୁକ୍ତି ପାଇବା ପାଇଁ ଏଭଳି କଲ ଟେଲିମାନସକୁ ଆସୁଛି। ସମସ୍ୟା ଶୁଣିବା ପରେ ସଙ୍ଗେ ସଙ୍ଗେ କାଉନସିଲିଂ ଆରମ୍ଭ କରିଦେଉଛନ୍ତି କାଉନସିଲର। ରାଜ୍ୟ ସରକାରଙ୍କର ଟେଲିମାନସ ସହାୟତା ନମ୍ବର ୧୪୪୧୬କୁ ପ୍ରତିଦିନ ଆସୁଛି ଏଭଳି ଅନେକ କଲ୍। ରାଜ୍ୟ ସରକାରଙ୍କ ଟେଲିମାନସର ତଥ୍ୟ ଅନୁଯାୟୀ ୬୧ ପ୍ରତିଶତ ପୁରୁଷ ଓ ୩୯ ପ୍ରତିଶତ ମହିଳା ମାନସିକ ରୋଗରୁ ମୁକ୍ତି ପାଇଁ କଲ୍ କରିଛନ୍ତି। ୧୮ ବର୍ଷରୁ ୪୫ ବୟସ ବର୍ଗର ଲୋକଙ୍କ ମଧ୍ୟରୁ ୬୦ ପ୍ରତିଶତ କଲ୍ ଆସିଥିବା ବେଳେ ୪୬ରୁ ୬୪ ବୟସ ବର୍ଗରୁ ୨୦ ପ୍ରତିଶତ କଲ୍ ଆସିଛି। ସବୁଠାରୁ ଅଧକ କଲ୍ ଗଞ୍ଜାମ ଜିଲ୍ଲାରୁ ଆସିଛି। ପଛକୁ ଅଛି ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ବଲାଙ୍ଗୀର ଓ କଟକ।

### ଜୀବନ ଶୈଳୀ ପକାଉଛି ପ୍ରଭାବ

ସମୟ ବଦଳିବା ସହ ଲୋକଙ୍କ ଜୀବନ ଶୈଳୀ ବଦଳିଯାଇଛି। ସାଙ୍ଗସାଥୀ ଓ ପରିବାରବର୍ଗଙ୍କ ସହ ସମୟ ବିତାଇବା ପରିବର୍ତ୍ତେ ଲୋକଙ୍କର ସମୟ ମୋବାଇଲରେ ବିତୁଛି। ଘଣ୍ଟା ଘଣ୍ଟା ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି। ନିଜ ମନର ଭାବନାକୁ ସୋସିଆଲ ମିଡିଆରେ ହିଁ ପ୍ରକାଶ କରୁଛନ୍ତି। ପାଖରେ ଅନେକ ଥିଲେ ବି ନିଜକୁ ଏକାକୀ ଅନୁଭବ କରୁଛନ୍ତି। ଏଥିପାଇଁ ମାନସିକ ଚାପ ବଢ଼ିଚାଲିଥିବା ବିଶେଷଜ୍ଞ କହିଛନ୍ତି। ଆହୁରି ମଧ୍ୟ ଯୌଥ ପରିବାର ଅପେକ୍ଷା ଏକାଧିକ ସ୍ୱାମୀ, ସ୍ତ୍ରୀ ରହିବାକୁ ଚାହୁଁଛନ୍ତି। ଉଭୟଙ୍କ ମଧ୍ୟରେ କିଛିବି ଝଗଡ଼ା ହେଲା ବୁଝାଇବାକୁ କେହି ନାହାନ୍ତି। ଯେଉଁଥି ପାଇଁ ତିକ୍ତତା ବଢ଼ିବା ସହ ମାନସିକ ବିଷାଦ ବଢୁଛି। ଅନେକ ମାନସିକ ବିଷାଦ ସହ୍ୟ ନ କରିବାରୁ ଆତ୍ମହତ୍ୟା କରୁଥିବା ବେଳେ ଅନେକ ଆଉ କାହାର ଜୀବନ ନେଉଛନ୍ତି। ତେଣୁ ମାନସିକ ଶାନ୍ତି ପାଇଁ ଯୋଗ, ବ୍ୟାୟାମ ଏବଂ ପରିବାର ଲୋକଙ୍କ ସହ ସମୟ ବିତାଇବା ପାଇଁ ମାନସିକ ରୋଗ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପ୍ରସିଦ୍ଧ ରୂପଯାତ୍ରା: ପଡ଼ିଆରୁ ତୁଟୁନି ମୋହ

ଚୌଦ୍ୱାର,୧୧।୧୦(ସମିସ): ଚୌଦ୍ୱାର ରୂପଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲେ ମଧ୍ୟ ପଡ଼ିଆ ଉପରୁ ଲୋକଙ୍କ ମୋହ ତୁଟୁନି । ମେଳଣ ପଡ଼ିଆରୁ ମେଢ଼ଗୁଡ଼ିକ ବିସର୍ଜନ ହୋଇଥିଲେ ମଧ୍ୟ ଆଜି ସଂଧ୍ୟା ବେଳେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଗତକାଲି ଭସାଣି ସମୟରେ ହଠାତ ଝଡ଼ ବର୍ଷା ହେବା ଦ୍ୱାରା ଭସାଣି ଉତ୍ସବ ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା । ଏଥିସହିତ ଲୋକେ ରୂପଯାତ୍ରା ପଡ଼ିଆରୁ ଘରକରଣା ସାମଗ୍ରୀ ତଥା ମନୋହାରୀ ସାମଗ୍ରୀ କିଣି ପାରି ନଥିଲେ । ଦିନତମାମ ଲୋକେ ଯାତ୍ରା ପଡ଼ିଆରେ ଭିଡ଼ ଜମାଇବା ସହ ଆବଶ୍ୟକୀୟ ସାମଗ୍ରୀ କିଣିବାରେ ବ୍ୟସ୍ତ ରହିଥିଲା ।

### ଷ୍ଟାମ୍ପ ଟାଟୁର ଚାହିଦା



ରୂପଯାତ୍ରାରେ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କୁ ମଧ୍ୟ ଆକର୍ଷିତ କରିବାରେ ସଫଳ ହୋଇଛି ଷ୍ଟାମ୍ପ ଟାଟୁ । ବିଭିନ୍ନ ପ୍ରକାର ଫୁଲ ଭଳି ରହିଥିବା କାଠର ବ୍ଲକରେ ରଙ୍ଗ ଲଗାଯାଇ ହାତ, ପାପୁଲି ବାହାର ଓ ଭିତର ଆଦିରେ ଟାଟୁ କରାଯାଉଥିବା ଦେଖିବାକୁ ମିଳିଛି । ଏହି ଟାଟୁ ବେଶ କିଛି ଦିନ ପର୍ଯ୍ୟନ୍ତ ରହିବା ପରେ ଏହା ଆପେ ଆପେ ଲିଭିଯାଏ । ଏଥିସହିତ ଏହି ଟାଟୁ କାରିଗରଙ୍କ ପାଖରେ ରହିଛି ସ୍ଥାୟୀ ଟାଟୁ । ଯାହାକୁ ଏକ ବ୍ୟାଟେରୀ ଚାଳିତ ଛୁଞ୍ଚି ଦ୍ୱାରା ତିଆରି କରାଯାଏ । ଏହି ଟାଟୁ କରିବା ପାଇଁ ଲୋକଙ୍କ ଚାହିଦା ରହିଥିବା ଦେଖିବାକୁ ମିଳିଛି ।

### ମନ ଜିଣୁଛି ଫଳ-ପରିବା କୁମ୍ଭି



ବିଶେଷ କରି ପିଲାମାନେ ଟଙ୍କା ସଞ୍ଚୟ କରିବା ଶିଖିବା ପାଇଁ ବାପା ମା'ମାନେ ପିଲାଙ୍କୁ ଏକ କୁମ୍ଭି ଧରାଇ ଦିଅନ୍ତି । ଚଳିତ ବର୍ଷ ରୂପଯାତ୍ରା ପଡ଼ିଆରେ ଆମ୍ବ, ସପୁରୀ, ଆତ, ପଣସ, ସେଓ ଆକୃତିର ବିଭିନ୍ନ କୁମ୍ଭି ବିକ୍ରି କରୁଥିବାବେଳେ ପିଲାମାନେ ଏହାକୁ ମନଖୁସିରେ କିଣୁଥିବା ଦେଖିବାକୁ ମିଳିଛି ।

### ଘୋଡ଼ା ସବାରି

କଥାରେ ଅଛି ଓଡ଼ିଆମାନଙ୍କ ଅସ୍ମିତା କାଳିଆ ଘୋଡ଼ାରେ ଚଢ଼ିବି ମଧୁବାବୁ ସଂଗେ ଲଢ଼ିବି । ଏଭଳି ଚିତ୍ର ଦେଖିବାକୁ ମିଳିଛି ଚୌଦ୍ୱାର ରୂପଯାତ୍ରାରେ ।



ସେଠାରେ ଘୋଡ଼ା ଧରି ଅପେକ୍ଷା କରିଥିବା ସଇସ ପାଖରେ ପିଲାଙ୍କର ପ୍ରବଳ ଭିଡ । ପିଲାଙ୍କର ମୁଁ ଘୋଡ଼ାରେ ବସିବି ଜିଦ୍ ଆଗରେ ମୁଣ୍ଡ ନୁଆଁଇଛନ୍ତି ବାପା-ମା' । ତେଣୁ ୧୦ଟଙ୍କା ୨୦ ଟଙ୍କା ଦେଇ କିଛି ବାଟ ପିଲାଙ୍କୁ ଘୋଡ଼ାରେ ବୁଲାଇ ଆଣିବାକୁ ଅଭିଭାବକମାନେ ମଧ୍ୟ ଅପେକ୍ଷା କରିଛନ୍ତି । ତେବେ ପିଲାମାନେ ଯାତ୍ରା ଦେଖିବାକୁ ଯେତିକି ଆଗ୍ରହୀ ଥିଲେ ଘୋଡ଼ାରେ ବସି ବୁଲିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି ।

### ପିଲାଙ୍କ ମନ କିଣୁଛି ଡୁଆଲ ବେଲୁନ୍

ଚୌଦ୍ୱାର ରୂପଯାତ୍ରାରେ କୁନିକୁନି ପିଲାଙ୍କୁ ଆକର୍ଷିତ କରୁଛି ଡୁଆଲ ବେଲୁନ । ବେଲୁନ ଭିତରେ ଆଉ ଗୋଟିଏ ବେଲୁନ ରଖାଯାଇଥିବାବେଳେ ଏଥିରେ ଏଲିଡି ଲାଇଟ ମଧ୍ୟ ରଖାଯାଇଛି । ଏହି ବେଲୁନଟି ପ୍ଲାଷ୍ଟିକରେ ତିଆରି ହୋଇଥିବାବେଳେ ଏହା ଶୀଘ୍ର ଫାଟିବ ନାହିଁ ବୋଲି ବ୍ୟବସାୟୀମାନେ ବୁଝାଉଛନ୍ତି । ତେବେ ଏହାର ଦର ୨୫ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଏଲିଡ ଲାଗିଥିବା ଡୁଆଲ ବେଲୁନର ଦର ୫୦ଟଙ୍କା ରହିଛି ।

## ହୋଟେଲରେ ମଦ୍ୟପାନ ମନାକରିବାରୁ ମାଲିକଙ୍କୁ ମାଡ଼

ନିଶ୍ଚିନ୍ତକୋଇଲି,୧୧।୧୦(ସମିସ): କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ନିଶ୍ଚିନ୍ତକୋଇଲି ଥାନା କଟରପଡା ନିକଟରେ ଜଣେ ହୋଟେଲ ମାଲିକଙ୍କୁ କେତେକ ଦୁର୍ବୃତ୍ତ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି । ଗତ ଗୁରୁବାର ରାତିରେ ସ୍ୱାଦସାଗର ନାମକ ହୋଟେଲ ଭିତରକୁ ୭-୮ଜଣ ଯୁବକ ପଶିଯାଇ ଜବରଦସ୍ତ ମଦ୍ୟପାନ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ମାଲିକ ପ୍ରଦୀପ୍ତ ନାୟକ ତାଙ୍କୁ ମଦ୍ୟପାନ ନ କରିବା ପାଇଁ କହିଥିଲେ । ଉତ୍‌କ୍ଷିପ୍ତ ହୋଇ ଉକ୍ତ ଯୁବକମାନେ ସଂପୃକ୍ତ ମାଲିକ ଓ ତାଙ୍କ ପୁଅଙ୍କୁ ମାଡ଼ ମାରିଥିଲେ । ହୋଟେଲ ଖୋଲିଲେ ଟ୍ରକ ଚଢାଇ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ୩ ଦିନ ହେବ ଭୟଭୀତ ହୋଇ ହୋଟେଲ ମାଲିକ ତାଙ୍କ ହୋଟେଲ ବନ୍ଦ କରିଥିବା ଜଣାଯାଇଛି । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ ତଦନ୍ତ କରାଯାଉ ନଥିବାରୁ ହୋଟେଲ ମାଲିକ ଭୟଭୀତ ଅବସ୍ଥାରେ ଅଛନ୍ତି । ତୁରନ୍ତ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ହୋଟେଲ ମାଲିକ ଦାବି କରିଛନ୍ତି ।

## ଜବତ ଗୋ-ମାଂସ ପୋତିଲା ପୁଲିସ

ଭଦ୍ରେଶ୍ୱର,୧୧।୧୦(ସମିସ): ମାହାଙ୍ଗା ବ୍ଲକ ମଧୁପୁର ଗ୍ରାମରେ ଗୋ-ହତ୍ୟାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି । ମାହାଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋ-ମାଂସକୁ ଜବତ କରିବା ସହ ଘଟଣାରେ ହସ୍ତକ୍ଷେପ କରିବା କାରଣରୁ ଉତ୍ତେଜନା ଥମିଥିଲା ।



ମଧୁପୁର ଗ୍ରାମର ଜଣେ ବ୍ୟକ୍ତି ନିଜ ଘରେ ସ୍ପଷ୍ଟ ଦିବାଲୋକରେ ଗୋ-ହତ୍ୟା କରୁଥିବାର ସ୍ଥାନୀୟ ଲୋକେ ଦେଖିଥିବା କହୁଥିବା ବେଳେ ଖବର ପାଇ କୁମୁଡା ଜୟପୁର ଫାଣ୍ଡି ଅଧିକାରୀ ମନୋଜ ବେହେରା ଘଟଣାସ୍ଥଳରୁ ପ୍ରାୟ ୧କ୍ୱିଣ୍ଟାଲ ଗୋମାଂସ ଜବତ କରିଥିଲେ । ମାହାଙ୍ଗା ଥାନା ଅଧିକାରୀ ତପନ ରାଉତ, ମାହାଙ୍ଗା ପଶୁ ବିଭାଗ କର୍ମଚାରୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମାଂସର ନମୁନାକୁ ପରୀକ୍ଷା ନିରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି । ଜେସିବି ମେସିନ ବ୍ୟବହାର କରି ଜବତ ମାଂସକୁ ଅନ୍ୟତ୍ର ପୋତି ଦେଇଥିବାର ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ରତାପାଟ ଗ୍ରାମପଞ୍ଚାୟତ ହାଇସ୍କୁଲରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ବଡମ୍ବା,୧୧।୧୦(ସମିସ): ଅନ୍ତର୍ଜଜାତୀୟ ବାଳିକା ଦିବସ ଉପଲକ୍ଷେ ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ରତାପାଟ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସ୍କାଉଟ୍ ଓ ଗାଇଡ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ପରିସରରେ ଏକ ସଭାରେ ପ୍ରଧାନ ଶିକ୍ଷକ ବିଜୟ କୁମାର ଛତ୍ରଙ୍କ ତତ୍ତ୍ୱାବଧାନରେ "ମୁଁ ବାଳିକା, ପରିବର୍ତ୍ତନରେ ଆଗକୁ ବଢ଼ିବି' ଶୀର୍ଷକ ବିଷୟବସ୍ତୁରେ ଏକ ବକ୍ତୃତା ପ୍ରତିଯୋଗିତା ଓ "ବାଳିକାଟି ସମାଜ ଓ ପରିବାର ଗଠନର ମୂଳ ପିଣ୍ଡ' ପ୍ରବନ୍ଧ ରଚନା ପ୍ରତିଯୋଗିତା




ଅନୁଷ୍ଠିତ ହୋଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମ ପରିକ୍ରମା କରି ଛାତ୍ରଛାତ୍ରୀମାନେ ସ୍ଲୋଗାନ ମାଧ୍ୟମରେ ସଚେତନ ଶୋଭାଯାତ୍ରା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁଣ କୁମାର ରାଉତ, ଜଗନ୍ନାଥ ଜେନା, ସ୍ନେହଲତା ତ୍ରିପାଠୀ, ସରୋଜ କୁମାର ପଣ୍ଡା ପ୍ରମୁଖ ସହାୟତା କରିଥିଲେ । ସ୍କାଉଟ ଓ ଗାଇଡ ଏନସିସି. କ୍ୟାଡ଼ର ପିଲାମାନେ ବିଭିନ୍ନ ପଥ ପ୍ରାନ୍ତ ନାଟକ ପରିବେଷଣ କରିଥିଲେ ।

## ଖ୍ରୀଷ୍ଟ କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କର୍ମଶାଳା




କଟକ,୧୧।୧୦(ସମିସ): ଖ୍ରୀଷ୍ଟ କଲେଜରେ ମନସ୍ତତ୍ତ୍ୱ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଦ୍‌ଘାଟନ କରିଥିଲେ କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର । କର୍ମଶାଳାର ବିଷୟ ସମ୍ପର୍କରେ ଉପାଧ୍ୟକ୍ଷା ଡ କ୍ଷଣପ୍ରଭା ନନ୍ଦ ଓ ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ସୂଚନା ପ୍ରଦାନ କରିଥିଲେ । ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ ସାଦିଆ ଆଲାମ୍ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଚିନ୍ତନ ଓ ବ୍ୟାବହାରିକ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପୁଷ୍ପିତା ଭାରତୀ ସାମନ୍ତରାୟ ମୁଖ୍ୟବକ୍ତା ଭାବରେ ପ୍ରାସଂଗିକ ଆଲୋଚନା କରିଥିଲେ । ମନସ୍ତତ୍ତ୍ୱ ବିଭାଗରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଡ ଲକ୍ଷ୍ମୀକାନ୍ତ ମିଶ୍ର ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ଆଦ୍ୟାଶା ମହାନ୍ତି ।

## କୃଷିଜାତ ଦ୍ରବ୍ୟର ଉତ୍ପାଦନ-ବିପଣନ ସମ୍ପର୍କିତ କର୍ମଶାଳା

ନିଶ୍ଚିନ୍ତକୋଇଲି,୧୧।୧୦(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆଠାସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ରାଜ୍ୟ ସମବାୟ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟି ମିଳିତ ଆନୁକୂଲ୍ୟରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ବିପଣନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ ଟାଙ୍ଗୀ ବ୍ଲକ ଅଞ୍ଚଳ ଅନ୍ତର୍ଗତ ସମସ୍ତ ସମବାୟ ସମିତିର ସଂପାଦକ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ତାଲିମ ଗ୍ରହଣ କରିଛନ୍ତି । କଟକ ଡିଭିଜନ ସମବାୟ ଉପନିବନ୍ଧକଙ୍କ ସୁପ୍ରିୟା ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିରେ ଇନାମର ରାଜ୍ୟ ସଂଯୋଜକ ପ୍ରସନଜିତ୍ ସାହୁ ଏନ୍‌ଡିସି କାର୍ଯ୍ୟକ୍ରମ ସଂଯୋଜକ ରିକ୍ଷ୍ୟା ମଜୁନଦାର, ଏସ୍‌ଆରସିଏମ୍ ଲୋପାମୁଦ୍ରା ଜେନା, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସଂପାଦକ ନିରଞ୍ଜନ ସାମଲ, ଏଆରସିଏସ୍ ଶରତଚନ୍ଦ୍ର ମଲିକ ପ୍ରମୁଖ ଯୋଗ ଦେଇଥିଲେ । ବଜାର କମିଟିର କର୍ମଚାରୀ ସେକ୍ ମହମ୍ମଦ ଇଦ୍ରିସ, ବ୍ରଜମୋହନ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଲୋପାମୁଦ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




## ଫାର୍ମାସୀ କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ




ସାଲେପୁର,୧୧।୧୦(ସମିସ): ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍‌ନୋଲୋଜିର ଟିଆରସିଏ. କ୍ଲବ୍ ପକ୍ଷରୁ କରେଣ୍ଟ ଗୁଡ୍ ମାନ୍ୟୁଫାକ୍‌ଚରିଂ ପ୍ରାକ୍ଟିସ୍ ଦିବସ ପାଳିତ ହୋଇଯାଇଛି । ଆଇଡିଏମ୍‌ଏ. ତଥା ଭାରତୀୟ ଔଷଧ ଉତ୍ପାଦକ ସଂଘର ଆହ୍ୱାନକୁ ପାଳନ କରିବାକୁ ଯାଇ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ପ୍ରବୀର କୁମାର ସିହ୍ନାମହାପାତ୍ର ଉଦ୍‌ଘାଟନ କରି ସୁସ୍ଥ ଜୀବନଯାପନ ପାଇଁ ଉପଦେଶ ଦେଇଥିଲେ । ଆସୋସିଏଟେଡ୍ ପ୍ରଫେସର ଡଃ ସୁଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ମିସ୍ ଶ୍ୟାମାଳୀ ଶତପଥି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଆସିଷ୍ଟାଣ୍ଟ ପ୍ରଫେସର ମିସ୍ ଆକାଂକ୍ଷା ଜେନା, ଛାତ୍ର ପ୍ରତିନିଧି ଏମ୍. ଡି. ସାଦନ୍‌ଙ୍କ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଶିକ୍ଷାବିତ୍ ନବକିଶୋର ମହାପାତ୍ରଙ୍କ ସ୍ମୃତିସଭା



ନେମାଳ,୧୧।୧୦(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ଦେମାଣ୍ଡୋ ଗ୍ରାମର ଜଣାଶୁଣା ଶିକ୍ଷାବିତ ନବକିଶୋର ମହାପାତ୍ରଙ୍କ ଦ୍ୱାଦଶାହରେ ଏକ ସ୍ମୃତିସଭା ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ନାରାୟଣ ଦ୍ୱିବେଦୀ, ଅମରେନ୍ଦ୍ର ନାରାୟଣ ଦାସ, ଭାସ୍କର ବେହେରା, ସାହିତ୍ୟିକ ସଚ୍ଚିଦାନନ୍ଦ ମିଶ୍ର, ସାମ୍ବାଦିକ କ୍ଷମାନିଧି ପୂଜାରୀ, ଗୋବିନ୍ଦଚନ୍ଦ୍ର ଦାସ, ଦେବପ୍ରସାଦ କର, କାର୍ତ୍ତିକଚନ୍ଦ୍ର ଦାସ, ଭୈରବଚନ୍ଦ୍ର ଜେନା, ଅମୂଲ୍ୟ ମହାନ୍ତି, ବୈକୁଣ୍ଠ ବରାଳ, ଲକ୍ଷ୍ମୀନାରାୟଣ ବରାଳ, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ, ରାମଚନ୍ଦ୍ର ରାଉତରା, ଅଭୟ କୁମାର ଜେନା, ସାହିତ୍ୟିକ ତନ୍ମୟ କିଶୋର ଦାସ, ପ୍ରାକ୍ତନ ସରପଞ୍ଚ ବିଶ୍ୱନାଥ ପଣ୍ଡା, ନକୁଳ ଚରଣ ଜେନା, ନିରଞ୍ଜନ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୁତ୍ର ଆଇନଜୀବୀ ଦେବପ୍ରସଦ ମହାପାତ୍ର, ବିରଜା ପ୍ରସାଦ ମହାପାତ୍ର, ଝିଅ ସ୍ମୃତିରେଖା ମହାପାତ୍ର, ସୁରେଖା ମହାପାତ୍ର ଓ ରଶ୍ମିରେଖା ମହାପାତ୍ର ଉପସ୍ଥିତ ଥିଲେ ।

## ସାଲେପୁର ବିଜେଡିର ଜନସଂପର୍କ ପଦଯାତ୍ରା

ସାଲେପୁର,୧୧।୧୦(ସମିସ): ଶିଶୁଆ ଓ ନଇଗୁଆଁ ପଞ୍ଚାୟତରେ ବିଜେଡିର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ରୂପେ ପ୍ରଥମେ ଶିଶୁଆ ପଞ୍ଚାୟତର ଶିଶୁଆ, ପୁରୁଷୋତ୍ତମପୁର, କଲ୍ୟାଣପୁର ପ୍ରଭୃତି ଗ୍ରାମ ପଦଯାତ୍ରା କରି ଲୋକମାନଙ୍କର ବିଭିନ୍ନ ସମସ୍ୟା ବୁଝିଥିଲେ । ପରେ ନଇଗୁଆଁ ପଞ୍ଚାୟତର ନଇଗୁଆଁ, ବଲ୍ଲଭପୁର, ବାଲିଆ, କରିମାବାଦ ପ୍ରଭୃତି ଗ୍ରାମ ପଦଯାତ୍ରା କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇ ତାହାର ପ୍ରତିକାର ଦିଗରେ ଜନତା ଓ ପ୍ରଶାସନ ସହ କଥା ହୋଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ




ଚିତ୍ତରଂଜନ ମହାନ୍ତି, ସରପଞ୍ଚ ପ୍ରତିମା ସାହୁ, ସମିତିସଭ୍ୟ ମାନସ ଦାଶ, ମନମୋହନ ନନ୍ଦ, ଗଣେଶ୍ୱର ସାହୁ, ମନୋଜ ମହାନ୍ତି, ଅକ୍ଷୟ ସେଠୀ, ନୃସିଂହ ସାହୁ, ଶୁକଦେବ ସାହୁ, ବଂଶୀଧର ସେଠୀଙ୍କ ସମେତ ବହୁ ମହିଳା ଓ ଯୁବକ ସାମିଲ ହୋଇଥିଲେ ।



## ଦୀପାବଳିକୁ ଆଉ ୧୦ ଦିନ

# ବାଣ ଦୋକାନ ଖୋଲିବା ନେଇ ଦ୍ୱନ୍ଦ୍ୱରେ ପ୍ରଶାସନ

- ନିୟମ ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ
- ଦୁର୍ଗାପୂଜା ଭସାଣି ଓ ଶୋଭାଯାତ୍ରା ଗଣ୍ଡଗୋଳ ପରେ ଆକ୍ସନ୍ ମୋଡ୍‌ରେ ପୁଲିସ
- ସମ୍ବେଦନଶୀଳ ସ୍ଥାନରେ ବାଣ ଦୋକାନ ଖୋଲିବା ଉପରେ ପ୍ରଶ୍ନବାଚୀ

କଟକ,୧୧।୧୦(ସମିସ): ଦୁର୍ଗା ପୂଜା ଭସାଣୀରେ ଗଣ୍ଡଗୋଳ ଏବଂ ସହରରେ କର୍ଫ୍ୟୁ ପରେ ଅଶାନ୍ତ କଟକ ଧୀରେ ଧୀରେ ଶାନ୍ତ ହେଉଛି। କାଳୀପୂଜା ପର୍ଯ୍ୟନ୍ତ କଡା ସୁରକ୍ଷା ବଳୟରେ ସହରକୁ ରଖାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି। ଏହାରି ଭିତରେ ସହରର ବାଣଦୋକାନୀ ବ୍ୟବସାୟ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଥିବାରୁ କେଉଁ ସ୍ଥାନରେ ବାଣ ଦୋକାନ ଖୋଲାଯିବାକୁ ଅନୁମତି ଦିଆଯିବ, ତାହା ଉପରେ କମିଶନରେଟ୍ ପୁଲିସ ଦ୍ୱନ୍ଦରେ ପଡ଼ିଛି। ଜିଲ୍ଲା ପ୍ରଶାସନ, ସିଏମ୍‌ସି, ଅଗ୍ନିଶମ ବିଭାଗ ଏବଂ ପୁଲିସର ମିଳିତ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ସହରରେ ୯ଟି ସ୍ଥାନରେ ବାଣ ବଜାର ଖୋଲୁଥିବା ବେଳେ ଏଥର କିନ୍ତୁ ଉକ୍ତ ସ୍ଥାନ ଗୁଡ଼ିକରେ ବାଣ ଦୋକାନ ଖୋଲାଯିବାକୁ ଅନୁମତି ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦେବୀଗଡ଼ା , ପୁରୁଣା ଜେଲ୍ ପଡ଼ିଆ, ଖାନନଗର କାଳୀମନ୍ଦିର ସମ୍ମୁଖସ୍ଥ ଖୋଲା ସ୍ଥାନ(ସିଏନ୍‌ବିଟି ସମ୍ମୁଖସ୍ଥ ଜାଗା), ପଞ୍ଚମୁଖି ମନ୍ଦିର ନିକଟସ୍ଥ ପଡ଼ିଆ, ଚାଉଳିଆଗଞ୍ଜ ଖେଳପଡ଼ିଆ ଏବଂ ନେତାଜୀ ଖେଳ ପଡ଼ିଆ, ବାଲିଯାତ୍ରା ତଳ ଓ ଉପର ପଡ଼ିଆ, କୃଷକ ବଜାର, ସିଡିଏ ସେକ୍ଟର-୯ ଅଞ୍ଚଳରେ ବାଣ ବଜାର ଖୋଲାଯାଇଥାଏ। ଏବେ ଆଇନଶୃଙ୍ଖଳା ଦୃଷ୍ଟିରୁ ଦରଘାବଜାର ଥାନା ଅନ୍ତର୍ଗତ ପୁରୁଣା ଜେଲ୍ ପଡ଼ିଆରେ ବାଣ ଦୋକାନ ଖୋଲାଯିବାକୁ ଅନୁମତି ମିଳିବ ନାହିଁ। ସେହିପରି ଦେବୀଗଡ଼ା, ଖାନନଗର କାଳୀମନ୍ଦିର ସମ୍ମୁଖସ୍ଥ ଖୋଲା ସ୍ଥାନ, କୃଷକ ବଜାର ଏବଂ ସିଡିଏ ସେକ୍ଟର-୯ ଅଞ୍ଚଳ ପରି ସମ୍ବେଦନଶୀଳ ସ୍ଥାନରେ ବାଣ ଦୋକାନ ଖୋଲିବାକୁ ନେଇ ଆଶଙ୍କା ରହିଛି।

ଅନ୍ୟପଟେ ଦୀପାବଳିକୁ ଆଉ ମାତ୍ର ୧୦ଦିନ ରହିଛି। କମିଶନରେଟ୍ ପୁଲିସ ପକ୍ଷରୁ ବାଣ ଲାଇସେନ୍ସ ଆବେଦନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବ। ଦୋକାନୀମାନେ ଡିସିପିଙ୍କ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଫର୍ମ ନେଇ ୫ଟି କାର୍ଯ୍ୟାଳୟରେ ଦାଖଲ କରିବେ। ଶେଷରେ ସ୍ଥାନୀୟ ଥାନାରୁ ଲାଇସେନ୍ସ ନେବା ପରେ ଦୋକାନ ଖୋଲିବେ ବୋଲି ପୁଲିସ କହିଛି। ତହସିଲ୍ କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ, ଫାୟର୍ ଅଫିସ୍ ଏବଂ ଟ୍ରାଫିକ୍ ପୁଲିସ କାର୍ଯ୍ୟାଳୟରୁ ଅନୁମତି ଆଣିବା ପରେ ସ୍ଥାନୀୟ ଥାନାରେ ସମସ୍ତ କାଗଜପତ୍ର ଦେବାକୁ ହେବ। ଏହାପରେ ସମ୍ପୃକ୍ତ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ସହର ମଧ୍ୟରେ କୌଣସି ବାଣ ବ୍ୟବସାୟୀ ପ୍ରଚଣ୍ଡ ଶବ୍ଦକାରୀ ବାଣ ବିକ୍ରୟ କରି ପାରିବେ ନାହିଁ। କେବଳ ଗ୍ରୀନ୍ କ୍ରାକର୍‌କୁ ଅନୁମତି ଦିଆଯିବ। ଥାନାୱାରୀ ଆଇଆଇସିମାନେ ବାଣ ଦୋକାନକୁ ଯାଞ୍ଚ କରିବେ। ଯଦି କୌଣସି ଦୋକାନୀ ପ୍ରଚଣ୍ଡ ଶବ୍ଦକାରୀ ବମ୍ ତଥା ହେଭି ସାଉଣ୍ଡ ବମ୍ ବିକ୍ରୟ କରୁଥାଆନ୍ତି, ତୁରନ୍ତ ସେମାନଙ୍କ ଦୋକାନକୁ ସିଲ୍ କରାଯିବ ବୋଲି କମିଶନରେଟ୍ ପୁଲିସ ସୂଚନା ଦେଇଛନ୍ତି।



ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ରଞ୍ଜକ ଭଳି ସାମଗ୍ରୀକୁ ଆଦୌ ବିକ୍ରୟ ନକରିବା, ଯେଉଁ ଧାଡିରେ ବାଣ ଦୋକାନ ଗୁଡ଼ିକ ଖୋଲିବ, ସେଠାରେ ନିର୍ଦ୍ଦିଷ୍ଟ ଦୂରତା ଅବଲମ୍ବନ କରିବା ଏବଂ ଆଦୌ ବିପଦପୂର୍ଣ୍ଣ ବାଣ ବିକ୍ରୟ ନକରିବା ଉପରେ ଚଳିତ ବର୍ଷ ପୁଲିସ ଗୁରୁତ୍ୱ ଦେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି)ର ସମସ୍ତ ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବାକୁ କୁହାଯାଇଛି। ସେହିପରି ଯେଉଁସ୍ଥାନରେ ବାଣ ବ୍ୟବସାୟୀମାନେ ଅସ୍ଥାୟୀ ଦୋକାନ କରିବେ, ସେଠାରେ ଗୋଟିଏ ବାଣ ଦୋକାନରୁ ଅନ୍ୟ ବାଣ ଦୋକାନ ମଧ୍ୟରେ ଦୂରତା ୩ମିଟର ରଖାଯିବ। ଚଳିତ ବର୍ଷ ଏହାକୁ କଡାକଡି ଭାବେ ପାଳନ କରିବାକୁ କମିଶନରେଟ୍ ପୁଲିସର ନିର୍ଦ୍ଦେଶ ରହିଛି। ଏହା ଉପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ସ୍ୱତନ୍ତ୍ର ନଜର ରଖିବେ। ପ୍ରତ୍ୟେକ ବାଣ ଦୋକାନୀ ନିଜ ଦୋକାନ ଭିତରେ ୨ଟି ଫାୟାର୍ ଏକ୍ସଟିଂଗୁଇସର୍, ବାଲି ଓ ପାଣି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଦୋକାନ ଖୋଲାଯିବା ପରେ ତମ୍ବୁ ଓ ସ୍ଥାନ ଗୁଡ଼ିକୁ ଯାଞ୍ଚ କରାଯିବ ବୋଲି ଫାୟାର୍ ଅଫିସର ସଞ୍ଜିବ୍ କୁମାର ବେହେରା କହିଛନ୍ତି। ଅନ୍ୟପଟେ ଯେଉଁ ସ୍ଥାନ ଗୁଡ଼ିକରେ ବାଣ ଦୋକାନ ଗୁଡ଼ିକ ଖୋଲାଯିବ, ବାଣ ଦୋକାନୀମାନେ ଗୋଟିଏ ଟେଣ୍ଟ୍ ହାଉସ ମାଲିକଙ୍କୁ ଅସ୍ଥାୟୀ ଦୋକାନ ଘର ନିର୍ମାଣ କରିବାକୁ କହିଥାଆନ୍ତି। ଯାହାଫଳରେ ସମ୍ପୃକ୍ତ ଟେଣ୍ଟ ମାଲିକ ଦୋକାନ ଗୁଡ଼ିକ ମଧ୍ୟରେ ବିଶେଷ ଦୂରତା ନରଖି ଗୋଟିଏ ତମ୍ବୁ ତଳେ ୫୦ରୁ ଅଧିକ ବାଣ ଦୋକାନ କରିଥାଆନ୍ତି। ଏଥର ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିକୋଣରୁ କମିଶନରେଟ୍ ପୁଲିସ ପକ୍ଷରୁ ବାଣ ଦୋକାନ ଖୋଲିବା ନେଇ ରହିଥିବା କଟକଣା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏସବୁ ଭିତରେ ବାଣ ଦୋକାନୀ ଦୋକାନ ଖୋଲିବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ



କଟକ,୧୧।୧୦(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ(ଉନ୍ନୟନ) ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଅଧ୍ୟକ୍ଷତା କରି ଶିଶୁକନ୍ୟା ସନ୍ତାନଙ୍କ ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ କହିଥିଲେ। ଏହି ଉପଲକ୍ଷେ ବ୍ଲକ ସ୍ତରରେ ବିଭିନ୍ନ ପ୍ରତିଯୋଗିତାର କୃତୀ କନ୍ୟାସନ୍ତାନଙ୍କୁ ସମ୍ମାନପ୍ରତୀକ ପୂର୍ବକ ଉତ୍ସାହିତ କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଡ ମିନାକ୍ଷୀ ପଣ୍ଡା, ଡା ଲିପ୍ସା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ।

## ସହରରେ ମହିଳାଙ୍କ ସୁରକ୍ଷା ନେଇ ଚିନ୍ତା

# ଅଚଳ 'ସହାୟତା' ଆପ୍ଲିକେସନ୍




### ପଞ୍ଜିକୃତ ସଂଖ୍ୟା ଥିଲା ୧ଲକ୍ଷ ୫୦ହଜାର

### ଆପ୍ ଅପ୍‌ଡେଟ୍ ହେଉ ନଥିବା ଦର୍ଶାଇଲେ କର୍ତ୍ତୃପକ୍ଷ

କଟକ,୧୧।୧୦(ସମିସ): କମିଶନରେଟ୍ ପୁଲିସ ମହିଳାଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛି। ସହରରେ କେଉଁଭଳି ଭାବେ ଜଣେ ମହିଳା ସୁରକ୍ଷିତ ଭାବେ ଯାତାୟତ କରିବ, ଚଳପ୍ରଚଳ କରିବ ଏବଂ ବିନା ଭୟରେ ନିଜ ଘର ବା କର୍ମ ସଂସ୍ଥାନକୁ ଯାଇ ପାରିବ, ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ହେଲେ ବାସ୍ତବସ୍ଥିତି କିନ୍ତୁ ଭିନ୍ନ। କଟକ ସହରରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଯୋଗାଇ ଦେବା ପାଇଁ କମିଶନରେଟ୍ ପୁଲିସ ୨୦୧୯ ମସିହାରେ 'ସହାୟତା' ନାମରେ ଏକ ଆପ୍ଲିକେସନ୍ ଲୋକାର୍ପଣ କରିଥିଲା। ଏହି ଆପ୍‌ମାଧ୍ୟମରେ ବିପଦରେ ପଡ଼ିଥିବା ଜଣେ ମହିଳା ତୁରନ୍ତ ପଞ୍ଜିକରଣ କରି ପାରିବ। ଯଥାଶୀଘ୍ର ପୁଲିସର ଦୃଷ୍ଟିଗୋଚର କରିବା ଭଳି ସୁବିଧା ଉପଲବ୍ଧ ରହିଥିଲା। ଏହାର ଲୋକପ୍ରିୟତା ଏତେ ଅଧିକ ରହିଥିଲା ଯେ ମାତ୍ର ୬ମାସରେ ୧ଲକ୍ଷ ୫୦ହଜାର ମହିଳା ଏହି ଆପ୍‌ରେ ପଞ୍ଜୀକରଣ କରିଥିଲେ। ୨୦୨୦ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଆପ୍ ସଫଳ ଭାବେ କାର୍ଯ୍ୟ କରୁଥିଲା। ହେଲେ ବୈଷୟିକ ତ୍ରୁଟି ଦର୍ଶାଇ ହଠାତ୍ ଏହି ଆପ୍‌କୁ ବନ୍ଦ କରି ଦିଆଯାଇଛି। ପ୍ରତ୍ୟେକଙ୍କ ହାତରେ ଇଣ୍ଟନେଟ୍ ସଂଯୋଗ ଥିବା ମୋବାଇଲ୍ ଫୋନ୍ ଉପଲବ୍ଧ ରହୁଥିବା ବେଳେ ବିଭିନ୍ନ ଆପ୍ ଜରିଆରେ ଅନେକ ଜରୁରୀ ସେବା ପାଇ ପାରୁଛନ୍ତି। ମାତ୍ର ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ସହାୟତା ଆପ୍ ବନ୍ଦ ହୋଇଯିବା ପରେ ବିଭିନ୍ନ ମହଲରେ କମିଶନରେଟ୍ ପୁଲିସ ସମାଲୋଚନାର ଶିକାର ହେଉଛି। ପୁଲିସ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆପ୍ ଗୁଡ଼ିକୁ ଡିସିପିଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କରାଯାଇଥାଏ। ଆପ୍ ଗୁଡ଼ିକୁ ବିଭିନ୍ନ ସମୟରେ ଅପଡେଟ୍ କରାଯାଏ। ପ୍ଲେ-ଷ୍ଟୋର୍‌ରେ ସମସ୍ୟା ଯୋଗୁଁ ମଧ୍ୟ ବେଳେ ବେଳେ ଆପ୍ ଉପଲବ୍ଧ ହୋଇ ପାରେ ନାହିଁ। ସହାୟତା ଆପ୍ଲିକେସନ୍‌କୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା ଚାଲିଛି। ବୈଷୟିକ ତ୍ରୁଟିର ସମାଧାନ ହେବା ପରେ ଏହି ଆପ୍ ଆଉ ଥରେ ମହିଳାଙ୍କ ସୁରକ୍ଷା ନିମନ୍ତେ ଲୋକାର୍ପିତ କରାଯିବ। ଏହାର ଅପଗ୍ରେଡ୍ ଭର୍ସନ ଗୁଗଲ୍ ପ୍ଲେ-ଷ୍ଟୋରରେ ଉପଲବ୍ଧ ହେବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ମହିଳା ସୁରକ୍ଷା ନିମନ୍ତେ, ପୁଲିସ ଏକ ମାର୍ଗଦର୍ଶିକା ଜାରି କରିଥିଲା। ଅସୁବିଧାରେ ପଡ଼ିଥିବା ମହିଳାମାନେ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ୧୧୨କୁ ଯୋଗଯୋଗ କରିବାକୁ କୁହାଯାଇଛି। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ନପହଞ୍ଚିବା ଯାଏଁ, ଜନଗହଳି ତଥା ପେଟ୍ରୋଲ୍ ପମ୍ପ୍ ଭଳି ପବ୍ଲିକ୍ ପ୍ଲେସ୍‌ରେ ଅସୁବିଧାରେ ପଡିଥିବା ମହିଳାଙ୍କୁ ରହିବାକୁ ପରାମର୍ଶ ଦିଆଯାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଯୋଗ ମାଧ୍ୟମ କୁହାଯାଉଥିବା ସହାୟତା ଆପ୍ ଏବେ ବନ୍ଦ ହୋଇଯିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ତେବେ କମିଶନରେଟ୍ ପୁଲିସର ଆପ୍ ଗୁଡିକ ପରିଚାଳନା କରୁଥିବା ଅଧିକାରୀଙ୍କ ସହିତ ଯୋଗଯୋଗ କରିବାରୁ ଜଣାପଡ଼ିଛି, ଏହି ସହାୟତା ଆପ୍‌ଟି ଓଲ୍ଡର୍ ଭର୍ସନ ହୋଇଥିବାରୁ ଆପେ ଆପେ ପ୍ଲେ-ଷ୍ଟୋରରେ ଅଚଳ ହୋଇପଡ଼ିଛି। ଏହାକୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା କରାଯାଉଛି।

# ୪ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ; ୨ ଗିରଫ

କଟକ,୧୧।୧୦(ସମିସ): ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର କୁଆଖିଆ ଓରାଳି ଗାଁର କପିଳ ମଲ୍ଲିକ(୩୩) ଓ କୁଳମଣି ବାରିକ। ଏମାନଙ୍କ ପାଖରୁ ୪୮ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି।

ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ପଟୁ ଏକ ପିକଅପ ଗାଡିରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାପରେ ଫ୍ଲାଇଂ ସ୍କ୍ୱାଡ ମଙ୍ଗୁଳି ଛକରେ ଜଗିରହି ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ନିକଟସ୍ଥ ତାରିଣୀ ମନ୍ଦିର ସମ୍ମୁଖରେ ଏକ ଗାଡି(ଓଡି-୩୪-ଆର-୬୭୮୦)କୁ ଅଟକାଇଥିଲେ। ଯାଞ୍ଚ ବେଳେ ଗାଡି ଡାଲାରେ ଥିବା ପରିବା ଟ୍ରେ'ରେ ବିପୁଳ ପରିମାଣର ଗଞ୍ଜେଇ ରହିଥିଲା। ଜବତ ହୋଇଥିବା ୪୮ କିଲୋ ଗଞ୍ଜେଇର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତମାନେ ବୌଦ୍ଧରୁ ଏହି ନିଶାଦ୍ରବ୍ୟ ଆଣି ବାଲେଶ୍ୱର ଅଭିମୁଖେ ଯାଉଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ବିଭିନ୍ନ ତରିକାରେ ନିଶାଦ୍ରବ୍ୟ ଚାଲାଣ କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

# ତାଳଦଣ୍ଡା କେନାଲକୁ ୮ଟି ସ୍ଥାନରେ ନିଷ୍କାସିତ ହେଉଛି ବର୍ଜ୍ୟଜଳ

*ନଅଙ୍କ ଦୁର୍ଭିକ୍ଷ ସମୟରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଦ୍ୱାରା ଖନନ କରାଯାଇଥିବା ତାଳଦଣ୍ଡା କେନାଲ ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହୋଇଥିବା ଯୋଜନା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଏବେ ବି କଟକ ସହରର ଯାବତୀୟ ବର୍ଜ୍ୟଜଳ ଉକ୍ତ କେନାଲକୁ ୮ଟି ସ୍ଥାନରେ ନିଷ୍କାସନ କରାଯାଉଛି।*



### ଖରିଫ ଜଳଯୋଗାଣ ପାଇଁ କେନାଲ କଂକ୍ରିଟ ୱାଲ ନିର୍ମାଣ ବିଳମ୍ବ

### ନଭେମ୍ବର ୧୫ ପୂର୍ବରୁ ବର୍ଜ୍ୟଜଳ ପ୍ରବେଶ ପଏଣ୍ଟ ବନ୍ଦ ହେବ

କଟକ,୧୧।୧୦(ସମିସ): ନଅଙ୍କ ଦୁର୍ଭିକ୍ଷ ସମୟରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଦ୍ୱାରା ଖନନ କରାଯାଇଥିବା ତାଳଦଣ୍ଡା କେନାଲ ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହୋଇଥିବା ଯୋଜନା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଏବେ ବି କଟକ ସହରର ଯାବତୀୟ ବର୍ଜ୍ୟଜଳ ଉକ୍ତ କେନାଲକୁ ୮ଟି ସ୍ଥାନରେ ନିଷ୍କାସନ କରାଯାଉଛି। ଅନ୍ୟପକ୍ଷରେ, କେନାଲକୁ ବର୍ଜ୍ୟଜଳ ପ୍ରବେଶ ସହ ବର୍ତ୍ତମାନ ଖରିଫ ଚାଷ ପାଇଁ ଆବଶ୍ୟକ ଜଳ କେନାଲ ଦେଇ ପ୍ରବାହିତ ହେଉଥିବାରୁ କଂକ୍ରିଟ ୱାଲ ନିର୍ମାଣ କାମ ହୋଇପାରୁନାହିଁ। ମାତୃଭବନ ଜାତୀୟ ରାଜପଥ ନିକଟରୁ ନୂଆବଜାର ଆଡକୁ ହେବାକୁ ଥିବା କଂକ୍ରିଟ ୱାଲ କାମ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ତାଳଦଣ୍ଡା କେନାଲକୁ ବର୍ଜ୍ୟଜଳ ନିଷ୍କାସନ ବନ୍ଦ ପାଇଁ ମଧ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଆଉ ଏକ ସମାନ୍ତରାଳ ଡ୍ରେନ ଯୋଜନା ସହ ୩୨ କୋଟି ଟଙ୍କାର ଡିପିଆର (ବିସ୍ତୃତ ପ୍ରକଳ୍ପ ବିବରଣୀ) ପ୍ରସ୍ତୁତ ହୋଇଥିଲା; କିନ୍ତୁ ଏହି ଯୋଜନା ଆଗକୁ ବଢିପାରିନାହିଁ। ଏପରିକି ଓଡିଶା ହାଇକୋର୍ଟ ମଧ୍ୟ ଅତୀତରେ ତାଳଦଣ୍ଡା କେନାଲରେ ବର୍ଜ୍ୟଜଳ ମିଶି ଜଳ ପ୍ରଦୂଷିତ କରୁଥିବା ପ୍ରସଙ୍ଗରେ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି।

ମିଳିଥିବା ସୂଚନାନୁସାରେ, କଟକ ମହାନଗର ନିଗମର ଅଧୀନସ୍ଥ ୮ଟି ଡ୍ରେନ ଦେଇ ବର୍ଷା ସମୟରେ ଉଦବୃତ୍ତ ଜଳ ସହ ବିଭିନ୍ନ ଅଞ୍ଚଳର ବର୍ଜ୍ୟଜଳ ତାଳଦଣ୍ଡା କେନାଲ ପାଣିରେ ମିଶୁଛି। ଏହି ଡ୍ରେନ ପାଣି ମିଶିବାରେ ମଧ୍ୟ ପ୍ରଶାସନିକ ବାଧବାଧକତା ରହିଛି। କାରଣ ମାତ୍ରାଧିକ ବର୍ଷା ସମୟରେ ଏହି ପାଣି ନିଷ୍କାସନ ନହେଲେ କଟକ ସହର ଜଳବନ୍ଦୀ ହେବାର ଆଶଙ୍କା ଉପୁଜିଥାଏ। ଯୋବ୍ରାଠାରୁ ରାଣୀହାଟ ପର୍ଯ୍ୟନ୍ତ କେନାଲ ନବୀକରଣ କାର୍ଯ୍ୟ ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟରେ ଛତ୍ରବଜାର ପର୍ଯ୍ୟନ୍ତ ମଧ୍ୟ କେତେକ କାର୍ଯ୍ୟ ସରିଛି। କେନାଲ ପାର୍ଶ୍ୱରେ ଥିବା ସହରର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାର ଅର୍ବାନ ହାଟର ଆବର୍ଜନାକୁ କେନାଲ ଭିତରକୁ ଫିଙ୍ଗାଯାଉଥିବା ଅଭିଯୋଗ ହେଉଛି। ଅତୀତରେ ତାଳଦଣ୍ଡା କେନାଲ ଜଳ ପ୍ରଦୂଷଣ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ୍ୟ ରିପୋର୍ଟ ତଲବ କରାଯାଇଥିବା ନଜିର ରହିଛି। ମାଲଗୋଦାମ, ରାଣୀହାଟ, ଚାଉଳିଆଗଞ୍ଜ, ନୂଆବଜାର, ବିଦ୍ୟାଧରପୁର, ବିରିବାଟୀ ନିକଟରେ ତାଳଦଣ୍ଡା କେନାଲ ଜଳ ବେଶୀ ପ୍ରଦୂଷିତ ହେବାରେ ଲାଗିଛି। ଜଳସମ୍ପଦ ବିଭାଗର ଅଧିକାରୀଙ୍କ କହିବାନୁଯାୟୀ, ଆସନ୍ତା ନଭେମ୍ବର୧୫ ପର୍ଯ୍ୟନ୍ତ ଖରିଫ ଫସଲ ପାଇଁ ତାଳଦଣ୍ଡା କେନାଲରେ ଜଳ ଛାଡ଼ିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏହାପରେ ଆଉ ୧୫ ଦିନ କେନାଲ ଶୁଖିବା ପାଇଁ ସମୟ ଲାଗିବ। ତେବେ ଡିସେମ୍ବର ମାସରୁ ଓସିସିଏଲ ଓ ଜଳସମ୍ପଦ ବିଭାଗ ପକ୍ଷରୁ କେନାଲ ୱାଲ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କୁହାଯାଇଛି। ଅନ୍ୟପଟରେ ଏହି କାମ ସରୁନଥିବାରୁ କେନାଲ ପାଖର୍ ଆଲୋକୀକରଣ କାମ ହୋଇପାରୁ ନଥିବା କୁହାଯାଇଛି।

## ଡିସେମ୍ବର ୧୫ରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଉତ୍ସବ

# ୨୪ ବେଶ ପ୍ରଦର୍ଶନ, ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ପ୍ରବଚନ



କଟକ,୧୧।୧୦(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଡିସେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଉତ୍ସବ ପୋତାପୋଖରୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଆଜି ପୋତାପୋଖରୀସ୍ଥିତ ନୂତନ କ୍ଲବରେ କାର୍ଯ୍ୟକାରୀ ସଭାପତି ଇଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ ସମାଜର ମୁଖ୍ୟ ଉପଦେଷ୍ଟା ତଥା ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ପାଦକ ବୈକୁଣ୍ଠ ବିହାରୀ ମୁଦୁଲି, ୫୪ନଂ ୱାର୍ଡ କର୍ପୋରେଟର ତାପସ ରଂଜନ ସାମନ୍ତରାୟ, ପୋତାପୋଖରୀ ପୂଜା କମିଟିର କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ ପ୍ରମୁଖ ଅତିଥି ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ଅପୂର୍ବ ଲୀଳାର କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ସହ ୨୪ ବେଶ ପ୍ରଦର୍ଶନ, ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀଙ୍କ ପରମ ଶିଷ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ଧାରାବାହିକ ପ୍ରବକ୍ତା ଭାବେ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ୫ଦିନ ବ୍ୟାପି ଅନୁଷ୍ଠିତ ପାଞ୍ଚରାତ୍ର ଉତ୍ସବ ପୂର୍ବରୁ ୧୪ ତାରିଖ ପୋତାପୋଖରିସ୍ଥିତ ଖେଳପଡ଼ିଆରେ କଳସ ସ୍ଥାପନା କରାଯିବା ସହ ଉଦଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ସଂଗଠନ ସମ୍ପାଦକ ନିରାକାର ମହାରଣା, ଚନ୍ଦ୍ରକାନ୍ତ ଦାସ, ବାଦଲ ଦାସ, ବିନୋଦ ନାୟକ, ରଞ୍ଜନ ସାହୁ, ରମେଶ ଦାସ, କଳିଙ୍ଗ ଦାସ, ସଂଜୟ ଦାସ, ମନୋଜ ଘଡେଇ, ବାବୁଲିଧର ନାୟକ, ସଂଗ୍ରାମ ପାତ୍ର, ଦେବେନ୍ଦ୍ର ପରିଡା, ରବୀନ୍ଦ୍ର ବିଶ୍ୱାଳ, ଜ୍ଞାନରଞ୍ଜନ ଚୌଧୁରୀ, ରୀନା ଶତପଥୀ, ନକ୍ଷତ୍ରମାଳା ସାହୁ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ମତ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର କୋଷାଧକ୍ଷ ଅକ୍ଷୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ ଛାତ୍ରଙ୍କ ପରିବାରକୁ ପ୍ରଶାସନର ସହାୟତା



ଦିଗପହଣ୍ଡି,୧୧ ।୧୦(ସମିସ): ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ମେନ୍ ରୋଡ଼ର ଯୁକ୍ତ ୩ ଛାତ୍ର ସୁଧାକର ମାଦଳା ଗୁରୁବାର ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର ମିଶ୍ର ଶୋକସନ୍ତପ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ସୁଧାକରଙ୍କ ବାପା ବିଜୟ କୁମାର ମାଦଳାଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ଦେଇଛନ୍ତି । ବିଜୟଙ୍କ ଏକମାତ୍ର ପୁଅ ସୁଧାକର ଖେମୁଣ୍ଡି କଲେଜରେ ଯୁକ୍ତ ୩ ବିଜ୍ଞାନ ବିଭାଗରେ ପଢୁଥିଲେ । କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଗୁରୁବାର ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

## ନିଶା ଓ ଜୁଆମୁକ୍ତ କଳମ୍ବ ଲାଗି ସଚେତନତା



ପୋଲସରା, ୧୧ ।୧୦(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପଞ୍ଚାୟତରେ ନିଶା ମୁକ୍ତ ଗ୍ରାମ ପାଇଁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନେହେରୁ ଯୁବ ସଂସଦ ଓ ଗ୍ରାମ ଉନ୍ନୟନ ପରିଷଦର ମିଳିତ ଆନୁକୂଲ୍ୟରେ ଏହି ରାଲି କଳମ୍ବ ଗ୍ରାମ ପରିକ୍ରମା କରିଥିଲା । ଗ୍ରାମରେ ଶାନ୍ତି ଶୃଙ୍ଖଳା ବାତାବରଣ, ଗାଁ ପରିସର ସର୍ବସାଧାରଣ ସ୍ଥାନରେ ମଦ ବିକ୍ରୟ, ମଦ୍ୟପାନ, ଜୁଆ ଖେଳିବା ଓ ବିଶୃଙ୍ଖଳା କରିବା ପରି ଅପ୍ରୀତିକର କାର୍ଯ୍ୟରୁ ମୁକ୍ତ ରହିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ରାଲିରେ ନେହେରୁ ଯୁବ ସଂସଦର ସଭାପତି ଅଶୋକ କୁମାର ସାହୁ, ଗ୍ରାମ ଉନ୍ନୟନ ପରିଷଦର ସଭାପତି ରାମକୃଷ୍ଣ ସାହୁ, ସଂପାଦକ ସତ୍ୟନାରାୟଣ ପ୍ରଧାନ, ମନୋଜ କୁମାର ସାହୁ ଉଭୟ ସଙ୍ଗଠନର ଉପ-ସଭାପତି, ସହ ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ, କମିଟି ବୃନ୍ଦ ଏବଂ ଉପଦେଷ୍ଟା ମଣ୍ଡଳି, ପ୍ରତ୍ୟେକ ସାହିର ସଭାପତି, ବରିଷ୍ଠ ବ୍ୟକ୍ତିତ୍ୱ ଓ ଯୁବ ସମାଜଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପୋଲସରା,୧୧ ।୧୦(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ଗ୍ରାମର ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ଏବଂ କଳମ୍ବ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ କଳମ୍ବ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ସିଆର୍‌ସିସି ଅଜିତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଯୋଗ ଦେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶରେ 'ସୁରଭି'ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମିତାଭ ମିଶ୍ର, ପୂର୍ବତନ ସିଆର୍‌ସିସି ସୂର୍ଯ୍ୟନାରାୟଣ ନାୟକ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ କୁଳମଣି ସାହୁ ମଞ୍ଚ ପରିଚାଳନା କରିଥିଲେ । ୧୭ଟି ବିଦ୍ୟାଳୟର ପ୍ରାୟ ୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବଣିକ ସଙ୍ଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା




ଜଗନ୍ନାଥପ୍ରସାଦ,୧୧ ।୧୦(ସମିସ): ଜଗନ୍ନାଥପ୍ରସାଦ ମୁଖ୍ୟ ବଜାର ମା' କରଞ୍ଜେଇ ବ୍ୟବସାୟୀ ସଙ୍ଘ ଓ ହାଟପଦା ଲକ୍ଷ୍ମୀ ବଜାର କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି । ମୁଖ୍ୟ ବଜାର ପ୍ରସ୍ତୁତି ପୂଜାରେ ପୂଜକ ପଣ୍ଡିତ ନାରାୟଣ ଦାଶ ଓ ସହଯୋଗୀ ଶଙ୍କର କୁମାର ପଣ୍ଡା ଥିବାବେଳେ କର୍ତ୍ତା ଭାବେ ବଣିକ ସଂଘର ପୂର୍ବତନ ସମ୍ପାଦକ ମହେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟଭାର ତୁଲାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଣିକ ସଂଘ ସଭାପତି ନେତାଜୀ ପାତ୍ର, ଉପସଭାପତି ରବୀନ୍ଦ୍ର କୁମାର ମହାରଣା, ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଶୁଭମ ପାତ୍ର, ସିଏଚ ପ୍ରସନ୍ନ କୁମାର ପାତ୍ର, ମାନସ ରଞ୍ଜନ ପରିଛା, ବିନୟ ମହାପାତ୍ର, ବିଭୁ ପ୍ରସାଦ ପଟ୍ଟନାୟକ, ଅମିତାଭ ମହାପାତ୍ର ଓ ଅନ୍ୟାନ୍ୟ କମିଟି ଏବଂ ବ୍ୟବସାୟୀ ସହଯୋଗ କରିଥିଲେ । ସେହିପରି ହାଟପଦା ଲକ୍ଷ୍ମୀ ବଜାର ପ୍ରସ୍ତୁତି ପୂଜାରେ ପୂଜକ ଭାବେ ପ୍ରଦୀପ୍ତ କୁମାର ଦାଶ ଓ କର୍ତ୍ତା ଭାବେ କୈଳାଶ ଚନ୍ଦ୍ର ପାତ୍ର କାର୍ଯ୍ୟ ନିର୍ବାହ କରିଛନ୍ତି ।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର,୧୧ ।୧୦(ସମିସ): ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ । ମୃତକ ହେଲେ ଜରଡ଼ା ଥାନା କୋଳିହଳା ଗ୍ରାମର ବାବୁଲା ବାଡ଼ତ୍ୟା (୫୦) । ବାବୁଲା ଗତ କିଛି ମାସ ଧରି ବେଙ୍ଗାଲୁରୁସ୍ଥିତ ଦେବନାଳୀ ଇଲାକାର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ।

ଶୁକ୍ରବାର ଅପରାହ୍ନରେ ସେ କାର୍ଯ୍ୟରତ ଥିବା ବେଳେ ହଠାତ ତଳେ ପଡିଯାଇଥିଲେ । କମ୍ପାନୀ ପକ୍ଷରୁ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ରବିବାର ତାଙ୍କ ଶବ ଗାଁରେ ପହଞ୍ଚିବ ବୋଲି ଜଣାପଡିଛି । ସେ ଜଣେ ଗରିବ ପରିବାରର ହୋଇଥିବା ବେଳେ ଦାଦନ ଖଟି ଜୀବିକା ନିର୍ବାହ କରୁଥିଲେ । ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ଦାବୀ କରିଛନ୍ତି ।

### ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ୨୫ କୋଟି ପାଣିରେ ପଡ଼ିଲା

# ରାସ୍ତା କାମ ସରିନି; ପିଚୁ ଉଠିଗଲାଣି

ପାତ୍ରପୁର,୧୧ ।୧୦(ସମିସ)

ସରକାର ସର୍ବସାଧାରଣଙ୍କ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତମାନର ରାସ୍ତା ନିର୍ମାଣ କରିଛନ୍ତି । ହେଲେ ହାତଗୁଞ୍ଜା ନେଇ ପ୍ରଶାସନିକ ଅଧିକାରୀ ଚୁପ୍ ରହୁଥିବାରୁ ଠିକାଦାରମାନେ ମନମୁଖୀ ଭାବେ କାମ କରୁଛନ୍ତି । ଯାହାର ପରିଣାମ ଭୋଗୁଛନ୍ତି ସାଧାରଣ ଜନତା । କାମ ନିମ୍ନମାନର ହେତୁ ରାସ୍ତାକାମ ଶେଷ ମୁଣ୍ଡରେ ପହଞ୍ଚିଥିଲା ବେଳକୁ ରାସ୍ତା ଆରମ୍ଭରୁ ପିଚୁ ଉଠିଯାଉଛି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକରେ । ଓଡିଶା ଆନ୍ଧ୍ର ସୀମାନ୍ତରେ ଥିବା ଏହି ପାତ୍ରପୁର ବ୍ଲକର ଜରଡ଼ାଠାରୁ ଇଛାପୁର ବାଇପାସ୍‌କୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ



ଗତବର୍ଷ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଜୁଲାଇ ସୁଦ୍ଧା ରାସ୍ତା କାର୍ଯ୍ୟ ଶେଷ ହୋଇଛି । ଏହି ରାସ୍ତା ନିର୍ମାଣ ପାଇଁ ୨୪.୫୨ କୋଟି ଟଙ୍କା ଅନୁଦାନ ମିଳିଥିଲା । ତେବେ ନିମ୍ନମାନର କାମ ହୋଇଥିବାରୁ ଗୋଟିଏ ପଟେ ରାସ୍ତା କାମ ଶେଷ ହୋଇଥିବାବେଳେ ଗୋଦରା କୋଢ଼େ ଯେତେ ମାଡ଼େ ସେତେ ନ୍ୟାୟରେ ରାସ୍ତା ଆରମ୍ଭରୁ ପିଚୁ ଉଠି ଗୋଡ଼ି ଦେଖାଗଲାଣି । ଫଳରେ ୨୫ କୋଟି ଟଙ୍କା ସ୍ୱାହା ହେଲା ବୋଲି ଲୋକେ କହୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ରାସ୍ତା କାମ ପାଇଁ ରାସ୍ତା ପାଶ୍ୱର୍ରୁ ଶହ ଶହ ବର୍ଷର ପୁରୁଣା ଗଛ କଟା ଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ସେହିଭଳି ରାସ୍ତା କାମ ଚାଲୁଥିବା ସମୟରେ ପ୍ରଶାସନିକ ଅଧିକାରୀ ମାନେ ରହୁନଥିବାରୁ ଠିକାଦାର ନିଜକୁ ସୁହାଇଲା ଭଳି ରାସ୍ତା ନିର୍ମାଣ କରି ମାଲେମାଲ ହେଉଥିବା ଅଭିଯୋଗ ହୋଇଛି । ଏମିତିକି ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ଟଙ୍କା ଦେଇ ମୁହଁ ବନ୍ଦ କରୁଥିବା ଅଭିଯୋଗ ହେଉଛି । ସରକାରୀ ତହବିଲରକୁ ଦରମା ନେଇ ବିଭାଗୀୟ ଅଧିକାରୀ ଠିକାଦାରଙ୍କ ଇସାରାରେ ନାଚୁଛନ୍ତି ।

ଏନେଇ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ, ଯେଉଁ ସ୍ଥାନରେ ପିଚୁ ଉଠିଛି ସେଠାରେ ଠିକାଦାର ମରାମତି କରିବ ବୋଲି ସଫେଇ ଦେଇଛନ୍ତି । ତେବେ ନିର୍ମାଣାଧୀନ ରାସ୍ତା ନିମ୍ନମାନର ଜାଣି ଯନ୍ତ୍ରୀ ନିରବ ରହୁଥିବା ହେତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଅଭିଯୋଗ ହେଉଛି । ତେଣୁ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆର୍ଥିକ ସାକ୍ଷରତା ଓ 'ବେଟି ବଚାଓ ବେଟି ପଢ଼ାଓ' ତାଲିମ ଶିବିର




ଛତ୍ରପୁର,୧୧ ।୧୦(ସମିସ): ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା, ବିତ୍ତୀୟ ଅଧିକାର, ସାମାଜିକ ଓ ରାଜନୈତିକ ଅଧିକାର 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ବ୍ଲକ୍ ବିତ୍ତୀୟ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀମାଞ୍ଚଳ ସାହୁ, ଫାଇନାନସିଆଲ୍ କ୍ରେଡି କାଉନସିଲର ଦିଲ୍ଲୀପ ଦଳାଇ ଓ ଦାଶରଥୀ ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ମହିଳା ସଶକ୍ତିକରଣ ହବ୍‌ର ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ସ୍ୱାଗତ କରିବା ସହ ଏହି ତାଲିମ୍ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା ସମ୍ମାନୀତ କରିଥିଲେ । ବୈଠକରେ ବ୍ଲକ୍ ଉନ୍ନୟନ ଅଧିକାରୀ ଛତ୍ରପୁର, ସମସ୍ତ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଡି. ନାଗରତ୍ନମ୍, ଜିଲ୍ଲା ଲିଙ୍ଗ ବିଶେଷଜ୍ଞ, ଶିକ୍ଷା ବିଭାଗ, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ, ଛତ୍ରପୁର ଓ ଜିଲ୍ଲା ସ୍ତରୀୟ ଓ ଛତ୍ରପୁର ବ୍ଲକସ୍ତରୀୟ ଅଧିକାରୀଗଣ, ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଗଣ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ତାଲିମଦାତା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ତାଳପାଟଣା-ଶାନ୍ତିଝରର ରାସ୍ତା ଶୋଚନୀୟ



ଧରାକୋଟ,୧୧ ।୧୦(ସମିସ): ଧରାକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ସେକ୍ସନ ଅଧିନସ୍ଥ ତାଳପାଟଣା ବ୍ରିଜ୍‌ଠାରୁ ଶାନ୍ତିଝର ୩ କିମି ରାସ୍ତା ସମ୍ପ୍ରତି ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଆରମ୍ଭରେ ରହିଥିବା ଋଷିକୁଲ୍ୟା ବ୍ରିଜ୍ ଉପର ଭାଗର କଂକ୍ରିଟ ଢ଼ଳେଇ ଉଠିଯିବାରୁ ସେତୁ ବିପଦଜ୍ଜନକ ସ୍ଥିତିରେ ପହଞ୍ଚିଛି । ଠିକ୍ ସେହିପରି ତାଳପାଟଣା ଛକଠାରୁ ଧରାକୋଟ ଥାନା ଛକ ଏବଂ ସେଠାରୁ ଶାନ୍ତିଝର ପର୍ଯ୍ୟନ୍ତ ୩ କିମି ରାସ୍ତା ଚଳିତ ବର୍ଷାରେ ନଷ୍ଟ ହୋଇଗଲାଣି । ଏଣୁ ଏହି ରାସ୍ତାରେ ଗାଡ଼ିମଟର ଚଳାଚଳରେ ବାଧା ସୃଷ୍ଟି ହୋଇଛି ।

ପ୍ରକାଶ ଯୋଗ୍ୟ, ଧରାକୋଟ ଅଞ୍ଚଳର ଏହା ଏକ ପ୍ରମୁଖ ରାସ୍ତା । ପ୍ରତିଦିନ ଏହି ରାସ୍ତାରେ ବ୍ରହ୍ମପୁର ଠାରୁ ସୋରଡ଼ା, ଦାରିଙ୍ଗିବାଡି, ବାଲିଗୁଡା, କୋରାପୁଟ, ଜୟପୁର ଯାଉଥିବା ବସ୍ ସହ ମୁଖ୍ୟମନ୍ତ୍ରୀ ସରକାରୀ ବସ, ଦୁଇ ଚକିଆ, ଚାରି ଚକିଆ ଶହ ଶହ ଯାନ ଚଳାଚଳ କରିଥାଏ । ଫଳରେ ରାସ୍ତା ସାରା ଖାଲଖମା ହୋଇ ଯାତାୟତରେ ବାଧା ସୃଷ୍ଟି ହେବାସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ରାସ୍ତାର ଏହି ସ୍ଥିତି ସମ୍ପର୍କରେ ଧରାକୋଟ ସେକ୍ସନ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରାକେଶ ମାଝୀଙ୍କ ସହ ଯୋଗାଯୋଗ ବେଳେ ରାସ୍ତା ନିର୍ମାଣ ପାଇଁ ଏଷ୍ଟିମେଟ ସରିଛି ବର୍ଷାଦିନ ପରେ ରାସ୍ତା ସହ ଋଷିକୁଲ୍ୟା ସେତୁର ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ଆୟାପ୍ପା ଭବନ ଉଦ୍‌ଘାଟନ କଲେ ବିଧାୟକ

ପାତ୍ରପୁର,୧୧ ।୧୦(ସମିସ): ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ଦାମଦୋରପଲ୍ଲୀ ଓ ସପଙ୍ଗ ମଧ୍ୟସ୍ଥଳୀରେ ନୂତନ ଭାବେ ନିର୍ମାଣ ହୋଇଥିବା ଆୟାପ୍ପା ଭବନକୁ ଶନିବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦଘାଟନ କରିଛନ୍ତି । ଏହି ଅବସରରେ ବିଧାୟକଙ୍କୁ ଗ୍ରାମବାସୀ ବାଜା ବଜାଇ ସ୍ୱାଗତ କରିଥିବା ବେଳେ ହରଗୌରୀଙ୍କ ଅସ୍ଥାୟୀ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରି ଅଞ୍ଚଳବାସୀଙ୍କ ପାଇଁ ପ୍ରାର୍ଥନା କରିଥିଲେ । ପରେ ଆୟାପ୍ପା ଭବନକୁ ଉଦଘାଟନ କରିଥିଲେ । ଆୟାପ୍ପା ମାଳା ଧାରଣ କରିଥିବା ଭକ୍ତମାନେ ଏହି ଭବନ ନିର୍ମାଣ କରାଯାଇଛି । କାର୍ଯ୍ୟକ୍ରମରେ ବାଲାଜୀ ପାଢ଼ୀ, ଇ. ବାଲକ୍ରିଷ୍ଣା, ଜୟରାମ ଦୋରା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବୁଗୁଡା,୧୧ ।୧୦(ସମିସ): ବୁଗୁଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ବାଲୁଗାଁର ନବ କିଶୋର ସ୍ୱାଇଁଙ୍କ ପୁଅ ରଞ୍ଜନ କୁମାର ସ୍ୱାଇଁ (୨୦) ବୋଲି ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି । ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଏକ ଫାଇନାନ୍ସରେ କାମ କରୁଥିଲେ । ତେବେ ଦୁଷ୍କର୍ମ ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡ଼ି ଦେଇଥିବା ବେଳେ ପୀଡିତା ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗ କ୍ରମେ ପୁଲିସ ଅଭିଯୁକ୍ତ ରଞ୍ଜନକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ବରିଷ୍ଠ ନାଗରିକ ଦିବସ ପାଳିତ



କୁକୁଡ଼ାଖଣ୍ଡି,୧୧ ।୧୦(ସମିସ): କୁକୁଡ଼ାଖଣ୍ଡି ବ୍ଲକ୍ ପ୍ରଶାସନ ଦ୍ୱାରା ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ । ବିଶେଷ ଅତିଥି ଭାବେ ସୀମାଞ୍ଚଳ ମନ୍ତି, ମନୋଜ କୁମାର ପ୍ରଧାନ(ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ), ସୁପ୍ରଭା ସାହୁ(ଅତିରିକ୍ତ ଗୋଷ୍ଠୀ ଅଧିକାରୀ), ଧୀରେନ୍ଦ୍ର ଗୌଡ଼, ଅନୀଲ କୁମାର ସାହୁ, ବସନ୍ତ କୁମାର ସେଠୀ, ଏ.ଚିନ୍ତାମଣି, ଏ.ନନ୍ଦକିଶୋର, ଶ୍ରୀନିବାସ ରାଉଳ, ନିତ୍ୟାନନ୍ଦ ଦଳାଇ ତଥା ସମାଜସେବୀ, ଅବସର ପ୍ରାପ୍ତ ସେନା ଓ ସ୍ଥାନୀୟ ଭଦ୍ରବ୍ୟକ୍ତି ଉପସ୍ଥିତ ହୋଇଥିଲେ । ଶିକ୍ଷା, କୃଷି, ସେବା, ସଂସ୍କୃତି, ସମାଜସେବାରେ ଅବଦାନ ରଖିଥିବା ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଛି ।

## ଅନ୍ତର୍ଜାତୀୟ କନ୍ୟା ଦିବସ



ଆସିକା,୧୧ ।୧୦(ସମିସ): ଆସିକା ସରକାରୀ ନିରଞ୍ଜନ ମହିଳା ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ଃ ସରୋଜ କୁମାର ଜେନା, ଡ଼ଃ. କେ ଓମ ନାରାୟଣ, ଗଣେଶ୍ୱର ମାଝୀ, ଏସଟି ରହେମାନ ପ୍ରମୁଖ ଉପସ୍ଥିତ କନ୍ୟା ସନ୍ତାନ ମାନେ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ପ୍ରଶାସନିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ଦିଗରେ ବ୍ରତୀ ହେବାକୁ ମତ ରଖିଥିଲେ । ୨୦୧୨ରୁ ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖରେ ଏହି ଦିବସ ପାଳନ କରାଯାଉଛି ବୋଲି ବିଭାଗୀୟ ମୁଖ୍ୟ ଡ଼ଃ. ଜୟପ୍ରଦା ମହାପାତ୍ର କହିଥିଲେ ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ




ଗୋପାଳପୁର,୧୧ ।୧୦(ସମିସ): ଗୋପାଳପୁର ମହାବିଦ୍ୟାଳୟର ଆଇକ୍ୟୁଏସି ଓ ଏକ୍ତା ବେସରକାରୀ ସଂସ୍ଥାର ମିଳିତ ଆନୁକୁଲ୍ୟରେ ଗୋପାଳପୁର ମହାବିଦ୍ୟାଳୟରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାନସିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ ମନୋଜ ପଟ୍ଟନାୟକ ସଭାପତି ଦାୟିତ୍ୱ ତୁଲେଇଥିଲେ । ଶିକ୍ଷା ବିଭାଗର ଅଧ୍ୟାପିକା ଡ଼ ଇପ୍ସିତା ଦାସ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧ୍ୟକ୍ଷ ଡ଼ ମନୋଜ ପଟ୍ଟନାୟକ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଏସ୍‌ବିଆର ମହାବିଦ୍ୟାୟଳର ମନସ୍ତତ୍ୱ ବିଜ୍ଞାନର ପ୍ରାଧ୍ୟାପିକା ଡ଼ ଦୀପ୍ତିରେଖା ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆମେ କିଭଳି ମାନସିକ ସନ୍ତୁଳନ ହରାଇ ବସୁଛେ ଓ ତାହାର କେମିତି ନିରାକରଣ କରାଯାଇ ପାରିବ ବୁଝାଇଥିଲେ । ସମ୍ମାନୀତ ଅତିଥି ଭାବେ ଏକ୍ତା ବେସରକାରୀ ସଂସ୍ଥାର ସଂଯୋଜକ ଶ୍ରୀ ନିଶିକାନ୍ତ ମହାପାତ୍ର ଯୋଗଦେଇ ଥିଲେ । ଉକ୍ତ ବିଷୟକୁ ଆଧାର କରି ମହାବିଦ୍ୟାୟଳର ଆଇକ୍ୟୁଏସି ସଂଯୋଜକ ଡ଼ ମାନସ ରଞ୍ଜନ ମିଶ୍ର ଓ ରାଜନୀତି ବିଭାଗ ମୁଖ୍ୟ ଡ଼. ରାମଚନ୍ଦ୍ର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ଯୋଗିନ୍ଦ୍ର ସାହୁ ଧନ୍ୟବାଦ୍ ଦେଇଥିଲେ । ଏକ୍ତା ସଂସ୍ଥାର ସଦସ୍ୟ ପୁରୁଷୋତ୍ତମ, ଅଭିମନ୍ୟୁ ପାତ୍ର ଓ ମହାବିଦ୍ୟାଳୟ ଇଂରାଜୀ ବିଭାଗ ଅଧ୍ୟାପିକା ଡ଼ ମୌସୁମୀ ପାଢ଼ୀ, ଅର୍ଥନୀତି ବିଭାଗର ଅଧ୍ୟାପିକା ଏସ୍. ରୂପଲକ୍ଷ୍ମୀ ଏବଂ ଇତିହାସ ବିଭାଗର ଅଧ୍ୟାପକ ରବୀନ୍ଦ୍ର ନାୟକ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

### ରାସ୍ତା କାମରେ ମନମାନି

# ବନ୍ଦୀ ଜୀବନ ବିତାଉଛନ୍ତି ୨ ଶହ ଗ୍ରାମବାସୀ

ସୋରଡ଼ା,୧୧ ।୧୦(ସମିସ)

ସୋରଡ଼ା ବ୍ଲକ ସହ କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ମିଶି ରହିଛି । ଉଭୟ ବ୍ଲକର ଦୁର୍ଗମ ଅଞ୍ଚଳ ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ରାସ୍ତା ନିର୍ମାଣ ହେଉଛି । ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମନମାନୀ ଯୋଗୁ ଏବେ ଉଭୟ ବ୍ଲକର ପ୍ରାୟ ଦୁଇ ଶହ ଗ୍ରାମବାସୀ ବନ୍ଦୀ ଜୀବନ ବିତାଉଛନ୍ତି । ରାଇକିଆ ବ୍ଲକର ରଣବା, କରଡ଼ା, ଇନ୍ଦ୍ରଗଡ଼ ଭଳି ତିନୋଟି ଆଦିବାସୀ ପଞ୍ଚାୟତର ବାଦଗଡ଼, ନୂଆକାନସୁରୁ, ପୁରୁଣା କାନସୁରୁ, ନୂଆଁପଲ୍ଲୀ, ଡେଙ୍ଗାଖମଣ, ବଡ଼ଖମଣ, ଗାନ୍ଧାରୀଭୁଇଁ, ମାଣ୍ଡିଆଖମଣ, ସିକରିଗୁଡା, ସଲପଗୁଡ଼ା, ପାଇକ ଗଣ୍ଡା, ବରଡ଼ା, ଇନ୍ଦ୍ରଗଡ଼, କଙ୍କଡମ୍ବା, ମାଙ୍କଡ଼ଗଣ୍ଡା, ଦାରଜୁ, ଭିତରଯୋଡ଼ି ଭଳି ଦୁଇଶହ ଗ୍ରାମକୁ ସଂଯୁକ୍ତ ହୋଇ କରଡ଼ା ସହ ମାଲଗୁଡା ଘାଟିଦେଇ ରାଇକିଆ କଲେଜ ରାସ୍ତାକୁ ସଂଯୋଗ କରୁଛି ଏହି ରାସ୍ତା । ସେହିପରି ସୋରଡ଼ା ବ୍ଲକର ହୁକୁମା



ପଞ୍ଚାୟତର ବି କୋଟିବାଡ଼ି, ବାଗିଡି, ରାମଚନ୍ଦ୍ରପୁର, ଗୁଡିପଲ୍ଲୀ, ସୁନ୍ଧିଡ଼ିହ ପଲ୍ଲୀ, ନିମପଲ୍ଲୀ ବଞ୍ଜର ସହ ଦୁର୍ଗମ ପଞ୍ଚାୟତ ଗେଞ୍ଜାର କୈଳାଶପୁର ପୁର, ଭେଜିପଲ୍ଲୀ, ଗେଞ୍ଜା,ରଥପାଲି, ନୂଆପଲ୍ଲୀ, ରସଖାଲ ଆଦିକୁ ସଂଯୋଗ କରୁଛି । ପ୍ରତ୍ୟହ ସ୍କୁଲ ଠାରୁ ଆରମ୍ଭ କରି ଦୈନିକ ସଉଦା ହାଟ, ମେଡିକାଲ ଆଦି ପାଇଁ ଅଞ୍ଚଳବାସୀ ଏହି ରାସ୍ତା ଦେଇ ସୋରଡ଼ା ଯାତାୟାତ କରନ୍ତି । ରାଇକିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗେଞ୍ଜା ପର୍ଯ୍ୟନ୍ତ ପକ୍କା ରାସ୍ତାକାର୍ଯ୍ୟ ଚାଲୁରହିଥିବା ବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମନମାନି ହେତୁ ବର୍ତ୍ତମାନ ଉକ୍ତ ଅଞ୍ଚଳର ଜନସାଧାରଣ ବନ୍ଦୀ ଜୀବନ ନିର୍ବାହ କରଛନ୍ତି । କାମକୁ ଅନୁଧ୍ୟାନ କଲେ ନିର୍ମାଣ ହୋଇଥିବା କଲଭର୍ଟ ଗୁଡିକର ନଳା ଗୁଡ଼ିକ ପାଶ୍ୱର୍ ଜମି ଗୁଡିକଠାରୁ ନୀଚରେ ରହିଛି । ଯାହାକି ଗୋଟିଏ ବା ଦୁଇ ବର୍ଷ ପରେ ପୋତି ହୋଇ ରାସ୍ତାରେ ଜଳ ନିଷ୍କାସନ ହେବ । ଏପରିକି କିଛି ସ୍ଥାନରେ ଅଯଥାରେ କଲଭର୍ଟ ନିର୍ମାଣ ସାଙ୍ଗକୁ ଏକ୍ସପାଏର ସିମେଣ୍ଟ ଦ୍ୱାରା କଲଭର୍ଟ ଓ ଗାର୍ଡୱାଲ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ଏନେଇ ରାଇକିଆ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ପାରଳାଖେମୁଣ୍ଡି,୧୧।୧୦(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଆନନ୍ଦ ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଧିକାରୀ ସାରଳା ପାତ୍ର, ଭଗ୍ୟଲକ୍ଷ୍ମୀ ନାୟକ ମଞ୍ଚାସୀନ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସିଡ଼ିପିଓ, ସୁପରଭାଇଜର, ଶିକ୍ଷକ ଓ ଆଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ସ୍ଥାନୀୟ ଜନପ୍ରତିନିଧି, ମାତୃ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ କିଶୋରୀ ବାଳିକାଙ୍କ ସହିତ ପ୍ରତ୍ୟେକ ଗ୍ରାମରେ ବୈଠକ କରାଯାଇ ଶିଶୁ ବିବାହ ରୋକିବା, ଝିଅ ଶିଶୁଙ୍କ ଶିକ୍ଷା ନିଶ୍ଚିତ କରିବା, ଓ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରାଯାଇ ବେଟି ବଚାଓ ବେଟି ପଢାଓ, ସୁକନ୍ୟା ସମୃଦ୍ଧି ଯୋଜନା, କନ୍ୟାରତ୍ନ, ପୋଷଣ ଅଭିଯାନ, ସମଗ୍ର ଶିକ୍ଷା ଯୋଜନା ସମ୍ପର୍କରେ ବିଭାଗ ତରଫରୁ ସଚେତନତା କରାଯାଇଥିଲା।

# ରାତ୍ରକାଳୀନ ରକ୍ତ ନମୁନା ସଂଗ୍ରହ



ଜି.ଉଦୟଗିରି,୧୧।୧୦(ସମିସ): ଜି.ଉଦୟଗିରିର କନ୍ଧସାହି ଓ ବଡ଼ସାହିରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ରାତ୍ରକାଳୀନ ରକ୍ତ କାଚ ନମୂନା ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫାଇଲେରିଆ ନିରାକରଣ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହୋଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରତିକାନ୍ତ ସାହୁ, ବିପିଇଓ ରାଜକିଶୋର ସାହୁ, ମେଲେରିଆ ସୁପରଭାଇଜର ମନୋରଞ୍ଜନ ମହାପାତ୍ର, ଜିଲ୍ଲା ବିଶେଷଜ୍ଞ ସୁରେନ୍ଦ୍ର ନାଥ ସିଂ, ସୁଜିତ୍ କୁମାର କାର୍ଜି, ପ୍ରଭାସ ମହାନ୍ତି, ଶୁଭମ୍ ପଣ୍ଡା, ଟିକିଲି ନାୟକ, ଅଙ୍କିତା ପଟ୍ଟନାୟକ, ସ୍ମୃତିରେଖା ନାୟକଙ୍କ ସମେତ ବହୁ ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଯୋଗ ଦେଇ ପରିଚାଳନା କରିଥିଲେ। କନ୍ଧମାଳ ଜିଲ୍ଲାରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବହୁ ଲୋକଙ୍କ ରକ୍ତ ପରୀକ୍ଷା କରାଯାଇଥିଲା।

# ଜୀବନ ଜ୍ୟୋତି କଲେଜରେ ବରିଷ୍ଠ ନାଗରିକ ଦିବସ



ରାଇକିଆ,୧୧।୧୦(ସମିସ): ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟରେ ଶନିବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପିକା ମଞ୍ଜୁଳା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ସ୍ୱାଗତ ଭାଷଣ ଦେଇ ବରିଷ୍ଠ ନାଗରିକଙ୍କ ଅନୁଭୂତି କିପରି ଆଜିର ସମାଜ ଓ ଯୁବବର୍ଗଙ୍କୁ ମାର୍ଗଦର୍ଶନ ଦେଉଛି କହିଥିଲେ। କାର୍ଯ୍ୟକ୍ରମରେ ସଭାପତି, ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରଫେସର ଉମାକାନ୍ତ ରଥ ବରିଷ୍ଠ ନାଗରିକଙ୍କ ମହନୀୟତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମହାବିଦ୍ୟାଳୟରେ ବରିଷ୍ଠ ନାଗରିକ ତାରିଣୀ ଚରଣ ଦିଗଲ, ରାମକୃଷ୍ଣ ମହାପାତ୍ର, ତୁଳସୀ ପଣ୍ଡାଙ୍କୁ ଏହି ଅବସରରେ ସମ୍ମାନିତ କରିଥିଲେ। ଅଧ୍ୟାପକ ଡ଼.ସନ୍ତୋଷ କୁମାର ନାୟକ, ଅଧ୍ୟାପକ ଦିଲୀପ କୁମାର ନାୟକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ଭୁବନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଜିରେ ଲାଗୁଛି ଜୀବନ, ନୀରବ ପ୍ରଶାସନ

# ଭରା ବୁଢ଼ା ନଈ ପାରି ହେବାକୁ ତାର ଭରସା

ବାଲିଗୁଡ଼ା,୧୧।୧୦(ସମିସ)



ସ୍ୱାଧୀନତାର ୭ଦଶନ୍ଧି ପରେ ବି ଗାଁକୁ ପୋଲଟିଏ ନାହିଁ ଫଳରେ ନିତିଦିନ ବାଜିରେ ଲାଗୁଛି ଜୀବନ। ତାର ସାହାଯ୍ୟରେ ଜୀବନକୁ ବାଜି ଲଗାଇ ଗମନାଗମନ କରୁଛନ୍ତି ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ। ବର୍ଷାଋତୁ ଆସିଲେ ବାଲିଗୁଡ଼ା ବ୍ଲକ୍ ପରମପାଙ୍ଗା ପଞ୍ଚାୟତରେ କଡ଼ାମାହା ସହିତ ଆଉ ତିନୋଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଛି।

ନଦୀ ନାଳ ପାର ହେବାକୁ ହେଲେ ଲୁହା ତାର କିମ୍ବା ରଶି ହିଁ ଭରସା। ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ଅବହେଳା ଯୋଗୁଁ ଦୁର୍ଗମ ଅଞ୍ଚଳକୁ ଅଣଦେଖା କାରଣରୁ ବାଲିଗୁଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଆଜିପର୍ଯ୍ୟନ୍ତ ସରକାରଙ୍କ ବହୁ ମୌଳିକ ଯୋଜନା ପହଞ୍ଚି ପାରୁନାହିଁ। ଏମିତି କିଛି ପଞ୍ଚାୟତ ରହିଛି ଯେଉଁଠି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନବାଡି କେନ୍ଦ୍ର ନ ଥିବାରୁ କୁନିକୁନି ପିଲା ପୁଷ୍ଟିକର ଖାଦ୍ୟ ସହିତ ପ୍ରାରମ୍ଭିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଜରୁରୀକାଳୀନ ସ୍ଥିତିରେ ଡାକ୍ତରଖାନାକୁ ଯିବାକୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିକାଶ ଏହି ଅଞ୍ଚଳକୁ ବାଟ ଭୁଲିଯାଇଥିବାରୁ ଅଭିଶପ୍ତ ଜୀବନ ବିତାଉଛନ୍ତି ଲୋକେ। ଏ ହେଉଛିବାଲିଗୁଡ଼ା ବ୍ଲକ୍ ପରମପାଙ୍ଗା ପଞ୍ଚାୟତର କାଡ଼ାମାହାର ଅକୁହା କଥା।

ଏହି ଗାଁରୁ ବ୍ଲକ୍ ମହକୁମା ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ସ୍କୁଲ ଯିବାକୁ ହେଲେ ଚିରୋସ୍ରୋତ ବୁଢ଼ାନଦୀ ପାର ହେବାକୁ ପଡ଼େ। ସରକାର ପରେ ସରକାର ପରିବର୍ତ୍ତନ ହେଲାଣି ଓ ସ୍ଥାନୀୟ ପ୍ରଶାସନ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଆଜି ପ୍ରତାରଣା ପାଲଟିଛି। ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ ଫଳ ଶୂନ ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଯଥାଶୀଘ୍ର ଏହି ଅସୁବିଧାର ସମାଧାନ କରିବାକୁ ଦାବି ହେଉଛି।

# ଗୋଷ୍ଠୀ ଜଙ୍ଗଲ ଓ ଜମି ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

ଦାରିଙ୍ଗବାଡି,୧୧।୧୦(ସମିସ): ଜଙ୍ଗଲ ସୁରକ୍ଷା ନେଇ ଜାଗୃତି ସଭାଗୃହରେ ଅନୁଷ୍ଠିତ ଦୁଇ ଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ଗୋଷ୍ଠୀ ଜଙ୍ଗଲ ଜମି ସମ୍ପର୍କିତ କର୍ମଶାଳା କାର୍ଯ୍ୟକ୍ରମ ଅଧିକାରୀ ସଦାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଷୟିକ ସହାୟକ ଧନେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ତାଲିମଦାତା ଭାବେ ଭୁବନେଶ୍ୱରରୁ ସୁଶାନ୍ତ କୁମାର ଦଳେଇ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୋନପୁର, ବାଡାବାଙ୍ଗା ଏବଂ ଦନେକବାଡି ପଞ୍ଚାୟତର ୨୨ ଗ୍ରାମର ୩୮ ଜଣ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ନେତୃତ୍ୱ ସଦସ୍ୟମାନେ ତାଲିମ ପାଇଥିଲେ। ଗୋଷ୍ଠୀ ଜଙ୍ଗଲକୁ କିଭଳି ଭାବେ ପରିଚାଳନା କରାଯିବ, ଜଙ୍ଗଲରୁ କ'ଣ ସବୁ ଆଦାୟ ହେଉଛି ଓ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ଭୂମିକା ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଦେଖା ମିଳୁନି




ପାରଳାଖେମୁଣ୍ଡି,୧୧।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଡାକ୍ତରଙ୍କ ଦେଖା ମିଳୁନି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଉକ୍ତ ସମସ୍ୟା ନେଇ ଖବର ପ୍ରକାଶ ଓ ବିଭିନ୍ନ ସଂଗଠନ ଦ୍ୱାରା ଅଭିଯୋଗ ପରେ ବି ଫରକ ପଡୁନାହିଁ। ଦିନ ୧୨ଟା ଯାଏ ଡାକ୍ତରଙ୍କ ଦେଖା ମିଳୁନାହିଁ। ଏପରି ସ୍ଥଳେ ଆଉଟ୍‌ଡୋର୍ ଚିକିତ୍ସା ପାଇଁ ବହୁ ସଂଖ୍ୟାରେ ରୋଗୀ ଆସି ହନ୍ତସନ୍ତ ହେଉଛନ୍ତି। କେବଳ ଜଣେ ଠିକା ଡାକ୍ତର ୨୧ ନମ୍ବର କକ୍ଷରେ ବସି ଲମ୍ବା ଲାଇନରେ ଥିବା ରୋଗୀଙ୍କୁ କଚ୍ଛପଗତିରେ ଚିକିତ୍ସା କରୁଥିଲେ। ୨୧ ନମ୍ବର ଆଉଟ୍ ଡୋର୍‌ରେ ବସିଥିବା ଡାକ୍ତରଙ୍କୁ ଛାଡିଦେଲେ ଭେଷଜ, ସର୍ଜରୀ, ଅସ୍ଥିଶଲ୍ୟ, ଦନ୍ତ ଚିକିତ୍ସା, ଜରୁରୀ କାଳୀନ ଚିକିତ୍ସା, ଶିଶୁ , ମହିଳା ଓ ପ୍ରସୂତୀ ବିଭାଗରେ ଡାକ୍ତର ନଥିବା ବେଳେ ଚିକିତ୍ସାଳୟଅଧୀକ୍ଷକ ଓ ମେଡିକାଲ ପରିଚାଳକ ଉଭୟଙ୍କ କୋଠାରେ ତାଲା ଝୁଲୁଥିଲା। ସକାଳ ୮ଟାରୁ ବାରମ୍ବାର ଗଣମାଧ୍ୟମ ପ୍ରତିନିଧି ଅଭିଯୋଗ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତତ୍ପର ହୋଇ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ। ୯ଟା୪୫ ମନିଟ୍‌ରେ ଆଉ ଦୁଇ ଜଣ ଡାକ୍ତର ଆସିଥିଲେ। କିନ୍ତୁ ଗତ ୨୦ରୁ ଅଧିକ ଦିନ ଧରି ଅଧିକାଂଶ ତାଲା ପଡିଥିବା କୋଠାରୀର ବିଶେଷଜ୍ଞ ଡାକ୍ତର ପହଞ୍ଚିନଥିଲେ। ଚିକିତ୍ସା କେନ୍ଦ୍ରର ଯେଉଁ ବିଭାଗରେ ବସିବା ପାଇଁ ବ୍ୟବସ୍ଥା ରହିଛି ସକାଳୁ ଆସି ରୋଗୀମାନେ ଅପେକ୍ଷା କରିଥିବାର ଦୟନୀୟ ଦୃଶ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ମୁଖା ଖୋଲିଥିଲା। ସବୁଠାରୁ ବିସ୍ମୟର ବିଷୟ ହେଲା କିଛିମାସ ପୂର୍ବେ ଅବସର ନେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରର ଅଧୀକ୍ଷକଙ୍କ ନାମ ଓ ଫୋନ୍ ନମ୍ବର ଆଜିଯାଏଁ ବିଭିନ୍ନ ସୂଚନା ଫଳକରେ ରହିଛି। ଯାହା ପରିବର୍ତ୍ତନ ହୋଇପାରି ନାହିଁ ଏବଂ ଅବସର ନେଇଥିବା ସେହି ଅଧିକାରୀ ଜଣକଙ୍କ ଗୋପନୀୟତାକୁ କ୍ଷୁର୍ଣ୍ଣ କରୁଛି। ଡାକ୍ତର ଆସୁ ନଥିବାରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ହୋଇପଡିଛି।

# ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୧୧।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ବଜ୍ଞାନ ନିରୀକ୍ଷକ ଏ. ରବି କୁମାର ଉଦ୍‌ଘାଟନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଓ ସାନିକ କୁମାର ପଟ୍ଟନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। "କ୍ୱାଣ୍ଟମ ଯୁଗ ଆରମ୍ଭ : ସମ୍ଭାବନା ଓ ଆହ୍ୱାନ' ଆଲୋଚନାର ବିଷୟବସ୍ତୁ ରହିଥିଲା। ଏଥିରେ ଜିଲ୍ଲାର ୭ ବ୍ଲକରୁ ୧୯ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୬୫ ଜଣ ବିଜ୍ଞାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଜ୍ଞାନ କୁଇଜ ଓ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଶ୍ରେଷ୍ଠ ବିବେଚିତ ଛାତ୍ରୀଙ୍କ ମଧ୍ୟରେ ସ୍ନେହାଞ୍ଜଳି ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ମନୋନୀତ ହୋଇଛନ୍ତି।




# ବିଦ୍ୟାଳୟ ପରିସରରେ ଜରାଜୀର୍ଣ୍ଣ ଅଙ୍ଗନବାଡ଼ି ଗୃହ



ଟିକାବାଲି,୧୧।୧୦(ସମିସ): ଟିକାବାଲି ବ୍ଲକ କଟିମାହା ପଞ୍ଚାୟତ ପଧାନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଜରାଜୀର୍ଣ୍ଣ ଅଙ୍ଗନବାଡ଼ି ଗୃହ ବର୍ତ୍ତମାନ ବଡ଼ ବିପଦର କାରଣ ପାଲଟିଛି। ଏହି ବିପଦସଂକୁଳ ଅବସ୍ଥାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପଧାନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୦୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୦ ଜଣ ପିଲା ବିଦ୍ୟାଳୟ ହଷ୍ଟେଲରେ ରହୁଛନ୍ତି। ପିଲାମାନେ ଖେଳକୁଦ କରୁଥିବା ଏବଂ ଅଧିକ ସମୟ ଅତିବାହିତ କରୁଥିବା ବିଦ୍ୟାଳୟ ପରିସର ମଧ୍ୟରେ ଏହି ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଅନେକ ଦିନ ହେବ ବିପଦସଂକୁଳ ଅବସ୍ଥାରେ ରହିଛି। ଯେକୌଣସି ମୁହୂର୍ତ୍ତରେ ଏହା ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିପାରେ। ସ୍ଥାନୀୟ ଲୋକେ ଏବଂ ଅଭିଭାବକ ଜରାଜୀର୍ଣ୍ଣ ଗୃହକୁ ଭାଙ୍ଗି ସଫା କରିବାକୁ ଦୁଇଥର ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି ହୋଇପାରୁନି। ଫଳରେ ବିଦ୍ୟାଳୟରେ ପଢୁଥିବା ୧୦୫ ଜଣ ଛାତ୍ରଛାତ୍ରୀ ଏବଂ ହଷ୍ଟେଲରେ ରହୁଥିବା ୪୦ ଜଣ ପିଲାଙ୍କ ଜୀବନ ପ୍ରତି ବିପଦ ରହୁଛି। କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଏହି ଘର ଭାଙ୍ଗି ସଫା କରିବାକୁ ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

### କଳିଙ୍ଗା ଘାଟିରେ ପ୍ରକୃତିର ତାଣ୍ଡବକୁ ୨୫ ଦିନ

# ବଢୁଛି ଦୁଃଖ; ଭିଟାମାଟି ଛାଡୁଛନ୍ତି ଯୁବକ



ଜି.ଉଦୟଗିରି,୧୧।୧୦(ସମିସ)

କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ଗତ ୧୭ ତାରିଖରେ ଦେଖିବାକୁ ମିଳିଥିଲା ଉତ୍ତରାଖଣ୍ଡ ଭଳି ପ୍ରକୃତିର ତାଣ୍ଡବ। ଭୂସ୍ଖଳନରେ ଜୀବନ ରେଖା କୁହାଯାଉଥିବା କଳିଙ୍ଗା ଘାଟିରେ ୧୫୭ ନଂ ଜାତୀୟ ରାଜପଥ ବ୍ୟାପକ କ୍ଷତି ହେଇଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନି। ୨୫ ଦିନ ଧରି ଯାତାୟାତ ବନ୍ଦ ହେବା ଯୋଗୁଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ନିର୍ଭର କରୁଥିବା ଶତାଧିକ ପରିବାର ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡିଛି। ପ୍ରଭାବିତ ହୋଇଛି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆର୍ଥିକ କାରବାର। ପ୍ରଭାବରେ ଦୁର୍ଗାପ୍ରସାଦ ଓ କଳିଙ୍ଗାରେ ବହୁ ଦୋକାନ ବନ୍ଦ ହୋଇଗଲାଣି। ବିଭିନ୍ନ ହୋଟେଲରୁ କର୍ମଚାରୀ ଚାଲିଗଲେଣି, ବହୁ ଯୁବକ କାମଧନ୍ଦା ନପାଇ ବାହାରକୁ ଚାଲିଯାଉଛନ୍ତି। ଦିନକୁ ଦିନ ଋଣ ଭାର ବଢିବାକୁ ଲାଗିଛି। ଅଟୋ ଚାଳକ ଘରୁ ବାହାରିବାକୁ ଡରିଲେଣି। କାଳେ ଫାଇନାନ୍ସ କର୍ତ୍ତୃପକ୍ଷ ଗାଡ଼ି ଉଠାଇ ନେବେ। ଦିନକୁ ଦିନ ଲୋକଙ୍କ ଦୁଃଖଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୨୫ ଦିନ ବ୍ୟବସାୟ ବନ୍ଦ ହେବା କିଛି କମ ସମୟ ହୋଇନଥିବା ବେଳେ ସ୍ୱାଭାବିକ ହେବାକୁ ଚାହିଁ ବସିଛନ୍ତି ସମସ୍ତେ। ଏହାକୁ ନେଇ ଲୋକେ ଅନେକ ପ୍ରଶ୍ନ ଉଠାଇଛନ୍ତି। ବିକଳ୍ପରେ ଭଲିଆପାଟାରୁ ଦୁର୍ଗା ପ୍ରସାଦ ରାସ୍ତା ଏକ ପୁରୁଣା ଯାତାୟାତ ରାସ୍ତା ହୋଇଥିବା ବେଳେ ଏହାକୁ ସାମାଜିକ ଗଣମାଧ୍ୟମ ଏବଂ ଗଣମଧ୍ୟମରେ ପ୍ରଚାର ହେବା ପରେ ମଧ୍ୟ ଗଞ୍ଜାମ ଏବଂ କନ୍ଧମାଳ ପ୍ରଶାସନ ଗୁରତ୍ୱ ନଦେବା ଦୁଃଖର ବିଷୟ ବୋଲି କହିଛନ୍ତି ବୁଦ୍ଧିଜୀବୀ। ଦୁଇ ଦିନ ମଧ୍ୟରେ ବିକଳ୍ପ ରାସ୍ତା ପ୍ରସ୍ତୁତ କରାଯାଇପାରେ ବୋଲି କୁହାଯାଇଛି। କେବଳ ଦୁଇଟି ଛୋଟ ନାଳ ସହିତ ଲଟାବୁଦା ସଫା କରାଯାଇଥିଲେ ଦୁଇ ଚକିଆ ଏବଂ ଚାରି ଚକିଆ, ଜରୁରୀ କାଳୀନ ସେବା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି।

**ଏ ସମ୍ପର୍କରେ ପ୍ରଭାବିତ କୁହନ୍ତି....**



ଯାନବାହାନ ଚଳାଚଳ ବନ୍ଦ ହେବା ଫଳରେ ବ୍ୟବସାୟ କିଛି ହେଉନି। ବିକଳ୍ପ ରାସ୍ତା ସୁବିଧା ଥିବା ସତ୍ତ୍ୱେ ବାହାର ନକରିବା ଫଳରେ ଆଜି ସମସ୍ତଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ବିକଳ୍ପ ରାସ୍ତା ଉପରେ ଧ୍ୟାନ ଦେବା ସହିତ ଯାତାୟାତ ସ୍ୱାଭାବିକ କଲେ ଭଲ ହେବ।

**ପବିତ୍ର ମୋହନ ସାହୁ**
(କ୍ଷୁଦ୍ର ବ୍ୟବସାୟୀ, କଳିଙ୍ଗା)



ଏତେ ଦିନ ଧରି ଏମିତି ଅବସ୍ଥା ରହିବ ବୋଲି ଆଶା କରିନଥିଲୁ। ଭାବିଥିଲୁ ଦିନେ ଦୁଇ ଦିନରେ ସ୍ଥିତି ସ୍ୱାଭାବିକ ହୋଇଯିବ। କିନ୍ତୁ ୨୫ଦିନ ପରେ ବି ଗାଡ଼ି ଆସୁନି କି ଲୋକ ନାହାନ୍ତି। ବ୍ୟବସାୟ ହେଉନି, ଦିନକୁ ଦିନ ଅସୁବିଧା ବଢୁଛି। ରାସ୍ତା ଶୀଘ୍ର ଠିକ୍ ହେଲେ ବଞ୍ଚିଯିବୁ।

**ରମାମଣୀ ନାୟକ**
(ଜଳଖିଆ ବିକ୍ରି କରୁଥିବା ମହିଳା)



୨୫ ଦିନ ହେଲା ବଜାର ଖାଲି ରହିଛି। କିଛି ବ୍ୟବସାୟ ହେଉନି। ଏଥିଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ଯଥାଶୀଘ୍ର ଯାତାୟାତ ସ୍ୱାଭାବିକ ହେଲେ ଚିନ୍ତା ଦୂର ହେବ।

**ବଳରାମ ସାହୁ**
(ଠେଲା ଗାଡିରେ ଜଳଖିଆ ବ୍ୟବସାୟୀ)



ରାସ୍ତା ସ୍ୱାଭାବିକ ନ ହେବାରୁ ଅଟୋ ବ୍ୟବସାୟ ହେଉନି। ଗାଡ଼ି ଚାଲୁନି। ଦିନକୁ ଟଙ୍କା ଶହେ ରୋଜଗାର କରିବା କଷ୍ଟ। ଏମିତିରେ ପରିବାର ଚଳାଇବା ସହିତ ଗାଡ଼ି ଲୋନ ଶୁଝିବା କଷ୍ଟକର ହୋଇପଡିଛି। ଶୀଘ୍ର ରାସ୍ତା ମରାମତି ହୋଇ ଗାଡ଼ି ଚାଲିଲେ ପରିବାର ଚଳିବ।

**ଦିଲୁ ସାହୁ** (ଅଟୋ ଚାଳକ)

# ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ




ରାୟଗଡ,୧୧।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ସ୍ଥାନୀୟ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରା କରାଯାଇ ବିଭିନ୍ନ ସ୍ଲୋଗାନ ଦିଆଯାଇ ସଚେତନତା କରାଯାଇଥିଲା। ଶୋଭାଯାତ୍ରାକୁ ପ୍ରଧାନ ଶିକ୍ଷକ ସୁରଶ କୁମାର ସାହୁକାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଳିକାଙ୍କୁ ପୂଜନ ଓ ସ୍ୱାଗତ ପରେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହା ପରେ ଛାତ୍ରୀଙ୍କ ଦ୍ୱାରା ଏକ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ରନାଥ ମିଶ୍ର, ଶିବ ପ୍ରସାଦ ଚୌଧୁରୀ, ପୁରୁଷୋତ୍ତମ ମାଳି, ଏମ୍ ଭି ଆପନ୍ନା, ସତ୍ୟଭାମା ବର୍ଦ୍ଧନ, ସୁନନ୍ଦା ସାହୁ, ବିରଞ୍ଚି ନାରାୟଣ ରଥ, ଜିତେନ୍ଦ୍ର ଦଳାଇ, ସୁଶାନ୍ତ କାର୍ଯ୍ୟ, ମାନିନୀ ମିଶ୍ର, ସୁଦର୍ଶନ ଜେନା ଓ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

## ଚାନ୍ଦବାଲି ବ୍ଲକସ୍ତରୀୟ ଓଡ଼ିଶା କୃଷକ ସଭାର ୧୩ତମ ସମ୍ମିଳନୀ

# ୧୫ ଜଣିଆ କମିଟି ଗଠିତ; ୨୨ରେ ପୁଣି ବୈଠକ



ଭଦ୍ରକ, ୧୧।୧୦(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମତୋଠାରେ କୃଷକ ସଭାର ୧୩ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସମସ୍ତ ଚାଷ ଜମିକୁ ଜଳସେଚନ, ବନ୍ୟା, ବାତ୍ୟା, ମରୁଡ଼ିର ସ୍ଥାୟୀ ପ୍ରତିକାର, ଧାନ କୁଇଣ୍ଟଲ ୩୬୦୦ ଟଙ୍କା ଘୋଷଣା କରିବା, ସାର, କୀଟ ନାଶକ ଔଷଧ ରିହାତି ଦରରେ ଯୋଗାଇବା, ସମସ୍ତ ଚାଷୀ ଓ ଭାଗଚାଷୀଙ୍କ କୃଷି ଋଣ ଓ ମହାଜନୀ ଋଣ ଛାଡ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା, ୧୪ଟି ଅତ୍ୟାବଶ୍ୟକ ସାମଗ୍ରୀକୁ କଣ୍ଟ୍ରୋଲ ସାମଗ୍ରୀ ଭୁକ୍ତ କରିବା, ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା, ଚାଷୀ ହତ୍ୟା ଓ ଆତ୍ମହତ୍ୟା ରୋକିବା, ସମ୍ବିଧାନ ସୁରକ୍ଷା, ଏକତା ଓ ଭାଇଚାରା ସୁରକ୍ଷା ଆଦି ଦାବି ହୋଇଛି। କୃଷକ ସଭାର ବରିଷ୍ଠ ନେତା ନିରଞ୍ଜନ ପାଣି ସଂଗଠନର ପତାକା ଉତ୍ତୋଳନ କରିଥିଲେ। ଚଳିତ ଅଦିନିଆ ବର୍ଷା, ବନ୍ୟା, ଭୂମିକମ୍ପ ଓ ଲଦାଖ ଓ ଗାଜାଷ୍ଟ୍ରିପ୍‌ରେ ପ୍ରାଣ ହରାଇଥିବା ସାଧାରଣ ଲୋକଙ୍କ ସ୍ମୃତିଚାରଣ କରି ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ ସମ୍ମିଳନୀକୁ ଉଦଘାଟନ କରି ଚାଷୀଙ୍କ ଅଧିକାର, ଦେଶପ୍ରତି ଚାଷୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଆଲୋଚନା କରିଥିଲେ। ଭୋଟ ଚୋରି ମାଧମରେ ପୁଣି ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସିବାକୁ ଲକ୍ଷ୍ୟ ରଖିଥିବା ଚାଷୀ ବିରୋଧୀ ସାମ୍ପ୍ରଦାୟିକ ଘୃଣା ସୃଷ୍ଟିକାରୀ ବିଜେପି ବିରୋଧରେ ଚାଷୀମାନେ ଏକତ୍ରିତ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ହଜାର ବର୍ଷର ଭାଇଚାରାର ସହର କଟକରେ ବିଜେପି ଓ ଆରଏସ୍‌ଏସ୍ ର ଗୁଣ୍ଡା ବାହିନୀ ସାମ୍ପ୍ରଦାୟିକ ଗଣ୍ଡଗୋଳ ଓ ଦୋକାନ ପୋଡି ଅପରାଧ ଘଟାଇଛନ୍ତି ଓ ସମସ୍ତ ଦଙ୍ଗାକାରୀଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ନାଥ ଦାବି କରିଥିଲେ। ସମ୍ମିଳନୀରେ ଅନ୍ୟତମ ବକ୍ତା ଭାବେ ବରିଷ୍ଠ କୃଷକ ନେତା ରବି ପଟ୍ଟନାୟକ, କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଶ୍ରମିକ ନେତା ମଳୟ ଭୋଇ, ବିଷ୍ଣୁ ଦାଶ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, କୃଷକ ନେତା କୀର୍ତ୍ତନ ବିଶ୍ୱାଳ, ଚାଷୀ ନେତା କାହ୍ନୁକିଶୋର ସାହୁ, ଅର୍ଜୁନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୮୭ ଜଣ ଚାଷୀ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ଏକ ୧୫ ଜଣିଆ ନୂତନ ବ୍ଲକ କମିଟି ଗଠିତ ହୋଇଥିଲା। ସଭାପତି ଭାବେ ଚାଷୀ ନେତା ଗୌରାଙ୍ଗ ଯେନା ଓ ସମ୍ପାଦକ ଭାବେ ଚାଷୀ ନେତା ଅଶୋକ ବେହେରା ନିର୍ବାଚିତ ହୋଇଥିଲେ। ଆସନ୍ତା ଅକ୍ଟୋବର ୨୨ ଓ ୨୩ ଧୁସୁରୀଠାରେ ହେବାକୁ ଥିବା ଓଡ଼ିଶା କୃଷକ ସଭାର ଜିଲ୍ଲା ସମ୍ମିଳନୀ ପାଇଁ ୨୦ ଜଣ କୃଷକ ନେତା ନିର୍ବାଚିତ ହୋଇଥିଲେ।

# ଭଦ୍ରକରେ ସଂସ୍କୃତ ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ, ୧୧।୧୦(ସମିସ): ଭଦ୍ରକ ସ୍ଥିତ ସହିଦ ସ୍ମୃତି ଭବନରେ ସଂସ୍କୃତ ମହୋତ୍ସବ ସ୍ୱାଗତ ସମିତି ଅଧ୍ୟକ୍ଷ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାବା ବଳିଆ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଆଶୀର୍ବଚନ ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା ଓ ଗୋମାତା ସେବା ସମ୍ପର୍କରେ ଆଲୋପକାତ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଦୟାନିଧି ଦାଶ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ଡ଼ଃ ନରେଶ ଚନ୍ଦ୍ର ଦାସ, ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସଂସ୍କୃତ ଅନୁଷ୍ଠାନର ସମସ୍ୟା ତଥା ସଂସ୍କୃତ ଭାଷାର ପ୍ରଚାର ତଥା ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ଏକମାତ୍ର ଭାଷା ସଂସ୍କୃତ ବୋଲି ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଦ୍ୱାନ୍ ପଣ୍ଡିତଙ୍କୁ ସମ୍ମାନିତ କରାଯାଇଥିଲା। ମହାସମ୍ମେଳନରେ ସନ୍ତୋଷ କୁମାର ହୋତା, ପଣ୍ଡିତ ଦୈତ୍ୟାରି ଦୀକ୍ଷିତ, ଡ଼. କୁମାର ଚନ୍ଦ୍ର ମିଶ୍ର, ରମାକାନ୍ତ କର, ରାଧାକାନ୍ତ ଦୀକ୍ଷିତ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଗୋପାଳକୃଷ୍ଣ ପାଢ଼ୀ, ଡ଼ଃ ବସନ୍ତ କୁମାର ମିଶ୍ର, ଡ଼ଃ ହେମନ୍ତ କୁମାର ମୁଦୁଲି ଓ ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଡ଼ଃ ନିତ୍ୟାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଫେରାର ଦୁଷ୍କର୍ମ ଅଭିଯୁକ୍ତ ଆଠଗଡ଼ରୁ ଗିରଫ

ଦୋବଲ, ୧୧।୧୦(ସମିସ): ଧାମନଗର ଥାନା ମୁସ୍ତାଫାପୁର ପଞ୍ଚାୟତ ବେଲମଳା ଗାଁରେ ଜଣେ ଭିନ୍ନକ୍ଷମ ନାବାଳିକା ଛାତ୍ରୀ ଉପରେ ଧର୍ଷଣ ଘଟଣା ଫେରାର ଅଭିଯୁକ୍ତ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସେହି ଗାଁର ବାହାଦୁର ଦେହୁରୀଙ୍କ ପୁଅ ଆକାଶ ଦେହୁରୀ(୨୪) ପୂର୍ବରୁ ଆଉ ଜଣେ ଅଭିଯୁକ୍ତ ବାପି ଦେହୁରୀ ଗିରଫ ହୋଇଥିଲା। ସୂଚନା ଯୋଗ୍ୟ; ଗତ ଏପ୍ରିଲ ୩ତାରିଖ ତାରିଖ ସନ୍ଧ୍ୟା ସମୟରେ ବେଲମଳା ଗ୍ରାମର ମାଗୁଣି ଦେହୁରୀଙ୍କ ପୁଅ ବାପି ଦେହୁରୀ ଓ ବାହାଦୁର ଦେହୁରୀଙ୍କ ପୁଅ ଆକାଶ ଦେହୁରୀ ମିଶି ଗ୍ରାମର ଜଣେ ଭିନ୍ନକ୍ଷମ ନାବାଳିକା ଝିଅକୁ ବିଭିନ୍ନ ପ୍ରଲୋଭନ ଦେଇ ଦୁଷ୍କର୍ମ କରିଥିଲେ। ଘରକୁ ଫେରି ପରିବାର ଲୋକଙ୍କୁ ଘଟଣା ସବୁ କହିବା ପରେ ପ୍ରଥମେ ଗ୍ରାମରେ ବୁଝାବୁଝି ମାଧ୍ୟମରେ ମାମଲାକୁ ଶାନ୍ତ କରିବା ଚେଷ୍ଟା ହୋଇଥିଲା। କିନ୍ତୁ ନିଷ୍ପତ୍ତି ନହେବାରୁ ଅଭିଯୁକ୍ତଙ୍କ ବିରୋଧରେ ନାବାଳିକାର ବାପା ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବାପି ଦେହୁରୀକୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଆକାଶ ଦେହୁରୀ ଫେରାର ଥିଲା। ୨ଦିନ ତଳେ ତଦନ୍ତକାରୀ ଅଫିସର ଏସଆଇ ରଶ୍ମିତା ମଲିକଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ କଟକ ଆଠଗଡ଼ରେ ଲୁଚିଥିବା ଖବର ପାଇଥିଲେ। ତେବେ ସେଠାରୁ ଧାମନଗର ଥାନାକୁ ଆଣି ଡାକ୍ତରୀ ମାଇନା ପରେ କୋର୍ଟ ଫରୁଆଡ କରିଥିଲେ। ଜାମିନ୍ ଖାରଜ ହେବା ପରେ ଆକାଶକୁ ହାଜତ ପଠାଇ ଦିଆଯାଇଛି।

# ଓଡ଼ିଶା ବାଳିକା କ୍ରିକେଟ୍ ଦଳରେ ଭଦ୍ରକରୁ ସ୍ଥାନ ପାଇଲେ ୩

ଭଦ୍ରକ, ୧୧।୧୦(ସମିସ): ଓଡ଼ିଶା ବାଳିକା କ୍ରିକେଟ ଦଳ ଅଣ୍ଡର ୧୬ ଓ ବାଳକ ଦଳ ଅଣ୍ଡର ୨୩ ଦଳରେ ମୋଟ ୩ଜଣ ସ୍ଥାନ ପାଇଛନ୍ତି। ବିସିସିଆଇ ଦ୍ୱାରା ପରିଚାଳିତ ଛତିଶଗଡ଼ ରାଇପୁରଠାରେ ହେବାକୁ ଥିବା ଅଣ୍ଡର ୧୬ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଏହି ଦଳରେ ଭଦ୍ରକ ଜିଲ୍ଲାରୁ ୨ଜଣ ମହିଳା କ୍ରିକେଟ ଖେଳାଳୀ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନନ୍ୟା ପି ରାଉତ ଏବଂ ଅର୍ଚ୍ଚନା ରାଉତ। ସେହିପରି ଅଣ୍ଡର ୨୩ କ୍ରିକେଟ ଦଳର ହାଇଦ୍ରାବାଦ୍‌ଠାରେ ହେବାକୁ ଥିବା ସି. କେ. ନାଇଡୁ ଟ୍ରଫି ପାଇଁ ଘୋଷିତ ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାରୁ ଜଣେ ଖେଳାଳୀ ମନୋନୀତ ହୋଇଛନ୍ତି। ସେ ହେଉଛନ୍ତି ଆକାଶ ମହାପାତ୍ର। ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସମ୍ପାଦକ ଧିରେନ ପଲାଇ, ଉପେନ୍ଦ୍ର ବାରିକ, ଅତିସ ବେହେରା, ବ୍ୟୋମକେଶ ସେନାପତି, ଭବତୋଷ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



# ପରିପୁର କେନାଲ ରାସ୍ତା ଶୋଚନୀୟ



ବାରିକପୁର, ୧୧।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ପିରିପୁର ଗାଁକୁ ସଂଯୋଗ କରୁଥିବା କେନାଲ ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ଏହି ରାସ୍ତା ଜାତୀୟ ରାଜପଥରୁ ଗାଁକୁ ସଂଯୋଗ କରିଛି। ପ୍ରାୟ ୪/୫ ବର୍ଷ ପୂର୍ବେ ଏହି ରାସ୍ତାର ନବୀକରଣ କାର୍ଯ୍ୟ ହୋଇ ଏହାର ପିଚୁ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଏବେ ଶୋଚନୀୟ ହୋଇଛି। ପୂର୍ବରୁ ରାସ୍ତାରେ ପଡ଼ିଥିବା ପିଚୁ ଏବଂ ମେଟାଲ ଉଠିଗଲାଣି। ଫଳରେ ରାସ୍ତା ଏବେ ଦୁଇ ପାର୍ଶ୍ୱକୁ ଦବି ଗଲାଣି। ରାତି ପାହିଲେ ଗ୍ରାମବାସୀ ମାନେ ଆଉ ସହଜରେ ରାସ୍ତା ଅତିକ୍ରମ କରି ରାଜପଥକୁ ଆସି ପାରୁନାହାନ୍ତି। ଏହାଛଡା ସ୍କୁଲ ଛାତ୍ରଛାତ୍ରୀ ମାନେ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ସାଇକଲ ଓ ବାଇକରେ ଯିବା କଷ୍ଟକର ହେଉଛି। ଏପରିକି ଦୈନିକ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଖୋଲମପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଭଣ୍ଡାରିପୋଖରୀ, ୧୧।୧୦ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଖୋଲମପୁର ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ବରାହନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଓ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବକୁ ମୁଖ୍ୟ ଅତିଥି ମଣିନାଥପୁର ଏନ.କେ.ପି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର ଚୌଧୁରୀ ଉଦଘାଟନ କରିଥିଲେ। ଶିକ୍ଷକ ଶରତ ଥାଟୋଇଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା ମାମିଲତା ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ନବକିଶୋର ପରିଡ଼ା, ଶିକ୍ଷକ ରଞ୍ଜନ କୁମାର ମଲ୍ଲିକ, ସାମ୍ବାଦିକ ବିଶ୍ୱମ୍ଭର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସୁରଭି' ମହୋତ୍ସବର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଶିକ୍ଷକ ପ୍ରମୋଦନାୟକ ଧନ୍ୟବାଦ ଦେଇଥିଲେ। ଚିତ୍ରାଙ୍କନ, ସୃଜନଶୀଳ ଲେଖା, କୁଇଜ, ବକ୍ତୃତା, ସଙ୍ଗୀତ, ରଚନା ଲିଖନ, ସୁନ୍ଦର ହସ୍ତାକ୍ଷର, ସଂସ୍କୃତିକ ପରିବେଷଣ, କଳା ଓ ହସ୍ତକଳା, ଗଳ୍ପ କଥନ, ଗଣିତ କୁଇଜ ଆଦି ବିଭାଗ ପ୍ରତିଯୋଗୀତାରେ ସାଧନକେନ୍ଦ୍ର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଅନ୍ନଦାତା ଓ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ କାର୍ଯ୍ୟର ସିଧା ପ୍ରସାରଣ



ଭଦ୍ରକ, ୧୧।୧୦(ସମିସ): ଆଜି ଭଦ୍ରକ ରାଣୀତାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ କୃଷି ବିଜ୍ଞାନଠାରେ ଉଦଘାଟିତ ହୋଇଥିବା ଅନ୍ନଦାତାଙ୍କ ସମ୍ମାନ, ସମୃଦ୍ଧ ରାଷ୍ଟ୍ରର ନିର୍ମାଣ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ପାଇଁ ସରକାର ୪୨୦୦୦ କୋଟିରୁ ଉର୍ଦ୍ଧ୍ୱ କୃଷି ଯୋଜନା ଘୋଷଣା କରିଥିଲେ। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲର ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିବା ସହିତ କୃଷି ଭିତ୍ତିଭୂମି ପାଣି, ପ୍ରାଣୀ ପାଳନ, ମତ୍ସ୍ୟ ଚାଷ ଏବଂ ଅନ୍ୟ ପ୍ରକ୍ରିୟା କରଣର ୧୧୦୦ରୁ ଉର୍ଦ୍ଧ୍ୱ ଯୋଜନାର ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ। ଏଥିରେ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ୫୦ରୁ ଅଧିକ ବିଭିନ୍ନ ସଂସ୍ଥାର ଅଧିକାର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଭଗବାନ ପଣ୍ଡା, ଆଞ୍ଚଳିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଦ୍ୱିଜବର ସେଠୀ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟକୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଯୁବକ ହରଡ଼ଘଣାରେ

ବାରିକପୁର/ମଞ୍ଜୁରୀ ରୋଡ, ୧୧।୧୦ (ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ନାଆମୀ ଅଞ୍ଚଳରେ ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଏକତରଫା ପ୍ରେମ ନିବେଦନ କରି ହରଡ଼ଗଣାରେ ପଡ଼ିଛି ଜଣେ ଯୁବକ। ଏନେଇ ଯୁବକଙ୍କ ନାମରେ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ସ୍କୁଲ ଯିବା ବାଟରେ ବିଶୃଙ୍ଖଳିତ ଯୁବକ ବିଭିନ୍ନ ସମୟରେ ତାଙ୍କୁ ହଇରାଣ ହରକତ କରିଥାଏ। ଏପରିକି ଅଶ୍ଳୀଳ ଇଙ୍ଗିତ ସହିତ ବାରମ୍ବାର ଏକ ତରଫା ପ୍ରେମ ନିବେଦନ ମଧ୍ୟ କରେ। ଛାତ୍ରୀ ଜଣକ ଗତ ଶୁକ୍ରବାର ସ୍କୁଲ ଯାଉଥିବା ବେଳେ ଯୁବକ ତାଙ୍କୁ ବାଟରେ ଅଟକାଇବା ସହିତ ସାଇକଲ ଚାବି ପକାଇ ଧମକ ଚମକ ଦେଇଥିଲା। ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ଘରେ ପରିବାର ଲୋକଙ୍କୁ ଜଣାଇଥିଲା। ଯୁବକଙ୍କ ଏଭଳି ଅସଭ୍ୟ ଓ ଧମକଚମକ କାର୍ଯ୍ୟ ସମ୍ପର୍କରେ ଛାତ୍ରୀଙ୍କ ଅଭିଭାବକ ସ୍ଥାନୀୟ ଫାଣ୍ଡିରେ ଜଣାଇବା ସହ ଥାନାରେ ମଧ୍ୟ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଭଣ୍ଡାରିପୋଖରୀ/ବାରିକପୁର, ୧୧।୧୦ (ସମିସ): ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଡାହାଲା ନିକଟରେ ଏକ ଅଜଣା ଗାଡି ଧକ୍କା ଦେବାରୁ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

# ବିଭିନ୍ନ ସ୍ଥାନରେ କୋଟପା ଚଢ଼ଉ

ବାରିକପୁର, ୧୧।୧୦(ସମିସ): ଭଣ୍ଡାରିପୋଖରୀ ଥାନା, ଧାମନଗର ଅବକାରୀ ଓ ଭଦ୍ରକ ସ୍ପେଶାଲ ଡ୍ରଗ୍ସ ସ୍କ୍ୱାଡ଼ ପକ୍ଷରୁ ଆଜି କୋଟପା ଆଇନ ଅନୁଯାୟୀ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରାଯାଇଛି। ମାଳଦା, ସରସଦା ଓ ପୁରୀପଡ଼ା ଠାରେ ମିଳିତ ଚଢ଼ଉ ହୋଇଥିଲା। ବିଶେଷ କରି ସ୍କୁଲ ନିକଟରେ ଥିବା ପାନ ଦୋକାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ାଉ ବେଳେ ବ୍ୟାପକ ପରିମାଣର ଗୁଟ୍‌କା, ସିଗାରେଟ ଓ ତମାଖୁ ଜାତୀୟ ଦ୍ରବ୍ୟ ଜବତ ହୋଇଥିବା ଜଣାପଡ଼ିଛି। ଏନେଇ ଜୋରିମାନା ମଧ୍ୟ ଆଦାୟ ହୋଇଛି। ଏଥିରେ ଥାନା ପକ୍ଷରୁ ଏଏସଆଇ ବୁଦ୍ଧିରାମ ପୂର୍ତ୍ତି, ଅବକାରୀ ନିରୀକ୍ଷକ ଅବିନାଶ ପାଲ, ଡ୍ରଗ୍ସ ଇନ୍ସପେକଟରଙ୍କ ସମେତ କର୍ମଚାରୀ ମାନେ ସାମିଲ ହୋଇଥିଲେ। ସମ୍ପ୍ରତି ବିଭିନ୍ନ ଅଞ୍ଚଳରେ ଥିବା ସ୍କୁଲ ଓ କଲେଜ ନିକଟରେ ଛତୁ ଫୁଟିଲା ଭଳି ପାନ ଦୋକାନ ମାନ ଗଢି ଉଠିଛି। ଏହାଦ୍ୱାରା କୋମଳମତି ବିଦ୍ୟାର୍ଥୀ ମାନେ ଗୁଟଖା, ସିଗାରେଟ ଓ ତମାଖୁ ନିଶା ପ୍ରତି ଆକର୍ଷିତ ହେଉଛନ୍ତି। ତେଣୁ କୋଟପା ଆଇନ ଅନୁଯାୟୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ନିକଟରେ ଥିବା ଦୋକାନରେ ଚଢ଼ଉ ହେଉଛି।



# ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ



ଭଦ୍ରକ, ୧୧।୧୦(ସମିସ): ଭଦ୍ରକ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ 'ବିଜୁ ଭବନ'ରେ ଦଳର ସୁପ୍ରିମୋ, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆସନ୍ତା ୧୬ ତାରିଖରେ ଜୟନ୍ତୀ ପାଳିତ ହେବ। ଏ ନେଇ 'ଜନସମ୍ପର୍କ ପଦଯାତ୍ରା' ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ଜନପ୍ରିୟ ନବୀନ ବାବୁଙ୍କ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହିତ ଜନ ସମ୍ପର୍କ ପଦଯାତ୍ରା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଦେବୀଦତ୍ତା ମହାନ୍ତି, ସୁଚିସ୍ମିତା ସାହୁ, ଦିଲ୍ଲୀପ ନାୟକ, ବିଶ୍ୱନାଥ ନାୟକ, ଅକ୍ଷୟ କୁମାର ମହାନ୍ତି, ଗଣେଶ ପଣ୍ଡା, ମୁକ୍ତିକାନ୍ତ ସାହୁ, ପଙ୍କଜ ବଳ, ଫରହାତ ଆଲମ୍ ଖାନ, ଅଧିବକ୍ତା ପଓନ ଶର୍ମା, ଚନ୍ଦ୍ରକାନ୍ତ ମହାପାତ୍ର, ରତ୍ନାକର ସାମଲ, ବିଶ୍ୱନାଥ ଉପାଧ୍ୟାୟ, ଦିଲ୍ଲୀପ ନାୟକ (ହରିପୁର), ଶଙ୍କର୍ଷଣ ପଣ୍ଡା, ଟୁଲୁ ପୁହାଣ, ଗୋପାଳ ଚନ୍ଦ୍ର ଦାସ, ରଘୁନାଥ ପଣ୍ଡା, ସୁଶାନ୍ତ ଚୌଧୁରୀ, ପ୍ରତାପ ମହାନ୍ତି, ଦାଶରଥି ମିଶ୍ର, ବସନ୍ତ ଜେନା, ଖଗେଶ୍ୱର ମିଶ୍ର ମେହେବୁବ୍ ଖାନ, ଗୋପୀନାଥ ନାୟକ, ପ୍ରିୟବ୍ରତ ନାୟକ, ବିକାଶ ଶ୍ରେଷ୍ଠା, ଆଶିଷ କୁମାର ମହାନ୍ତି, ସୌମେନ୍ଦ୍ର ସାହୁ, ନାସିରୁଦ୍ଦିନ ଖାନ, ଦେବାଶିଷ ଭାରତୀ, ଜିତନ ପଣ୍ଡା, ଗୁରୁଦୟାଲ ସାମଲ, କାମେଶ ବାରିକ ଙ୍କ ସହିତ ବରିଷ୍ଠ, ମହିଳା ଓ ଯୁବଛାତ୍ର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ କେବେ

# ଟ୍ରାଫିକ ସମସ୍ୟା ବୃଦ୍ଧି; ଲୋକେ ହନ୍ତସନ୍ତ

ଧାମନଗର, ୧୧।୧୦(ସମିସ)

ଆଉ କେଇଟା ଦିନ ପରେ ଧାମନଗର ଖାନକା ସରିଫ୍ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ତଥା ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୬ତମ ଉର୍ସ ଉତ୍ସବ ପାଳନ ହେବ। ଧାମନଗର ବ୍ଲକ ଓ ସହରାଞ୍ଚଳରେ ଜବରଦଖଲ ଯୋଗୁଁ ଦିନକୁଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ହେଲେ ବ୍ଲକ ପ୍ରଶାସନ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ଜବରଦଖଲ କରି ରଖିଥିବାରୁ ଏହି ସମସ୍ୟା ଦେଖିବାକୁ ମିଳିଛି। ଫଳରେ ଟ୍ରାଫିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଗୋଟିଏ ପଟରେ ଜନସଂଖ୍ୟା ବୃଦ୍ଧି ଏବଂ ଯାନବାହନକୁ ନେଇ ଲୋକେ ହନ୍ତସନ୍ତ ହେଉଥିବାବେଳେ ଟ୍ରାଫିକ ବ୍ୟବସ୍ଥା ସହରବାସୀଙ୍କ ଚିନ୍ତା ବଢ଼ାଇଛି। ଧାମନଗର ବ୍ଲକ ବଜାର, ସାନ ବଜାର ଏବଂ ବଡ ବଜାର ଛକରୁ ଦକ୍ଷିଣବାଡ ହନୁମାନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବେଆଇନ ଭାବେ ଦୋକାନ କରିବା ସହ ଦୋକାନ ଆଗକ ପାର୍କିଂ କରୁଥିବାରୁ ଯାତାୟାତରେ ବ୍ୟାଘାତ ହେଉଛି। ପର୍ବ ପର୍ବାଣୀରେ ଏପରି ଏତେ ଭିଡ଼ ହେଉଛି ଯେ ଦମକଳ ଏବଂ ଆମ୍ବୁଲାନ୍ସ ଗାଡି ଯିବା ମଧ୍ୟ ସମ୍ଭବ ହେଉନି। ବିଶେଷ କରି ଧାମନଗର ଥାନା ପାଚେରୀ ନିକଟରେ ସନ୍ଧ୍ୟା ବେଳେ ଉଠା ଦୋକାନୀ ଫାଷ୍ଟ ଫୁଡ୍ ବେପାର କରୁଥିବାରୁ ପ୍ରବଳ ଭିଡ ରହୁଛି। ବେଆଇନ ଉଠା ଦୋକାନୀଙ୍କୁ ପୁଲିସ ଦେଖି ନ ଦେଖିଲା ପରି ଅଭିନୟ କରୁଛି। ତେବେ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଓ ନୂଆ ଥାନାଅଧିକାରୀ ରଞ୍ଜନ ସେଠୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମିଳିତ ଭାବେ ଉଠା ଦୋକାନୀ, ଫାଷ୍ଟ ଫୁଡ୍ ବେପାରୀଙ୍କୁ ରାସ୍ତା କଡ଼ରୁ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ।



## ବାଇକ୍ ଲୁଟେରା ଗ୍ୟାଙ୍ଗ ଠାବ



ତିହିଡ଼ି,୧୧।୧୦(ସମିସ): ଏକ ବାଇକ ଲୁଟେରା ଗ୍ୟାଙ୍ଗକୁ ତିହିଡ଼ି ପୁଲିସ ବାନ୍ଧିଛି। ତିହିଡିରେ ବାଇକ ଚୋରି ନେଇ ବହୁ ଅଭିଯୋଗ ହୋଇଆସୁଥିଲା। ଗତ ୫ ମାସ ଭିତରେ ୧୦ରୁ ଅଧିକ ବାଇକ ଚୋରି ହୋଇଥିବା ଜଣାଯାଇଛି। ତିହିଡି ପୁଲିସ ଆଜି ଏହି ବାଇକ ଲୁଟେରା ଗ୍ୟାଙ୍ଗ ଧରିବାରେ ସକ୍ଷମ ହେଇଛି। ସେମାନଙ୍କଠାରୁ ଗୋଟିଏ ବାଇକ, ଜବତ କରିଛି। ଏହି ଗ୍ୟାଙ୍ଗର ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଏମାନେ ହେଲ ଭାଟପଡା ପଞ୍ଚାୟତ ମଙ୍ଗରାଜପୁର ଗାଁର ସୋମନାଥ ଜେନା, ଆରସା ଗାଁର ବେଣୁଧର ମହାଳିକ ଅନ୍ୟ ଜଣେ। ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଆଗରପଡ଼ା ଥାନାଧିକାରୀଙ୍କ ପଦୋନ୍ନତି



ବନ୍ତ/ଆଗରପଡ଼ା,୧୧।୧୦(ସମିସ): ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ପଦୋନ୍ନତି ହୋଇଥିବାର ଜଣାପଡ଼ିଛି। ପୁଲିସ କଟକ ହେଡକ୍ୱାର୍ଟର ଆଦେଶ ସଂଖ୍ୟା ୩୩୧୮/ ୧୦.୧୦.୨୫ ଅନୁଯାୟୀ ଶ୍ରୀ ଜେନାଙ୍କ ଏହି ପଦୋନ୍ନତି ହୋଇଛି। ବିଭିନ୍ନ ଗଣମାଧମ ପ୍ରତିନିଧି, ରାଜନୈତିକ ନତୃତ୍ୱ, ବୃଦ୍ଧିଜୀବୀ, ସାଧାରଣ ବର୍ଗର ଲୋକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଜେନା ଭଦ୍ରକ ସହରାଞ୍ଚଳ ଥାନା, ବାଂଶଡ଼ା ଥାନା, ମଂଜୁରୀରୋଡ଼ ଫାଣ୍ଡି ଆଦି ସ୍ଥାନରେ ଓଆଇସି ଭାବେ କାର୍ଯ୍ୟ କରି ଆଗରପଡ଼ା ଥାନାଧିକାରୀ ଭାବେ ଯୋଗଦାନ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ



ଅସୁରାଳି, ୧୧।୧୦(ସମିସ): ଗଜଲକ୍ଷ୍ମୀ ପୂଜା ମହୋତ୍ସବ କମିଟି ଆୟୋଜିତ ଉଦଯାପନୀ ଦିବସ ଏକ ଗଭୀର ସାଂସ୍କୃତିକ ଏବଂ ସାମୁଦାୟିକ ଏକତାର ପ୍ରତୀକ ଭାବେ ପରିଣତ ହୋଇଥିଲା। ଅନୁଷ୍ଠାନରେ ଉପସ୍ଥିତ ଥିଲେ କମିଟିର କୋଷାଧକ୍ଷ ଆଶିଷ ଜେନା, ଧୂଷୁରୀ ଥାନାର ଏଏସଆଇ ବଷ୍ଟମ୍ବ ତ୍ରିପାଠୀ, ସାରଦାଦେବୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଭାତ ଧଳ, ଧୂଷୁରୀ ପ୍ରେସ ୟୁନିୟନର ସଭାପତି ସନ୍ତୋଷ ଦାସ ଓ ଅନେକ ବ୍ୟକ୍ତିବର୍ଗ। ଉତ୍ସବ ଅବସରରେ ୨ଟି ଅନୁଷ୍ଠାନରେ ପୂଜା ପାଉଥିବା କମିଟିର ସଭାପତି ନିଶିକାନ୍ତ ନାୟକ, ସୁଶାନ୍ତ ମହାପାତ୍ର, ସମ୍ପାଦକ ସୀମାଞ୍ଚଳ ଦାସ, ବିଷ୍ଣୁ ବସନ୍ତିଆ ଓ ଜାତୀୟ ହେଣ୍ଡବଲ କୋଚ ରମେଶ ପୃଷ୍ଟିଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସଫଳତା ପାଇଁ ଉପଦେଷ୍ଟା ଗୋବିନ୍ଦ ଦାସ, ବାଦଲ ବିଶ୍ୱାଳ, ସୁଦର୍ଶନ ରାଉତ, ରାଧାଶ୍ୟାମ ସାମଲ, ଭୂପେନ୍ଦ୍ର ନାୟକ, ଅରବିନ୍ଦ ଦାସ, ପ୍ରଶାନ୍ତ ନାୟକ, ହିମାଂଶୁ ରାଉତ, ତନ୍ମୟ ମହାପାତ୍ର, ସୁଶାନ୍ତ ଦାସ, ଅଭୟ ଦାସ, ନରେନ୍ଦ୍ର ସାମଲ, ସୁଧୀର ବେହେରା ଓ ଅନ୍ୟାନ୍ୟ ସଦସ୍ୟମାନେ ନିଷ୍ଠାର ସହ ଅନୁଷ୍ଠାନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ରତିକାନ୍ତ ନାୟକ ଧନ୍ୟବାଦ ଜଣାଇଥିଲେ।

### ବୈତରଣୀ ମହୋତ୍ସବ

## ମୁଖ୍ୟ ଆକର୍ଷଣ ଲୋକକଳା ପାଲା ଓ ଟେଲି ଅଭିନେତ୍ରୀ



ବାରିକପୁର, ୧୧।୧୦(ସମିସ): ଏକ ରମଣୀୟ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଶନିବାର ପଞ୍ଚମ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ବଦ୍ରିନାରାୟଣ ଧଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ଡ କ୍ଷୀରୋଦ ସାମଲ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶ୍ରୀଧର ସ୍ୱାଇଁ, ବରେଣ୍ୟ ଅତିଥି ଭାବେ ଭୂମିକନ୍ୟା ସଭାନେତ୍ରୀ ସଂଯୁକ୍ତା ବଳ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ନାରୀନେତ୍ରୀ ରାଜଲକ୍ଷ୍ମୀ ଗୋସ୍ୱାମୀ, ଯୁବନେତା ଦେବାଶିଷ ପଣ୍ଡା, ଅଜୟ ରାଉତ, ଜଗନ୍ନାଥ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକକଳା ପାଲା ଓ ଟେଲିଭିଜନ ଅଭିନେତ୍ରୀ ଧାରା ଶ୍ରାବଣୀ ମହାପାତ୍ରଙ୍କ ଉପସ୍ଥିତି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହାଛଡା ସ୍ଥାନୀୟ ଯୁବ ପ୍ରତିଭା ଓ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଯୁବ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଉଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଣିକ ସଂଘ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମକୁ ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, ସଦସ୍ୟ କମଳାକାନ୍ତ ସାମଲ, ପବିତ୍ର ପାଣିଗ୍ରାହୀ, ଲଳିତ ନାୟକ ପରିଚାଳନା କରିଥିଲେ।

### ଭଦ୍ରକ-ଆରଡି ରାସ୍ତା ଉନ୍ନତିକରଣ ବାଧାପ୍ରାପ୍ତ

# ‘ସବୁଜିମା ହରାଇଲୁ, ରାସ୍ତା ମିଳିଲାନି’





ଅସୁରାଳି, ୧୧।୧୦ (ସମିସ): ଭଦ୍ରକ-ଆରଡି ରାସ୍ତା ଉନ୍ନତିକରଣ ପାଇଁ ଦିଆଯାଇଥିବା ଠିକା କାମ ଦୀର୍ଘ ୩ ବର୍ଷ ପରେ ବି ସମାପ୍ତ ହୋଇନାହିଁ। ଏହି ଅବସ୍ଥା ନେଇ ସ୍ଥାନୀୟ ଜନମାନସ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଯାଇଛି। ରାସ୍ତା ଉନ୍ନତି ପାଇଁ କଟାଯାଇଛି ୫୦୦୦ ହଜାର ଗଛ, ଖର୍ଚ୍ଚ ହୋଇଛି ପ୍ରାୟ ୪୦ କୋଟି ଟଙ୍କା, ତଥାପି ରାସ୍ତା ଅଧୁରା ଓ ଅବ୍ୟବସ୍ଥିତ ରହିଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି ଅବସ୍ଥାକୁ ‘ଠିକାଦାର ପ୍ରୀତି ପାଦରେ ପଡ଼ିଥିବା ନିର୍ମାଣ ନୀତିର ଦୁଃଖଦ ଦୃଶ୍ୟ’ ବୋଲି ଅଭିବ୍ୟକ୍ତ କରିଛନ୍ତି। ଏହି ଅସନ୍ତୋଷ ଓ ଅନ୍ୟାୟ ନେଇ ଧୂଷୁରୀର ହୃଦାନନ୍ଦ ପାଠାଗାରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଓ ସାଧାରଣ ସଭାରେ ଅନେକ ଗଣମାନ୍ୟ ବ୍ୟକ୍ତି ଦାବି ଉଠାଇଛନ୍ତି ଯେ ଏହି ଅନୁଷ୍ଠାନ ଉପରେ ତତ୍କାଳ ଅନୁସନ୍ଧାନ ଓ ପୁନଃମୂଲ୍ୟାଙ୍କନ ହେବା ଉଚିତ। ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା ଉଲ୍ଲେଖ କରିଥିଲେ ଯେ ଏହି ରାସ୍ତା ଉନ୍ନତି ନିମନ୍ତେ ଗଛ କଟାଯିବା, ପରିବେଶ ହାନି ଓ ଅର୍ଥ ଅନ୍ୟାୟ ଭାବେ ବ୍ୟୟହେବା ଏକ ଗମ୍ଭୀର ଚିନ୍ତାର ବିଷୟ। ବ୍ଲକ୍ କଂଗ୍ରେସ ସଭାପତି ରମେଶ ବେହେରା, ଯୁବନେତା ଆଲୋକ ସ୍ୱାଇଁ, ସତ୍ୟମୂର୍ତ୍ତି ବେହେରା, ଶରତ କୁମାର ସୁତାର, ବିଜୟାନନ୍ଦ ମହାପାତ୍ର, ରତ୍ନାକର ବେହେରା ପରମାନନ୍ଦ ସାଆନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଦାବିପତ୍ର ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବା ପ୍ରସ୍ତାବ ଗ୍ରହଣ କରାଯାଇଛି।

## ବିଡିଓଙ୍କ ସହ ପୂର୍ବତନ ସାଂସଦଙ୍କ ଆଲୋଚନା



ବାସୁଦେବପୁର, ୧୧।୧୦(ସମିସ): ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ବାସୁଦେବପୁର ବିଡିଓ ତନ୍ମିତା କରଙ୍କ ସହ କେନ୍ଦ୍ର ସରକାରଙ୍କ ଯୋଜନା ଏନଆରଇଜିଏସ ସହିତ ବ୍ଲକରେ ବିଭିନ୍ନ ଯୋଜନାର କାମ କ'ଣ ହେଉଛି ତାହାର ତଦାରଖ କରିଥିଲେ। ସରକାଙ୍କ ଯୋଜନା ଠିକଠାକ ହେଉଛି କି ନାହିଁ ? ସମସ୍ତ ଯୋଜନା ଲୋକଙ୍କ ନିକଟେର ପହଞ୍ଚୁଛି କି ନାହିଁ ଆଦି ପ୍ରସଂଗରେ ଅଲୋଚନା କରିଥିଲେ। ମାତ୍ରାଧିକ ରାଜନୀତି ପାଇଁ ବ୍ଲକ ପରିସର ଅଶାନ୍ତ ରହୁଥିବା ବେଳେ ପୁଲିସ ପଇଁତରା ମାରୁଛି। ବ୍ଲକ କମର୍ଚାରୀମାନେ ରାଜନୀତିରେ ଶିକାର ହୋଇ ଅସୁରକ୍ଷିତ ମନେ କରୁଛନ୍ତି। ଯାହାକୁ ନେଇ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ ବିଡିଓଙ୍କ ନିକଟରେ ଦାବି ଉଠାଇଥିବା ଦେଖିବାକୁ ମିଳିଥିଲା। ପୂବର୍ତନ ସାଂସଦଙ୍କ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ସୁରେଶଚନ୍ଦ୍ର ମହାନ୍ତି, ଭାଗୀରଥି ବଳ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ପରିଡା, ସୁବାସଚନ୍ଦ୍ର ନାୟକ, ମନ୍ମଥ ଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ଟ୍ରେନ୍‌ରୁ ଖସିପଡ଼ି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

### ● ଚେନ୍ନାଇରୁ ଓଡ଼ିଶା ଫେରୁଥିଲେ

ବେଗୁନିଆ,୧୧।୧୦(ସମିସ): ବାଘମାରୀ ଥାନା ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଡ଼ିଲୋ ଗ୍ରାମ ଆଦିବାସୀ ସାହିର ମଙ୍ଗୁ ନାୟକଙ୍କ ଏକମାତ୍ର ପୁଅ ଅରୁଣ (୨୦) ଚେନ୍ନାଇରୁ ଫେରୁଥିବା ସମୟରେ ଟ୍ରେନ୍‌ରେ କଟି ପ୍ରାଣ ହରାଇଚନ୍ତି। ତାଙ୍କର ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଥିବାରୁ ମରଶରୀରକୁ ନିଜ ପୈତୃକ ଗ୍ରାମକୁ ଆଣିବାକୁ ଅସମର୍ଥ ହୋଇଥିବାରୁ ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ ଓ ସରପଞ୍ଚ ଲାବଣ୍ୟ ଜୟସିଂହଙ୍କ ସହଯୋଗରେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ତେବେ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦିଆଯାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ଣରେ ମରଶରୀରକୁ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।



## ନାବାଳିକା ଅପହରଣକାରୀକୁ ଥାନା ଜିମାଦେଲେ ଲୋକେ

ଟାଙ୍ଗୀ,୧୧।୧୦(ସମିସ): ରଣପୁର ଥାନା ଅଧୀନସ୍ଥ କୁଞ୍ଜବନ ପଞ୍ଚାୟତର ବ୍ରଜରାଜପୁର ନୋଡାଲ ବିଦ୍ୟାଳୟରୁ ନାବାଳିକାକୁ ୧୬ ଦିନ ହେଲାଣି ସ୍କୁଲରୁ ଅପହରଣ ତଥା ପରିବାର ଲୋକଙ୍କୁ ମାର୍‌ପିଟ୍ କରି ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସାଧାରଣ ଲୋକେ ତାଙ୍କୁ ଧରି ଟାଙ୍ଗୀ ପୁଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଞ୍ଚଳରେ। ରଣପୁର ଥାନା ଅଧୀନସ୍ଥ କୁଞ୍ଜବନ ପଞ୍ଚାୟତର ନାବାଳିକା ବ୍ରଜରାଜପୁର ନୋଡାଲ ସ୍କୁଲରେ ପାଠ ପଢୁଥିବାବେଳେ ପ୍ରତିଦିନ ଭଳି ଗତ ସେପ୍ଟେମ୍ବର ୨୬ ତାରିଖ ପୂର୍ବାହ୍ଣ ୧୦ଟାରେ ସ୍କୁଲକୁ ଯାଇଥିଲା। ପୂର୍ବ ଯୋଜନା ଅନୁଯାୟୀ ଲତାର ଗ୍ରାମର ରଞ୍ଜନ ବେହେରାଙ୍କ ୩୩ ବର୍ଷୀୟ ପୁଅ ରାକେଶ ବେହେରା ବାଇକ୍‌ରେ ଆସି ନାବାଳିକାକୁ ଅପହରଣ କରି ନେଇଯାଇଥିଲେ। ଘଟଣାକୁ ନେଇ ନାବାଳିକାର ମାଆ ସେହିଦିନ ରଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପରିବାର ଲୋକେ ଶନିବାର ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବସ୍‌ଷ୍ଟାଣ୍ଡ ପାଖରେ ଅପହରଣକାରୀକୁ କାବୁ କରି ନାବାଳିକାକୁ ଉଦ୍ଧାର କରିଥିଲେ। ସେଠାରୁ ରାକେଶ ସେମାନଙ୍କୁ ମାର୍‌ପିଟ୍ କରି ଖସିଯିବାକୁ ପ୍ରୟାସ କରୁଥିବାବେଳେ ସ୍ଥାନୀୟ ଲୋକେ ଧରି ଟାଙ୍ଗୀ ଥାନାରେ ଜିମା ଦେଇଥିବା ଜଣାପଡ଼ିଛି।

## ହସ୍ପିଟାଲରୁ ଚିକିତ୍ସା ହୋଇ ଫେରୁଥିବା ଯୁବକଙ୍କୁ ଆକ୍ରମଣ

ଜଟଣୀ,୧୧।୧୦(ସମିସ): ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସା ହୋଇ ଫେରୁଥିବା ସମୟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ଜଣକ ରାସ୍ତାରେ ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ମାତ୍ର ଯୁବକ ଜଣକ କିଛି ସମୟ ପୂର୍ବରୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଅନ୍ୟପଟେ ଯୁବକଙ୍କ ଡାକ୍ତରୀ ପ୍ରେସ୍‌କ୍ରିପ୍‌ସନରୁ ଠିକଣା ଚିହ୍ନଟ କରି ଲୋକମାନେ ତାଙ୍କ ଘର ଜଟଣୀ ଥାନା ଅନ୍ତର୍ଗତ ତିରିମଲ ଗ୍ରାମକୁ ଫୋନ୍ କରି ଅବଗତ କରିଥିଲେ। ସେଠାରେ ଉକ୍ତ ଯୁବକଙ୍କ ସହିତ ଅନ୍ୟକିଛି ଯୁବକଙ୍କ ସହିତ ଝଗଡ଼ା ହେବାରୁ ଆହତ ହୋଇ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା କହିଥିଲେ। ମାତ୍ର ସେଠାରେ ତାଙ୍କୁ କିଏ ଏବଂ କାହିଁକି ଆକ୍ରମଣ କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏନେଇ ଜଟଣୀ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଯୁବକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।



## ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୧୧।୧୦(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର ଓ ହିନ୍ଦୀ ଶିକ୍ଷୟିତ୍ରୀ ପ୍ରଣବୀ ବିଗଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ ସ୍ୱାଇଁ, ବରିଷ୍ଠ ସହକାରୀ ଶିକ୍ଷକ ରଘୁନାଥ ସ୍ୱାଇଁ, ଅରୁନ୍ଧତି ଓଝା, ପ୍ରତିଭା ଶତପଥୀ, ନିହାରିକା ସାହୁ, ମନୋଜ ନାୟକ ଓ ଦେବ ନାରାୟଣ ହୋତା ପ୍ରମୁଖ ବିଦାୟୀ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟ, ପ୍ରତିବଦ୍ଧତା ଓ ଛାତ୍ରବତ୍ସଳତା ଆଦି ଗୁଣ ସମ୍ପର୍କରେ ମତ ରଖିଥିଲେ। ବିଗତ ଦିନରେ ସହକାରୀ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ତାଙ୍କର ନିଷ୍ପାପର ଓ କର୍ତ୍ତବ୍ୟପରାୟଣ ପାଇଁ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କର ଶାନ୍ତ, ସରଳ ସ୍ୱଭାବ ଓ ପାଠପଢ଼ା ସ୍ୱତନ୍ତ୍ର ଶୈଳୀ ନିଆରା ଥିଲା ବୋଲି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ।

## ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା କମିଟି

# ପୂଜା ନିମନ୍ତେ ମାଲିକ ଓ ଡ୍ରାଇଭର ଏକାଠି

ଖୋର୍ଦ୍ଧା,୧୧।୧୦(ସମିସ)

ସକାଳ ହେଲେ ପେଟପାଟଣା ଚିନ୍ତା। ସେ ହାଡ଼ଭଙ୍ଗା ଶୀତ ହେଉ କିମ୍ବା ସୂର୍ଯ୍ୟଙ୍କ ପ୍ରଚଣ୍ଡ ଉତାପ। ବର୍ଷା ହେଲେ ତ କଥା ସରିଲା। ଖୋଲା ଆକାଶ ହେଉଛି ଏକ ମାତ୍ର ଭରସା। କିଏ କେତେବେଳେ ଆସେ ତା'ର ଠିକଣା ପରିବାର ଲୋକ ଜାଣିବା କଷ୍ଟକର। ଆଜି ଏଠାରେ ଅଛନ୍ତି ତ କାଲି ଜିଲ୍ଲା ବାହାରେ ଜୀବନ ବିତାଇବାକୁ ପଡୁଛି। ନିଜ ଜୀବନକୁ ବାଜି ଲଗାଇ ଅନ୍ୟକୁ ସେବା ଯୋଗାଉଥିବାବେଳେ ଉପଯୁକ୍ତ ପାରିଶ୍ରମିକ ପାଇଗଲେ ଖୁସ୍। ଆଉ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଋଣ ବୋଝରେ ବି ବୁଡ଼ି ରହିଛନ୍ତି। ଗାଡ଼ିର ଚକା ନ ଗଡ଼ିଲେ ସୁଧ ଗଣିବାକୁ ଭୟ ଘାରୁଛି। ତାହା ସହିତ ପରିବହନ ବିଭାଗ ଏବଂ ପୁଲିସ ବାବୁଙ୍କ ନାଲି ଆଖି। ତଥାପି ଓଡ଼ିଶାର ପୁରାତନ ସଂସ୍କୃତି ଓ ପର୍ବପର୍ବାଣୀ, ପରମ୍ପରା ତାଙ୍କ ଆଗରେ ହାର୍ ମାନିଛି। ଏମତି ଏକ ସଂଘ ହେଉଛି ସ୍ଥାନୀୟ ହାବେଳୀ ପଡ଼ିଆ ରାସ୍ତା ପାଶ୍ୱର୍ରେ ଥିବା ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା କମିଟି। ୨୦୦୩ରୁ ଏଯାବତ୍ ଗୋଟିଏ ସ୍ଥାନରେ ମା' ଧନଲକ୍ଷ୍ମୀଙ୍କ ପୂଜା କରିଆସୁଛନ୍ତି। ସେହିପରି ସଂଘରେ କିଛି ମାଲିକ ମଧ୍ୟ ଅଛନ୍ତି। ଉକ୍ତ ମାଲିକଙ୍କ ମଧ୍ୟରୁ ଅଧିକାଂଶ ଋଣବୋଝରେ ବୁଡ଼ି ରହିଛନ୍ତି। ପ୍ରତିବର୍ଷ ଲକ୍ଷ୍ମୀପୂଜା ସମୟ ହେବାମାତ୍ରେ ସେମାନଙ୍କ ମଧ୍ୟରେ ଦେଖାଯାଇଥାଏ ବେଶ୍ ଉତ୍କଣ୍ଠା। ପରସ୍ପର ମଧ୍ୟରେ ଟଙ୍କା ଆଦାୟ କରି ମା' ଧନଦାତ୍ରୀଙ୍କ ପୂଜା ଓ ଆରାଧନା କରିଥା'ନ୍ତି। ମା' ମଣ୍ଡପରେ ପୂଜା ପାଇବା ସମୟରେ ଏଠାରେ ମାଲିକ ଏବଂ ଡ୍ରାଇଭର ଏକାଠି ହୋଇଥା'ନ୍ତି।



ମା'ଙ୍କ ପୂଜା ରୀତିନୀତି ଅନୁଯାୟୀ କରିବା ସହିତ ମା'ଙ୍କ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ଅପେକ୍ଷା କରିଥା'ନ୍ତି। ମା'ଙ୍କ ମୂର୍ତ୍ତି ଓ ଆକର୍ଷଣୀୟ ସାଜସଜ୍ଜା ନିମନ୍ତେ କମିଟିର ସଦସ୍ୟମାନେ କୌଣସି ସାଲିସ୍ କରି ନ ଥିବାବେଳେ ଭସାଣି ଯାଏଁ ନିରାମିଷ ଭୋଜନ ଖାଇ ମା'ଙ୍କ ବ୍ରତ ରଖିଥା'ନ୍ତି। ମା'ଙ୍କ ନିକଟରେ ଶୁଖିଲି ଭୋଗ ହୋଇଥିବାବେଳେ ଗୁରୁବାର ମା'ଙ୍କ ନିକଟରେ ଖେଚୁଡ଼ି ଓ ଡାଲମା ଭୋଗ ହୋଇଥିଲା। ସେହିପରି ଖିରି, ଛେନାପୋଡ଼, କାକରା ଓ ଲଡୁ ଭୋଗ କରାଯାଇଥିବା ସଂଘର କାର୍ତ୍ତିକ ସେନାପତି ସୂଚନା ଦେଇଛନ୍ତି।

ଏହି ସଂଘର ସଭ୍ୟ ସଂଖ୍ୟା ପ୍ରାୟ ୭୦ ହୋଇଥିବା ଶ୍ରୀ ସେନାପତି କହିଛନ୍ତି। ତାଙ୍କ କହିବା କଥା ଯେହେତୁ ଡ୍ରାଇଭରମାନଙ୍କ ଯିବାଆସିବା ସମୟ ମଧ୍ୟରେ ତାଳମେଳ ନ ଥାଏ, ତେଣୁ ପୂଜା ସମୟତକ ପାଳିକରି ମା'ଙ୍କ ଭୋଗରାଗ କଥା ବୁଝିଥାଉ। ଏଥିସହିତ ମା'ଙ୍କ ଆଶୀର୍ବାଦରୁ ମାଲିକ ଏବଂ ଡ୍ରାଇଭରଙ୍କ ଗୋଟିଏ ବର୍ଷକୁ ଥରେ ଏକାଠି ହେବାର ସୁଯୋଗ ମିଳୁଛି। ସଂଘର ଏକ ମୁଖ୍ୟ ସମସ୍ୟା ହେଉଛି ପାର୍କିଙ୍ଗ୍। ତେଣୁ ଅଧିକାଂଶ ସମୟ ହଇରାଣ ହରକତ ହେବାକୁ ମଧ୍ୟ ପଡୁଛି। ମା'ଙ୍କ ନିକଟରେ ପ୍ରାର୍ଥନା କରୁଛୁ ମା' ଜଗତର କଲ୍ୟାଣ କରିବା ସହିତ ଆମମାନଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ କଣ୍ଠରେ ବିଜେ ହୁଅନ୍ତୁ ବୋଲି କହିଛନ୍ତି। ସେହିପରି ରବିବାର ସମୂହ ଭସାଣି ଉତ୍ସବ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା କହିଛନ୍ତି।

## କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ବାଣପୁର,୧୧।୧୦(ସମିସ): ଚିଲିକା ବ୍ଲକ୍ ଅନ୍ତର୍ଗତ ସାନ ନଇରୀସ୍ଥିତ ଅପର୍ତ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରଳସିଂହ କ୍ଲଷ୍ଟର ସିଆର୍‌ସି ବୃନ୍ଦାବନ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରଳସିଂହ କ୍ଲଷ୍ଟର ଅଧୀନ ମୋଟ୍ ୧୦ଟି ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା, ରଚନା, ତର୍କ, ପ୍ରଧାନମନ୍ତ୍ରୀ ପୋଷଣ, ଚିତ୍ରକଳା ଓ ଚିତ୍ରାଙ୍କନ, ନୃତ୍ୟ ଓ ସଂଗୀତ ପରିବେଷଣ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରାକ୍ତନ ପ୍ରଫେସର ଗଙ୍ଗାଧର ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଆମନ୍ତ୍ରିତ ଅତିଥି ଭାବେ ବିରିବାଡ଼ି ଶ୍ରୀଲୋକନାଥ ଦେବ ମାନସିଂହ ହାଇସ୍କୁଲର ପ୍ରଧାନଶିକ୍ଷକ କୁନା ମହନ୍ତ, କୁମାଣ୍ଡୋଳ ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନଶିକ୍ଷକ ଆଶିଷ କୁମାର ପତି, ଚିଲିକା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଗନ ବିହାରୀ ବେହେରା, ସିଆର୍‌ସିସି ବୃନ୍ଦାବନ ମହାରଣା, କବି ଶିବପ୍ରସାଦ ତ୍ରିପାଠୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ମୂଲ୍ୟାୟନ କରି ଫଳାଫଳ ଘୋଷଣା କରିଥିଲେ। ଶିକ୍ଷକ ବିଜୟ ଛୋଟରାୟ, ନଟବର ସେଣ, ଧ୍ରୁବଚରଣ ଘଡ଼େଇଙ୍କ ସହିତ ଭେନ୍ୟୁ ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିନିଧି ସ୍କୁଲ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ କେଳୀ ଦେବୀ, ମମତା ମଞ୍ଜରୀ ସାହୁ, ସୁଧୀର ଶତପଥୀଙ୍କ ସହିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା।

### ୨୯ ବର୍ଷ ପରେ ପିତାମାତାଙ୍କ ହତ୍ୟା ଅଭିଯୋଗରୁ ଅଭିଯୁକ୍ତ ପାଳିତପୁତ୍ର ଦୋଷମୁକ୍ତ

## ନିମ୍ନ ଅଦାଲତଙ୍କ ଆଜୀବନ ଜେଲଦଣ୍ଡାଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, ୧୧।୧୦ (ସମିସ): ଦୀର୍ଘ ୨୯ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ। ପିତା-ମାତାଙ୍କ ହତ୍ୟା ଅଭିଯୋଗରୁ ଦୋଷମୁକ୍ତ ହୋଇଛନ୍ତି ପାଳିତ ପୁତ୍ର। ଏହାସହ, ଖୋର୍ଦ୍ଧା ଦୌରା ଅଦାଲତ ଗତ ୨୦୦୦ ଅଗଷ୍ଟ ୨୩ରେ ଅଭିଯୁକ୍ତଙ୍କୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚାଲେଞ୍ଜ କରି ଅଭିଯୁକ୍ତ ପ୍ରଶାନ୍ତ କୁମାର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଅପୁତ୍ରିକ ଥିବା ଜଟଣୀ ବାଛରା ଗ୍ରାମର ଯଦୁନାଥ ସାହୁ ଓ ତାଙ୍କ ସ୍ତ୍ରୀ ପିତେଇ ସାହୁ ପ୍ରଥମେ ପିତେଇଙ୍କ ଭଉଣୀର ପୁଅ ପ୍ରଶାନ୍ତକୁ ୧୯୯୩ରେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ପ୍ରଶାନ୍ତ ନିଜ ପ୍ରଥମ ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କୁ ଛାଡ଼ି ୧୯୯୬ରେ ଶାନ୍ତିଲତା ନାମକ ଅନ୍ୟ ଜଣକୁ ବିବାହ କରିବାରୁ ଯଦୁ ଓ ପିତେଇ ବିମୁଖ ଥିଲେ ବି ସମସ୍ତେ ଗୋଟିଏ ଘରେ ରହୁଥିଲେ। ଗତ ୧୯୯୬ ଅଗଷ୍ଟ ୧୪ରେ କେହି ଦୁର୍ବୃତ୍ତ ଯଦୁଙ୍କୁ ହତ୍ୟା କରି ଓ ପିତେଇଙ୍କୁ ରକ୍ତ ଜୁଡୁବୁଡୁ କରି ମୁମୂର୍ଷୁ ଅବସ୍ଥାରେ ପକାଇ ଦେଇଥିବା ଶାନ୍ତିଲତା ଦେଖିବାକୁ ପାଇଥିଲେ। ଏ ନେଇ ପ୍ରଶାନ୍ତ ପୁଲିସରେ ଏତଲା ଦେଇଥିଲେ। ପିତେଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ହେଲେ ଜଟଣୀ ପୁଲିସ ଇନ୍ସପେକ୍ଟର ନିଜେ ଆଉ ଏକ ଏତଲା ଦେଇ ପ୍ରଶାନ୍ତ ଓ ଶାନ୍ତିଲତାଙ୍କୁ ଅଭିଯୁକ୍ତ ଦର୍ଶାଇ ଶାନ୍ତିଲତାଙ୍କୁ ଗିରଫ କରିବାରୁ, ପ୍ରଶାନ୍ତ ଗିରଫକୁ ଏଡାଇ ଫେରାର ହୋଇଯାଇଥିଲେ। ଶାନ୍ତିଲତା ଦୋଷମୁକ୍ତ ହୋଇଥିଲେ ବି ପ୍ରଶାନ୍ତଙ୍କୁ ଖୋର୍ଦ୍ଧା ଜିଲ୍ଲା ଜଜ୍ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ପ୍ରଶାନ୍ତ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ପ୍ରଶାନ୍ତଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଦାସ ଏହି ମାମଲା ପରିଚାଳନା କରିଥିବା ବେଳେ ସୁଦର୍ଶନ ବେହେରା ଓ ବିପ୍ଳବ ଶିଳାଦିତ୍ୟ ସହଯୋଗ କରିଥିଲେ।

## ଦୃଷ୍ଟି ଦେଲାନି ବିଭାଗ: ରାସ୍ତା ମରାମତି କଲେ ଗ୍ରାମବାସୀ

ଖୋର୍ଦ୍ଧା/ବୋଲଗଡ଼,୧୧।୧୦(ସମିସ): ପ୍ରାୟ ବର୍ଷେ ହେବ ରାସ୍ତାରେ ଏକ ବଡ଼ ଖାଲ ସୃଷ୍ଟି ହେବା ସହ ରାସ୍ତା ଉପରକୁ ଅନାବନା ଗଛ ମାଡ଼ିଆସିବା ଯୋଗୁଁ ରାସ୍ତାରେ ଯାତାୟାତ କରିବା ପାଇଁ ବହୁ ଅସୁବିଧା ହେଉଥିଲା। ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରୁ ଆସ୍ଥା ହରାଇବା ପରେ ବୋଲଗଡ଼ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ହରିକେଶର ଓ ଖଲିକୋଟ ଗ୍ରାମବାସୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ବୋଲଗଡ଼ ବ୍ଲକ୍‌ର ବଡ଼କୁମାରୀ ପଞ୍ଚାୟତ ହରିକେଶର ଗାଁ ମହୋତ୍ସବ କମିଟିର ଯୁବକମାନେ ଗ୍ରାମକୁ ସଂଯୋଗ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପାଶ୍ୱର୍କୁ ମାଡ଼ିଆସିଥିବା ଅନାବନା ଲଟିବୁଦାକୁ ସଫା କରିଥିଲେ। ଯାହାକି ଲୋକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।



ଏହି ରାସ୍ତାଟି ହାଟବସ୍ତ ଗ୍ରାମଠାରୁ ହରିକେଶର ଏବଂ ଖଲିକୋଟ ଗ୍ରାମକୁ ସଂଯୋଗ କରୁଛି। ମାତ୍ର ରାସ୍ତା ମରାମତି ଅଭାବ ସାଙ୍ଗକୁ ବର୍ଷା ଦିନରେ ରାସ୍ତା ଉପରକୁ ମାଡ଼ି ଆସିଥିବା ଅନାବନା ଲଟିବୁଦାଗୁଡ଼ିକ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଏଥିପାଇଁ ରାସ୍ତାଟିର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଏନେଇ ହରିକେଶର ଗାଁ ମହୋତ୍ସବ କମିଟିର ଯୁବକମାନଙ୍କ ସମେତ ଖଲିକୋଟ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଉକ୍ତ ରାସ୍ତା ଉପରକୁ ମାଡ଼ି ଆସିଥିବା ଅନାବନା ଗଛ ବୁଦାଗୁଡ଼ିକୁ ସଫେଇ କରାଯାଇଛି। ଏହା ପରେ ରାସ୍ତାରେ ଥିବା ବଡ଼ବଡ଼ ଖାଲଖମାକୁ ମୋରମ୍ ଗୋଡ଼ି ଆଣି ପୋତି ମରାମତି କରିଛନ୍ତି। ପ୍ରକାଶ ଯେ, ହରିକେଶର ଗ୍ରାମଠାରୁ ଏହି ରାସ୍ତା ଦେଇ ପଞ୍ଚାୟତ, ବ୍ଲକ୍, ଡାକ୍ତରଖାନା ସହିତ ବଜାର ସଉଦା ପାଇ ପାଇଁ ଗ୍ରାମବାସୀ ଯିବାଆସିବା କରୁଛନ୍ତି। ପ୍ରାୟ ଏକ ବର୍ଷ ଧରି ଉକ୍ତ ରାସ୍ତାଟିର ମରାମତି ପାଇଁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେବାରୁ ଗ୍ରାମର ଯୁବକମାନେ ରାସ୍ତା ମରାମତି କରିବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି। ତାଳଦଣ୍ଡା ପୋଲ ନିକଟରେ ଏହି ରାସ୍ତାଟି ତାଡ଼ି ହୋଇ ପ୍ରାୟ ୨ଫୁଟ୍ ଖାଲ ପାଲଟିଥିଲା। ଫଳରେ ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ଏପରି ରାସ୍ତାର ହାଟବସ୍ତ ଗାଁ ମୁଣ୍ଡରେ ପ୍ରାୟ ୧୦୦ ମିଟର ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଇ ରାସ୍ତାଟିକୁ ମରାମତି କରିବାକୁ ଶନିବାର ରାସ୍ତା ମରାମତି କରୁଥିବା ହରିକେଶର ଗ୍ରାମ ଯୁବକମାନଙ୍କ ମଧ୍ୟରୁ ଗାଁ ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରକାଶ ରାଉତରାୟ, ସଦସ୍ୟ ଅଭୟ ମାଝୀ, ଆକାଶ ମହାରଣା, ରାଜଶେଖର ବେହେରା, ପ୍ରଫୁଲ୍ଲ ଛୋଟରାୟଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ମୋଟା ବଡ଼ମଠରେ ରାମଚରିତ ମାନସ ପାରାୟଣ



ନିରାକାରପୁର,୧୧।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ମୋଟା ବଡ଼ମଠ ପ୍ରାଙ୍ଗଣରେ ଗତ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରୀ ମହନ୍ତ ଗୋବିନ୍ଦ ଦାସଜୀ ମହାରାଜ (ମଠାଧୀଶ) ଓ ମହନ୍ତ ଶ୍ରୀ ଦିବାକର ଦାସଜୀ ମହାରାଜଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୯ ତାରିଖରେ ଜଳଯାତ୍ରା ଅନୁଷ୍ଠିତ ହେବା ସହିତ ୧୦ରୁ ଯଜ୍ଞ ଆରମ୍ଭ ହୋଇଛି। ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟପୂଜା, ଶ୍ରୀରାମ ଷୋଡ଼ଶ ଉପଚାର ପୂଜା, ମଙ୍ଗଳଆଳତି, ନାମ ସଙ୍କୀର୍ତ୍ତନ ଇତ୍ୟାଦି ଅନୁଷ୍ଠିତ ହେଉଛି। ଶେଷରେ ୧୮ ତାରିଖରେ ଉଦ୍‌ଯାପନୀ ଉତ୍ସବ, ଘଟ ବିସର୍ଜନ ଓ ମହୋତ୍ସବ ପୂର୍ଣ୍ଣାହୁତି ଅପରାହ୍ଣରେ ଅନୁଷ୍ଠିତ ହେବ।

## ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ନିରାକାରପୁର,୧୧।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ହଜ ପଞ୍ଚାୟତ ତଥା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ନିଧିପୁର-ହଜ ରାସ୍ତାର ନିଧିପୁରଠାରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମରରେ ଅନେକ ଲତା ସବୁ ମାଡ଼ି ଏହା ବିପଦ ସୃଷ୍ଟି କରୁଛି। ଯାହା ଫଳରେ କି ନିଧିପୁର ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବାଟୋଇମାନେ ଭୟଭୀତ ଅବସ୍ଥାରେ ନିଜର ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଛନ୍ତି। ସାମାନ୍ୟ ବର୍ଷା, ପବନ ହେଲେ ଏହି ଲତାଗୁଡ଼ିକ ଯୋଗୁଁ ଅନେକ ସମୟରେ ଫ୍ୟୁଜ୍ କଟିଯାଇ ବିଦ୍ୟୁତ୍ ସରବରାହ ବ୍ୟାଘାତ ସୃଷ୍ଟି ହୋଇଥାଏ। ବାରମ୍ବାର ଅନ୍ଧାରରେ ରହିବାକୁ ପଡ଼ିଥାଏ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ନିରପେକ୍ଷ ତଦନ୍ତ କରି ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକ

ବେଗୁନିଆ,୧୧।୧୦(ସମିସ): ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମର ବରିଷ୍ଠ ନାଗରିକ ରବୀନ୍ଦ୍ର ନାଥ ମହାପାତ୍ର (୬୨)ଙ୍କର ମସ୍ତିଷ୍କ ଆଘାତ ଯୋଗୁଁ ମୃତ୍ୟୁ ହୋଇଛି। ସେ ଜଣେ ମେଳାପୀ, ଶାନ୍ତ, ସରଳ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଲାବଣ୍ୟ ଜୟସିଂହ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ତପନ ଓ ତାପସ ମୁଖାଗ୍ନି ଦେଇଥିଲେ।



### ବଦଳି ନିୟମକୁ ବେଖାତିର୍

# ଛାଡୁନି କର୍ମଚାରୀଙ୍କ ଚଉକି ମୋହ

ବାଲୁଗାଁ,୧୧।୧୦(ସମିସ)

ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟରତ ଜଣେ ୩ୟ ଶ୍ରେଣୀ କର୍ମଚାରୀ ଦୀର୍ଘ ୩୩ ବର୍ଷ ଧରି ରହିବା ପରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉକ୍ତ କର୍ମଚାରୀଙ୍କ ଚଉକି ମୋହ ଛାଡ଼ି ନ ଥିବାରୁ ବର୍ତ୍ତମାନ ବଦଳିର ୫ ମାସ ବିତିଯାଇଥିଲେ ମଧ୍ୟ ନଗର ଉନ୍ନୟନ ବିଭାଗ ସଚିବଙ୍କ ନିର୍ଦ୍ଦେଶକୁ ଖାତିର୍ ନ କରି ଏଯାବତ୍ ଗାଦି ମାଡ଼ିବସି ରହିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ବାଲୁଗାଁ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ହୋଇ ଆରମ୍ଭ ହେବା ପରେ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡ ତଥା ବିଭିନ୍ନ ବିଭାଗର ଟିକସ ଅସୁଲ କାରିବା ନିମନ୍ତେ କିଛି କର୍ମଚାରୀଙ୍କୁ ୧୯୯୨ରେ ନିଯୁକ୍ତି ଦିଆଯାଇଥିଲା। ତନ୍ମଧ୍ୟରୁ ସ୍ଥାନୀୟ ଅଞ୍ଚଳର କୃଷ୍ଣମୋହନ ବଳବନ୍ତରାୟ କଣ୍ଟ୍ରାକ୍ଟୁଆଲରେ ଟିକସ ଅସୁଲକାରୀ ଭାବେ ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟରେ ଯୋଗଦେଇଥିଲେ। ସେ ୫ବର୍ଷ କାମ କରିବା ପରେ ୧୯୯୭ରେ ତାଙ୍କ ପଦଟି ସରକାରୀ ସ୍ୱୀକୃତି ପାଇଥିଲା। ହେଲେ କୃଷ୍ଣମୋହନ କିଛି ବର୍ଷ ଟିକସ ଅସୁଲକାରୀ ଭାବେ କାର୍ଯ୍ୟ କରିବା ପରେ ସେ ଆଉ ଟିକସ ଅସୁଲ କାମ ନ କରି ଏଯାବତ୍ କାର୍ଯ୍ୟାଳୟରେ ବସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପିଏ ପରି କାମ କରିଆସୁଛନ୍ତି। ତେବେ କୃଷ୍ଣମୋହନ ୧୯୯୨ରୁ ଦୀର୍ଘ ୩୩ ବର୍ଷ ଧରି ବାଲୁଗାଁ ଏନ୍‌ଏସିରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ତାଙ୍କ ପାଖରେ ସରକାରଙ୍କ ବଦଳି ନୀତିନିୟମ ଫେଲ୍ ମାରିଛି। ଦୀର୍ଘ ୩୩ ବର୍ଷ ପରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଚିଠି ନମ୍ବର ୯୯୨୮, ତା.୨.୫.୨୦୨୫ ରିଖରେ କୃଷ୍ଣମୋହନଙ୍କର ଗଞ୍ଜାମ ଜିଲ୍ଲା ଖଲିକୋଟ ଏନ୍‌ଏସିକୁ ବଦଳି କରାଯାଇଥିଲା। ହେଲେ ତାଙ୍କର ବାଲୁଗାଁ ଏନ୍‌ଏସିରୁ ମୋହ ଛାଡ଼ି ନ ଥିବାରୁ ବିଭାଗର



ଚିଠି ହେବାର ଦୀର୍ଘ ୫ମାସ ବିତିଯାଇଥିଲେ ମଧ୍ୟ ସେ କାର୍ଯ୍ୟାଳୟରୁ ନିଜ ଦାୟିତ୍ୱ ହସ୍ତାନ୍ତର କରି ଯାଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଭାଗ ପକ୍ଷରୁ ତାଙ୍କ ସ୍ଥାନରେ ଖଲିକୋଟ ଏନ୍‌ଏସିରୁ ସଂଗ୍ରାମ କେଶରୀ ଛୋଟରାୟ ଆସି ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ଯୋଗଦେଇଥିବା ବେଳେ କୃଷ୍ଣମୋହନ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରି ରାଜନୈତିକ ଚାପ ପକାଇ ନିଜର ବଦଳି ନିର୍ଦ୍ଦେଶକୁ ବାତିଲ୍ କରିବା ନିମନ୍ତେ ପ୍ରଚେଷ୍ଟା ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଫିସରେ ବସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପିଏ ପରି କାମ କରୁଥିବାବେଳେ ସେ କାହାକୁ ଖାତିର୍ କରୁ ନ ଥିବା କିଛି କର୍ମଚାରୀଙ୍କ ସମେତ ସ୍ଥାନୀୟ ଲେକେ ଅଭିଯୋଗ ଆଣିଛନ୍ତି।

ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ତାଙ୍କ ବଦଳି ସ୍ଥାନରେ ଅନ୍ୟ ଜଣେ ଆସି କାର୍ଯ୍ୟରେ ଯୋଗଦେଇଥିବା ବେଳେ ସେ କେଉଁ ସ୍ୱାର୍ଥରେ ନିଜ ଦାୟିତ୍ୱ ହସ୍ତାନ୍ତର ନ କରି ବାଲୁଗାଁ ଏନ୍‌ଏସି ଛାଡ଼ି ଯିବାକୁ ମନ ବଳାଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଦଳି ନିର୍ଦ୍ଦେଶ ଆସି ଅନ୍ୟ ଜଣେ ଉକ୍ତ ସ୍ଥାନରେ କାର୍ଯ୍ୟରେ ଯୋଗ ଦେବା ପରେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣମୋହନଙ୍କୁ କାହିଁକି ଯେ ରିଲିଭ୍ ଦେଉନାହାନ୍ତି ତାହାକୁ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରେ କୃଷ୍ଣମୋହନ ବାଲୁଗାଁ ଏନ୍‌ଏସିରୁ ରିଲିଭ୍ ହୋଇସାରିଥିବା ସେ କହିଥିଲେ। ଯଦି କୃଷ୍ଣମୋହନଙ୍କୁ ଯଦି ରିଲିଭ୍ କରାଯାଇଛି ତେବେ ସେ କିପରି ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟରେ ବର୍ତ୍ତମାନ ତାଙ୍କ ଚୌକିରେ ବସି ରହିଥିବା ଦେଖିବାକୁ ମିଳୁଛନ୍ତି, ଏହାକୁ ନେଇ ସନ୍ଦେହ ଉପୁଜୁଛି। ଚାକିରି ଆରମ୍ଭ କରିଥିବା କାର୍ଯ୍ୟାଳୟରେ ଦୀର୍ଘ ୩୩ ବର୍ଷ ଧରି ରହିଆସି ବଦଳି ନ ହୋଇ ସେହି କାର୍ଯ୍ୟାଳୟର ଚୌକି ମାଡ଼ିବସି ରହିବା ସରକାରଙ୍କ ନିୟମ ଅନୁଯାୟୀ କେତେଦୂର ଯଥାର୍ଥ ଏହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଚିଲିକା ଜଳରାଶିରେ 'ଚକ୍ରବାତ୍'



ବାଲୁଗାଁ,୧୧।୧୦(ସମିସ): ନୌସେନା ତାଲିମ କେନ୍ଦ୍ର ନିକଟ ତଥା ମା' କାଳିଜାଇ ମନ୍ଦିରର ଅନତି ଦୂର ଚିଲିକା ଜଳରାଶିରେ ଶୁକ୍ରବାର ଅପରାହ୍ଣରେ ହଠାତ୍ ଏକ 'ଚକ୍ରବାତ୍' ସୃଷ୍ଟି ହୋଇଥିଲା। ଅପରାହ୍ଣ ପ୍ରାୟ ୫ଟାରେ ଏହି 'ଚକ୍ରବାତ୍' ବା ଜଳଘୂର୍ଣ୍ଣି ଶକୁ ଉଠିବା ପରି ଦୃଶ୍ୟମାନ ହୋଇଥିବାବେଳେ ଏହି ଜଳଚକ୍ର ପ୍ରାୟ ୫ରୁ ୧୦ ମିନିଟ୍ ଧରି ଚାଲିଥିଲା। ଯାହାକି ଏକ ବିରାଟକାୟ ହାତୀଶୁଣ୍ଢ ସଦୃଶ ଦେଖିବାକୁ ମିଳିଥିଲା। ସେହି ସମୟରେ ମା' କାଳୀଜାଇଙ୍କ ପୀଠ ତଥା ନିକଟସ୍ଥ ଅଞ୍ଚଳରେ ଉପସ୍ଥିତ ପର୍ଯ୍ୟଟକ ଓ ମତ୍ସ୍ୟଜୀବୀ ଏହି ଦୃଶ୍ୟକୁ ଉପଭୋଗ କରିଥିବାବେଳେ ସମସ୍ତଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଚିଲିକା ଜଳରାଶିରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଚକ୍ରବାତ୍ ସ୍ଥାନର ଅନତୀ ଦୂରରେ ପୂର୍ବରୁ ୬ ବର୍ଷ ପୂର୍ବେ ତଥା ୨୦୧୯ ସେପ୍ଟେମ୍ବର ୨୨ରେ ଏହିପରି ଏକ 'ଚକ୍ରବାତ୍' ସୃଷ୍ଟି ହୋଇଥିଲା। ତେବେ ଚିଲିକାରେ ବାରମ୍ବାର 'ଚକ୍ରବାତ୍' ସୃଷ୍ଟି ହେଉଥିବାବେଳେ ଏହା ପ୍ରାକୃତିକ ବାତ୍ୟାର ପ୍ରାରମ୍ଭିକ ସୂଚନା ବୋଲି କିଛି ଚିଲିକାତଟବାସୀ କହିଛନ୍ତି।

୧୧/୧୦/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୯୪,୪୮୮/- ସୁନା: ୦୨.୫୯୦ ଗ୍ରାମ୍ ରୁପା: ୦୮.୧୦୦ ଗ୍ରାମ୍



## ମାପଚୁପ ପରେ ଭୁଲିଗଲେ

# ପ୍ରଶସ୍ତ ହେଉନି ରାସ୍ତା; ଟ୍ରାଫିକ୍ ଜାମ୍‌ରେ ଅଣନିଃଶ୍ୱାସୀ ଲୋକେ



**ପୁରୀ,୧୧।୧୦(ସମିସ):** ପୁରୀ ସହରରେ ଜନସଂଖ୍ୟା ବଢୁଛି। ହେଲେ ତାହାକୁ ନଜରରେ ରଖି ରାସ୍ତାଘାଟ ସମ୍ପ୍ରସାରଣ ହେଉନି। ପୁରୀ ସହରରେ ଏକାଧିକ ବ୍ୟସ୍ତବହୁଳ ରାସ୍ତାଘାଟ ରହିଛି ଯେଉଁଠି ଯିବାଆସିବା କାଠିକାର ପାଠ ହୋଇଥାଏ। ବିଶେଷକରି ବାଲିସାହିରୁ ସ୍ୱର୍ଗଦ୍ୱାର ରାସ୍ତା, ଲୋକନାଥ ରୋଡ୍, ଦୋଳମଣ୍ଡପ ସାହି, ନବକଳେବର ରୋଡ୍ ଏବଂ ସିଟି ରୋଡ୍‌ରେ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ଉପୁଜିଥାଏ। ତେଣୁ ବିଗତ ସରକାର ସମୟରେ ଏହାର ବାସ୍ତବତାକୁ ଉପଲବ୍ଧି କରି କେତେକ ରାସ୍ତା ପ୍ରଶସ୍ତ କରାଯିବା ଲାଗି ଯୋଜନା କରାଯାଇଥିଲା। ତେବେ ସେଥିମଧ୍ୟରୁ ସିଟି ରୋଡ୍ ବା ଚକ୍ରତୀର୍ଥ ରୋଡ୍ ହେଉଛି ଅନ୍ୟତମ। ପ୍ରାୟ ୩ ବର୍ଷ ତଳେ ସିଟି ରୋଡ୍ (ସୁବାସ ବୋଷ ଛକରୁ ପେଣ୍ଟକଟା) ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଚିହ୍ନ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ଆରମ୍ଭ ହୋଇନାହିଁ। ଅପରପକ୍ଷେ ଦିନକୁ ଦିନ ଏହି ରାସ୍ତାରେ ଅଧିକ ସଂଖ୍ୟକ ଗାଡ଼ିମୋଟର ଚଳପ୍ରଚଳ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ପୁରୀ ସହରର ଅନ୍ୟତମ ବ୍ୟସ୍ତବହୁଳ ତଥା ସଂକୀର୍ଣ୍ଣ ରାସ୍ତା ସିଟି ରୋଡ୍ ପ୍ରଶସ୍ତୀକରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପୁରୀ ପୌରସଂସ୍ଥା ପକ୍ଷରୁ ବୈଠକ ବସି ସିଟି ରୋଡ୍‌ର ଉଭୟ ପାର୍ଶ୍ୱରେ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଘରୋଇ ଲୋକେ କରିଥିବା ଜବରଦଖଲ ହଟାଯିବାକୁ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ବିଭିନ୍ନ ଅଧିକାରୀ ଚକ୍ରତୀର୍ଥ ରୋଡ୍ ଅନୁଧ୍ୟାନ କରିଥିଲେ। କାରଣ ଏହି ରାସ୍ତା ସମ୍ପ୍ରସାରଣର ଗୁରୁତ୍ୱ ରହିଛି।

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପେଣ୍ଟକଟାରେ ତିଆରି ହୋଇଛି ଶ୍ରୀଜଗନ୍ନାଥ ଷ୍ଟାଡିୟମ୍। ଏଠାରେ ଘରୋଇ କ୍ରିକେଟ ସାଙ୍ଗକୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ଷ୍ଟାଡିୟମ୍‌କୁ ଯିବା ପାଇଁ ମୁଖ୍ୟ ରାସ୍ତା ହେଉଛି ସିଟି ରୋଡ୍। ଏହାବ୍ୟତୀତ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ହୋଟେଲ ଥିବାରୁ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ତେଣୁ ଚକ୍ରତୀର୍ଥ ରୋଡ୍ ପ୍ରଶସ୍ତୀକରଣ ହେବା ଅତ୍ୟନ୍ତ ଜରୁରୀ ଥିବାରୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଆଇଟିଆଇ ଛକରୁ ହୋଟେଲ ସାନ୍ତ୍ୱନା ପର୍ଯ୍ୟନ୍ତ ୬୦ ଫୁଟିଆ ରାସ୍ତା ରହିବ। ସେହିପରି ହୋଟେଲ ସାନ୍ତ୍ୱନା ହୋଟେଲଠାରୁ ସୁବାସ ବୋଷ ଛକ ପର୍ଯ୍ୟନ୍ତ ୪୦ ଫୁଟିଆ ରାସ୍ତା ହେବ। ପ୍ରାଥମିକ ଭାବେ ଯେଉଁମାନେ ଜବରଦଖଲ କରିଛନ୍ତି ତାହା ମୁକ୍ତ ହେବ। ଆବଶ୍ୟକ ପଡ଼ିଲେ ଘରୋଇ ଜମି ଅଧିଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରାୟ ୩ ବର୍ଷ ହେବ ସିଟିରୋଡ୍‌ର ସ୍ଥିତି ଅନୁଧ୍ୟାନ କରିବା ସହ ମାପଚୁପ କରାଯାଇଥିଲା। ପେଣ୍ଟକଟାଠାରୁ ସୁନାର ଗୌରାଙ୍ଗ ପର୍ଯ୍ୟନ୍ତ ରାସ୍ତା ମାପଚୁପ ହୋଇ ଚିହ୍ନ ଦିଆଯାଇଥିଲା। ବିଶେଷକରି ଜବରଦଖଲ ହୋଇଥିବା ଜମିକୁ ଚିହ୍ନଟ କରାଯାଇଥିଲା। ସୁବାସ ବୋଷ ଛକ ପର୍ଯ୍ୟନ୍ତ ମାପଚୁପ ଓ ଚିହ୍ନଟ ସରିବା ପରେ ରାସ୍ତା ପ୍ରଶସ୍ତୀକରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହି ରାସ୍ତା ପ୍ରଶସ୍ତୀକରଣ ନେଇ ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ଆଗ୍ରହ ଦେଖାଉନାହିଁ। ଫଳସ୍ୱରୂପ ଦିନକୁ ଦିନ ଏହି ରାସ୍ତାରେ ଭିଡ଼ ଅଧିକ ହେଉଛି।

ସେହିପରି ନବକଳେବର ରୋଡ୍ ଅବସ୍ଥା ଆହୁରି ସଙ୍ଗିନ ହୋଇପଡୁଛି। ଯେହେତୁ ଏହି ରାସ୍ତା ଦେଇ ପୁରୀକୁ ଯାତ୍ରୀବାହୀ ବସ୍ ସମେତ ଅନ୍ୟ ଗାଡ଼ି ଯିବାଆସିବା କରିଥାଏ, ତେଣୁ ଏଠାରେ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ଉପୁଜେ। ବିଶେଷକରି ସନ୍ଧ୍ୟା ସମୟରେ ଯଦି କୌଣସି ସଂକୀର୍ଣ୍ଣ ସ୍ଥାନରେ ଦୁଇଟି ବସ୍ ପରସ୍ପରକୁ ଅତିକ୍ରମ କରନ୍ତି ଟ୍ରାଫିକ୍ ଜାମ୍ ଏପରି ହୁଏ ଯେ ନ କହିବା ଭଲ। ତେଣୁ ଜନଗହଳି ଏବଂ ବ୍ୟସ୍ତବହୁଳ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବା ପାଇଁ ସାଧାରଣରେ ଦାବି କରାଯାଉଛି।

## ସଦାଶିବ ପରିସରରେ ଆଜିଠୁ ତିନିଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ

**ପୁରୀ,୧୧।୧୦(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀ ଓଡ଼ିଶା ଓ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ନୂଆଦିଲ୍ଲୀର ସଂଯୁକ୍ତ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ରବିବାରଠାରୁ ଶ୍ରୀସଦାଶିବ ପରିସରରେ ଆରମ୍ଭ ହେବ। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ଏହି ସଂଗୋଷ୍ଠୀ ତିନିଦିନ ଧରି ଚାଲିବ। ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ତାହାର ସ୍ଥାପନା ସମୟରୁ ଚରିତ୍ର ଗଠନ ଏବଂ ବ୍ୟକ୍ତିତ୍ୱ ବିକାଶ ନେଇ କାର୍ଯ୍ୟ କରୁଛି। ଏହି ବିଷୟରେ ଏକାଧାରରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓ ଉଚ୍ଚଶିକ୍ଷା ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରି ସମଗ୍ର ଦେଶରେ ୫୦୦ରୁ ଅଧିକ କର୍ମଶାଳା ଆୟୋଜନ କରିଛି। ଏହି ବିଷୟରେ ଶିକ୍ଷା ସଂସ୍କୃତି ଉତ୍‌ଥାନ ନ୍ୟାସ ଦେଶର ଅନେକ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍ଥାନ ସହିତ ଏମ୍‌ଓୟୁ ମଧ୍ୟ କରିଛି। ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ତାହାର ଆରମ୍ଭ ସମୟରୁ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାର କରି ବର୍ତ୍ତମାନ ଓ ଭବିଷ୍ୟତର ଆଧୁନିକ ଆବଶ୍ୟକତାଙ୍କ ସହ ମିଶାଇ, ଦେଶର ଶିକ୍ଷାକୁ ଏକ ନୂଆ ପରିକଳ୍ପନା ଦେଇ ଭାରତୀୟ ଶିକ୍ଷାର ପୁନରୁତ୍ଥାନ ପାଇଁ ପ୍ରୟାସ ଚଳାଇ ଆସୁଛି। କେବଳ ଜୀବିକା ଉପାର୍ଜନ ନୁହେଁ ବରଂ ମଣିଷକୁ ‘ସମ୍ପୂର୍ଣ୍ଣ ମଣିଷ’ ଭାବେ ଗଢ଼ିତୋଳିବା ଭାରତରେ ଶିକ୍ଷାର ଉଦ୍ଦେଶ୍ୟ ଥିଲା। ନ୍ୟାସର ମତ ହେଉଛି ଯେ, ଶିକ୍ଷାର ପ୍ରତ୍ୟେକ ସ୍ତରରେ ଭାରତୀୟ ସଂସ୍କୃତି, ପରମ୍ପରା, ସାମ୍ବିଧାନିକ ଏବଂ ନୈତିକ ମୂଲ୍ୟବୋଧକୁ ସମ୍ମିଳିତ କରି ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ସୁନିଶ୍ଚିତ କରାଯିବ। ବର୍ତ୍ତମାନ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ୧୧ଟି ବିଷୟ, ୩ଟି ଆୟାମ, ୩ଟି କାର୍ଯ୍ୟ ବିଭାଗ ଓ ୨ଟି ଅଭିଯାନ ଉପରେ କାର୍ଯ୍ୟ କରୁଛି।

## ଶ୍ରୀରାମ ଚରିତ ମାନସ ପ୍ରବଚନ ଶୁଭାରମ୍ଭ



**କଣସ,୧୧।୧୦(ସମିସ):** କଣାସ ବ୍ଲକ୍ ଗଡ଼ିଶାଗୋଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ରାସବିହାରୀ ମଣ୍ଡପରେ ୨୭ତମ ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ ଓ ଶ୍ରୀରାମ ମହାଯଜ୍ଞ ଶୁଭାରମ୍ଭ ହୋଇଛି। ଦୟାନଦୀରୁ କଳସ ଶୋଭାଯାତ୍ରା ପଟୁଆରରେ ଆସି ୬୧ କଳସ ମହାଦେବଙ୍କ ପ୍ରାଙ୍ଗଣରେ ସ୍ଥାପନା ହୋଇଛି। ଗୋସ୍ୱାମୀ ତୁଳସୀ ଦାସ କୃତ ଗ୍ରନ୍ଥ ପାରାୟଣ ଆରମ୍ଭ ହୋଇଛି। ସନ୍ତୋଷିନୀ ମିଶ୍ର, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ରୀନାରାଣୀ ନାୟକ, ରମାକାନ୍ତ ହୋତା ପ୍ରମୁଖ ପ୍ରବଚନ ଦେଉଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖରେ ଉଦ୍‌ଯାପନ ହେବ ବୋଲି ମହାଦେବ ରାମକଥା ପରିଷଦ ପକ୍ଷରୁ ସମ୍ପାଦକ ଦିଗମ୍ବର ପ୍ରଧାନ ସୂଚନା ଦେଇଛନ୍ତି।

● ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

## ସୁନ୍ଦର ଭବିଷ୍ୟତ ଗଢ଼ିବା ଉପରେ ଗୁରୁତ୍ୱ

**ପୁରୀ,୧୧।୧୦(ସମିସ):** ସ୍ଥାନୀୟ ସଦ୍‌ଭାବନା ସଭା ଗୃହ ପରିସରରେ ଶନିବାର ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର ଭାବେ ଗଢ଼ିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକ୍‌ର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ୫୦ ଜଣ କିଶୋରୀ ବାଳିକା ଯୋଗଦେଇଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ଗୀତ, ନାଚ, ପ୍ରଶ୍ନ ଉତ୍ତରର ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣ କିଶୋରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥିବା ବିଜୟଲକ୍ଷ୍ମୀ ବଡ଼ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜକୁ କନ୍ୟା ସନ୍ତାନ ଦିବସ ଅବସରରେ ଆଜିର ବାର୍ତ୍ତା ଥିଲା ‘ମୋର ସ୍ୱର ମୋର ଅଧିକାର, ମୁଁ ହେଉଛି ସେଇ ଝିଅ, ଯେଉଁ ପରିବର୍ତ୍ତନର ମୁଁ ନେତୃତ୍ୱ ନେଉଛି, ସଙ୍କଟର ଆଗ ଧାଡ଼ିରେ ଝିଅମାନେ’। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପରିଚାଳନା କରିଥିଲେ। ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପରିଦର୍ଶିକା ବଳ୍ୟବତୀ ମହାନ୍ତି, ଡିସି ପୋଷଣ ସସ୍ମିତା କରମକାର, ଡିପିସି ମମତା ପ୍ରଣତୀ ମହାନ୍ତି, ଡିସି ବିଦ୍ୟାଧର ମଲ୍ଲିକ, ରଶ୍ମି ରଞ୍ଜନ ନାୟକ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଶିକ୍ଷଣ ସଂସ୍ଥାନରେ ପ୍ରଶିକ୍ଷଣ ସମୀକ୍ଷା

**ପୁରୀ,୧୧।୧୦(ସମିସ):** ଜନ ଶିକ୍ଷଣ ସଂସ୍ଥାନ ପୁରୀ କାର୍ଯ୍ୟାଳୟରେ ଶନିବାର ଭାରତ ସରକାରଙ୍କ ତରଫରୁ ପିଏମ୍ ବିଶ୍ୱକର୍ମା ଓ ସ୍କିଲ୍ ହବ୍‌ର ମିଳିତ ଆନୁକୂଲ୍ୟରେ ଅରୁଣ ଜେଟ୍‌ଲୀ ଅନ୍ତର୍ଜାତୀୟ ସର୍ଭେକାରୀ ସଂସ୍ଥା ତରଫରୁ ଆଶିଷ କୁମାର ସିଂ ଓ ଚିତ୍ତରଞ୍ଜନ ସହାୟ ବିଭିନ୍ନ ହିତାଧିକାରୀଙ୍କ ପିଏମ୍ ବିଶ୍ୱକର୍ମାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣର ସମୀକ୍ଷା କରିଥିଲେ। ସେହିପରି ବର୍ତ୍ତମାନ ସେମାନଙ୍କର ସ୍ଥିତି, ନିଯୁକ୍ତି, ପ୍ରଶିକ୍ଷଣ ପରବର୍ତ୍ତୀ ସୁବିଧା ଆଦି ବିଷୟରେ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ କେତେକ ପ୍ରଶିକ୍ଷାର୍ଥୀ କିଭଳି ସେମାନଙ୍କର ଟୁଲ୍‌କୀଟ୍ ପାଇପାରିବେ ଓ କିଭଳି ବିଭିନ୍ନ ବ୍ୟାଙ୍କ ସହିତ ଯୋଗାଯୋଗ କରି ହିତାଧିକାରୀ ଋଣ ପାଇପାରିବେ ଏବଂ ସେମାନଙ୍କର ଦକ୍ଷତାକୁ ବୃଦ୍ଧି କରି ଅଧିକ ସ୍ୱାବଲମ୍ବନଶୀଳ ହେବେ ସେ ବିଷୟରେ ଆଲୋଚନା କରିଥିଲେ। ସେହିଭଳି କେତେକ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରିଥିଲେ।

## ପୁରୀରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଓ ଶ୍ରୀରାମ ମହାଯଜ୍ଞ



**ପୁରୀ,୧୧।୧୦(ସମିସ):** ପୁରୀର ନେବଳ ଦାସ ମଠ ପରିସରରେ ଆସନ୍ତା ୨୦୨୬ ଜାନୁଆରୀ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଓ ଶ୍ରୀରାମ ମହାଯଜ୍ଞ ଅନୁଷ୍ଠିତ ହେବ। ଏହାର ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ମଠ ପରିସରରେ ମହନ୍ତ ଡ. ରାମଚରଣ ଦାସଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତେବେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁମ୍ବଇ, ବାରଣାସୀ, ଅଯୋଧ୍ୟା, ବୃନ୍ଦାବନ, ନୈମିଷାରଣ୍ୟ, ହାଇଦରାବାଦ, କୋଲକାତା, ଓଡ଼ିଶା ତଥା ଭାରତ ବର୍ଷରୁ ସାଧୁସନ୍ଥ, ଜଗଦ୍‌ଗୁରୁ, ମହାମଣ୍ଡଳେଶ୍ୱର ଆଦି ମହାନ ସନ୍ଥଙ୍କର ସମାଗମ ହେବ। ଏହି ବୈଠକରେ ବିଭିନ୍ନ କମିଟି ଗଠନ ହେବା ସହିତ ଗଜପତି ମହାରାଜାଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ ଓ ସମାପନରେ ଓଡ଼ିଶାର ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ପାପୁଡ଼ିଆ ମଠର ମହନ୍ତ ମହାରାଜ, ରାଧେଶ୍ୟାମ ମଠ, କଟକୀ ମଠ, ରାଧାବଲ୍ଲଭ ମଠ, ଉତ୍ତରପାର୍ଶ୍ୱ ମଠ, ବଳରାମ କୋଟ ମଠ, ଭାଗବତ ଆଶ୍ରମ, ମଣିରାମ ମଠ, ମହିପ୍ରକାଶ ମଠ, ହାତୀ ଆଖଡ଼ା ମଠ ଆଦିର ମଠାଧୀଶମାନଙ୍କ ସହିତ ସମାଜସେବୀ ମନୋଜ ରଥ, ରାମଚନ୍ଦ୍ର ଦାସ ମହାପାତ୍ର, ବଦ୍ରି ମିଶ୍ର, ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ବିଷ୍ଣୁଦତ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସିଂହଦ୍ୱାର ସମ୍ମୁଖକୁ ଗାଡ଼ି ନେଲେ ଯୁବକ

**ପୁରୀ,୧୧।୧୦(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିତରକୁ ଗାଡ଼ି ନେବା ଉପରେ କଟକଣା ରହିଛି। ପ୍ରୋଟୋକଲ କିମ୍ବା ସେମିତି କିଛି ସ୍ୱତନ୍ତ୍ର ଅତିଥିଙ୍କ ଗାଡ଼ି ଏବେ ନିଆଯାଉଛି। ପୂର୍ବରୁ ଅତିବେଶୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ସମସ୍ତଙ୍କ ଗାଡ଼ି ଯାଉଥିଲା। ହେଲେ ଏବେ ଏହି କଟଣାକୁ ଆଉ କେହି ମାନୁନାହାନ୍ତି। ନେତା, ମନ୍ତ୍ରୀ, ଭିଆଇପିଙ୍କ ଗାଡ଼ି ଯାଇ ସିଂହଦ୍ୱାର ସମ୍ମୁଖରେ ଲାଗିଯାଉଛି। ନିକଟରେ ହସ୍ପିଟାଲରୁ ଆମ୍ବୁଲାନ୍ସରେ ଆସିଥିବା ଜଣେ ରୋଗୀଙ୍କ ଗାଡ଼ିକୁ କିନ୍ତୁ ମରିଚୀକୋଟ ଛକରୁ ଆଗକୁ ଛଡ଼ାଯାଇ ନ ଥିଲା। ଏଠି ମାନବିକତା ଦୃଷ୍ଟିକୋଣରୁ ସେହି ଆମ୍ବୁଲାନ୍ସକୁ ମନ୍ଦିର ପାଖକୁ ଛାଡ଼ିବା ଉଚିତ୍ ଥିଲେ ବି ପୁଲିସ ନିୟମର ନାଲିଆଖି ଦେଖାଇଥିଲା। ଫଳରେ ରୋଗିଣା ମା’କୁ ଆଣି ଆସିଥିବା ପୁଅ-ଝିଅ ଷ୍ଟ୍ରେଚରରେ ବଡ଼ଦାଣ୍ଡରେ ଠେଲି ଠେଲି ସିଂହଦ୍ୱାର ନିକଟକୁ ଆଣିଥିଲେ। ତାଙ୍କ ମା’ ସେହିଠାରୁ ପତିତପାବନଙ୍କୁ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଥିଲେ। ଏହା କହିବାର ଅର୍ଥ ଅନେକ ସମୟରେ କଟକଣା କିନ୍ତୁ ଢିଲିକି ଯାଉଛି। ପ୍ରୋଟୋକଲ୍‌ରେ ନ ଥିବା ଏପରିକି ନେତା-ମନ୍ତ୍ରୀ ହୋଇ ନ ଥିଲେ ବି କିଛି ବ୍ୟକ୍ତିଙ୍କ ଗାଡ଼ି ମନ୍ଦିର ପର୍ଯ୍ୟନ୍ତ ଚାଲିଯାଉଛି। ଶୁକ୍ରବାର ରାତିରେ ଏକ କାର୍ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ସେଥିରେ ଥିବା ଜଣେ ଯୁବକଙ୍କୁ ପଚାରିବାରୁ ସେ ଶୁଣି ନ ଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ତେବେ ଟ୍ରାଫିକ୍ ପୁଲିସ ସେହି ଗାଡ଼ିକୁ ୨,୫୦୦ ଟଙ୍କା



### ଫାଇନ୍ କଟିଲା, ହେଲେ ଗାଡ଼ି ଗଲା କେମିତି?

ଫାଇନ୍ କରିଛନ୍ତି। ଏହି ଗାଡ଼ିଟି ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ବିରଜା ପ୍ରସାଦ ପଣ୍ଡାଙ୍କର ବୋଲି ଜଣାପଡ଼ିଛି। ତେବେ ଗାଡ଼ିଟି ବିଭିନ୍ନ ଟ୍ରାଫିକ୍ ପୋଷ୍ଟ ଅତିକ୍ରମ କରି କିଭଳି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଗଲା ତାହା ହିଁ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଗୁଗଲ୍‌ରେ ଶ୍ରୀମନ୍ଦିର ମାରି ଆସିବାବେଳେ ବଡ଼ଦାଣ୍ଡ ଦେଇ ମନ୍ଦିର ପାଖକୁ ଦେଖାଉଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଗାଡ଼ିଟି ମନ୍ଦିର ପାଖକୁ ଯାଇଥିଲା। ତେବେ ଏ ନେଇ ଗୁଗଲ୍‌କୁ ଚିଠି କରାଯିବ। ଶ୍ରୀମନ୍ଦିର ମାରିଲେ ଏହା ମାର୍କେଟ ଛକ ପର୍ଯ୍ୟନ୍ତ ଯେପରି ଦେଖାଇବ। ଫଳରେ ଯିଏ ଆସିବେ ତାଙ୍କ ଗାଡ଼ି ସେହି ଲୋକେସନରେ ହିଁ ରହିବ।

## ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ଯୁବଗୋଷ୍ଠୀଙ୍କୁ ନଚେଇଲେ ନାଭିଆ



**ପୁରୀ, ୧୧।୧୦ (ସମିସ):** ବାଲିଘାଟ ଜାଗେଶ୍ୱରୀ ଛକସ୍ଥିତ ଶ୍ରୀଶ୍ରୀ ମହାମାୟା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୧୮ତମ ମା’ ଗଜଲକ୍ଷ୍ମୀ ଦେବୀଙ୍କ ପୂଜା ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ନାଭିଆ ଜେଟି ଓ ତାଙ୍କ ଗ୍ରୁପ୍। ନାଭିଆ ଏବଂ ସାଥୀଙ୍କ ଫସିଗଲା ଅଭିମନ୍ୟୁ ଫସିଗଲାରେ... ଓ ସଙ୍ଗିନୀରେ ରାସ ରଙ୍ଗିନୀରେ ଗୀତରେ ଝୁମିଥିଲେ ଦର୍ଶକ। ଏକାଧିକ ହିଟ୍ ସଙ୍ଗୀତ ଯୁବଗୋଷ୍ଠୀଙ୍କୁ ମତୁଆଲା କରିଥିଲା। ତେବେ ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି (ପୌରାଞ୍ଚଳ) ରବି ଦାସ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ସଂଗ୍ରାମ ପରିଡ଼ା, ପୂର୍ବତନ ସାଧାରଣ ସମ୍ପାଦକ (ସହରାଞ୍ଚଳ) ସଂଗ୍ରାମ କାନୁନ୍‌ଗୋ। ପୂର୍ବତନ ପୌର ସଦସ୍ୟ ବାବୁଲା ପ୍ରସାଦ, ଜିଲ୍ଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ବିଜେପି ସଦସ୍ୟ ସର୍ବେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିଭୂତିଭୂଷଣ ସେଠୀ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭାଗିରଥି ପ୍ରଧାନ, ଉପସଭାପତି ସୁନିଲ ମହାରଣା, ସମ୍ପାଦକ ସୁଜିତ୍ ସାହୁ, ଅଶୋକ ସୁବୁଦ୍ଧି, ସଞ୍ଜିତ୍ ସାହୁ, ହିମାଂଶୁ ମୁଦୁଲି, ଭିକାରୀ ସାହୁ, ରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଦିବସ ସମାରୋହ

**ପୁରୀ,୧୧।୧୦(ସମିସ):** ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ସମାରୋହ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ଜିଲ୍ଲାର ୧୦୯ ବର୍ଷୀୟ ଲକ୍ଷ୍ମୀଧର ଭୋଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଅତରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ ପିତାମାତାମାନେ ବୟସର ଅପରାହ୍ନରେ ଉପନୀତ ହେବା ବେଳକୁ ପିଲାମାନେ ବାହାରେ ରହି କର୍ମମୟ ଜୀବନକୁ ଆପଣାଉଛନ୍ତି। ଫଳରେ ପିତାମାତା ଅବହେଳିତ ହେଉଛନ୍ତି। ତେଣୁ ବୃଦ୍ଧ ପିତାମାତାଙ୍କର ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ ନେଲେ ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି ହେବ ବୋଲି କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସରକାର ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ସୁବିଧା କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବୃଦ୍ଧାଶ୍ରମଠୁ ନେଇ ମାଗଣାରେ ତୀର୍ଥଯାତ୍ରାର ସୁବିଧା କରାଯାଉଛି ବୋଲି କହିଥିଲେ। ବୃଦ୍ଧବୃଦ୍ଧାମାନେ ଯୋଗ, ବ୍ୟାୟାମ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦାସକାଠିଆ, ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଜିଲ୍ଲା କଲ୍ୟାଣ ଅଧିକାରୀ ମମତାରାଣୀ ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ସେନାପତିଙ୍କ ସମେତ ଜିଲ୍ଲାର ବରିଷ୍ଠ ନାଗରିକ ବୃନ୍ଦ ଯୋଗଦେଇଥିଲେ।

## ନିୟମିତ ଯୋଗାଭ୍ୟାସ କରିବାକୁ ପରାମର୍ଶ

**ପୁରୀ, ୧୧।୧୦ (ସମିସ):** ସ୍ଥାନୀୟ ହୁଲୁହୁଲିଆ ପୋଲ ନିକଟସ୍ଥ କ୍ରିଷ୍ଣା ଗାର୍ଡେନଠାରେ ଭାରତୀୟ ଯୋଗ ସଂସ୍ଥାନ ପୁରୀ ଯୋଗ ଜିଲ୍ଲା ଦ୍ୱାରା ୫୯ତମ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଅମରେନ୍ଦ୍ର ରଥ ଯୋଗଦେଇ ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ଯୋଗାଭ୍ୟାସ କରିବା ସହ ଯୋଗକୁ କିଭଳି ଭାବେ ସମସ୍ତଙ୍କ ପାଖରେ ପହଞ୍ଚାଯାଇପାରିବ ସେ ଉପରେ ଉପଦେଶ ଦେଇଥିଲେ। ଏହି ଅବସରରେ ଓଡ଼ିଶା ପ୍ରାନ୍ତ ବରିଷ୍ଠ ସଦସ୍ୟଙ୍କ ସହ ପୁରୀ ଯୋଗ ଜିଲ୍ଲା ଉପଦେଷ୍ଟା ବିବିରାମ ସ୍ୱାଇଁ, ଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ର, ଜିଲ୍ଲା ମନ୍ତ୍ରୀ ସଦାଶିବ ଦାସ, ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତରାୟ, ଜଗନ୍ନାଥ କ୍ଷେତ୍ର ପ୍ରଧାନ ପଞ୍ଚାନନ ବେହେରା ଓ କେନ୍ଦ୍ରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ପୁରୀ ଯୋଗ ଜିଲ୍ଲା ଶତାଧିକ ସାଧକ ଓ ସାଧିକା ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ। ମୁଖ୍ୟଅତିଥି, ପ୍ରାନ୍ତ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ, ସମସ୍ତ ବରିଷ୍ଠ ପଦଧିକାରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ

**ପୁରୀ,୧୧।୧୦(ସମିସ)**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଶନିବାର ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ କରିଥିଲେ। ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ରରେ ପହଞ୍ଚିବା ପରେ ରାଜସ୍ୱ ଆୟୁକ୍ତଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱାଗତ କରିବା ସହ ହବିଷ୍ୟାଳି କେନ୍ଦ୍ରକୁ ପାଛୋଟି ନେଇଥିଲେ। ରାଜସ୍ୱ ଆୟୁକ୍ତ ହବିଷ୍ୟାଳି ମା’ମାନଙ୍କ ରହଣୀ ସ୍ଥାନକୁ ବୁଲି ଦେଖିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କ ଆବଶ୍ୟକତା, ଅସୁବିଧା, କୌଣସି ସମସ୍ୟା ଅଛି କି ବୋଲି ପଚାରିଥିଲେ। ହବିଷ୍ୟାଳି ମା’ମାନେ ଭଲରେ ରହିଥିବା ପ୍ରକାଶ କରିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନ୍ଦର ଭାବେ କରାଯାଇଛି ବୋଲି କହିଥିଲେ। ଭୋରୁ ବୃନ୍ଦାବତୀ ପୂଜା ପରେ ମା’ମାନଙ୍କୁ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ସ୍ୱତନ୍ତ୍ର ବସ୍ ମାଧ୍ୟମରେ ମନ୍ଦିରକୁ ନେବା, ମନ୍ଦିରରେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରାଇବା, ମହାପ୍ରସାଦ ସେବନ କରାଇବା, ଭଜନ କୀର୍ତ୍ତନର ବ୍ୟବସ୍ଥା ଇତ୍ୟାଦି ସବୁ ଖୁବ୍ ଭଲ ଭାବେ କରାଯାଇଛି ବୋଲି ମା’ମାନେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ନିବାସ ମଧ୍ୟରେ ଦୀପ ନ ଜଳାଇ ସମସ୍ତ ମା’ ବାହାରେ ସୁରକ୍ଷିତ ଭାବେ ଦୀପ ଜଳାଇବାକୁ ସେ ମା’ମାନଙ୍କୁ ଅନୁରୋଧ କରିଥିଲେ। ଏହାକୁ ତତ୍ତ୍ୱାବଧାନ ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ଆୟୁକ୍ତ ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମା’ମାନଙ୍କର ସମସ୍ତ ସେବାରେ ଯେପରି କୌଣସି ଅଭାବ ଅସୁବିଧା ନ ରୁହେ ସେଥିପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ରାଜସ୍ୱ ଆୟୁକ୍ତଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।



# କୁସେଇ ବାଲି ଘାଟରୁ ଅବାଧ ବାଲି ଉଠାଣ

- ଚୋରା ଚାଲାଣ ରୋକିବାକୁ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ
- ମିଳିତ ଚଢ଼ଉ; ତିନି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବେଲବାହାଳି, ୧୧।୧୦(ସମିସ):

ଆନନ୍ଦପୁର ଉପଖଣ୍ଡ ବେଲବାହାଳି କୁସେଇ ନଦୀରୁ ବେଆଇନ ବାଲି ଖନନ ଓ ଚୋରା ଚାଲାଣ ରୋକିବା ପାଇଁ ବେଲବାହାଳି ପଞ୍ଚାୟତର ସରପଞ୍ଚ ଦୀପ୍ତି ସାହୁ କେନ୍ଦୁଝର ଜିଲ୍ଲାପାଳଙ୍କୁ



ଲିଖିତ ଭାବରେ ଅଭିଯୋଗ ଜଣାଇଛନ୍ତି। ଏହାସହ ତୁରନ୍ତ ପ୍ରତିକାର ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆନନ୍ଦପୁର ତହସିଲଦାର, ବିଡିଓ ଏବଂ ଜିଲ୍ଲା ଖଣିଜ ବିଭାଗ ଅଧିକାରୀଙ୍କୁ ମଧ ଏହି ବାଲି ଚୋରି ବିଷୟରେ ଜଣାଇଛନ୍ତି।

ଅନ୍ୟପକ୍ଷରେ, ଶନିବାର ମଧାହ୍ନ ସମୟରେ ଘସିପୁରା ଥାନା ଭାଟିସିରା ଏବଂ ସରେଇ ବାଲି ଘାଟରୁ ବେଆଇନ ଭାବରେ ବାଲି ଚାଲାଣ ସମୟରେ କେନ୍ଦୁଝର ଖଣି ବିଭାଗ ପୁଲିସ ସହଯୋଗରେ ଚଢ଼ଉ କରିଛି। ଏଥିରେ ଚୋରା ବାଲି ବୋଝେଇ ତିନିଟି ଟ୍ରାକ୍ଟର ଜବତ ହୋଇଛି। ଟ୍ରାକ୍ଟର ଚାଳକମାନେ ଗାଡ଼ି ଛାଡ଼ି ଛତ୍ରଭଙ୍ଗ ଦେଇଛନ୍ତି। ଟ୍ରାକ୍ଟରଗୁଡ଼ିକୁ ଘସିପୁରା ଥାନାରେ ଜିମା ଦିଆଯାଇଛି। ଏନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଆନନ୍ଦପୁର ଉପଖଣ୍ଡ ଘସିପୁରା ତହସିଲର କୁସେଇ ନଦୀର ଭାଟିସିରା, ସରେଇ, ବେଲବାହାଳି, ଟୋଲଙ୍କପଡା, ହରିଡ଼ାପାଳ ଘାଟଗୁଡିକରୁ ଏକାଧିକ ଟ୍ରାକ୍ଟର ବାଲି ଉତ୍ତୋଳନ କରି ଗୋଟିଏ ସ୍ଥାନରେ ଗଦା କରି ହାଇୱା ଗାଡି ଯୋଗେ ଜିଲ୍ଲା ବାହାରକୁ ବେଆଇନ ଭାବରେ ବାଲି ଚଢ଼ା ଦରରେ ବିକ୍ରି କରାଯାଉଛି। ଏଥିରେ ବାଲି ମାଫିଆମାନେ ମାଲେମାଲ ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା।

ଏହି ପରିପ୍ରେକ୍ଷୀରେ ସରପଞ୍ଚ ଦୀପ୍ତି ସାହୁଙ୍କ ଅଭିଯୋଗରୁ ଜଣାପଡିଛି ଯେ ବର୍ତ୍ତମାନ ବେଲବାହାଳି ପଞ୍ଚାୟତ କୁସେଇ ନଦୀର ଏକାଧିକ ସ୍ଥାନରେ ବେଆଇନ ଭାବରେ ବାଲି ଖନନ ଦ୍ୱାରା ବେଆଇନ ବାଲି ଖନନ ଓ ପରିବହନ ପାଇଁ ଏକାଧିକ ଟ୍ରାକ୍ଟର, ହାଇୱା ଓ ମେସିନ ଯାତାୟାତ କରୁଛନ୍ତି। ନଦୀକୂଳର ପରିବେଶ ନଷ୍ଟ ହୋଇଥିବା ବେଳେ ନଦୀର ତଟଗୁଡିକ ଭାଙ୍ଗିଯାଇଥିବା ଯୋଗୁଁ ନଦୀକୁ ଯିବା ପାଇଁ ଲୋକମାନେ ବହୁ ଅସୁବିଧାରେ ପଡୁଛନ୍ତି। ଅବୈଧ ବାଲି ଖନନ ପାଇଁ ଗ୍ରାମର ରାସ୍ତା ଓ ପ୍ରାକୃତିକ ଅବସ୍ଥା ମଧ କ୍ଷୟ ହେବାରେ ଲାଗିଛି। ଗ୍ରାମବାସୀଙ୍କ ଅସନ୍ତୋଷ ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବାଲି ସୈରାତଗୁଡ଼ିକୁ ନିଲାମ କରାଯାଇ ନଥିବାରୁ ଏଠାରେ ବାଲି ଯୋଗାଣ ନେଇ ସମସ୍ୟା ହେଉଥିବାର ସୁଯୋଗ ନେଇ ଚୋରା ଚାଲାଣକାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ସରକାର ରାଜସ୍ୱ ହରାଉଥିବା ଦୃଷ୍ଟିରୁ ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନେଇପାରୁ ନାହିଁ। ଫଳରେ ସ୍ଥାନୀୟ ପରିବେଶ ନଷ୍ଟ ହେବା ସହ ଆଗାମୀ ଦିନରେ ଜନଅସନ୍ତୋଷ ଉଗ୍ର ରୂପ ନେବାର ଆଶଙ୍କା ପ୍ରକାଶ ପାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଗୃହ ନିର୍ମାଣ ପାଇଁ ଆବଶ୍ୟକ ବାଲି ମିଳୁ ନଥିବାରୁ ଚୋରା ବାଲି ଉପରେ ସେମାନେ ନିର୍ଭର କରୁଛନ୍ତି। ଏହା ବାଲି ମାଫିଆଙ୍କ ଅବୈଧ ଭାବରେ ବାଲି କାରବାର ପାଇଁ ପ୍ରୋସାହିତ କରୁଥିବା ବେଳେ ସେମାନେ ଏହି ଚୋରା ବାଲିକୁ ଚଢ଼ା ଦରରେ ବିକ୍ରି ଚାଲିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

- ବୈତରଣୀ ତଟରେ ଚୋରା ବାଲି ପାହାଡ଼

## ଟ୍ରାକ୍ଟରର ପଞ୍ଚ ଖୋଲି ଚାଲିଗଲା ଖଣି ବିଭାଗ



ଆନନ୍ଦପୁର, ୧୧।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲର ବିଭିନ୍ନ ସ୍ଥାନରେ ଚୋରା ବାଲିର ପାହାଡ଼; ଯାହାକି ପ୍ରଶାସନ ଖଣି ବିଭାଗ ଓ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ବୈତରଣୀ ନଦୀର କୋଡପଡା ଗୌଡ଼ଡିହା ବୁଢ଼ୀକୁଦ ତାନେଇପାଳ ଭୋଗପୁର ଗେଣ୍ଡାବସା କନ୍ତଲା ଘାଟରୁ ବାଲି ଉତ୍ତୋଳନ ହୋଇ ବାଲି ଗଦା ଯାଇଥିଲା ବେଳେ ଖଣିବିଭାଗ ଓ୍ ପୁଲିସ ମିଳିତ ଚଢ଼ଉ କରିଥିଲେ। କୁମଡ଼ ଘାଟରେ ବାଲି ବୋଝେଇ ସମୟରେ ଚାରି ଟ୍ରାକ୍ଟରକୁ କାବୁ କରାଯାଇଥିଲେ ମଧ ସେଗୁଡିକ ନଦୀ ଘାଟରେ ହାୱା ଖୋଲିଦେଇ ଖଣିଅଧିକାରୀ ଚମ୍ପଟ ମାରିବା ଅଭିଯୋଗ ହେଉଛି। ଚୋରା ବାଲି ଚାଲାଣ ପାଇଁ ଭୋଗପୁର-ବୁଢ଼ୀକୁଦ ରାସ୍ତା ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି। ରାତିରେ ହାଇୱା ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଆନନ୍ଦପୁର ତହସିଲ ଗୌଡ଼ଡିହାଘାଟରୁ ରାତିରେ ବାଲି ଚୋରା ଚାଲାଣ ସମ୍ପର୍କରେ କେନ୍ଦୁଝର ଜିଲ୍ଲାପାଳ, ଏସ୍‌ପି ଓ ଲଘୁଖଣିଜ ବିଭାଗକୁ କେତେକ ସଚେତନ ନାଗରିକ ଅବଗତ କରିଥିଲେ।

## କାହ୍ନୁଚରଣ ଲଘୁଖଣିଜ ବିଭାଗ ନିର୍ଦ୍ଦେଶକ



ଆନନ୍ଦପୁର, ୧୧।୧୦ (ସମିସ): ବରିଷ୍ଠ ଓଏଏସ ଅଧିକାରୀ କାହ୍ନୁଚରଣ ଧୀରଙ୍କୁ ଓଡିଶା ସରକାରଙ୍କ ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କ ଘର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗ୍ରାମରେ। ଅଳତି ହାଇସ୍କୁଲର ପୂର୍ବତନ ଛାତ୍ର ହୋଇଥିବାରୁ ସେହି ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ରତିକାନ୍ତ ବରାଳ ସମେତ ଅନେକ ପୂର୍ବତନ ଛାତ୍ର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ନିଯୁକ୍ତି ଫଳରେ କେନ୍ଦୁଝର ଜିଲ୍ଲା ସମେତ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଚୋରା ବାଲି ଚାଲାଣ ରୋକାଯାଇ ପାରିବ ବୋଲି ଚର୍ଚ୍ଚା ପରିସରକୁ ଆସିଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ଯୋଡ଼ା, ୧୧।୧୦(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଙ୍ଗ ନିକଟରେ ଟ୍ରେନ ଧକ୍କା ଦେବା ଦ୍ୱାରା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୁକୁଟୁ ନାଏକ (୩୯) ଶନିବାର ଭୋର ସମୟରେ ଡିଉଟି ଯାଉଥିବା ବେଳେ ଅସାବଧାନତା ହେତୁ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ଯୋଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## ପାଗଳକୁକୁରକୁ ଆୟତ୍ତ କଲେ ଯୁବକ

ଯୋଡ଼ା, ୧୧।୧୦(ସମିସ): ଯୋଡ଼ା ପୌରପାଳିକା ୪ ନମ୍ବର ୱାର୍ଡ ପେଟ୍ରୋଲ ପମ୍ପ ନିକଟରେ ଶନିବାର ପୂର୍ବାହ୍ନ ସମୟରେ ଏକ ପାଗଳା କୁକୁରକୁ ଜଣେ ଯୁବକ କାବୁକରି ପ୍ରଶଂସାର ପାତ୍ର ହୋଇଛନ୍ତି। କୁକୁର ରାସ୍ତାରେ ଯାଉଥିବା ଲୋକଙ୍କୁ ଘଉଡ଼ାଇ କାମୁଡି ଭୟଭୀତ କରୁଥିଲା। ଜଣେ ମହିଳା, ଜଣେ ଛୋଟ ଝିଅକୁ କାମୁଡି ପକାଇଥିଲା। ସେହି ସମୟରେ ଏକ ଭୁଦୁ ନାମକ ଟେମ୍ପୋ ଚାଳକ ସେମାନଙ୍କୁ ବଞ୍ଚାଇବାକୁ ଗଲାବେଳେ ତାକୁ ମଧ ପେଟ ଓ ଦେହରେ କାମୁଡ଼ିଥିଲା। ଏହାକୁ ଖାତିର ନ କରି ସେ ପାଗଳା କୁକୁର ଉପରେ ମାଡି ବସି ଅନ୍ୟ ଲୋକଙ୍କ ସହାୟତାରେ କୁକୁରର ଗୋଡ଼ ଓ ମୁହଁକୁ ବାନ୍ଧି ପକାଇଥିଲେ।

## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ



କେନ୍ଦୁଝର, ୧୧।୧୦(ସମିସ): କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ଶୁକ୍ରବାର ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ବସନ୍ତ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସହ ୧୨ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଏବଂ ସମଗ୍ର ଜିଲ୍ଲାର ପ୍ରାୟ ୧୫୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏହି ଅବସରରେ ଏକ ଯୋଗ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ୯୯ ବର୍ଷୀୟ ରାଜକିଶୋର ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ହାଟଡ଼ିହି ବ୍ଲକ ଓରାଳିର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ଓଝାଙ୍କୁ ତାଙ୍କ ବାସଭବନରେ ସମ୍ମାନିତ କରାଯାଇଥିଲା। କେନ୍ଦୁଝରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ ଏକ ସୁମଧୁର ସ୍ୱାଗତ ଗୀତ ଏବଂ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ।

## ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ଆନନ୍ଦପୁର, ୧୧।୧୦ (ସମିସ): ଘଷିପୁରା ମହିଳା ଓ ଶିଶୁ ବିକାଶ ଅଧିକାରୀ ସକୁନ୍ତଳା ନାୟକଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଘଷିପୁରା ବିଡିଓ ବିନାତା ବିଜୟିନୀ, ସମ୍ମାନିତ ଅତିଥି ଭାବେ ବିଏଫଓ ମାୟା ମାରାଣ୍ଡୀ ଯୋଗ ଦେଇଥିଲେ। ମଧୁମେହ, ହୃଦରୋଗ, କିଶୋରୀ ବାଳିକା ମା' ଓ ଶିଶୁର ଉତ୍ତମ ପୋଷଣ ତଥା ସୁସ୍ଥ ଜୀବନ ଉପରେ ବିଶେଷ କରି ସଚେତନ କରାଯାଇଥିଲା। ଇନ୍ଦ୍ରଦ୍ୟୁମ୍ନ ସାହୁ ପରିଚାଳନା କରୁଥିବା ବେଳେ ମହିଳା ଓ ଶିଶୁ ବିକାଶ କର୍ମଚାରୀ ରମାମଣି ରାଉତ, ଛବି ଜେନା, ଚନ୍ଦ୍ରମଣି ସେଠୀ, ଘାସିନୀ ମାଝୀ, ସୀତା ନାୟକ, ସୌମ୍ୟରଞ୍ଜନ ରାଉତ, ଅଭିଷେକ ବେହେରା ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ସେବା ଦିବସ



ଆନନ୍ଦପୁର, ୧୧।୧୦ (ସମିସ): ଆନନ୍ଦପୁର ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ସେବା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତିର ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲା ବେଳେ ପ୍ରଧାନଆଚାର୍ଯ୍ୟ ଶତୃପ୍ତିରାଣୀ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁରୁମା ଜ୍ୟୋତିର୍ମୟୀ ତ୍ରିପାଠୀ, ଗୁରୁଜୀ ବିଶ୍ୱଜିତ ଖୁଣ୍ଟିଆ ଗୋପବନ୍ଧୁଙ୍କ ସେବା କାର୍ଯ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଷଷ୍ଠ ଶ୍ରେଣୀର ଛାତ୍ରୀ ଅମ୍ରିତା ପରିଡା ଗୋପବନ୍ଧୁଙ୍କୁ ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା କିରଣବାଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁମନ୍ଦିର ପିଲାଙ୍କ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ଗୁରୁଜୀଗୁରୁମା' ଓ ଷଷ୍ଠ, ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ପଞ୍ଚମୁଖୀ ହନୁମାନ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦେଓଗାଁରେ ପାଠକ ମଞ୍ଚର ପୂଜ୍ୟପୂଜା ସମ୍ବର୍ଦ୍ଧନା



ଆନନ୍ଦପୁର/ବେଲବାହାଳି, ୧୧।୧୦ (ସମିସ): କୁଶଳେଶ୍ୱର ଦେଓଗାଁଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଭାଗୃହରେ କେନ୍ଦୁଝର ଜିଲ୍ଲା ପାଠକ ମଞ୍ଚ ପକ୍ଷରୁ ପୂଜ୍ୟପୂଜା ପ୍ରଣାମ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠକ ମଞ୍ଚର ସଭାପତି ତଥା ଆଇନଜୀବୀ ଦୁଷ୍ମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଓ ବସନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତାସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଓଝା ଓ କେଶଦୁରାପାଳର ଅବରସରପ୍ରାପ୍ତ ଶିକ୍ଷାଧିକାରୀ ଜନାର୍ଦ୍ଦନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ତ୍ରୈଲୋଚନ ସାହୁ, ଅନନ୍ତ ଚରଣ ରାଉତ, ଡଃ ରାମଚନ୍ଦ୍ର ନାୟକ, ଡଃ ହାଡିବନ୍ଧୁ ପଟ୍ଟନାୟକ, ଓକିଲ ସଂଘର ସଭାପତି ଦୟାନିଧି ଦାଶ, ବରିଷ୍ଠ ଆଇନଜୀବୀ ରାଜକିଶୋର ଭୂୟାଁ, ସୁବାସଚନ୍ଦ୍ର ବିଶ୍ୱାଳ, ଅଧିବକ୍ତା ଭାଗୀରଥୀ ଦାଶ ପ୍ରମୁଖ ଅତିଥି ଭାବରେ ଭଗବତ୍ ଗୀତା, ରାମଚରିତ ମାନସର ମାନବ ଜୀବନରେ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଯାହା ମନୁଷ୍ୟର ବିକାଶ କରିଥାଏ ସେପରି ବିଳୟ କରିପାରେ ବୋଲି ସଚେତନ କରିଥିଲେ। କୁଶଳେଶ୍ୱର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ରବିନାରାୟଣ ଶିଅଳ, ରବିନ୍ଦ୍ରନାଥ ଚନ୍ଦ, ହୃଷୀକେଶ ଚକ୍ର, ବସନ୍ତ ପଣ୍ଡା, ଜୟକୃଷ୍ଣ ପାଗଳ, ଜଗବନ୍ଧୁ ପଣ୍ଡା, ଶ୍ରୀକାନ୍ତ ବାରିକ, ପ୍ରଭାକର ବିଶ୍ୱାଳ, ମୁରଲୀଧର ରାଉତ, ମନୋରଞ୍ଜନ ପତି, ଶରତ ରାଉତ, ସୁବ୍ରତ ସାହୁ, ଅମ୍ବିକା ପ୍ରସାଦ ଦାଶ ଆଇନଜୀବୀ କହ୍ନେଇ ଚରଣ ସାହୁ ପ୍ରମୁଖ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ଆନନ୍ଦପୁର, ୧୧।୧୦(ସମିସ): ଘସିପୁରା ବ୍ଲକ୍ ନାରଙ୍ଗପୁର ଛକରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସାମ୍ବାଦିକ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ପଞ୍ଚାନନ ରାଉତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଶିଷ୍ଠ ସାମ୍ବାଦିକ ଭାରତ ବେହେରା, ରନିଲ ବେଜ, କୃଷ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ରଙ୍କନାଥ ସାହୁ, ବିଶ୍ୱନାଥ ଶତପଥୀ, ଭରତ ବେହେରା, ଶିଶିର



ସାହୁ, ହୃଷୀକେଶ ପୃଷ୍ଟି, ଗୋବିନ୍ଦଚନ୍ଦ୍ର ଶା, ଗଙ୍ଗାଧର ସାହୁ, ଚିତରଞ୍ଜନ ସାହୁ, ଡାକିଲା କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦେଓଗାଁଠାରେ ସାମ୍ବାଦିକ ରତିକାନ୍ତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରଦ୍ୟୁମ୍ନ ପଣ୍ଡା ଯୋଗ ଦେଇଥିଲେ। ମନୋରଞ୍ଜନ ପତି, ଅରୁଣ ରାଉତ, ହଳଧର ଆଚାର୍ଯ୍ୟ, ପ୍ରଦୀପ ପଣ୍ଡା, ଦିପୁ ସାହୁ, ଜଗବନ୍ଧୁ ପଣ୍ଡା, ଭାରତ ବେହେରା, ବ୍ରଜକିଶୋର ବଳ, ବିଜୟକୃଷ୍ଣ ଆଚାର୍ଯ୍ୟ, ବାଇଧର ବାରିକଙ୍କ ସହ ସାମ୍ବାଦିକ ଭାରତ ବେହେରା ଯୋଗ ଦେଇଥିଲେ।

## ଜଙ୍ଗଲରେ ଫୁଟ୍ ପାଟ୍ରୋଲିଂ



ନାରଦପୁର, ୧୧।୧୦(ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନର ଚମକପୁର ଜଙ୍ଗଲରେ ଶନିବାର ବନ ବିଭାଗ ପକ୍ଷରୁ ଫୁଟ୍ ପାଟ୍ରୋଲିଂ କରାଯାଇଛି। ଏଥିରେ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ସ୍କ୍ୱାଡ୍ ସାମିଲ ହୋଇ ଜୀବଜନ୍ତୁ ଓ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ଭିତରେ ପଇଁତରା ମାରିବା ସହିତ କଡା ନଜର ରଖା ଯାଇଥିବା ଫରେଷ୍ଟ ଗାର୍ଡ କିରାଣି ମହାରଣା ପ୍ରକାଶ କରିଛନ୍ତି। ଏହି ପାଟ୍ରୋଲିଂରେ ଏଲିଫେଣ୍ଟ ସ୍କ୍ୱାଡ ଉମେଶ ନାଏକ, ଗୋବିନ୍ଦ ମାଝୀ, ପୁକାମ ମୁଣ୍ଡା, ପଦ୍ମଲୋଚନ ମହାନ୍ତଙ୍କ ସମେତ ସ୍କ୍ୱାଡ ସାମିଲ ଥିଲେ।

## ଘସିପୁରାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୧।୧୦ (ସମିସ): ଘଷିପୁରା ବ୍ଲକରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଘଷିପୁରା ବିଡିଓ ବିନିତା ବିଜୟିନୀ, ମହିଳା ଓ ଶିଶୁ ସୁରକ୍ଷା ଅଧିକାରିଣୀ ସକୁନ୍ତଳା ନାୟକ, ଦମୟନ୍ତି କିସ୍କୁ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଜେନା, ସାମାଜିକ ସୁରକ୍ଷା କନିଷ୍ଠ କିରାଣି ସବିତା ପଣ୍ଡିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ସାରଥୀ ପରିଡା, ଶିଳ୍ପୀ ହରେକୃଷ୍ଣ ମହାରଣା, ବ୍ୟଙ୍ଗ କବି ଘନଶ୍ୟାମ ବୋଇତେଇ, ଦାସକାଠିଆ ଗାୟକ ବୈକୁଣ୍ଠନାଥ ଦାସ, ପାଲା ଗାୟକ ଗୋପାଳଚନ୍ଦ୍ର ପଣ୍ଡା, ଶିଳ୍ପୀ ପ୍ରମୋଦ ବରାଳଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ନାଗରିକ ହରିପ୍ରସାଦ ମିଶ୍ର, ଶରତଚନ୍ଦ୍ର ରାଉତ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଚନା ପ୍ରତିଯୋଗିତାରେ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ର ସ୍ୱସ୍ତିକାନ୍ତ ଲେଙ୍କା, ଗଡ଼ବାନ୍ଧଗୋଡା କଲ୍ୟାଣୀ ବିଦ୍ୟାପୀଠର ଛାତ୍ରୀ ଅର୍ପିତା ନାୟକ, ବଳରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ପରମେଶ୍ୱର ବେହେରା ପୁରସ୍କୃତ ହୋଇଥିଲେ।

**ଶାଳପଡ଼ାରେ ରାସ୍ତା ଦେଉଛି ଯନ୍ତ୍ରଣା**

# ନିର୍ମାଣ ସରିବା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ଦାବି

ଆନନ୍ଦପୁର, ୧୧।୧୦ (ସମିସ):

ଜାତୀୟ ରାଜପଥର ଶାଳପଡ଼ାଠାରେ ରାସ୍ତା ନିର୍ମାଣ ସରିବା ପର୍ଯ୍ୟନ୍ତ ଏହି ରାସ୍ତାରେ ଲୁହାପଥର ପରିବହନ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ପ୍ରଶାସନ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଖୁବଶୀଘ୍ର ଅଞ୍ଚଳବାସୀ ଓ୍ କେତେକ ସ୍ୱେଚ୍ଛାସେବୀ ସଂଗଠନ ରାସ୍ତା ଅବରୋଧ କରିବାକୁ ସଜବାଜ ହେଉଥିବା ଆଲୋଚନାରୁ ଜଣାଯାଇଛି। ଦୁଇ ପାର୍ଶ୍ୱ ସର୍ଭିସ ରୋଡକୁ ମଜବୁତ ନକରି ଜାତୀୟ ରାଜପଥକୁ ବନ୍ଦ କରି ଭିୟୁପି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ଠିକସଂସ୍ଥାର ଅବଧି ଶେଷ ହୋଇ ଚାରିଥର କଣ୍ଟ ଖିଲାପ କରିଥିଲେ ମଧ ଏଯାଏ ନିର୍ମାଣ କାର୍ଯ୍ୟ ସରୁ ନଥିବାରୁ ସାଧାରଣରେ ଅସନ୍ତୋଷ ଖୁବ ଶୀଘ୍ର ବିସ୍ଫୋରିତ ହେବା ଆଶଙ୍କା ପ୍ରକାଶ ପାଇଛି। ସର୍ଭିସ ରୋଡ ଅବସ୍ଥା ପ୍ରତିମୁହୂର୍ତ୍ତରେ ଶୋଚନୀୟ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ ବସ ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁନାହିଁ। ଏଣୁ ଏହି ରାସ୍ତାରେ ଲୁହାପଥର ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ଅକ୍ଟୋବର ମାସ ଅଧା ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଆନନ୍ଦପୁରର ଗୁରୁତ୍ୱପୂର୍ଣ୍ଣ ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଓ୍ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୯ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦକରି ସମସ୍ତ ଗାଡ଼ି ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରି ଗାଡ଼ି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି।



## ମୟୂରଭଞ୍ଜ ଜିଲ୍ଲାରେ ଝୁଣ୍ଟୁଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ୮୧% ନିର୍ମାଣ ଶେଷ; ୬୬ ହଜାରରୁ ଊର୍ଦ୍ଧ୍ୱ ଗୃହ ଅସମ୍ପୂର୍ଣ୍ଣ

**ବାରିପଦା, ୧୧।୧୦(ସମିସ)**



ଭୌଗୋଳିକ ଦୃଷ୍ଟିରୁ ରାଜ୍ୟର ବୃହତ୍ତମ ଜିଲ୍ଲା ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବା ବେଳେ ଏଠାରେ କଚ୍ଚାଘର ସଂଖ୍ୟା ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ସର୍ବାଧିକ। ଏଥିପାଇଁ ରାଜ୍ୟର ସର୍ବାଧିକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମୟୂରଭଞ୍ଜ ଜିଲ୍ଲାରେ ନିର୍ମାଣ ପାଇଁ ସବୁବେଳେ ସର୍ବାଧିକ ଅନୁଦାନ ଆସିଥାଏ। ପୂର୍ବ ସରକାରଙ୍କ ସମୟରେ ଏହି ଜିଲ୍ଲାରେ ଅନେକ ଆବେଦନକାରୀ ରହିଥିବା ବେଳେ ଶେଷଥର ପାଇଁ ୧ଲକ୍ଷ ୩୭ ହଜାର ୭୨ଟି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଅନୁମୋଦନ ଆସିଥିଲା। ତନ୍ମଧ୍ୟରୁ ୬୬ହଜାର ଆବାସ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି। ଯାହା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। ଗତବର୍ଷ ଏନେଇ ୬୦୦ରୁ ଅଧିକ ଜିଓ ଟ୍ୟାଗିଂ କର୍ମଚାରୀଙ୍କ ଦରମା ବନ୍ଦ କରିଥିଲେ ଜିଲ୍ଲାପାଳ। ପରେ ପରିସଂଖ୍ୟାନରେ କିଛିଟା ଉନ୍ନତି ଘଟିଥିବାବେଳେ ବର୍ଷ ଶେଷ ବେଳକୁ ସେହି ସମସ୍ୟା ପୁଣି ଆସି ଠିଆହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ଜିଲ୍ଲାର ୨୬ଟି ବ୍ଲକର ହିସାବକୁ ଦେଖିଲେ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନା ଏବେ ବି ୧୯% ଘର ନିର୍ମାଣ ଶେଷ ହୋଇନାହିଁ। ଅନେକ ହୀତାଧିକାରୀ ପ୍ରଥମ କିସ୍ତି ଉଠାଇ ସାରିଥିବା ବେଳେ କେଉଁଠି ଠିକାଦାର ଟଙ୍କା ଧରି ଛୁ ମାରିଛନ୍ତି ତ କେଉଁଠି ଟଙ୍କାର ଅଭାବ ଯୋଗୁଁ ସାମଗ୍ରୀ ଯୋଗାଡ କରି ଛାତ ନ ପକାଇ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଛି ଆବାସ ଘର। ଅନେକ ସ୍ଥାନରେ ଘର ନିର୍ମାଣ ସାମଗ୍ରୀ ମିଳୁ ନ ଥିବାରୁ ଗୃହକାର୍ଯ୍ୟକୁ ଅଧରା ପକାଇ ରଖିଛନ୍ତି ହିତାଧିକାରୀ। ଏପରି ସ୍ଥଳରେ ବ୍ଲକ ଓ ପଞ୍ଚାୟତ ଅଧିକାରୀ ତୁରନ୍ତ ଗୃହ ନିର୍ମାଣ ସମାପ୍ତ ପରେ ଅନୁଦାନ ରାଶି ଉଠାଇବା ପାଇଁ ବାଧ କରୁଛନ୍ତି। ଜିଲ୍ଲାର କପ୍ତିପଦା, ରରୁଆଁ, ଯଶିପୁର, ଠାକୁରମୁଣ୍ଡା ଆଦି ବ୍ଲକରେ ସବୁଠାରୁ ନୈରାଶ୍ୟ ଜନକ ରିପୋର୍ଟ ରହିଛି। ଏଠାରେ ୨୫ ପ୍ରତିଶତ ଗୃହନିର୍ମାଣ ବର୍ଷ ବର୍ଷ ହେଲା ଅଧୁରା ହୋଇରହିଛି। ସେହିପରି କୁସୁମୀ, ମୋରଡା, କରଞ୍ଜିଆ, ବିଶୋଇ, ଉଦଳା, ଶୁକୁଳି, ରାସଗୋବିନ୍ଦପୁର, ରାଇରଙ୍ଗପୁର, କୁଳିଅଣା ଆଦି ବ୍ଲକମାନଙ୍କରେ ଏବେ ବି ୨୦% ଘରନିର୍ମାଣ ସରିନାହିଁ। ତେବେ କେନ୍ଦ୍ରସରକାର ଦେଇଥିବା ଅବଧି ମଧ୍ୟରେ ହିତାଧିକାରୀଙ୍କ ଘର ନିର୍ମାଣ ସମ୍ପୂର୍ଣ୍ଣ ନ ହେଲେ ଆଗକୁ ଜିଲ୍ଲାର ଲକ୍ଷାଧିକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଟାର୍ଗେଟକୁ ପହଞ୍ଚିବା ପାଇଁ ହିତାଧିକାରୀଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ଗୃହନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକ୍‌ଭାବେ ତଦାରଖ ନକରିବା ଯୋଗୁଁ ଏଭଳି ସ୍ଥିତି ସାମ୍ନାକୁ ଆସିଛି ବୋଲି ପ୍ରତିକ୍ରିୟା ମିଳିଛି। କୌଣସି ଏଜେନ୍ସି ସହାୟତାରେ ଅଧୁରା ଗୃହଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଛନ୍ତି ହିତାଧିକାରୀ। ଗତବର୍ଷ ୮୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ଆବାସ ନିର୍ମାଣ ବାକି ପଡ଼ିଥିଲା ବେଳେ ଏବେ ଏହା ୭୦ହଜାର ତଳକୁ ଆସିଛି। ଗ୍ରାଉଣ୍ଡ ଲେବେଲରେ ପିଇଓ, ଏଡିଇଓଙ୍କ ସହ ଅନ୍ୟ ସମସ୍ତ ଅଧିକାରୀ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ତଦାରଖ ଜାରି ରଖିଛନ୍ତି। ବର୍ଷା ପାଇଁ ଗୃହନିର୍ମାଣ ଉପକୋରଣ ନମିଳିବା ଯୋଗୁଁ କିଛିଟା କାର୍ଯ୍ୟ ଧିମେଇଛି। ବହୁ ହିତାଧିକାରୀ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ଉଠାଇ ନେଇ ଅନ୍ୟ କାର୍ଯ୍ୟରେ ଖର୍ଚ୍ଚ କରିଦେଇ ଧରାଛୁଆଁ ଦେଉନାହାନ୍ତି। କିଛି ସ୍ଥାନରେ ଠିକାଦାର ଘର କରିଦେବେ ବୋଲି କହି ଠକିଥିବା ଭଳି ସମାସ୍ୟା ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂଆ ଆବେଦନକାରୀ ଙ୍କ ସଂଖ୍ୟା ଲକ୍ଷେ ଟପିଲାଣି। ପୁରୁଣା ଘରକାମ ସମାପ୍ତ ନ ହେଲେ ଜିଲ୍ଲାକୁ ନୂଆ ଟାର୍ଗେଟ ଆସିବନାହିଁ। ତେଣୁ ଯଥାଶୀଘ୍ର ପୁରୁଣା ଆବାସ ନିର୍ମାଣ କାର୍ଯ୍ୟ ସମାପ୍ତକରିବା ନିତାନ୍ତ ଆବଶ୍ୟକ ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାରେ ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ପିଏମ୍ ଜନମନ ଯୋଜନା ସୁରୁଖୁରୁରେ ଚାଲିଥିବା ବେଳେ ଅସମ୍ପୂର୍ଣ୍ଣ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାକୁ ଆମେ ସୁରୁଖୁର ଶେଷ କରିବାକୁ ତୃଣମୂଳସ୍ତରରେ କାମ ଆରମ୍ଭ କରିଛୁ। ତେଣୁ ତୁରନ୍ତ ଏହି ଟାର୍ଗେଟକୁ ଶେଷ କରିବାକୁ କୁହାଯାଇଛି। ଏଗୁଡିକ ପୂର୍ଣ୍ଣାଙ୍ଗ ନ ହେଲେ ନୂଆ ଟାର୍ଗେଟ ମିଳିବାରେ ନିଶ୍ଚିତ ସମାସ୍ୟା ଉପୁଜିବ ଏଥିରେ ସନ୍ଦେହ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି।

**ପୁରୁଣା ଶେଷ ନ ହେଲେ ମିଳିବନି ନୂଆ ଟାର୍ଗେଟ୍**

**୯ ବର୍ଷରେ ୩.୫୦ଲକ୍ଷ ଆବାସ ନିର୍ମାଣ ପାଇଁ ମଞ୍ଜୁରୀ**

## ପିଏମ୍ ଧନଧାନ୍ୟ କୃଷି ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ ଯୋଜନାର ଶୁଭାରମ୍ଭ



**ବାରିପଦା, ୧୧।୧୦(ସମିସ):** ଶନିବାର ନୂଆଦିଲ୍ଲୀ ଜାତୀୟ କୃଷି ବିଜ୍ଞାନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଦେଶରେ ଦୁଇଟି ନୂତନ ଯୋଜନାର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ସହଯୋଗରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମ କାନ୍ତ ସଏ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ରାଜ୍ୟର ମାଲକାନଗିରି, କନ୍ଧମାଳ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏହି ଯୋଜନାର ଉତ୍ପାଦନ ବୃଦ୍ଧି, ଜଳସେଚନ ଅଭିବୃଦ୍ଧି, ଅଣଧାନ ଫସଲର ଅଭିବୃଦ୍ଧି ଏବଂ ସହଜ ଋଣର ସୁବିଧା ଆଦି ଏହାର ଲକ୍ଷ୍ୟ ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ଦେଶର ଚାଷୀଙ୍କୁ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଟଙ୍କଧର କାଲୋ ଚାଷୀଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ରମ୍ୟରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନିଲତା ଭୂୟାଁ, ପ୍ଲାବିତା ରାୟ, ଗୋବିନ୍ଦ ଚନ୍ଦ୍ର ଧଳ ପରିଚାଳନାରେ ସହଯୋଗ କରିଥିବା ବେଳେ କାନ୍ତା ପୁଥାଲ, ସରୋଜ ଦାସ, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁ, ସିଦ୍ଧାର୍ଥ ଦାସ, ତୁଷାର ମହାନ୍ତି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୬୯ ଜଣ ଚାଷୀ ଯୋଦେଇ ନୂତନ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ।

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

**ରାଇରଙ୍ଗପୁର, ୧୧।୧୦ (ସମିସ):** ଶୌଚ ହେବାକୁ ଯାଇଥିବାବେଳେ ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ବନଖଣ୍ଡ ବିଭାଗ ଅନ୍ତର୍ଗତ ବାଁସିଲା ଗ୍ରାମରେ ଘଟିଛି। ମୃତକ ହେଲେ ବୃଦ୍ଧ ରାମତା କଳାଃ। ସେ ଶନିବାର ଭୋରୁ ଡୁଙ୍ଗୁରୀ ପଟକୁ ଶୌଚ ହେବାକୁ ଯାଇଥିଲେ; ହେଲେ ହାତୀପଲରୁ ଅଲଗା ହୋଇ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବନବିଭାଗ ପହଞ୍ଚି ଯାଞ୍ଚ କରିବା ସହିତ ବାଦାମପାହାଡ଼ ପୁଲିସକୁ ଖବର ଦେଇଥଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି।

## ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଜିଲ୍ଲାରୁ ୨୪ ଖେଳାଳି




**ବାରିପଦା, ୧୧।୧୦(ସମିସ):** ଭଦ୍ରକ ଜିଲ୍ଲା ଚରମ୍ପା ସ୍ଥିତ ହନୁମାନଜୀଉ ଉଚ୍ଚ ବିଦ୍ୟାଳୟ, ରେଳବାଇ ପଡ଼ିଆରେ ଆସନ୍ତା ୧୨ରୁ ୧୪ ତାରିଖ ଯାଏ ଚାଲୁଥିବା ଓଡ଼ିଶା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ଖେଳାଳି ସାମିଲ ହୋଇଛନ୍ତି। ଜେନେରାଲ ମ୍ୟାନେଜର ଭାବେ ପିଇଟି ପ୍ରଦୀପ ଚୌଧୁରୀ, ବାଳକ ଟିମ ମ୍ୟାନେଜର ଭାବେ ପିଇଟି ଉଷାକାନ୍ତ ମଲ୍ଲିକ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ତପସ୍ୱିନୀ ମହାନ୍ତଙ୍କ ନେତୃତ୍ୱରେ ବାଳକ ବିଭାଗରେ ଭବେଷ ଦାସ, ଧନଞ୍ଜୟ ମହାନ୍ତ, ସଞ୍ଜୟ କୁମାର ରାଉତ, ସ୍ୱରୂପାନନ୍ଦ ବାରିକ, ଦେବକୃଷ୍ଣ ପ୍ରଧାନ, ରାଧାକୃଷ୍ଣ ସାହୁ, ଦିବ୍ୟରଞ୍ଜନ ମଲ୍ଲିକ, ଭବେଶ ସାହୁ, ତନୁଜିତ ବାରିକ, ଶିବୁ ପରିଡ଼ା, ବାସୁଦେବ ଧଳ, ଓମ ପ୍ରକାଶ ସାହୁ ଓ ବାଳିକା ବିଭାଗରେ ଦାଙ୍ଗି ହାଁସଦା, ଅନିତା ଜାମୁଦା, ସାରଥୀ ହେମ୍ବ୍ରମ, ପାନ ହାଁସଦା, ଲକ୍ଷ୍ମୀ ବାସ୍କେ, ଦେବସ୍ମିତା ହାଁସଦା, ରଞ୍ଜିତା ହେମ୍ବ୍ରମ, ବାସନ୍ତୀ ମାଝୀ, କୃଷ୍ଣାରାଣୀ ବେସ୍ରା, କାଜଲ ହେମ୍ବ୍ରମ, ପୁଷ୍ପଲତା ହେମ୍ବ୍ରମ ଓ ଯବା ଟୁଡୁ ଯୋଗଦେଇଥିଲେ। ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଏବଂ ଭଲିବଲ ଏନଆଇଏସ କୋଚ ମନୋରଞ୍ଜନ ଜିଉ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ବିଷୟ ଭିତ୍ତିକ ଆଲୋଚନାଚକ୍ର



**ବହଳଦା, ୧୧।୧୦ (ସମିସ):** ବହଳଦା ବ୍ଲକ ଅନ୍ତର୍ଗତ ବହଳଦା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କ୍ୱାଣ୍ଟମ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ ପ୍ରସଙ୍ଗରେ ଏକ ବ୍ଲକ ସ୍ତରୀୟ ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୱାଣ୍ଟମ ଯୁଗର ଆରମ୍ଭ ପ୍ରସଙ୍ଗରେ ଅନୁଷ୍ଠିତ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ରଞ୍ଜନ ନନ୍ଦ ଓ ରଘୁନାଥ ଜୀଉ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୀଲ ସେଠୀ ବିଚାରପତି ଭାବେ ଉପସ୍ଥିତ ରହିଥିବା ବେଳେ ତାଙ୍କ ସହିତ ବହଳଦା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋନରଞ୍ଜନ ଗିରି ଓ କୁଲଗୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ପାଣୀଗ୍ରାହୀ ମଞ୍ଚାସୀନ ରହିଥିଲେ। ବହଳଦା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋନରଞ୍ଜନ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ତନୁଜା ମହାନ୍ତ ଓ ଅଶୋକ କୁମାର ପ୍ରଜାପତି ମଞ୍ଚ ପରିଚାଳନା କରିଥିଲେ। ଏହି ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ବହଳଦା ବ୍ଲକର ୧୧ଟି ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝାଡଗାଁ ର ଅନିଶା ପଣ୍ଡା ପ୍ରଥମ ସ୍ଥାନ, ବହଳଦା ଉଚ୍ଚବିଦ୍ୟାଳୟର ଛାତ୍ର ନିବେନ୍ଦୁ ଦାଣ୍ଡିଆ ଏବଂ ଝରାଡିହି ଉଚ୍ଚମାଧମିକ ବିଦ୍ୟାଳୟର ଛାତ୍ରୀ ପୂର୍ଣ୍ଣିମା ମିଶ୍ର ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ।

## ବିଜେପି ସରକାରଙ୍କ ପ୍ରତାରଣାର ଶିକାର ହେଉଛନ୍ତି ଅଧ୍ୟାପକ

# ୧୦ବର୍ଷ ହେଲା ମିଳିନି ଅନୁଦାନ ରାଶି




**ବାରିପଦା, ୧୧।୧୦(ସମିସ):** ରାଜ୍ୟର ବିଜେପି ସରକାର ଅଧ୍ୟାପକଙ୍କୁ ପ୍ରତାରିତ କରିଛନ୍ତି। ଗତ ୧୦ ବର୍ଷର ଅନୁଦାନ ରାଶି ଅଧ୍ୟାପକଙ୍କୁ ପ୍ରଦାନ କରିବା ନେଇ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଏ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅନୁଦାନ ରାଶି ପ୍ରଦାନ କରିବା ନେଇ ଦାବି ଉପସ୍ଥାପନ କରିଛନ୍ତି। ଜିଲ୍ଲା କମିଟି ପକ୍ଷରୁ ବାରିପଦା ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନର ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜନ କରାଯାଇଛି। ଗତ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଧ୍ୟାପକମାନେ ଅନୁଦାନ ରାଶି ପାଇ ନାହାଁନ୍ତି। ଯାହାକୁ ନେଇ ସେମାନେ ବାରମ୍ବାର ଦାବି ଉପସ୍ଥାପନ କରିଛନ୍ତି। କିନ୍ତୁ ବିଜେପି ସରକାର ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଛନ୍ତି। ଅନୁଦାନ ରାଶି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ସମୟରେ ମୁଖ୍ୟମନ୍ତ୍ରୀ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅକ୍ଟୋବର ୧୦ ତାରିଖରେ ଦାବି ପୂରଣ ହେବ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେନେଇ କୌଣସି ପ୍ରକ୍ରିୟା ହୋଇନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ଦେଇ ମିଥ୍ୟା ପ୍ରତିଶ୍ରୁତି ପାଇଁ ଅଧ୍ୟାପକ ମାନେ ଆଜି ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି; ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗକୁ ଦାବି ପୂରଣ ନ ହେଲେ ଆନ୍ଦୋଳନୀକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମା' ହିଙ୍ଗୁଳାଙ୍କ ଭକ୍ତଙ୍କ ଅକାଳ ବିୟୋଗ



**ବଡସାହି, ୧୧।୧୦(ସମିସ):** ବଡସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଛେଳିଆ(ବି) ଗ୍ରାମର ମା' ହିଙ୍ଗୁଳାଙ୍କ ଜଣେ ପ୍ରମୁଖ ଭକ୍ତ ତଥା ସେବକଙ୍କ ଅକାଳ ବିୟୋଗ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଚନ୍ଦ୍ର ଶେଖର ମହପାତ୍ର( ୫୬)। ସେ ଏକ କାରରେ ନାତିକୁ ନେଇ ପରିବାର ସହ ବାରିପଦା ଯାଉଥିଲେ। ଡୁକୁରା ନିକଟରେ ସେ ଅସୁସ୍ଥ ଅନୁଭବ କରିଥିବା ବେଳେ ବାରିପଦାରେ ନାତିକୁ ଦେଖେଇ ସାରିବା ପରେ ନିଜେ ଆଉ ଚାଲି ପାରି ନଥିଲେ। ଏହି ଦେଖି ତାଙ୍କ ପୁଅ ଓ ପୁତୁରା ତାଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇବା ପରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କଟକ ସ୍ଥାନାନ୍ତର ପରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ସେ ନିଜକୁ ମା' ହିଙ୍ଗୁଳାଙ୍କ ସେବାରେ ଉତ୍ସର୍ଗୀକୃତ କରିଥିବା ବେଳେ ସେ ଜଣେ ମେଳାପି, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଚୋରି ଟ୍ରକ୍ ଶରତ ଘାଟିରୁ ଉଦ୍ଧାର



**ଠାକୁରମୁଣ୍ଡା, ୧୧।୧୦(ସମିସ):** ଚୋରି କରି ନେଉଥିବା ଏକ ୧୪ ଚକିଆ ଟ୍ରକକୁ ଠାକୁରମୁଣ୍ଡା ପୁଲିସ ଉଦ୍ଧାର କରିଛି। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖ ବିଳମ୍ବିତ ରାତିରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଚୋରି ହେଇଥିବା ଏକ ୧୪ ଚକିଆ ଟ୍ରକକୁ ଜବତ କରିବା ପାଇଁ ତରାମରା ଛକ ନିକଟରେ ଅପେକ୍ଷା କରିଥିଲେ। କିଛି ସମୟ ପରେ ଆସୁଥିବା ଟ୍ରକକୁ ଅଟକାଇବାରୁ ଗାଡିଟି ଦ୍ରୁତଗତିରେ ଠାକୁରମୁଣ୍ଡା ଆଡ଼କୁ ପଳାଇଥିଲା। ଟ୍ରକଟି ହନୁମାନ ଛକ ଦେଇ ଠାକୁରମୁଣ୍ଡା ଶରତ ରାସ୍ତାରେ ଯାଇଥିଲା। ଗାଡିଟି ଠାକୁରମୁଣ୍ଡାରୁ ୨୫ କିମି ଦୂର ଶରତ ଘାଟିରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଅଧା ଖସି ଅଟକି ରହିଥିଲା। ପରେ ପୁଲିସ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ କରୁଛି।

## ହେଲପିଂ ହ୍ୟାଣ୍ଡ ପକ୍ଷରୁ ମଧ୍ୟାହ୍ନଭୋଜନ ସେବା ଆରମ୍ଭ



**ବଡସାହି, ୧୧।୧୦(ସମିସ):** ବଡସାହି ହେଲପିଂ ହ୍ୟାଣ୍ଡ ଟ୍ରଷ୍ଟ ଶାଖା ଆନୁକୂଲ୍ୟରେ ଏକ ୧୦ ଟଙ୍କିଆ ମଧ୍ୟାହ୍ନ ଭୋଜନ ସେବା ଆରମ୍ଭ ହୋଇଛି। ଏହି ସେବା ବଡସାହି ବଜାରରେ ଥିବା ବିଏସଏନଏଲ ଅଫିସ ସମ୍ମୁଖରେ ପ୍ରତି ଗୁରୁବାରରେ ଚାଲିଛି। ଆର୍ଥିକ ସହାୟତାକୁ ଦୃଷ୍ଟିରେ ରଖି ଏହି ଅବଧିକୁ ବଢ଼ାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ସଂଗଠନ ପକ୍ଷରୁ ଗରିବ ଅସହାୟ ରୋଗୀଙ୍କୁ ରକ୍ତଦାନ, ଅସହାୟ ରୋଗୀଙ୍କୁ ସାହାର୍ଯ୍ୟ, ଗରିବ ପିଲାଙ୍କୁ ମାଗଣା ଶିକ୍ଷାଦାନ, ଅନାଥ ଓ ବୃଦ୍ଧାଶ୍ରମରେ ଖାଦ୍ୟ ବଣ୍ଟନ, ରକ୍ତଦାନ ଶିବିର, ବସ୍ତ୍ର ବଣ୍ଟନ, ବୃକ୍ଷରୋପଣ ଓ ମୃତ୍ତିକା ସଂରକ୍ଷଣ ଆଦି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିପାଇଁ ଯେଉଁ ସହୃଦୟ ବ୍ୟକ୍ତି ଦାନ କରିବାକୁ ଚାହିଁବେ, ସେ କରିପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଶ୍ରେଣୀ ଗୃହ ନିର୍ମାଣ ନିମ୍ନମାନର | ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

**ବାରିପଦା/ଶୁଳିଆପଦା, ୧୧।୧୦(ସମିସ)**



ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମପଞ୍ଚାୟତର ଦେଉଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅତ୍ୟାଧୁନିକ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଜାରି ରହିଛି। ଖୋଦ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ନିମ୍ନମାନର ଉକ୍ତ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ତ୍ୱରିତ ହୋଇ ଛାତ ଢଳେଇ ପର୍ଯ୍ୟନ୍ତ ପହଞ୍ଚି ଗଲାଣି; କିନ୍ତୁ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ। ଫଳରେ କାର୍ଯ୍ୟ କେଉଁ ବିଭାଗ ଓ ଅଟକଳ ମୂଲ୍ୟ କେତେ ତାହା ଜଣା ପଡୁନାହିଁ। କାରଣ ଏହି ଶ୍ରେଣୀ ଗୃହ କାର୍ଯ୍ୟଟି ଅତି ନିମ୍ନମାନର ହେଉଛି ବୋଲି ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଉକ୍ତ ଗୃହ ନିର୍ମାଣ ପାଇଁ ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୫୪ ହଜାର ୨୨୭ ଟଙ୍କା ଥିବା ବେଳେ ବ୍ଲକରେ ଟେଣ୍ଡର ହୋଇଥିଲା। ଶ୍ରେଣୀ ଗୃହ ପ୍ଲିନ୍ଥ୍ ଓ କଲମରେ ନିମ୍ନମାନର ରୋଡ ସହିତ କମ୍ପାକସନ ପାଇଁ ଭାଇବ୍ରେଟର ବ୍ୟବହାର କରାଯାଇନାହିଁ। ଯାହା ଫଳରେ ବିଦ୍ୟାଳୟର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଶ୍ରେଣୀ ଗୃହ ଗୁଡ଼ିକ ମଧ୍ୟରେ ଫିଲିଂ ପାଇଁ ବାଲି ବଦଳରେ ମୋରମ ଓ ମାଟି ବ୍ୟବହାର କରାଯାଇଛି। ମୋରମ ଓ ମାଟି ଭର୍ତ୍ତି କରି ତା ଉପରେ କଂକ୍ରିଟ କରାଯାଇଥିବାର ଅଭିଯୋଗ କରିଛନ୍ତି। ନିମ୍ନମାନ ଇଟା, ମେଟାରିଆଲ୍ସ ସହ ଭାଗ ମାପ ମଧ୍ୟ ଠିକ୍ ହେଉନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ବାବଦରେ ଶୁଳିଆପଦା ବ୍ଲକ ଯନ୍ତ୍ରୀ ତପନ କୁମାର ଦାସ ଓ ସହକାରୀ ଯନ୍ତ୍ରୀ ଅମଜାଦା ଅଲ୍ଲିଙ୍କୁ ପଚାରିବାରୁ ସବୁ କିଛି ଠିକ୍ ଭାବେ ଚାଲିଛି ବୋଲି କହିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟଟି ନିମ୍ନମାନର ହେଉଛି ବୋଲି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପରେ ଠିକାଦାର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି। କୁନି କୁନି ପିଲାଙ୍କ ପାଇଁ ଶ୍ରେଣୀ ଗୃହ ହେଉଥିବା ବେଳେ ତାଙ୍କ ଜୀବନ ସହ ଖେଳିବା ସଦୃଶ୍ୟ ଅଟେ। ଏହି କାର୍ଯ୍ୟରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ପିସି କାରବାର ଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି।

## ଚୋରା ମଦ କାରବାର ରୋକିବାରୁ ପୁଲିସକୁ ଗାଳି

**ବାରିପଦା, ୧୧।୧୦(ସମିସ):** ଲକ୍ଷ୍ମୀପୋଷି ଅଞ୍ଚଳରେ ଚୋରା ମଦ କାରବାରକୁ ରୋକିବାରୁ ପୁଲିସକୁ ଗାଳିଗୁଲଜ କରିବା ନେଇ ଅଭିଯୋଗ ହୋଇଛି। ଏନେଇ ଭଞ୍ଜପୁର ଥାନାର ଏଏସଆଇ ସମୀର ସେନାପତିଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରାଯାଇଛି। ସେ ଅନ୍ୟ ଥାନା କର୍ମଚାରୀଙ୍କ ସମେତ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଚୋରା ମଦ କାରବାର ନେଇ ଖବର ପାଇଥିଲେ। ଯାହାକୁ ନେଇ ଲକ୍ଷ୍ମୀପୋଷି କେନାଲ କଡ଼ରେ ଥିବା ଏକ ପାନ ଦୋକାନରେ ଚଢ଼ଉ କରିଥିଲେ। ଉକ୍ତ ସମୟରେ ଦୋକାନର ମାଲିକ ସୁଦର୍ଶନ ପୁଟି ଓ ତାଙ୍କ ସ୍ତ୍ରୀ ରାଜଶ୍ରୀ ପୁଟି ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଯାହାକୁ ନେଇ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗକ୍ରମେ ଉଭୟଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି ପୁଲିସ।

ବ୍ୟବସ୍ଥିତ ହୋଇପାରୁନି ମହାନଗରରେ ବର୍ଜ୍ୟ ପରିଚାଳନା

# ଖର୍ଚ୍ଚ ୩ କୋଟି, ସହର ଆବର୍ଜନାମୟ

**ସମ୍ବଲପୁର, ୧୧।୧୦ (ସମିସ)**

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳୁଛି। ୨୦୧୩ରୁ ମହାନଗର ଘୋଷଣା କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଆବର୍ଜନା ପରିଚାଳନା ବ୍ୟବସ୍ଥିତ ହୋଇପାରିନାହିଁ। ସହରର ବିଭିନ୍ନ ସ୍ଥାନ ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ଅଳିଆ ପଡ଼ିରହି ପରିବେଶ ପ୍ରଦୂଷିତ କରୁଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କଠିଣ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍‌ଡବ୍ଲୁଏମ୍) ପାଇଁ ମାସିକ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ପଡ଼ିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଦୂରଦୃଷ୍ଟିବିହୀନ କାର୍ଯ୍ୟ, ଭିତ୍ତିଭୂମିର ଅଭାବ ଏବଂ ବିଭାଗୀୟ ମନିଟରିଂ ନକରିବା ଯୋଗୁଁ ଏଭଳି ସ୍ଥିତି ଉପୁଜୁଥିବା ସଚେତନ ମହଲରେ ଅଭିଯୋଗ ହେଉଛି।

୨୦୧୩ ମସିହାରେ ସମ୍ବଲପୁର ପୌରାଞ୍ଚଳ, ବୁର୍ଲା ଓ ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ଧନକଉଡ଼ା ବ୍ଲକର ୭ଟି ଗ୍ରାମ ପଞ୍ଚାୟତ ଓ ମାନେଶ୍ୱର ବ୍ଲକର ୫ଟି ଗ୍ରାମ ପଞ୍ଚାୟତକୁ ନେଇ ସମ୍ବଲପୁର ମହାନଗର ନିଗମ ଗଠନ କରାଯାଇଛି। ମହାନଗରରେ ରହିଛି ୪୧ଟି ୱାର୍ଡ। ଏଥିରେ ଗୃହ ସଂଖ୍ୟା ୯୬ ହଜାରରୁ ଅଧିକ ଆକଳନ କରାଯାଇଥିବାବେଳେ ଭଡ଼ାଘରକୁ ମିଶାଇଲେ ଏହି ସଂଖ୍ୟା ୧ ଲକ୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ହେବ। ଏହାକୁ ସଠିକ ଭାବେ ସର୍ଭେ କରାଯାଇନାହିଁ। ସମ୍ବଲପୁର ମହାନଗର ନିଗମରେ ଦୈନିକ ୧୯୬ ମେଟ୍ରିକ ଟନ ପାଖାପାଖି ଅଳିଆ ଆବର୍ଜନା ବାହାରୁଛି। ତାହାର ପ୍ରକ୍ରିୟାକରଣ ତ ଦୂରର କଥା ସମ୍ପୂର୍ଣ୍ଣଭାବେ ସଂଗ୍ରହ କରାଯାଇପାରୁନାହିଁ। ୨୦୧୯ ମସିହାରେ ମାତ୍ର ୬୧ଟି ଅଳିଆ ଗାଡ଼ି ଥିବାବେଳେ ଏବେ ତାହା ୧୨୦ରେ ପହଞ୍ଚିଛି। ଏହି ସଂଖ୍ୟା ଆବଶ୍ୟକତାଠାରୁ ପ୍ରାୟ ୩୦ରୁ ୪୦ ପ୍ରତିଶତ କମ୍। ମହାନଗର ନିଗମ ଦ୍ୱାରା ବ୍ୟବହୃତ ହେଉଥିବା ଟାଟା-ଏସ୍ ଓ ଟ୍ରାକ୍ଟର ଗାଡ଼ିରୁ ସବୁସମୟରେ କିଛିସଂଖ୍ୟକ ଗାଡ଼ି ଅଚଳ ରହୁଛି। ଗାଡ଼ି ଗୁଡ଼ିକ ବୈଷୟିକ ତ୍ରୁଟି ହେଉଥିବାବେଳେ ସେଥିପାଇଁ ସମର୍ପିତ ଗ୍ୟାରେଜ ବ୍ୟବସ୍ଥା ଏଯାବତ୍ ହୋଇପାରିନି। ବ୍ୟାଟେରୀ ଚାଳିତ ଗାଡ଼ିଗୁଡ଼ିକ ଖରାପ ହେବାସହ ମରାମତି କରାଯାଇପାରୁନାହିଁ।





ଖୁବ୍ ଶୀଘ୍ର ସେଗୁଡ଼ିକ ହଟାଇଦିଆଯିବ ବୋଲି ଜଣାପଡ଼ିଛି। ପ୍ରତିଦିନ ମହାନଗର ନିଗମର ଅଳିଆ ଗାଡ଼ି ଘରକୁ ଘର ଯାଇ ଅଳିଆ ସଂଗ୍ରହ କରୁଛି। ତେବେ, ବହୁ ସମୟରେ ତାହାର ଓଦା ଓ ଶୁଖିଲା ପୃଥକୀକରଣ ଅଭାବରୁ ତାହାକୁ ୱେଲ୍‌ଥ ସେଣ୍ଟର ବଦଳରେ ଡମ୍ପିଂ ୟାର୍ଡକୁ ପଠାଇ ଦିଆଯାଉଥିବା ଦେଖାଯାଉଛି। ନିଗମ ଅଞ୍ଚଳରେ ଅଳିଆ ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ୯ଟି ୱେଲ୍‌ଥ୍ ସେଣ୍ଟର ରହିଛି। ଏଠାରେ ପ୍ରତ୍ୟେକ ଦିନ ଆବର୍ଜନା ପ୍ରୋସେସିଂ କରାଯାଉଛି।

ସମ୍ବଲପୁର ମହାନଗର ନିଗମରେ ସଫେଇ ଏବଂ ବର୍ଜ୍ୟ ପରିଚାଳନା ସକାଶେ ମାସିକ ପ୍ରାୟ ୨ କୋଟି ୬୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ତାହା ଏଯାଏ ବ୍ୟବସ୍ଥିତ ହୋଇପାରିନାହିଁ। ମହାନଗର ନିଗମର ୪୧ଟି ୱାର୍ଡରୁ ମାତ୍ର ୯ଟି ୱାର୍ଡ ସଫେଇ ଓ ଆବର୍ଜନା ପରିଚାଳନା ଦାୟିତ୍ୱ ମହାନଗର ନିଗମ ନିଜ ହାତରେ ରଖିଥିବାବେଳେ ବଳକା ୩୨ଟି ୱାର୍ଡ ଦାୟିତ୍ୱରେ ଦୁଇଟି ଘରୋଇ ସଂସ୍ଥା ରହିଛନ୍ତି। ଘରୋଇ ସଂସ୍ଥା ଗୁଡ଼ିକ ପାଖରେ ଆବଶ୍ୟକ ଉପକରଣ ଓ ଗାଡ଼ି ନଥିବା ବହୁସମୟରେ ଅଭିଯୋଗ ହେଉଛି। ସେମାନେ ସଠିକ୍ ଭାବେ ସଂଗ୍ରହ ଓ ବର୍ଜ୍ୟ ପରିଚାଳନା କରୁନଥିବା ଦେଖାଯାଉଛି। ଆସନ୍ତା ନଭେମ୍ବର ୧୬ ତାରିଖରେ ଏହି ଦୁଇଟି ସଂସ୍ଥାର ଚୁକ୍ତି ଅବଧି ଶେଷ ହୋଇଯିବ ବୋଲି ସୂଚନା ମିଳିଛି। ଟେଣ୍ଡର କରିବା ସମୟରେ ଏସ୍‌ଡବ୍ଲୁଏମ୍ କିମ୍ବା ସିପିଏଚ୍‌ଓ ମେନୁଆଲକୁ ଅନୁସରଣ କରାଯିବା ଉଚିତ। ବହୁ ସମୟରେ ଏଥିରେ ବ୍ୟତିକ୍ରମ ଯୋଗୁଁ ପରିମଳ ପରିଚାଳନା ବ୍ୟବସ୍ଥା ପ୍ରଭାବିତ ହୋଇଥାଏ।

ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ କହିଛନ୍ତି, ସମ୍ବଲପୁରକୁ ସଫା ରଖିବାକୁ ଆମେ କର୍ମଚାରୀଙ୍କ ଦ୍ୱାରା ସଫେଇ ଏବଂ ଆବର୍ଜନା ପରିଚାଳନା କରୁଛୁ। ଲୋକଙ୍କୁ ଓଦା ଓ ଶୁଖିଲା ଅଳିଆ ଅଲଗା ଅଲଗା କରି ସଫେଇ ଗାଡିରେ ଦେବାକୁ ଅନୁରୋଧ କରାଯାଉଛି। ଅଳିଆ ଆବର୍ଜନାରୁ ୱେଲଥ ସେଣ୍ଟରରେ ଖତ ତିଆରି କରାଯାଉଛି। ଅନ୍ୟପକ୍ଷରେ ଏକ କେନ୍ଦ୍ରୀୟ ସରକାରୀ ସଂସ୍ଥା ସହ ସମ୍ବଲପୁର ମହାନଗର ନିଗମର ଏକ ଚୁକ୍ତିନାମା କରାଯାଇଛି ଯାହାଦ୍ୱାରା ସମ୍ବଲପୁରରେ ଏକ ବାୟୋ ଗ୍ୟାସ ପ୍ଲାଣ୍ଟ ଅତି ଶୀଘ୍ର ହେବାକୁ ଯାଉଛି। ସଂଗ୍ରହ ହେଉଥିବା ଓଦା ଅଳିଆରୁ ପ୍ରକ୍ରିୟାକରଣ କରାଯାଇ ବାୟୋ ଗ୍ୟାସ ତିଆରି ହେବ। ଏହି ପ୍ରକଳ୍ପର ଡିପିଆର ଶେଷ ପର୍ଯ୍ୟାୟରେ ରହିଥିବା ଆୟୁକ୍ତ ଶ୍ରୀ ଖତ୍ରୀ ସୂଚନା ଦେଇଛନ୍ତି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

**ସମ୍ବଲପୁର, ୧୧।୧୦ (ସମିସ):** ହୀରାକୁଦ ଜଳଭଣ୍ଡାର ପୁଣି ପୂର୍ଣ୍ଣଗର୍ଭା ହୋଇଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଗତ କିଛିଦିନ ହେବ ଜଳସ୍ତର ସର୍ବୋଚ୍ଚ ପାଖାପାଖି ରହୁଥିବାବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ଶନିବାର ଅପରାହ୍ଣରେ ଆଉ ଗୋଟିଏ ଗେଟ୍ ଖୋଲାଯାଇ ମୋଟ ୩ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୫, ୫୬୮ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯, ୩୨୦ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୩୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୬, ୫୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୨, ୩୫୩ ଘନଫୁଟ, ଖଇରମାଲଠାରେ ୧, ୦୬, ୦୦୦ ଘନଫୁଟ, ବାରମୁଲଠାରେ ୧, ୪୪, ୫୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧, ୯୦, ୧୩୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧.୧୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୧୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଝୁଲନ୍ତା ମୃତଦେହ ଉଦ୍ଧାର

**ସମ୍ବଲପୁର, ୧୧।୧୦ (ସମିସ) :** ବୁର୍ଲା ଥାନା ଅନ୍ତର୍ଗତ ବ୍ରହ୍ମପୁରାଠାରେ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଆଜି ପୁଲିସ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଖବର ଦେବାପରେ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଯୁବକଙ୍କ ବୟସ ୩୦ ବର୍ଷ ହେବ। ତେବେ, ସେ କେଉଁ ପରିସ୍ଥିତିରେ ଏବଂ କେଉଁଠାରୁ ଏଠାକୁ ଆସି ଆତ୍ମହତ୍ୟା କରିଛନ୍ତି ପୁଲିସ ତାହାର ତଦନ୍ତ କରୁଛି।

## ଏସିଆନ୍ ଯୁବ କବାଡ଼ି ପ୍ରତିଯୋଗିତାରେ ସମ୍ବଲପୁରର ପ୍ରିୟଙ୍କା



**ସମ୍ବଲପୁର, ୧୧।୧୦ (ସମିସ):** ଆସନ୍ତା ୧୯ ତାରିଖରୁ ବାହାରିନ୍‌ଠାରେ ହେବାକୁ ଥିବା ଏସିଆନ୍ ୟୁଥ୍ କବାଡ଼ି ପ୍ରତିଯୋଗିତାରେ ଅଣ୍ଡର-୧୮ ଯୁବ ଭାରତୀୟ ବାଳିକା କବାଡ଼ି ଦଳ ସକାଶେ ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ମନୋନୀତ ହୋଇଛନ୍ତି। ସେ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ-୨ ଦ୍ୱିତୀୟ ବର୍ଷ ଛାତ୍ରୀ। ପ୍ରିୟଙ୍କାଙ୍କ ବାପା ସୁରେନ୍ଦ୍ର ପଧାନ ଓ ମା' ସଞ୍ଜୁ ପଧାନ ଏବଂ ତାଙ୍କ କୋଚ୍ ଶ୍ରୀକାନ୍ତ ବାରିକ ତାଙ୍କୁ ଏହି ସଫଳତା ଦିଗରେ ପ୍ରେରିତ ଓ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଅଣ୍ଡର-୧୮ ଯୁବ ଏସିଆନ୍ ଗେମ୍ସ (କବାଡ଼ି)ରେ ଅଂଶଗ୍ରହଣ କରୁଥିବା ସୁଶ୍ରୀ ପ୍ରିୟଙ୍କାଙ୍କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରିୟଙ୍କା ଓ ତାଙ୍କ କୋଚ୍‌ଙ୍କୁ ଆଗାମୀ ଏସିଆନ୍ ଗେମ୍‌ସ ଖେଳ ସକାଶେ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ପରିଶ୍ରମ ଓ ନିଷ୍ଠାଙ୍କୁ ପ୍ରଶଂସା କରିବାସହ ପ୍ରିୟଙ୍କା ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

## ଶ୍ରୀଗଣେଶ ହାଇସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୧।୧୦(ସମିସ):** ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଶିବିର ମାସକୁ ୧୦ ଦିନ ହିସାବରେ ୩ ମାସ ଯାଏ ଚାଲିବ। ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ କେମିତି ପ୍ରତିକୂଳ ପରିସ୍ଥିତିକୁ ଅନାୟାସରେ ସାମ୍ନା କରିପାରିବେ, ତାହା ହିଁ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରଶିକ୍ଷିକା ମିନାରାଣୀ ମଲ୍ଲିକ ଓ ସୁଷମା ସଙ୍ଗୀତା ତୀର୍କୀ ଆତ୍ମରକ୍ଷା କୌଶଳ ତାଲିମ ଦେଉଛନ୍ତି।

## ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ



**ସମ୍ବଲପୁର, ୧୧।୧୦(ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ସୁରକ୍ଷା ଅଧିକାରୀ ସରିତା ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦୀପ୍ତି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକାମାନେ କିପରି ନିଜ ଭବିଷ୍ୟତ ଉତ୍ତମ ଭାବରେ ଗଠନ କରିପାରିବେ ସେନେଇ ଆଲୋକପାତ କରିଥିଲେ। ସେ ରାଜ୍ୟସ୍ତରରେ ନିଜକୁ ପ୍ରତିଷ୍ଠିତ କରିବାକୁ ନିଜ ସଂଘର୍ଷର କାହାଣୀ ବଖାଣିଥିଲେ। ସମ୍ମାନିତ ଅତିଥି ପୁଷ୍ପା ମହାପାତ୍ର ବାଳିକାମାନେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ବାଣୀ ମହାପାତ୍ର କିଶୋରୀ ବାଳିକାମାନେ ସମାଜରେ ନିଜକୁ ସୁରକ୍ଷିତ ରଖି ଜୀବନରେ ଶୀର୍ଷକୁ ପହଞ୍ଚିବାକୁ ଉଦ୍ୟମ କରିବାକୁ କହିଥିଲେ। କିଶୋରୀ ବାଳିକାମାନଙ୍କ ମଧ୍ୟରେ କୁଇଜ୍, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ସମ୍ବଲପୁର ସଦର ପ୍ରୋଗ୍ରାମ ଅଫିସର ସୁଭାସିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଅଣ୍ଡର-୧୯ ମହିଳା କ୍ରିକେଟ ଦଳରେ ବୈଦିକ ଛାତ୍ରୀ

**ସମ୍ବଲପୁର, ୧୧।୧୦(ସମିସ):** ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ, ପାଟପାଲି, ଶାସନର ଦଶମ ଶ୍ରେଣୀ ଛାତ୍ରୀ ସ୍ୱାତିକା ବେହେରାଙ୍କ ଓଡ଼ିଶାର ଅଣ୍ଡର-୧୯ ମହିଳା କ୍ରିକେଟ ଦଳରେ ଚୟନ ହୋଇଯାଇଛି ଯାହାକି ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଖୁସିର ବିଷୟ। ସେ ଆଗକୁ ବିସିସିଆଇ ଦ୍ୱାରା ପରିଚାଳିତ ହେବାକୁ ଥିବା ଘରୋଇ ଟି-୨୦ମହିଳା କ୍ରିକେଟରେ ଓଡ଼ିଶା ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ବ୍ୟାଟିଂ ଓ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରୁଥିବା ସ୍ୱାତିକା ପ୍ରତିଦିନ ଅନୁନ୍ୟ ୮ରୁ ୧୦ ଘଣ୍ଟା ପରିଶ୍ରମ କରିଥାନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ଅଭିଭାବକ, ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଅଧ୍ୟକ୍ଷ ଗୀତା ଧର୍ମରାଜନ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଖୁସିବ୍ୟକ୍ତ କରିବା ସହ ସୁଶ୍ରୀ ସ୍ୱାତିକାଙ୍କ ସଫଳତା କାମନା କରିଛନ୍ତି।



## ବିଞ୍ଜିପାଲିରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ଜମନକିରା, ୧୧।୧୦ (ସମିସ):** ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଞ୍ଜିପାଲିରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର କେନାଡ଼ିପା ସିଆରସିସି ବଳଦେବ ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟରରେ ଥିବା ୮ଟି ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବରେ କୀର୍ତ୍ତନ ମାଝୀ ସରପଞ୍ଚ ମହଦା, ମୁଖ୍ୟବକ୍ତା ଭାବରେ ଅନ୍ତର୍ଯ୍ୟାମୀ ମହାରଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନାଡିପା, ସମ୍ମାନୀତ ଅତିଥି ଭାବରେ ସୁଶୀଲ ମାକର ସମିତି ସଭ୍ୟ ମହଦା, ଦେବାନନ୍ଦ ପଧାନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶେଷଦେବ ପଟେଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ହରେଶ ଭୋଇ ଏସଏମସି କମିଟି ସଭାପତି ବିଞ୍ଜିପାଲି ବିଦ୍ୟାଳୟ, ମଞ୍ଜୁଲତା ପଟେଲ ବିଞ୍ଜିପାଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଚାସୀନ ଥିଲେ। ମଣ୍ଟୁ ପଧାନ ସଭା ପରିଚାଳନା କରିଥିବା ବେଳେ ଅତିଥିମାନେ ପ୍ରଥମେ ସରସ୍ୱତୀ ଓ ଗଣେଶଙ୍କ ଫଟୋ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୀପକ ପଟେଲ, ସୁରୁମଣୀ ସୁନାନୀ, ମନୋଜ ଦଣ୍ଡସେନା, ଦେବକୀ ବିଶ୍ୱାଳ, କନକ ମଞ୍ଜରୀ ପଟେଲ, ଲଲାଟ ଧରୁଆ, ଲୁତୁନୀ କିସାନ, ସୁଶାନ୍ତ ପ୍ରଧାନ, ଶିଶିର ନାଏକ, ଡିଲେଶ୍ୱର ପାତ୍ର, ପଙ୍କଜିନୀ ବାଘ, ଶ୍ୟାମ ସୁନ୍ଦର ବାଘ, ଶରତ ବରିହା, ମଧୁମିତା ନାୟକ, ଶୁଭଶ୍ରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଗୁଣ୍ଡୁରୁଚୁଆରେ ୧୫ ତାରିଖ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ।



## ରୋଟାରୀ କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ସମ୍ବଲପୁର, ୧୧।୧୦ (ସମିସ) :** ଆର୍ନ୍ତଜାତିକ କନ୍ୟା ସନ୍ତାନ ଦିବସ ଅବସରରେ ଆଜି ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର୍ ପକ୍ଷରୁ ସହରର ବିଭିନ୍ନ ସ୍କୁଲରେ ମେଗା ଚିତ୍ରାଙ୍କନ ପ୍ରତିଯୋଗିତା 'ସ୍ୱାଲସ୍' ଆୟୋଜିତ ହୋଇଯାଇଛି। ଏହାର ବୈଦିକ ଇଣ୍ଟରନେସନାଲ ସ୍କୁଲ, ଦୁତିକା ପବ୍ଲିକ ସ୍କୁଲ, ବଡ଼ବଜାର ଓ ଗୋପାଳମାଲ ସ୍କୁଲର ଇଣ୍ଟରାକ୍ଟ କ୍ଲବମାନେ ନେତୃତ୍ୱ ନେଇଥିଲେ। କନ୍ୟା ସନ୍ତାନର ଗୁରୁତ୍ୱ, ସଶକ୍ତିକରଣ ଓ ନେତୃତ୍ୱ ବିଷୟରେ ସଚେତନ କରିବାକୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ଶ୍ରେଣୀ ବର୍ଗକୁ ନେଇ ବିଷୟ ଦିଆଯାଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଷୟ 'ସେଭ୍ ଗାର୍ଲ ଚାଇଲ୍ଡ' ଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ 'ଗାର୍ଲସ ଆର୍ ଦ ଫ୍ୟୁଚର୍', ନବମ ଓ ଦଶମ ଶ୍ରେଣୀ 'ଏଜୁକେଟ୍ ଗାର୍ଲସ ଏମ୍ପାୱାର୍ ଦ ନେସନ' ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ 'ଗାର୍ଲସ ଲିଡିଂ ଦ ୱାର୍ଲଡ' ବିଷୟ ରହିଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ରାଜୀବ ଜୈନ, ସମ୍ପାଦକ ସଞ୍ଜୟ ମିତ୍ତଲ, ପୂର୍ବତନ ସଭାପତି ଭଗତ ସିଂହ, ପ୍ରକଳ୍ପ ଚେୟାରମ୍ୟାନ ପୂର୍ବତନ ସଭାପତି ବିଲାଲ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଚିସ୍ମିତା ଷଡ଼ଙ୍ଗୀ, ରଫିନା ନାଜ, ଉର୍ମିଳା ବେହେରା, ଈଶା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ୩୨୬୧ ଡିଷ୍ଟ୍ରିକ୍ଟ ମ୍ୟାନେଜମେଣ୍ଟ ଟିମ୍ (୨୫-୨୬)ର ସଦସ୍ୟ ଭାବେ କ୍ଲବର ପୂର୍ବତନ ସଭାପତି ମହମ୍ମଦ ପରଭେଜ ଅଲୀ ଖାନ ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କୁ ଏକ୍ସପୋଜର ଓ ତାଲିମ କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୧।୧୦(ସମିସ):** ଦେଶର ବିଭିନ୍ନ ସହରରେ ତଳବସ୍ତିର ଅଧିବାସୀ ଏବଂ ପଛୁଆ ଅଞ୍ଚଳର ଗରୀବ ଓ ଉପେକ୍ଷତି ପରିବାର ଗୁଡିକର ପ୍ରକୃତ ବିକାଶ ସାଧନ ସକାଶେ ଦିଲ୍ଲୀସ୍ଥିତ ଆମିଟି ବିଶ୍ୱ ବିଦ୍ୟାଳୟର ଜୈବିକ କୃଷି ବିଭାଗର ଛାତ୍ରଛାତ୍ରୀ ତିନି ମାସ ସ୍ୱତନ୍ତ୍ର ଢଙ୍ଗରେ ଉଦ୍ୟମ କରି ପ୍ରଶଂସିତ ହୋଇଥିବା ଜଣାଯାଇଛି। ଏଥିରେ କୁଚିଣ୍ଡା ଅଞ୍ଚଳର ଜନୈକ ମେଧାବୀ ଛାତ୍ରୀ ରହିଥିବା ଜଣାଯାଇଛି। ସୂଚନା ଅନୁଯାଇ ସହରରେ ବସ୍ତି ତଳର ପରିବାର ଏବଂ ଗ୍ରାମାଞ୍ଚଳରେ ଗରୀବ ଓ ଉପେକ୍ଷତି ପରିବାରର ଶିଶୁ ବା ସନ୍ତାନମାନେ ବହୁସ୍ଥଳେ ଉପେକ୍ଷତି ହୋଇ ରହୁଥିବା ଦେଖାଯାଏ। ଏହାର ସାମଗ୍ରୀକ ବିକାଶ ତଥା ବିଶମୁକ୍ତ ଖାଦ୍ୟ ଯୋଗାଣ ସକାଶେ ଦିଲ୍ଲୀସ୍ଥିତ ଆମଟି ବିଶ୍ୱବିଦ୍ୟାଳୟର ଜୈବକ କୃଷି ବିଭାଗ ଉଦ୍ୟମ ଆରମ୍ଭ କରିଛି। ଉକ୍ତ ବିଭାଗର ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀ ପ୍ର.ଡ.ନିଖିଳ ଚାଣ୍ଡେଲଙ୍କ ତତ୍ତ୍ୱାବଧାନରେ ତିନି ମାସ ଧରି ଦିଲ୍ଲୀ ସ୍ଥିତ କିର୍ତି ନଗରରେ ଏହି ଉପାଦେୟ କାର୍ଯ୍ୟକ୍ରମ ପରୀକ୍ଷଣ ଭାବେ କରିଥିବା କୁହାଯାଉଛି। ସେଠାକାର ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଅନୁଷ୍ଠାନର ସହାୟତାରେ ଗରୀବ ଛାତ୍ରଛାତ୍ରୀ କିପରି ନିଜର ଭବିଷ୍ୟତ ଗଠନର ସ୍ୱପ୍ନ ଦେଖିବା ସହ ବିଷମୁକ୍ତ ଚାଷ କରିବା ଓ ଖାଇବା ଆଦି ଦିଗରେ ଉଦ୍ୟମ କରିବେ ସେଥି ସକାଶେ ଉଦ୍ୟମ କରିଥିବା ପ୍ରକାଶ। ସେଠାକାର ଶିଶୁଙ୍କୁ ପାଠ ପଢ଼ାଇଥିବା ସହ ଗରୀବଙ୍କୁ ଆର୍ଥିକ ସହାୟତା ପାଇଁ ଅର୍ଥ ସଂଗ୍ରହ କାର୍ଯ୍ୟ, ବୃକ୍ଷରୋପଣ ସମେତ ବିଭିନ୍ନ ଉପାଦେୟ ସମାଜସେବୀ କରିଥିବା ଜଣାଯାଇଛି। ଏହି ଦଳରେ କୁଚିଣ୍ଡା ସହରସ୍ଥ ତମନ୍ନା ନାଏକ ନାମ୍ନୀ ଛାତ୍ରୀ ସାମିଲ ହୋଇ ପ୍ରଶଂସିତ ହୋଇଛନ୍ତି।



## ବସନ୍ତପୁରରେ ଆକ୍ୱାପାର୍କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ





**ସମ୍ବଲପୁର, ୧୧।୧୦ (ସମିସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀଠାରେ 'ପିଏମ୍ ଧନ-ଧାନ୍ୟ କୃଷି ଯୋଜନା' ଏବଂ 'ଦଲହନ ଆତ୍ମନିର୍ଭରତା ମିଶନ'ରେ ୪୨ ହଜାର କୋଟି ଟଙ୍କାର ବିଭିନ୍ନ କୃଷି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ପ୍ରକଳ୍ପର ଆଭାସି ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ବଲପୁର ଜିଲ୍ଲା ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତଥା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପ୍ରଧାନମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରୀ ନାଏକ, ମତ୍ସ୍ୟଚାଷ ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ସୁବ୍ରତ ଦାଶ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ଆକ୍ୱାପାର୍କ ମତ୍ସ୍ୟଚାଷ କ୍ଷେତ୍ରରେ ଗବେଷଣାର ସୁବିଧା ଦେବ। ଏହାସହ ଉତ୍ପାଦନ ଦ୍ୱିଗୁଣିତ କରି ଆୟବୃଦ୍ଧି କରିବ ଏବଂ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ ବୋଲି କହିଥିଲେ। ସୂଚନା ଅନୁଯାୟୀ, ଏହି ସମନ୍ୱିତ ଆକ୍ୱାପାର୍କ ବା ଇଣ୍ଟିଗ୍ରେଟେଡ ଆକ୍ୱାପାର୍କ (ଆଇଏପି) ମାଛ ଚାଷରେ ଆଧୁନିକତା ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମୃଦ୍ଧି ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ) ଅଧୀନରେ କାର୍ଯ୍ୟକାରୀ ହେବ।ଏହି ପ୍ରକଳ୍ପଟି ସମ୍ବଲପୁର ଜିଲ୍ଲାର ବସନ୍ତପୁର ଗାଁରେ ଥିବା ୯୫.୪୭୦ ଏକର ଭୂମି ଉପରେ ନିର୍ମିତ ହେବ। ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ଏହି ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୧୦୦ କୋଟି ଟଙ୍କା ରହିଛି। ଏହି ପାର୍କର ଅନେକ ବିଭାଗ ରହିଛି ଯାହା ମାଛ ଚାଷ ଓ ଜଳଜ ପ୍ରଜାତି ବିକାଶ ପାଇଁ ଏକ ସମ୍ପୂର୍ଣ୍ଣ ପରିସର ସୃଷ୍ଟି କରିବ। ଏଥିରେ ଫିସ୍ ପାର୍କ, ଇନ୍‌ଫ୍ରାଷ୍ଟ୍ରକଚର୍ ପାର୍କ, ଫିସ ପ୍ରୋସେସିଂ ପାର୍କ, ପ୍ୟାକିଂ ଆଣ୍ଡ ନେଟ୍ ଆସେସୋରିଜ୍ ପାର୍କ, ନଲେଜ୍ ପାର୍କ ଓ ଆଫ୍ଲୁଆଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଦି ଅନ୍ତର୍ଭୁକ୍ତ ରହିଛି। ଶେଷରେ ମତ୍ସ୍ୟଚାଷ ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ

**ସମ୍ବଲପୁର/ ଝାରସୁଗୁଡ଼ା, ୧୧।୧୦ (ସମିସ):** ବେଦାନ୍ତ ଆଲୁମିନିୟମ ଶନିବାର ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ ଏକ ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଆୟୋଜନ କରିଛି।୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ, କନକ୍ଲେଭ ଏସଟିଇଏଜି ଏନର୍ଜି ସର୍ଭିସେସ୍ ଏବଂ ଏନ୍‌ଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଏସଜିଏଲ) ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଏକ ସହଯୋଗୀ ସୁରକ୍ଷା ଉତ୍କର୍ଷତା କାର୍ଯ୍ୟକ୍ରମ ଯାହା ସକ୍ରିୟ ବିପଦ ପରିଚାଳନାକୁ ପ୍ରୋତ୍ସାହିତ କରିବା ସହିତ କର୍ମଚାରୀଙ୍କ ନେତୃତ୍ୱରେ ନବସୃଜନକୁ ଉତ୍ସାହିତ କରିବା ଏବଂ ମୁଖ୍ୟ ଶିଳ୍ପ କାର୍ଯ୍ୟର ବିଭିନ୍ନ କ୍ଷେତ୍ରରେ ସୁରକ୍ଷାରେ ସାମୂହିକ ଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ସମ୍ଭାବ୍ୟ ବିପଦ ଚିହ୍ନଟ ଏବଂ ହ୍ରାସ କରିବାରେ ଦୋକାନୀ ଦଳଗୁଡ଼ିକୁ ନିୟୋଜିତ କରି, ଏହି ପଦକ୍ଷେପ ବେଦାନ୍ତର କାର୍ଯ୍ୟକ୍ଷମ ଡିଏନଏର ଏକ ସହଜାତ ଅଂଶ ଭାବରେ ସୁରକ୍ଷାକୁ ସ୍ଥାପିତ କରିବାର ଲକ୍ଷ୍ୟ ରଖିଛି।

ଏହି ପ୍ରୟାସର ଏକ ଅଂଶ ସ୍ୱରୂପ, ୨୬ରୁ ଅଧିକ ଅଂଶଗ୍ରହଣକାରୀ ଦଳ ଏକ ବିଶେଷଜ୍ଞ ଜୁରୀ ପ୍ୟାନେଲ ସମ୍ମୁଖରେ ସେମାନଙ୍କର ଅଭିନବ ସୁରକ୍ଷା ଉନ୍ନତି ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ।ସବୁଠାରୁ ପ୍ରଭାବଶାଳୀ ପ୍ରକଳ୍ପଗୁଡ଼ିକୁ ଚାରୋଟି ବର୍ଗରେ ସ୍ୱୀକୃତି ଦିଆଯାଇଥିଲା: ପ୍ଲାଟିନମ୍, ସୁନା, ରୂପା ଏବଂ ବ୍ରୋଞ୍ଜ, ସେମାନଙ୍କର ପ୍ରଭାବଶାଳୀତା, ସୃଜନଶୀଳତା ଏବଂ ୟୁନିଟ୍ ମଧ୍ୟରେ ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ସମ୍ଭାବନା ପାଇଁ, କାର୍ଯ୍ୟକ୍ରମରେ ପ୍ରଦର୍ଶିତ ୩୪ଟି ଶ୍ରେଷ୍ଠ ଧାରଣାକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବେଦାନ୍ତରେ ସୁରକ୍ଷା ଏକ ସହଭାଗୀ ମୂଲ୍ୟ ଯାହା ଆମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟଦକ୍ଷତାକୁ ପରିଭାଷିତ କରେ। ଏସଟିଇଏଜ ଏନର୍ଜି ସର୍ଭିସେସ୍ ଏବଂ ଏନଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଏସଜିଏଲ) ସହିତ ଆମର ସହଯୋଗ ମାଧ୍ୟମରେ, ଆମେ ବ୍ୟାପକ ଶିଳ୍ପରେ ସୁରକ୍ଷା ସଂସ୍କୃତି ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ଉଭୟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।




ଏହି ଅବସରରେ, ଆରକେ. ସିଂହ, ମୁଖ୍ୟ ଟିପପ, ଏସଟିଇଏଜ ଏନର୍ଜି ସର୍ଭିସେସ୍ ଏବଂ ସିପିପି, ଏନ୍‌ଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଜଏସଏଲ) ମୁଖ୍ୟ ଏମଏସ ପଟେଲ ତାଙ୍କ ମତାମତ ପ୍ରଦାନ କରିଥିଲେ। ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଦୃଢ଼ ଅଂଶଗ୍ରହଣକୁ ଆକର୍ଷିତ କରିଥିଲା, ଯାହା ପ୍ଲାଣ୍ଟ ସୁରକ୍ଷା ଏବଂ ସାମୁଦାୟିକ କଲ୍ୟାଣ ବୃଦ୍ଧି କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ୨୫୯୮ ନିଶା ଇଞ୍ଜେକସନ ଜବତ, ୬ ଗିରଫ

ପଦ୍ମପୁର/ପାଇକମାଳ, ୧୧।୧୦(ସମିସ)

ବରଗଡ଼ ଜିଲ୍ଲା ପାଇକମାଳ ପୁଲିସ ୨୫୯୮ ନିଶା ଇଞ୍ଜେକସନ, ଏକ ଜାଇଲୋ କାର ଗାଡି, ଗୋଟିଏ ବୁଲେଟ ଗାଡି, ଗୋଟିଏ ସ୍କୁଟି ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ସୂଚନା ଦେଇଛନ୍ତି। ପୁଲିସ ଅନୁଯାୟୀ, ଭୁବନେଶ୍ୱର ଦେଇ ନିଶା ସାମଗ୍ରୀ ଆଣୁଥିବା ବିଶେଷ ସୂତ୍ରରୁ ଖବର ପାଇ ପାଇକମାଳ ପୁଲିସ ପଦ୍ମପୁର ପାଇକମାଳ ଦେଇ ଯାଉଥିବା ବିଜୁ ଏକ୍ସପ୍ରେସ ୱେରେ ଥିବା ନିଶାନୀଗୁଡି ମନ୍ଦିର ସାମ୍ନାରେ ଏକ ଜାଇଲୋ କାରକୁ ଅଟକାଇ ଥିଲା। ସେଥିରୁ ବିପୁଳ ନିଶା ସାମଗ୍ରୀ ଜବତ ହୋଇଥିଲା। ଗାଡିରୁ ୨୫୯୮ ଗୋଟି ନିଶା ଇଞ୍ଜେକସନ, ୬ଟି ମୋବାଇଲ, ଗୋଟେ ବୁଲେଟ, ଗୋଟିଏ ସ୍କୁଟିକୁ ଜବତ ହୋଇଛି। ଗିରଫ ୬ ଜଣ ଅଭିଯୁକ୍ତ ହେଲେ ପାଇକମାଳ ଥାନା କଲୋନୀ ପଡ଼ାର ଉମେଶ ସାହୁ (୨୮), କଟାପଡ଼ାର ମଦନ ବରିହା (୩୫), ମାଳପଡ଼ାର ସାନନ୍ଦ ସେଠ (୨୭), କଲୋନୀ ପଡ଼ାର ହୁସେନ ଖାନ୍ (୪୭), ବନମାଳର ଶୋଭାଚନ୍ଦ୍ର ସାହୁ (୨୯), ଟେମରୀର ହରେକୃଷ୍ଣ ବନଛୋର (୩୫)। ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ ହୋଇଛି। ଏମାନଙ୍କ ମଧ୍ୟରେ ଉମେଶ ସାହୁ, ସାନନ୍ଦ ସେଠ, ହରେକୃଷ୍ଣ ବନଛୋରଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରୁଜୁ ହୋଇଛି। ନିଶା ସାମଗ୍ରୀ ପାଖାପାଖି ୩ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଏସଆଇ ବିରେନ୍ଦ୍ର ବାଗ ସମେତ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଜବତ ଇଞ୍ଜେକସନର ମୂଲ୍ୟ ୩ ଲକ୍ଷ ଟଙ୍କା**



# କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ପାଇକମାଳ, ୧୧।୧୦(ସମିସ):** ପାଇକମାଳ ବ୍ଲକ ନୃସିଂହନାଥ ଆୟୋସିଏଲ ଡାକ ବଙ୍ଗଳା ସଭା ଗୃହ ଠାରେ କୋଶଳରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଆଇନଜୀବୀ ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶାର କୋଶଳରାଏଜ ସମନ୍ୱୟ ସମିତ, କୋଶଳରାଏଜ ମୁକ୍ତି ମୋର୍ଚ୍ଚା, କୌଶଳ ସେନା, ସଂଯୁକ୍ତ କୃଷକ ସଙ୍ଗଠନ, କୋଶଳ କ୍ରାନ୍ତି ସେନା, କୋଶଳ ମୁକ୍ତି ବାହିନୀ, ମହେଶ୍ୱରୀ ସେନା, ସ୍ୱଭିମାନ ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆଗାମି ୧୯ ତାରିଖ ଦିନ କୋଶଳବାଦୀ ସଂଗଠନକୁ ନେଇ ବୈଠକ କରାଯାଇ କୋଶଳ ମହାବନ୍ଦ ବିଷୟରେ ଆଲୋଚନା କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଗମନାଗମନ ସବୁ କ୍ଷେତ୍ରରେ ଅସମତୁଲ ବିକାଶ ଓ ଭିତ୍ତଭୂମି ଅଭାବର ପ୍ରତିବାଦ କରି ସ୍ୱତନ୍ତ୍ର କୋଶଳରାଜ୍ୟ ଗଠନ ଦାବି ବହୁ ଦିନରୁ ହୋଇ ଆସୁଛି। ପଶ୍ଚିମ ଓଡ଼ିଶାର ଉନ୍ନତି ପାଇଁ ବିକାଶ ପରିଷଦ ଗଠନ କରାଯାଇଥିଲା ମାତ୍ର ତାହା ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ବିଭିନ୍ନ କୋଶଳବାଦୀ ସଂଗଠନ ସ୍ୱତନ୍ତ୍ର ରାଜ୍ୟ ଦାବି ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ତୃଣମୂଳ ସ୍ତରରୁ ସ୍ୱର ଉତ୍ତୋଳନ ସହ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ମତ ପ୍ରକାଶ ପାଇଥିଲା। ଏହି ଦୃଷ୍ଟିରୁ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା। କୋଶଳରାଜ୍ୟ ଆନ୍ଦୋଳନ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ପଶ୍ଚିମ ଓଡ଼ିଶାର ମହାନ ପର୍ବ ପୁଷପୁନି ଦିନ ସବୁ କୋଶଳବାଦୀ ସଂଗଠନ ମାନେ ଗାଁ ଗାଁରେ ଛେରଛେରା ମାଗି ପାଣ୍ଠି ଯୋଗାଡ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଆଗାମୀ ଦିନରେ ଦିଲ୍ଲୀରେ ଏକ ସମାବେଶ କରି କେନ୍ଦ୍ର ସରକାରଙ୍କ ପାଖରେ ସମ୍ବିଧାନର ଧାରା ୨ ଅନୁଯାୟୀ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଉପସ୍ଥାପନ କରାଯିବ। କୋଶଳ ସେନା ସଭାପତି ସୁଦାମ ପାତ୍ର ଧନ୍ୟବାଦ ଦେଇଥିଲେ।

# ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

**ସମ୍ବଲପୁର, ୧୧।୧୦ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ 'ସାମ୍ପ୍ରତିକ କାଳରେ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ପଦାର୍ଥ ବିଜ୍ଞାନର ବିଭିନ୍ନ ଧାରା' ଶୀର୍ଷକ ଦୁଇଦିନିଆ ସମ୍ମାନ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ



ଆଜି ଉଦ୍‌ଯାପିତ ହୋଇଯାଇଛି। ଗତକାଲି ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ, ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ତଥା ରାଜା ରମନ୍ନା ଚେୟାର ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ ଯୋଗଦେଇଥିଲେ। ପ୍ରଫେସର ଶ୍ରୀବାସ୍ତବ ଭିତ୍ତି ପ୍ରବନ୍ଧ ଉପସ୍ଥାପନ ପୂର୍ବକ ଖଗୋଳ ବିଜ୍ଞାନର ବିଭିନ୍ନ ଧାରା ଓ ଗବେଷଣା ସମ୍ବନ୍ଧରେ ଆଲୋକପାତ କରି ବ୍ଲାକହୋଲ ବା କୃଷ୍ଣଗହ୍ୱରର ଉତ୍ପତ୍ତି ତଥା ସେଥିରୁ ନିର୍ଗତ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ରାକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ତରୀଣ ଗୁଣବତ୍ତା ଆଶାୱସନା ପ୍ରକୋଷ୍ଠର ଅଧିକାରୀ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନ ସମ୍ପାଦକ ଡଃ ସଞ୍ଜୟ ପଟ୍ଟନାୟକ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ ଏବଂ ସମ୍ମାନ ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ।

ପ୍ରଥମ ଦିନର ଦୁଇଟି ଅଧିବେଶନରେ ଆଲୋଚକ ଭାବରେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶିକା ପ୍ରଫେସର ଶିଖା ବର୍ମା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ଭିସୁଟ ବୁର୍ଲାର ପଦାର୍ଥ ବିଜ୍ଞାନ ପ୍ରଫେସର ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରମୁଖ ଆଲୋଚକ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବାନାର୍ଜୀ ବେହେରା, ଭାରତୀୟ ବିଜ୍ଞାନ ଅନୁଷ୍ଠାନ, ବାଙ୍ଗାଲୁରୁର ତଥ୍ୟ ବିଜ୍ଞାନ ପ୍ରଫେସର ରତିକାନ୍ତ ବେହେରା ଗବେଷଣା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷା କଳ୍ପନା ମେହେର ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଧୁନିକ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ଅନେକାନେକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକ ତଥା ଛାତ୍ରଛାତ୍ରୀମାନେ ଏହି ସମ୍ମାନରେ ଭାଗ ନେଇଥିଲ। ଏହି ଅବସରରେ ଛାତ୍ରୀ ତଥା ଗବେଷକଙ୍କଦ୍ୱାରା ନିଜ ଗବେଷଣା ସମ୍ବନ୍ଧୀୟ ପୋଷ୍ଟର ଉପସ୍ଥାପନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଶ୍ୱେତାରାଣୀ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନର ସହଯୋଗୀ ଆବାହିକା ଡଃ କେ ମାଧୁରୀ ଅତିଥି ପରିଚୟ ଏବଂ ଶେଷରେ ଅଧ୍ୟାପକ ରାଜେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରଫେସର ସିଦ୍ଧାର୍ଥ ସାହୁ, ଅଧ୍ୟାପକ ରବୀନ୍ଦ୍ର ପୁରୋହିତ, ତ୍ରିନାଥ କେଛୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ଅବସରରେ ରକ୍ତଦାନ ଶିବିର

**ବରଗଡ଼, ୧୧।୧୦(ସମିସ):** ମାଁ ଗଜଲକ୍ଷ୍ମୀ ପୂଜାରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ବୀରମାଲ ଚାରିଛକ ଠାରେ ଗଜଲକ୍ଷ୍ମୀ ପୂଜା କମିଟି ଓ ସଂକଳ୍ପ ପରିବାର ବରଗଡ଼ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରହିତ ଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୀରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ଓ ନାଏବ ସରପଞ୍ଚ ଶ୍ରୀ କୈଳାସ ସାହୁଙ୍କ ସହିତ ମୋଟ ୫୩ ଜଣ ରକ୍ତଦାନ କରିଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜିରମେଶ, ଗଜଲକ୍ଷ୍ମୀ ପୂଜା କମିଟି ସଭାପତି କୃଷଚନ୍ଦ୍ର ଦାସଙ୍କ ସହିତ ସୁରେନ୍ଦ୍ର ଭୁଏ, ଦେବେନ୍ଦ୍ର ଭୁଏ, ଅନନ୍ତ ସାହୁ, ନୀଲେଶ ପଧାନ, ଚିନ୍ମୟ ପାଣ୍ଡେ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଧନଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ

**ବରଗଡ଼, ୧୧।୧୦(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଆଜି ଠାରୁ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ ହେବା ସହ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନେଇ ଖୁସିବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଧନଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷିକ୍ଷେତ୍ରରେ କୃଷକଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା ଚାଷୀ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।





'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା'ର ଶୁଭାରମ୍ଭ ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଡିଭିଓ ବିରୂପାକ୍ଷ ନାୟକ, ଡିଆରସିଏସ ଯୁଗଳ କିଶୋର ଦାସ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ଅତାବିରା:** ଆଭାସୀ ମାଧ୍ୟମରେ ପିଏମ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆଲନିର୍ଭରତା ମିଶନକୁ ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ମୋଦୀ ଶୁଭାରମ୍ଭ କରିଛନ୍ତି। ଆଭାସୀ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଅତାବିରା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ମିଳନୀ କକ୍ଷ ଠାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଚାଷୀ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି। ଅତାବିରା ଆରଏମସିର ସମ୍ପାଦକ ଶଶାଙ୍କ ଶେଖର ସାହାଣୀ, ମଣ୍ଡି ପରିଚାଳକ ଲିଙ୍ଗରାଜ ସୁନା, ଗୋପୀନାଥ ନାୟର, ସମେତ ଆରଏମସିର ବହୁ କର୍ମଚାରୀ ଯୋଗ ଦେଇଥିଲେ। ଅନ୍ୟ ପଟେ ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ସମେତ ବହୁ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟକ୍ରମରେ ଦେଶର ଚାଷୀଙ୍କ ପାଇଁ ୧୧ଶହ ପ୍ରକଳ୍ପ ମାଧ୍ୟମରେ ୪୨୦୦ କୋଟି ଟଙ୍କାର ଅନୁଦାନ ବ୍ୟୟ ବରାଦ ଶୁଭାରମ୍ଭ କରିଥିଲେ। ସେଥି ମଧ୍ୟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ୫୯.୧୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଇକାରୀ ମାଛ ବଜାରର ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ଫଳରେ ସମଗ୍ର ଚାଷୀ ସମାଜ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସ୍ଥାନୀୟ ଚାଷୀ ଆଶାବ୍ୟକ୍ତ କରିଥିଲେ।

# ମୈଥିଳୀ ମେହେରଙ୍କ ପରଲୋକ

**ବରଗଡ଼, ୧୧।୧୦(ସମିସ):** ବରଗଡ଼ ୱାର୍ଡ ନଂ ୧୦ରେ ରହୁଥିବା ଦାମୋଦର ରାଉତଙ୍କ ପତ୍ନୀ ମୈଥିଳୀ ମେହେରଙ୍କ ଶନିବାର ପରଲୋକ ହୋଇଛି। ସେ ପେଷାରେ ଜଣେ ଲେଖିକା ଥିଲେ। ତାଙ୍କ ତିନି ପୁଅ କ୍ଷିରୋଦ୍ର ମେହେର, ଡାକ୍ତର ପରମେଶ୍ୱର ମେହେର ଓ ହୃଷିକେଶ ମେହେର ରହିଛନ୍ତି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, କିଶୋର ମିଶ୍ର, ସୁବଳ କର, ସାମ୍ବାଦିକ ସତ୍ୟଜିତ ଦାଶ, ସାମ୍ବାଦିକ ଦିଲୀପ ଆଚାର୍ଯ୍ୟ, ମଦନଲାଲ୍ କେଡିଆ ତଥା ଗୁଡେଶିରା ଗ୍ରାମବାସୀ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ ପୁଅ କ୍ଷିରୋଦ୍ର ମୁଖାଗ୍ନୀ ଦେଇଥିଲେ।



# କ୍ଲଷ୍ଟରସ୍ତରୀୟ 'ସୁରଭି'କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୧।୧୦(ସମିସ):** ବାମରା ସ୍ଥିତ ଭାଗିରଥୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ସାଧନ କେନ୍ଦ୍ରର ସାଧନ ସଂଯୋଜକ ନିତ୍ୟାନନ୍ଦ ସୁନାନିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହୃଦାନନ୍ଦ ପ୍ରଧାନ, ବିଆରଟି ହିମାଂଶୁ ଭୂଷଣ ରାଉତ, ଶିକ୍ଷକ ସଞ୍ଜୟ ସାହୁ ଓ ଅନନ୍ତ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ନିଜ ନିଜ ମତ ରଖିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟଦା ଭୋଇ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।



# ଜିଲ୍ଲା ବିଦ୍ୟାଳୟ ସମୂହ ସତରଞ୍ଜ, ଫୁଟବଲ ଓ ଖୋ-ଖୋ ପ୍ରତିଯୋଗିତା

ସମ୍ବଲପୁର, ୧୧।୧୦ (ସମିସ)

ଯୁଯୋମୁରା ବ୍ଲକସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜୟନ୍ତପୁରଠାରେ ସମ୍ବଲପୁର ଜିଲ୍ଲା ବିଦ୍ୟାଳୟ ସମୂହ ସତରଞ୍ଜ, ଫୁଟବଲ ଏବଂ ଖୋ-ଖୋ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ଲୁହା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗଣେଶ ତାଣ୍ଡିଆ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୁଜାତା ପଟ୍ଟନାୟକ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରୂପା ନାୟକ ଏବଂ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ, କବରାପାଲିର ପ୍ରଧାନଶିକ୍ଷକ କୌଶଲ୍ୟା ବେହେରା ଉପସ୍ଥିତ ଥିଲେ। ପ୍ରକାଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ଫୁଟବଲରେ ଉଭୟ ବାଳକ/ବାଳିକା ୧୭୯ ଜଣ, ସତରଞ୍ଜରେ ୩୫ ଜଣ ଏବଂ ଖୋ-ଖୋରେ ଉଭୟ ବାଳକ/ବାଳିକା ୨୮୬ ଜଣ ଏହିପରି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୫୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋ-ଖୋ ୧୪ ବର୍ଷ ବାଳକ ବିଭାଗରେ ବାମରା ବ୍ଲକ ବିଜେତା ଓ ଜମନକିରା ବ୍ଲକ ଉପବିଜେତା ହୋଇଥିବାବେଳେ ୧୪ ବର୍ଷ ବାଳିକା ବିଭାଗରେ ଜମନକିରା ବିଜେତା ଓ ମାନେଶ୍ୱର ଉପବିଜେତା ହୋଇଥିଲା। ସେହିପରି ୧୭ ବର୍ଷ ଖୋ-ଖୋ ବାଳକ ବିଭାଗରେ ଯୁଯୋମୁରା ବିଜେତା ଓ ଜମନକିରା ଉପବିଜେତା ହୋଇଥିବାବେଳେ ବାଳିକା ବିଭାଗରେ ବାମରା ବିଜେତା ଓ ଜମନକିରା ଉପବିଜେତା ହୋଇଥିଲା। ଫୁଟବଲ ବାଳକ ବିଭାଗରେ ଧନକଉଡ଼ା ବିଜେତା ଓ ରେଙ୍ଗାଲି ଉପବିଜେତା ଏବଂ ବାଳିକା ବିଭାଗରେ ଧନକଉଡ଼ା ବିଜେତା ଓ ମାନେଶ୍ୱର ଉପବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଗଣେଷ ତାଣ୍ଡିଆ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଲକ୍ଷ୍ମଣ ନାଥ ଓ କିଶୋର ପଣ୍ଡା ମଞ୍ଚାସୀନ ଥିଲେ। ଶେଷରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀରୂପା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟରଞ୍ଜନ ପଣ୍ଡା, ଭିମସେନ ବାରିକ, ପ୍ରଶାନ୍ତ ଦାଶ, ପି. ସୁଧାଂଶୁ, ରମେଶ ବେରିହା, ଉମେଶ ପାଣିଗ୍ରାହୀ, ସତୀଶ ଛୁରିଆ, ନିହାର ପଟେଲ, ତ୍ରିବିକ୍ରମ ରଣା, ପ୍ରତାପ ଚନ୍ଦ୍ର ସେନାପତି, ଜୟନ୍ତ ପିଙ୍ଗ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



# ବରଗଡ଼ ବ୍ଲକ୍‌ସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ

**ବରଗଡ଼, ୧୧।୧୦(ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ହେଉଛି କଳା ଉତ୍ସବ ବୋଲି ବରଗଡ଼ ବ୍ଲକ ସ୍ତରୀୟ କଳା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ରୋଟାରୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭୋକାଲ୍ ମ୍ୟୁଜିକ ସୋଲୋରେ ସିପ୍ରା ଶ୍ରାବଣୀ ପାଣି, ଦଳଗତ ପ୍ରତିଯୋଗିତାରେ ସୋହନ ଯୋଶୀ ଏବଂ ଅନଘାଦିତ୍ୟ ଯୋଶୀ, ଇନସ୍ଟ୍ରୁ ଇନଷ୍ଟ୍ରୁମେଣ୍ଟାଲ୍ ମ୍ୟୁଜିକ୍ ମେଲୋଡି ସ୍ୱାଧୀନ ସାହୁ, ମ୍ୟୁଜୀକରିଦମୀକ୍‌ରେ ଆୟୁଷ ବାଗ, ମୂଜିକ ଦଳଗତ ପ୍ରତିଯୋଗିତାରେ ଆକାଶ ନାଏକ ଏବଂ ତାଙ୍କ ଦଳ ନୃତ୍ୟ ସଲୋ (ଶାସ୍ତ୍ରୀୟ) ପ୍ରତିଯୋଗିତାରେ ମାହି ଅଗ୍ରୱାଲ, ଦଳଗତ ଲୋକ ନୃତ୍ୟ ଆଁଚଲ୍ ସେନ ଏବଂ ତାଙ୍କ ଦଳ ଭିଜୁଆଲ ଆର୍ଟ( ଟୁ ଡି) ସଲୋ ସ୍ମିତି ପ୍ରଜ୍ଞା ଦାସ, ଥ୍ରି ଡି ସଲୋ ଆଲିଶା ପ୍ରଧାନ, ଭିଜୁଆଲ ଆର୍ଟ ଗ୍ରୁପ ୱାଜିଦା ତହସିଁମ ଖାନ୍ ଓ ତଳିତ୍ ଫତିମା ଟ୍ରେଡିଶିନାଲ ଷ୍ଟୋରୀ ଟେଲିଂରେ ଆଶିଷ ନାଏକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ପ୍ରମୋଦ ଦାଶ, ଏମ ଡି ତୋଫିକ୍ ଖାନ୍, ଗୋପାଳ ମିଶ୍ର, ପର୍ଯ୍ୟୁନ ଛତର, ରାଜେଶ୍ ବାରିକ, ରବୀନ୍ଦ୍ର ବାଗ, ବିଭୁଧେନ୍ଦୁ ମହାନନ୍ଦ, ଅମୂଲ୍ୟ ଭୋଇ, ଶଶି ଭୂଷଣ ପାଣିଗ୍ରାହୀ, ବସୁଦେବ ପ୍ରଧାନ, ମନୋଜ ଜେନା, ରାଧେଶ୍ୟାମ ଭେସ୍ରା, ଧରଣୀଧର ବିଶ୍ୱାଳ, କପିଳ ବାଗ, ବିବେକାନନ୍ଦ ଅଦାବର୍ ଡ ଡୋଳାମଣି ସତପଥି, ଜ୍ୟୋତି ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୀମା ବିଶ୍ୱାସ, ସୀମା ଭୋଇ, ନିଳୀମା ପ୍ରଧାନ, ଭାରତୀ ସେଟ୍, ସୁନୀତା ମିଶ୍ର, ଗୀତା ଜାଲ ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ ଜ୍ୟୋସ୍ନା ତ୍ରିପାଠୀ ସୀମା ସାହୁ ସାଞ୍ଚା ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

